
₹ : 25

# ଆମରି ସତ୍ୟ

# AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18

ଅଷ୍ଟମ ବର୍ଷ, ଦ୍ୱିତୀୟ ସଂଖ୍ୟା,
ମାସିକ, ଅଗଷ୍ଟ - ୨୦୧୭
ପୃଷ୍ଠା ସଂଖ୍ୟା ୫୨



# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡ. ପୂର୍ଣ୍ଣଚନ୍ଦ୍ର ଓଝା
ସାଲେପୁର, କଟକ



ଡ. ହାଡିବନ୍ଧୁ ପଟ୍ଟନାୟକ
ଭୁବନେଶ୍ୱର



ଅଧ୍ୟାପକ ପ୍ରତାପ ଚନ୍ଦ୍ର ପଟ୍ଟନାୟକ
ପି.ଏନ୍. କଲେଜ, ଖୋରଧା



ଅଧ୍ୟାପକ ଅଖିଳାନନ୍ଦ ବେବର୍ତ୍ତା
ଜେକେପୁର



ଶ୍ରୀଯୁକ୍ତ ଜୟଦେବ ଶୀଠ
ରାୟଗଡା



ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଲେଇ
ପେଣ୍ଠା, ଜେକେପୁର



ଶ୍ରୀଯୁକ୍ତ ଯଜାତି କୁମାର ମିଶ୍ର
ଦେବଦଳା, ଜେକେପୁର



ପ୍ରାଧ୍ୟାପକ ନିକୁଞ୍ଜ କିଶୋର ସାହୁ
ମଙ୍ଗଳାନଗର, ଖୋରଧା



ଶ୍ରୀମତୀ ଆରତୀ ପ୍ରହରାଜ
ଭିଏସ୍ଏସ୍ ନଗର, ଭୁବନେଶ୍ୱର



ଶ୍ରୀଯୁକ୍ତ ନୀଳାମ୍ବର ମିଶ୍ର
ଜେକେପୁର, ରାୟଗଡା



ଡା. ସୂର୍ଯ୍ୟନାରାୟଣ ତ୍ରିପାଠୀ
ରାୟଗଡା



ପ୍ରାଧ୍ୟାପକ ଡ. ପ୍ରଣବ କୁମାର ମହାନ୍ତି
ଭୁବନେଶ୍ୱର



ଅଧ୍ୟାପକ ସଲୀଳ କୁମାର ବଡଜେନା
ମୟୁରଝଲିଆ, ନୟାଗଡ



ଶତାକ୍ଷୀ ସମ୍ପଦ ଜେନା
ଭିଏସ୍ଏସ୍ ନଗର, ଭୁବନେଶ୍ୱର



ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସାହୁ
ଭୁବନେଶ୍ୱର



ଅଧ୍ୟାପକ ଭବାନୀ ଶଙ୍କର ଦାଶ
ଜେକେପୁର

**ସଂପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

**ଡଃ ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

ଡ. ପ୍ରେମଚନ୍ଦ ମହାନ୍ତି, **ସମ୍ବଲପୁର**

ବିଦ୍ୟାଧର ଖଟୁଆ, **ବାଙ୍କୀ, କଟକ**

ବିଭୁପ୍ରସାଦ ହରିଚନ୍ଦନ, **ଖୋରଧା**

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ


# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...


**ଅଷ୍ଟମ ବର୍ଷ - ଦ୍ୱିତୀୟ ସଂଖ୍ୟା - ଅଗଷ୍ଟ ,୨୦୧୭**



**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୫୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର୍।
**ଡ. ସନ୍ତୋଷ କୁମାର ରଥ**
ସାହିତ୍ୟିକ, ବଲାଙ୍ଗିର
**ଡ.ଶରଚ୍ଚନ୍ଦ୍ର** ମହାପାତ୍ର
ପୂର୍ବତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଶ୍ରୀଗଣେଶ ବନ୍ଦନା | | ୪ |
| ୨. | ସମ୍ପାଦକୀୟ | | ୫ |
| ୩. | ହିତ ବାଣୀ | | ୬ |
| ୪. | ବିଚିତ୍ରା | | ୭ |
| ୫. | କେତେକ ଔଷଧୀୟ ବୃକ୍ଷ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୯ |
| ୬. | ଦରିଦ୍ର୍ୟଙ୍କ ବଦାନ୍ୟତା | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୨ |
| ୭. | କଥା ରହିଗଲା କାଳକାଳକୁ | ରବୀନ୍ଦ୍ରନାଥ ପ୍ରଧାନ | ୧୪ |
| ୮. | ଠିକ୍ କହିବା ଠିକ୍ ଲେଖିବା | ତ୍ରିଲୋଚନ ମହାପାତ୍ର | ୧୫ |
| ୯. | ଫକୀରମୋହନ ତୁମକୁ ..... | **ଡ. ପୂର୍ଣ୍ଣଚନ୍ଦ୍ର ଓଝା** | ୧୫ |
| ୧୦. | ନିଷ୍କାମକର୍ମ | ଅଜୟ କୁମାର ସାହୁ | ୧୬ |
| ୧୧. | ପ୍ରକୃତ ସାହସୀ କିଏ ? | ବନମାଳୀ ବେହେରା | ୧୭ |
| ୧୨. | ଯୋଗ: ଏକ ସୁସ୍ଥ ଜୀବନର..... | ବିଜୟ କୁମାର ଜେନା | ୧୮ |
| ୧୩. | ଶତାବ୍ଦୀର ଶୋକ | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୯ |
| ୧୪. | ଟିପିରି ଟିପିରି ମେଘ | ଦିଲ୍ଲୀପ କୁମାର ତ୍ରିପାଠୀ | ୨୦ |
| ୧୫. | ନାଆଁଟି ମୋର ଗଛ | ଯଜ୍ଞଦତ୍ତ ସାମନ୍ତରାୟ | ୨୦ |
| ୧୬. | ସକାଳ ବନ୍ଦନା ସଂଜପ୍ରାର୍ଥନା | ରମେଶ ମଙ୍ଗରାଜ | ୨୧ |
| ୧୭. | ନଈବଢ଼ି | ଡକ୍ଟର ବସନ୍ତ କିଶୋର ସାହୁ | ୨୧ |
| ୧୮. | ପ୍ରତୀକ୍ଷିତ ଭାଗ୍ୟ ସହିତ ଭେଟ | ବିପିନ ବିହାରୀ ମହାନ୍ତି | ୨୨ |
| ୧୯. | ଯୋଗୀରାଜ ଶ୍ରୀକୃଷ୍ଣ | ପଦ୍ମନାଭ ସ୍ୱାଇଁ | ୨୪ |
| ୨୦. | ଏ କ'ଣ ସାମ୍ୟବାଦ | ଧ୍ରୁବ ରଣା | ୨୫ |
| ୨୧. | ପୁତନାର ପ୍ରେତ | ସତ୍ୟନାରାୟଣ ସାମନ୍ତରାୟ | ୨୬ |
| ୨୨. | ପାଉଣା ଦୁଇଗୁଣ | ଶିବ ପ୍ରସାଦ ପାଢ଼ୀ | ୨୭ |
| ୨୩. | ବିଦ୍ୟାଳୟ | ପ୍ରଫୁଲ୍ଲ କୁମାର ବେହେରା | ୨୭ |
| ୨୪. | ପ୍ରାର୍ଥନାର ଭାଷା | ଡ. ରାଜକିଶୋର ପାଢ଼ୀ | ୨୮ |
| ୨୫. | ଆଜିର ବିଶ୍ୱବିଦ୍ୟାଳୟ .... | ଇଂ ଯଜ୍ଞ ପ୍ରକାଶ ଦାସ | ୨୯ |
| ୨୬. | ଘରଭଡ଼ା | ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ | ୩୦ |
| ୨୭. | ଷ୍ଟ୍ରୋକ୍ ? ହାତରେ ସମୟ.... | ଡକ୍ଟର ମୁରାରିମୋହନ ଦାଶ | ୩୧ |
| ୨୮. | ଲାଇଫ୍‌ଲାଇନ୍ ଏକ୍ସପ୍ରେସ | ଜଗନ୍ନାଥ ମୁଦୁଲି | ୩୨ |
| ୨୯. | ହାରନିଆ | ଡା. ଧନେଶ୍ୱର ସାହୁ | ୩୩ |
| ୩୦. | ଚଣ୍ଡାଶୋକ ହେଲେ ଧର୍ମାଶୋକ | ବିଭୁପ୍ରସାଦ ହରିଚଂଦନ | ୩୬ |
| ୩୧. | ତୃଷ୍ଣା ତର୍ପଣ | **କବିତା ପଟ୍ଟନାୟକ** | ୩୭ |
| ୩୨. | ରାମାନୁଜାଚାର୍ଯ୍ୟ | ଭବାନୀ ଶଙ୍କର ଦାଶ | ୩୮ |
| ୩୩. | ଭାରତୀୟ ଗଣ୍ଡା | ମନୋଜ କୁମାର ମହାପାତ୍ର | ୩୯ |
| ୩୩. | ଚାମ୍ପିଆନ୍ ହେବା ଭାଗ୍ୟରେ.... | ଆଶିଷ କୁମାର ରାୟ | ୪୦ |
| ୩୪. | ସାଧାରଣ ଜ୍ଞାନ | | ୪୨-୫୦ |



# ଶ୍ରୀଗଣେଶ ବନ୍ଦନା



**ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ,**
**ନିର୍ବିଘ୍ନ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।**

ନମଇଁ ପ୍ରଭୁ ଲମ୍ବୋଦର । ପାଶ-ଅଙ୍କୁଶ ବେନି କର ।।
କରୀ କପାଳେ ଶୋହେ ଚିତା । ବିଦ୍ୟା-ବୁଦ୍ଧିରେ ଜଗଜ୍ଜେତା ।
ଯାହା ପ୍ରସାଦେ ନିରନ୍ତର । ସକଳ ବିଘ୍ନ ହୁଏ ଦୂର ।।
ତାଙ୍କ ପୟରେ ମୋର ମତି । ସିଦ୍ଧି ଦିଅନ୍ତୁ ଗଣପତି ।।

# ସମ୍ପାଦକୀୟ....





ସ୍ୱାଧୀନତାର ୭୦ବର୍ଷ ଗତ ହୋଇଗଲା। ୭୧ତମ ସ୍ୱାଧୀନତା ଦିବସ ପାଳିବାକୁ ଆମେ ଯାଉଛେ। କେତେ କିଏ ଭାଷଣ ଦେବେ। ନେତା କହିବେ, ଜନତା ଶୁଣିବେ। ସ୍ୱାଧୀନତା ଦିବସର ଶୁଭକାମନା ଜଣେଇବେ। ଆଗାମୀ ଦିନ ପାଇଁ କେତେ କେତେ ଉନ୍ନତିର ସ୍ୱପ୍ନ ବୁଣିବେ। ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତିର ଆଶା ଦେଖାଇବେ। ନୂଆ ଯୋଜନାର ଶୁଭାରମ୍ଭ ହେବ। ଶୁଣିବାବେଳକୁ ଭଲ ଲାଗିବ। ଦେହରେ ଶିହରଣ ଜାଗିବ। ଉଦ୍ଦୀପନା ଆସିବ ମନରେ, ପ୍ରାଣରେ ଓ ଚେତନାରେ। ମାତ୍ର, ଗୋଟିଏ ଦିନ ଗତ ହୋଇଗଲା ପରେ ପୁଣି ଚିନ୍ତା ଆସିବ। କୃଷକଟି କ୍ଷେତକିଆରିରେ, ବ୍ୟବସାୟୀଟି ବେପାର ଭିତରେ, ସୈନିକଟି ସୀମା ସୁରକ୍ଷାରେ, ଚାକିରିଆଟି ଜୀବନଜୀବିକାରେ ଓ ସାଧାରଣ ଜନତାଟି ତେଲଲୁଣର ସଂସାର ଭିତରେ ନିଜକୁ ନିଜେ ପ୍ରଶ୍ନ ପଚାରିବ, ପ୍ରକୃତରେ ମୁଁ କେତେ ସ୍ୱାଧୀନ?

ଏହା ସତ ଯେ, ବ୍ରିଟିଶ୍‌ରାଜ୍‌ରୁ ଆମେ ମୁକ୍ତ ହୋଇଛେ। ମୁକ୍ତ ହେବାର ଅର୍ଥ ସ୍ୱାଧୀନତା ନୁହେଁ। କାହା ପାଇଁ ଏହା ସ୍ୱାଧୀନତା ହୋଇପାରେ, ମାତ୍ର ମଣିଷଟିଏ ପାଇଁ ସ୍ୱାଧୀନତାର ଅର୍ଥ ବହୁମୁଖୀ ଓ ବହୁ ଅର୍ଥ ପ୍ରକଟ କରୁଥିବା ଶବ୍ଦଟିଏ। ଆମେ ଯଦି ସ୍ୱାଧୀନ, ଆମ ମାଆ ଯଦି ଭାରତମାତା, ଆମେ ଯଦି ତାର ସନ୍ତାନ, ତେବେ ପରସ୍ପର ଭିତରେ ଏତେ ଅସୂୟା, ଈର୍ଷା, ହୀନମନ୍ୟତା, ଅସହିଷ୍ଣୁତା, ଘୃଣା ଭଳି ବିକାର କାହିଁକି? ଅନ୍ୟର ଧାର୍ମିକ ପ୍ରଥା, ପରମ୍ପରା, ଚଳଣିକୁ ନେଇ ଏତେ ବିବାଦ ଲାଗିଛି କାହିଁକି? ଅମୂଳକ ମତବାଦରୁ ସୃଷ୍ଟ ଆତଙ୍କବାଦ, ସାଂପ୍ରଦାୟିକ ହିଂସା, ଦୁର୍ନୀତି ତଥା ଜାତି ଓ ଗୋଷ୍ଠୀର ଅସନ୍ତୁଳିତ ବ୍ୟବହାର ଆମ ହାତଗୋଡ଼ରେ ବେଡ଼ିପକାଇ ରଖିନାହିଁ କି? ସ୍ୱାଧୀନତାର ଅର୍ଥ ଯେ କେବଳ ନିଜେ ସ୍ୱାଧୀନ ଭାବରେ ରହିବା ନୁହେଁ, ବରଂ ଅନ୍ୟକୁ ସ୍ୱାଧୀନଭାବେ ରହିବାକୁ ସୁଯୋଗ ଦେବା ବା ତା ପାଇଁ ବାଟ ଛାଡ଼ିଦେବା- ଏହା ଆମେ ଭୁଲିଯାଇଛୁ କିମ୍ବା ଜାଣିନାହୁଁ।

ଆମେ କହୁ ଆମେ ସ୍ୱାଧୀନ ଓ ଆମ ଦେଶ ସ୍ୱାଧୀନ। ଅନ୍ୟକୁ ଅନୁକରଣ କରିବା, ଅନୁସରଣ କରିବା କିମ୍ବା ଅନ୍ୟକୁ ହାତପାତିବା କଣ ସ୍ୱାଧୀନତା? ଆମେ ଅନ୍ୟର ସଂସ୍କୃତିକୁ ନେଇ ଗର୍ବ କରୁ ସିନା ନିଜ ସଂସ୍କୃତିକୁ ଅଣଦେଖା କରୁ। ଆମେ ଅନ୍ୟ ଦେଶକୁ ପ୍ରଶଂସା କରୁ, ମାତ୍ର ନିଜ ଦେଶର ଦୁର୍ବଳତା ଖୋଜୁ। ବିଦେଶୀ ପଦାର୍ଥକୁ ଆମେ ବହୁଳ ବ୍ୟବହାର କରୁଥିବାବେଳେ ନିଜ ଦେଶର ଶିଳ୍ପର ଅଧୋଗତି ପାଇଁ ସମାଲୋଚନା କରୁ। ପିଜା, କୋଲ୍ଡ୍‌ଡ୍ରିଙ୍କସ୍, ନୁଡୁଲ୍ସଆଦି ଆମ ଖାଦ୍ୟ ତାଲିକାରେ ଜବରଦସ୍ତ ପ୍ରବେଶିଥିବାବେଳେ, ଭାରତୀୟ ଖାଦ୍ୟର ଚାହିଦା ଦିନକୁଦିନ ଦୁର୍ବଳ ହେଉଛି। ପାଶ୍ଚାତ୍ୟଭାଷାରେ ଆମର କେତେ ପାରଦର୍ଶିତା, ତାକୁ ଦେଖେଇହେଉ ସିନା, ନିଜର ମାତୃଭାଷା ପାଇଁ ସମାଧି ପ୍ରସ୍ତୁତ କରିବାରେ କାର୍ପଣ୍ୟ କରିନଥାଉ। ମୋଟାମୋଟିଭାବେ ଆମେ ସ୍ୱାଧୀନ ଭାବରେ ଚିନ୍ତା କରିବା ଶିଖିନାହୁଁ, ବରଂ ଅନ୍ୟମାନେ ଆମକୁ ଯାହା ଚିନ୍ତା କରିବାକୁ ଶିଖାଇଥା'ନ୍ତି, ତାହା ଚିନ୍ତା କରିଥାଉ।

ଏସବୁରୁ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ, ପ୍ରକୃତରେ ଆମେ କେତେ ସ୍ୱାଧୀନ? ଆମର ଦେଶ ସ୍ୱାଧୀନ କି? ଯଦି ସ୍ୱାଧୀନ ତେବେ ଏହାର ମୂଲ୍ୟ କେତେ?

ଅମୂଳମୂଳ ଏ ପ୍ରଶ୍ନ। ଏ ପ୍ରଶ୍ନର ଉତ୍ତର ଦେବାକୁ ଆମେ କେବେ ବି ପ୍ରସ୍ତୁତ ନୁହଁ। ମାତ୍ର ଜାଣିରଖିବା ଉଚିତ ଯେ, ଏହି ପ୍ରଶ୍ନ ଆମ ଉନ୍ନତିର ପଥକୁ ପଥରପରି ଓଗାଳି ଠିଆ ହୋଇଛି। ସୁତରାଂ, ଏ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ଏହି ପ୍ରଶ୍ନର ଉତ୍ତର ଆମେ ନଖୋଜିଥିବା ହେତୁ, ଆମକୁ ଆମର ପଡ଼ୋଶୀଦେଶମାନେ ପ୍ରତି ମୁହୂର୍ତ୍ତରେ ଭୟଦେଖାଇ ଚାଲିଛନ୍ତି। ଏକ ପାଖରେ ଭାରତ ବଜାରରେ ଚୀନ୍ ସାମଗ୍ରୀର ବେପାର, ଅନ୍ୟ ପାଖରେ ଭାରତୀୟ ସୀମାରେ ଚୀନ୍‌ର ଅନୁପ୍ରବେଶ। ଏହାର ମୂଳରେ ସେଇ ଏକା ପ୍ରଶ୍ନ ନିହିତ- ପ୍ରକୃତରେ ଆମେ କେତେ ସ୍ୱାଧୀନ? ଆମେ କେତେ ଆତ୍ମନିର୍ଭରଶୀଳ, କେତେ ସ୍ୱାବଲମ୍ବୀ, ଆମେ କେତେ ସହଜ- ନିଜପାଖରେ, ଦେଶ ପାଖରେ ଓ ଆନ୍ତର୍ଜାତୀୟ ସ୍ତରରେ? ଆଜିର ଏହି ୭୧ତମ ସ୍ୱାଧୀନତା ଦିବସରେ ଏହା ସବୁ ନାଗରିକଙ୍କର ଚିନ୍ତା କରିବାର କଥା। ଆତ୍ମସମୀକ୍ଷାର ବେଳ ଆସିଛି। ଦେଖ-ପରଖ-ଗ୍ରହଣକର, ଏହି ନ୍ୟାୟରେ ନିଜକୁ ତଉଲିଲେ ଜାଣିପାରିବା, ଆମେ ଯାହା କରିଛେ କିମ୍ବା କରୁଛେ ତହିଁରେ ଆମେ କେତେ ସ୍ୱାଧୀନ?



**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ

## ଚାଣକ୍ୟ ନୀତି

ଦୁର୍ଜନେଷୁ ଚ ସର୍ପେଷୁ ବରଂ ସର୍ପୈନ ଦୁର୍ଜନଃ,
ସର୍ପୋ ଦଂଶତି କାଳେନ ଦୁର୍ଜନସ୍ତୁ ପଦେ ପଦେ।

ଦୁଷ୍ଟ ବ୍ୟକ୍ତି ଓ ସର୍ପଙ୍କ ମଧ୍ୟରେ ସର୍ପ ଭଲ କାରଣ ସର୍ପ ଥରୁଟିଏ ଦଂଶନ କରେ କିନ୍ତୁ ଦୁଷ୍ଟ ବାରମ୍ବାର ଆଘାତ ଦେଇଥାଏ।

## ଗୀତା

**ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ।।**

ସେହି ଜ୍ଞାନୀମାନେ ବିଦ୍ୟା ଓ ବିନୟଯୁକ୍ତ ବ୍ରାହ୍ମଣଙ୍କ ଠାରେ ତଥା ଗୋ, ହସ୍ତୀ, କୁକୁର ଏବଂ ଚାଣ୍ଡାଳଠାରେ ମଧ୍ୟ ସମଦର୍ଶୀ ହୋଇଥାନ୍ତି।।

## ରୁଢ଼ି ପ୍ରୟୋଗ

- ଅଳିଆ ଲେଖାରେ ବାଳିଆ ବନ୍ଧୁ–
  ଗୁରୁତ୍ୱହୀନ ସଂପର୍କ।
- ଆଡ଼ ଆଖିରେ ଅନେଇବା–
  ଅଣଦେଖା କରିବା।

## ଢଗଢମାଳି

ଆଦର ନଥାଇ ଯେଉଁ ଭୋଜନ,
ମନେ ଭୟ ଥାଇ ଯେଉଁ ଶୟନ,
ଘରଣୀ ନଥାଇ ଯେଉଁ ଭବନ,
ଚିତ୍ତ ଥୟ ନାହିଁ ଯେଉଁ ଭଜନ,
ଦନାଇଁ କହଇ ଅତି ହୀନିମାନ।

## ହିତୋପଦେଶ

**ମାତା ଶତ୍ରୁ ପିତା ବୈରୀ ଯେନ ବାଲୋ ନ ପାଠିତଃ**
**ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋ ଯଥା।।**

ପିଲାଙ୍କୁ ପାଠ ପଢାଉ ନଥିବା ମାତା ଏବଂ ପିତା ତା'ର ଶତ୍ରୁ ଅଟନ୍ତି। ହଂସମାନଙ୍କ ମଧ୍ୟରେ ବଗ ଭଳି ସେହି ପୁତ୍ର ସଭାରେ ଶୋଭା ପାଏ ନାହିଁ।

## ଭାଗବତ ବାଣୀ

ଦୁଃଖେ ସଞ୍ଚିତ ଯେତେ ଧନ। ସେ ନୁହେଁ ସୁଖେ ପ୍ରୟୋଜନ।।
ଦୁଷ୍ଟ ନିବାରି ସନ୍ଥପାଳୁ। ତୁ ନାଥ ପରମ ଦୟାଳୁ।।

## ଖନା ବଚନ / ଦନେଇ ବଚନ

ଜାଣ ନଜାଣ ଝାମ୍ପୁଡ଼ି ଆଣ, ଖାଡ଼ିଆ ଶିଙ୍ଗା ସବୁଠୁ ଟାଣ,
କୁଣ୍ଡୀଶିଙ୍ଗା ଦେଖିବୁ ଯେବେ, ଅଣ୍ଟାରୁ ପଇସା କାଢ଼ିବୁ ତେବେ।

## ମୁଖ୍ୟ ପ୍ରବାଦ

ଆତୁରେ ନିୟମ ନାସ୍ତି

## କୁହତ ଦେଖି

ପର୍ବତ ଶିଖରୁ ଗଡ଼ିଲା ହାତୀ
ତା ଅଇଁଠା ସମସ୍ତେ ଖାଆନ୍ତି। – ଚିଙ୍କି


## ଉତ୍କଳ ଗୌରବ ମଧୁସୂଦନଙ୍କ ବାଣୀ

ଜଣେ ବ୍ୟକ୍ତିର ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭାବଯୁକ୍ତ, ପ୍ରଶଂସାପତ୍ର ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ।

००००००००००००

# ବିଚିତ୍ରା

## ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ରାମନାଥ କୋବିନ୍ଦ



୭୧ ବର୍ଷ ବୟସ୍କ କୋବିନ୍ଦଙ୍କୁ ଭାରତର ପ୍ରଧାନ ବିଚାରପତି ଜେଏସ୍ ଖେହାର ଶପଥ ପାଠ କରାଇଛନ୍ତି। ସମ୍ବିଧାନକୁ ସୁରକ୍ଷିତ ରଖିବାର ଶପଥ ନେଇ ନୂଆ ରାଷ୍ଟ୍ରପତି କୋବିନ୍ଦ ଭାରତକୁ ଆର୍ଥିକ କ୍ଷେତ୍ରରେ ଅଗ୍ରଣୀ କରି ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି। ଶପଥ ନେଇ ଆସନକୁ ଫେରିଲା ବେଳେ ବିଦାୟୀ ରାଷ୍ଟ୍ରପତି ମୁଖାର୍ଜୀ ତାଙ୍କ ପାଇଁ ଆସନ ଛାଡ଼ିଦେଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ୨୧ ଥର ତୋପ ସଲାମୀ ଦିଆଯାଇ ଥିଲା। ଏହା ପରେ ନୂଆ ରାଷ୍ଟ୍ରପତି କୋବିନ୍ଦ ସମବେତ ସାଂସଦ ଓ ବିଭିନ୍ନ ପଦାଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, "ଆମେ ଖୁବ୍ ଶୀଘ୍ର ସ୍ୱାଧୀନତାର ୭୦ ବର୍ଷ ପୂରଣ କରିବାକୁ ଯାଉଛୁ ଏବଂ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ପାଦ ଦେଇଛୁ। ଏହି ଶତାବ୍ଦୀ ଭାରତର ହେବ ବୋଲି ଆମେ ସମସ୍ତେ ବିଚାରୁଛୁ।

## ଏମ୍ ଭେଙ୍କିଆ ନାୟୁଡୁ ତ୍ରୟୋଦଶ ଉପରାଷ୍ଟ୍ରପତି



ଭେଙ୍କିୟା ଉପରାଷ୍ଟ୍ରପତି ନିର୍ବାଚିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଭେଙ୍କିୟା ନାଇଡୁ ବିଜେତା ଘୋଷିତ ହୋଇଛନ୍ତି। ସେ ହେବେ ଦେଶର ତ୍ରୟୋଦଶ ଉପରାଷ୍ଟ୍ରପତି। ନାଇଡୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୟୁପିଏ ତଥା ୧୮ଟି ବିରୋଧୀ ଦଳଙ୍କ ସମର୍ଥିତ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧିଙ୍କୁ ୨୭୨ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୋଟ ୭୭୧ ସାଂସଦ ଭୋଟରୁ ଭେଙ୍କିୟା ନାଇଡୁ ୫୧୬ଟି ଭୋଟ ପାଇଥିବା ବେଳେ ଗୋପାଳକୃଷ୍ଣ ଗାନ୍ଧି ୨୪୪ଟି ଭୋଟ ପାଇଛନ୍ତି। ୧୧ ଅଗଷ୍ଟରେ ଦାୟିତ୍ୱ ଗ୍ରହଣ କରିବେ।

## ୟଶପାଲଙ୍କ ପରଲୋକ

ବିଶିଷ୍ଟ ବୈଜ୍ଞାନିକ ଓ ଶିକ୍ଷାବିତ୍ ପ୍ରଫେସର୍ ୟଶପାଲଙ୍କର ପରଲୋକ ଘଟିଛି। ପ୍ରଫେସର ୟଶପାଲଙ୍କର ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ୧୯୭୩ରେ ସରକାର ତାଙ୍କୁ ସ୍ପେସ୍ ଆପ୍ଲିକେସନ ସେଣ୍ଟରର ପ୍ରଥମ ନିର୍ଦ୍ଦେଶକ ନିଯୁକ୍ତ କରିଥିଲେ। ୧୯୮୩ରୁ ୧୯୮୪ ପର୍ଯ୍ୟନ୍ତ ସେ ଯୋଜନା ଆୟୋଗର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ୧୯୮୬ରୁ ୧୯୯୧ ପର୍ଯ୍ୟନ୍ତ ସେ ୟୁଜିସିର ଅଧ୍ୟକ୍ଷ ମଧ୍ୟ ଥିଲେ। ୟଶପାଲଙ୍କୁ ୧୯୭୬ରେ ପଦ୍ମଭୂଷଣ ଓ ୨୦୧୩ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଶାହିଦ ଖାକାନ ହେବେ ପାକିସ୍ତାନର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ

ପାକିସ୍ଥାନାର ପୂର୍ବତନ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶାହିଦ ଖାକାନ ଅବାସୀ ପାକିସ୍ଥାନର ମଧ୍ୟବର୍ତ୍ତୀ କାଳୀନ ପ୍ରଧାନମନ୍ତ୍ରୀ ହେବେ । ଖାକାନ ଏହି ପଦରେ ୪୫ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ପ୍ରକାଶଥାଉକି ପାନାମା ଗେଟ ପେପର୍ସ ମାମଲାରେ ପାକ ସୁପ୍ରିମ କୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରି

## ଅହମ୍ମଦାବାଦକୁ ବିଶ୍ୱ ଐତିହ୍ୟ ସହର ମାନ୍ୟତା

ଅହମ୍ମଦାବାଦକୁ ଭାରତର ପ୍ରଥମ ବିଶ୍ୱ ଐତିହ୍ୟ ସହରର ମାନ୍ୟତା ମିଳିଛି। ପୋଲାଣ୍ଡର କ୍ରାକୋରେ ୟୁନେସ୍କୋର ବିଶ୍ୱ ଐତିହ୍ୟ କମିଟିର ୪୧ତମ ଅଧିବେଶନରେ ଏହି ଘୋଷଣା କରାଯାଇଛି। ଅହମ୍ମଦାବାଦରେ ଇସ୍ଲାମ୍, ହିନ୍ଦୁ ଓ ଜୈନ ସମ୍ପ୍ରଦାୟର ସହାବସ୍ଥାନ ସାଙ୍ଗକୁ ଏଠାର ଉଚ୍ଚକୋଟୀର ପ୍ରାଚୀନ ସ୍ଥାପତ୍ୟ ରହିଥିବାରୁ ଏହା ବିଶ୍ୱ ଐତିହ୍ୟ ସହରର ମାନ୍ୟତା ପାଇଛି। ଏହା ଫଳରେ ବିଶ୍ୱ ସହରର ମାନ୍ୟତା ପାଇଥିବା ପ୍ୟାରିସ୍, କାଇରୋ ଓ ଏଡିନ୍‌ବର୍ଗ ସହ ଅହମ୍ମଦାବାଦ ସାମିଲ ହୋଇଛି।

## ଭାରତ ଦ୍ୱିତୀୟ ବୃହତ୍ ୪ଜି ଫୋନ ବ୍ୟବହାରକାରୀ ରାଷ୍ଟ୍ର ହେବ

ଘରୋଇ ବଜାରରେ ଆକର୍ଷଣୀୟ ଦରରେ ଉପଲବ୍ଧ ହେଉଥିବା ଡାଟା ସୁବିଧା ଯୋଗୁଁ ୪ଜି ବ୍ୟବହାର ଦ୍ରୁତି ଗତିରେ ବଢୁଛି । ଏହା ଫଳରେ ୪ଜି ଫୋନ ଚାହିଦାରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହେଉଛି। ବଜାରରେ ଏହି ଧାରା ଯୋଗୁଁ ଆସନ୍ତା ବର୍ଷ ସୁଦ୍ଧା ୪ଜି ଫୋନ ବ୍ୟବହାର କ୍ଷେତ୍ରରେ ଦ୍ୱିତୀୟ ବୃହତ୍ ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି କାଉଣ୍ଟର ପଏଣ୍ଟ ତଥ୍ୟରୁ ଜଣାପଡିଛି ।




ଆସନ୍ତା ବର୍ଷ ସୁଦ୍ଧା ଭାରତରେ ୪ ଜି ଡିଭାଇସ ୩୪୦ ନିୟୁତକୁ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି । ଏହା ହେଲେ ଭାରତ ଆମେରିକାକୁ ଟପିଯିବ । ବର୍ତ୍ତମାନ ଘରୋଇ ବଜାରରେ ୧୫୦ ନିୟୁତ ୪ଜି

ବ୍ୟବହାରକାରୀଙ୍କ ସହ ଭାରତ ତୃତୀୟ ସ୍ଥାନରେ ରହିଛି । ତାଲିକାର ପ୍ରଥମ ସ୍ଥାନରେ ରହିଛି ଚୀନ । ଆସନ୍ତା ବର୍ଷ ଆମେରିକାରେ ଏହି ସଂଖ୍ୟା ୨୨୫ ନିୟୁତରୁ ବୃଦ୍ଧି ଘଟି ୨୪୫ ନିୟୁତ ଛୁଇଁବ ବୋଲି ରିପୋର୍ଟ ପ୍ରକାଶ ପାଇଛି

## ଆମେରିକା ସିନେଟରେ ରୁଷ, ଇରାନ ଏବଂ ଉତ୍ତରକୋରିଆ ବିରୁଦ୍ଧରେ ପ୍ରତିବନ୍ଧ ବିଧେୟକ ପାରିତ

ରୁଷ, ଇରାନ ଏବଂ ଉତ୍ତରକୋରିଆ ବିରୁଦ୍ଧରେ କଡା ଏବଂ ଅତିରିକ୍ତ ପ୍ରତିବନ୍ଧ ଲାଗୁ କରିବା ସମ୍ପର୍କିତ ବିଧେୟକକୁ ପୂର୍ଣ୍ଣ ସମର୍ଥନରେ ଆମେରିକା ସିନେଟରେ ପାରିତ କରାଯାଇଛି। 'କାଉଣ୍ଟରିଂ ଆମେରିକାଜ ଆଡଭେନଚର୍ସ ଥ୍ରୋ ସେଙ୍କ୍ସନକ ଆକ୍ଟ' କୁ ଚଳିତ ସପ୍ତାହ ଆରମ୍ଭରୁ ପ୍ରତିନିଧି ସଭାରେ ପାସ କରାଯାଇଥିଲା । ଏବେ ଏହା ସିନେଟରେ ମଧ୍ୟ ପାରିତ ହୋଇଛି । ପ୍ରତିନିଧି ସଭା ଏବଂ ସିନେଟରେ ଉକ୍ତ ବିଧେୟକ ପାସ୍ ହୋଇ ସାରିଥିବାରୁ ଏହା ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇଁ ହ୍ୱାଇଟ୍ ହାଉସ ଯିବ । ସନେଟ ଆମର୍ଡ ସର୍ଭିସେସର କମିଟିର ଅଧକ୍ଷ ଏବଂ ସିନେଟର ଜନ ମ୍ୟାକେନ କହିଛନ୍ତି ଯେ, ଏହି ପ୍ରତିବନ୍ଧ ପୂର୍ବ ପ୍ରତିବନ୍ଧକୁ ଆହୁରି ଶକ୍ତ କରିବ । ଉକ୍ତ ବିଲକୁ ପୂର୍ଣ୍ଣ ମଞ୍ଜୁରୀ ମିଳିଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି।

## ଭାରତମାଳା ପରିଯୋଜନା

ଭାରତମାଳା ପରିଯୋଜନାର ପ୍ରଥମ ପର୍ଯ୍ୟାୟରେ ମୋଟ ୨୪,୮୦୦ କିଲୋମିଟର ରାସ୍ତା ନିର୍ମାଣ ପ୍ରସ୍ତାବକୁ ପବ୍ଲିକ ଇନଭେଷ୍ଟମେଣ୍ଟ ବୋର୍ଡ ୨୦୧୭ ଜୁନ୍ ୧୬ ତାରିଖରେ ଅନୁଷ୍ଠିତ ବୈଠକରେ ସ୍ଥିର ଦେଇଛି । ସୂଚନାନୁସାରେ, ଇକୋନୋମିକ କରିଡରରେ ୯ ହଜାର କିଲୋମିଟର, ଇଣ୍ଟର କରିଡର ଏବଂ ଫିଡର ରୁଟ୍‌ରେ ୬ ହଜାର କିଲୋମିଟର, ନ୍ୟାସନାଲ କରିଡର୍ସ ଏଫିସିଏନ୍ସି ପ୍ରୋଗ୍ରାମରେ ୫ ହଜାର କିଲୋମିଟର, ବର୍ଡର ଆଣ୍ଡ ଇଣ୍ଟରନ୍ୟାସନାଲ କନେକ୍ଟିଭିଟି ରୋଡ୍‌ରେ ୨ ହଜାର କିଲୋମିଟର, ଉପକୂଳ ଏବଂ ବନ୍ଦର ସଂଯୋଗ ରାସ୍ତା ୨ ହଜାର କିଲୋମିଟର, ଏକ୍ସପ୍ରେସ୍ ୱେ ୮୦୦ କିଲୋମିଟର, ଜାତୀୟ ରାଜପଥ ବିକାଶ ପ୍ରକଳ୍ପ (ଏନଏଚଡିପି)ରେ ୧୦ ହଜାର କିଲୋମିଟର ରାସ୍ତା ନିର୍ମାଣର ପ୍ରସ୍ତାବ ରହିଛି।



## ୬୦ କୋଟି ବ୍ରଡବ୍ୟାଣ୍ଡ ସଂଯୋଗ ଲକ୍ଷ୍ୟ

ଡିଜିଟାଲ ଇଣ୍ଡିଆ ଅଭିମୁଖେ କେନ୍ଦ୍ର ସରକାର ଏକ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଘରୋଇ ବଜାରରେ ଇଣ୍ଟରନେଟ ବ୍ୟବହାର ଦ୍ରୁତ ହାରରେ ବୃଦ୍ଧି ହେଉଛି । ଚଳିତ ବର୍ଷ ମାର୍ଚ୍ଚ ୩୧ ତଥ୍ୟ ମୁତାବକ ଦେଶରେ ୪୨୨.୧୯ ନିୟୁତ ବ୍ରହବ୍ୟାଣ୍ଡ ଉପଭୋକ୍ତା ରହିଥିବା ବେଳେ ପ୍ରତି ୧୦୦ ଜଣଙ୍କ ମଧ୍ୟରେ ଇଣ୍ଟରନେଟ ପେନେଟ୍ରେଶନ ୩୨.୮୬ ପ୍ରତିଶତ ରହିଛି । ଜାତୀୟ ଟେଲିକମ୍ ନୀତି ୨୦୧୨ ମୁତାବକ ୨୦୨୦ ସୁଦ୍ଧା ଘରୋଇ ବଜାରରେ ୬୦୦ ନିୟୁତ ବ୍ରଡବ୍ୟାଣ୍ଡ ସଂଯୋଗୀକରଣକୁ ପ୍ରାଥମିକତା ଦିଆଯିବ ।

## ଅଭିନେତ୍ରୀ ସୁମିତା ସାନ୍ୟାଲ୍‌ଙ୍କ ଦେହାନ୍ତ



ହିନ୍ଦୀ ଓ ବେଙ୍ଗଲୀ ଚଳଚ୍ଚିତ୍ରର ପୁରୁଖା ଅଭିନେତ୍ରୀ ସୁମିତା ସାନ୍ୟାଲ୍‌ଙ୍କର ୭୧ ବର୍ଷ ବୟସରେ ପରଲୋକ ଘଟିଛି। ସେ ୧୯୬୦ରେ ବେଙ୍ଗଲୀ ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିଲେ। ୪୦ଟି ବେଙ୍ଗଲୀ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ସୁମିତା ଅନେକଗୁଡ଼ିଏ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ଉଚ୍ଚକୋଟୀର ଅଭିନୟ କରିଥିଲେ।

## ରୋପୋ ରେଟରେ .୨୫% ହ୍ରାସ




୨୦୧୬ ଡିସେମ୍ବର: ରେପୋରେଟ ୬.୨୫%, ରିଭର୍ସ ରେପା ୫.୭୫
୨୦୧୭ ଫେବୃୟାରୀ: ରେପୋରେଟ ୬.୨୫%, ରିଭର୍ସ ରେପା ୫.୭୫
୨୦୧୭ ଏପ୍ରିଲ : ରେପୋରେଟ ୬.୨୫%, ରିଭର୍ସ ରେପା ୫.୭୫ରୁ ୬% ୨୦୧୭ ଜୁନ : ରେପୋରେଟ ୬.୨୫%, ରିଭର୍ସ ରେପା ୬%

ସମୀକ୍ଷା ବୈଠକରେ ଆରବିଆଇ ସୁଧ ହାରରେ ୨୫ ବେସିସି ପଏଣ୍ଟ ହ୍ରାସ କରିଛି । ଫଳରେ ରେପୋ ରେଟ୍ ଏବେ ୬% ହୋଇଯାଇଛି । ଆରବିଆଇର ୦.୨୫ ରେପୋରେଟ ହ୍ରାସ କରିବା ଯୋଗୁଁ ୭ ବର୍ଷ ମଧ୍ୟରେ ଏହା ସବୁଠାରୁ କମ୍ ରହିଥିବା ଜଣାପଡିଛି । ସେହିପରି ରିଭର୍ସ ରେପୋ ରେ ୦.୨୫% କମାଇ ଦିଆଯିବାରୁ ଏବେ ଏହା ୫.୭୫ %ରେ ପହଞ୍ଚିଛି । ଆଇବିଆଇର ଏହି ନିଷ୍ପତ୍ତିରେ ଘର ଲୋନ ଶସ୍ତା ହେବ ।

ବିଜ୍ଞାନ ବିଚିତ୍ର

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି



**ବାସ (Malabar nut)** ଏହାକୁ ସଂସ୍କୃତରେ ବାସ, ବାସକ, ବୃସ, ଭିସାକମାତା ଓ ହିନ୍ଦୀରେ ଅରୁସା, ବାନ୍ସା, ତେଲୁଗୁରେ ଆଦାସରମ୍ଭ,ଉର୍ଦ୍ଦୁରେ ଆଦାତୋଡା ବୋଲି କୁହାଯାଏ। ଏହାକୁ ଭାରତର ବିଭିନ୍ନ ଅଂଚଳରେ ଏକ ଚିରହରିତ ଏବଂ ବହୁବର୍ଷୀ ଉଦ୍ଭିଦ ରୂପେ ଦେଖିବାକୁ ମିଳେ। ଏହାର ପତ୍ରଗୁଡିକ ଅଣ୍ଡାକାର ଓ ରୁକ୍ଷ ହୋଇଥାଏ, ଯାହାର ଉପର ପଟ ସବୁଜ ଓ ତଳପଟ କଳା ଅଟେ। ଫୁଲଗୁଡିକ ଉପରପଟୁ ଧଳା କିନ୍ତୁ ତଳପଟୁ ହଳଦିଆ ବା ଈସତ୍ ଲାଲ ରଙ୍ଗର ହୋଇଥାଏ।ଏହାର ଡେମ୍ଫ ସବୁ ଲମ୍ବା ଓ କଂଟାଯୁକ୍ତ। ଏହାର ଫଳଗୁଡିକ ହାଲୁକା, ଶୁଖିଲା ଓ ପାଟିକୁ ଏହା ପିତା ଲାଗେ। ଏଥିରେ ରହିଥିବା ବିଭିନ୍ନ ପ୍ରକାର ଆଲକାଲଏଡ୍ ମଧ୍ୟରୁ ଭାସିସିନ୍ ମୁଖ୍ୟ ଅଟେ। ଏହାଛଡା ଭିଟାମିନ ସି, ବିଟା କେରୋଟିନ ଓ କେତେକ ଦରକାରୀ ତେଲ ଏଥିରେ ଭରପୂର ରହିଥାଏ। ଏହା କଂଠସ୍ୱରକୁ ମଧୁର କରେ ଓ ହୃତପିଣ୍ଡ ପାଇଁ ଏକ ଟନିକ ଭଳି କାମ କରେ। ଏହି ଗଛର ଚେର, ଛାଲି ଓ ପତ୍ର କଫ ଦୂର କରି କାଶ, ଅଣ୍ଟାରୁ ମୁକ୍ତି ଦେଇଥାଏ। ମୁଖ୍ୟତଃ ଭାସିସିନ୍ ଏହି କ୍ରିୟା ପାଇଁ ଦାୟୀ ଅଟେ। ଯଦି ଜଣେ କୌଣସି ବି ରକ୍ତଦୋଷରୁ ପୀଡିତ ଥାଏ ତେବେ ପ୍ରତ୍ୟେହ ଏହାର ଶୁଖିଲା ଫୁଲକୁ ଗୁଣ୍ଡ କରି ୧-୨ ଗ୍ରାମ ସହ ମହୁ ମିଶାଇ ଖାଇଲେ ସୁଫଳ ମିଳିଥାଏ। ଶୁଖିଲା କାଶ ହେଉଥିଲେ କିଛି ହଳଦୀ ଗୁଣ୍ଡ ସହ ବାସଫୁଲ ବା ପତ୍ର ଗୁଣ୍ଡକୁ କ୍ଷୀର ସହ ନେଲେ ଆରାମ ମିଳେ। କାଶ ସହିତ ବାନ୍ତି ବାନ୍ତି ଲାଗୁଥିଲେ ଏହି ଗଛର ପତ୍ରକୁ ବାଟି ଅଙ୍ଗୁର ରସ ସହିତ ମିଶାଇ ଦିନକୁ ୩୦-୪୦ ମିଲି ହିସାବରେ ନେଲେ ଉପଶମ ମିଳେ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଲେଖା ରହିଛି।

**ଭୃଙ୍ଗରାଜ (Eclipta prostrate)** ଏହାକୁ ସଂସ୍କୃତରେ କେଶରାଜ, ସୁବର୍ଣ୍ଣ, ଅଙ୍ଗାର୍କ, କୁନ୍ତଳବର୍ଦ୍ଧିନି ତାମିଲରେ କାଜକେପ୍ପି, ତେଲଗୁରେ ଗାଳାଗେରା ଓ କୋଙ୍କଣୀରେ କଜଳମାଭୁ କୁହାଯାଏ। ଏହି ଉଦ୍ଭିଦରେ ସିଲିକା, କୋବାଲ୍ଟ, ରେଜିନ୍ ଓ ଏକ୍ଲିପ୍ଟିନ୍ ନାମକ ଏକ ଆଲକାଲଏଡ୍ ବହୁ ପରିମାଣରେ ରହିଥାଏ। ଏହାଛଡା ସମଗ୍ର ଉଦ୍ଭିଦରେ ବିଜାରଣକ୍ଷମ ଶର୍କରା, ମଞ୍ଜିରେ ଷ୍ଟିରଲ , ପତ୍ରରେ ୱେଏଡେଲୋଲେକ୍ଟୋନ୍,କାଣ୍ଡରେ ଡେସମିଥାଇଲ୍ ୱେଏଡେଲୋଲେକ୍ଟୋନ, ସଲଫର ଧାରଣ କରିଥିବା ପେପ୍ଟାଇଡସ୍ ,ଦୁଇଟି ଥାୟୋଫିନ୍ ଡେରିଭେଟିଭ୍, ଗୋଟିଏ ପଲି ଏସିଟିଲିନିକ୍ ଯୌଗିକ, ଆଲଫା ଟରଥାଇଇନିଲ ମିଥାନଲ,ବିଟା ଆମିରିନ୍ ଓ ଷ୍ଟିଗ୍ମାଷ୍ଟିରଲ୍ ଗଚ୍ଛିତ ହୋଇ ରହିଛି। ଏହାର ଅନେକ ଔଷଧୀୟ ଗୁଣ ରହିଛି ଯଥା ଏହା ଏକ ବାନ୍ତି ନିରୋଧକ, ପରଗେଟିଭ୍,ଆଂଟିସେପ୍ଟିକ୍,ଆଂଟି ଭାଇରାଲ୍ ଓ ଲିଭର ଟନିକ ଭାବେ କାର୍ଯ୍ୟ କରିଥାଏ। ଭୃଙ୍ଗରାଜକୁ ମୁଖ୍ୟତଃ କେଶ ତୈଳ ରୂପେ ବ୍ୟବହାର କରାଯାଏ। ଏହାର ପ୍ରସ୍ତୁତି ନିମ୍ନ ଉପାୟରେ କରାଯାଏ। ୬୦ ମିଲି ଭୃଙ୍ଗରାଜ ରସ ସହ ୬୦ ମିଲି ଅଁଳା ରସ ଓ ୧୨୦ ମିଲି ଜଡାତେଲ ମିଶାଇ ଏକ ଖୋଲା ପାତ୍ରରେ ସୂର୍ଯ୍ୟ କିରଣରେ ରଖନ୍ତୁ। ଏହାଦ୍ୱାରା ଏଥିରୁ ଜଳୀୟଅଂଶ କମିଯିବ। ତାପରେ ପ୍ରାୟ ୧୦ ଗ୍ରାମ୍ର ଆଂଟିମନି ସଲଫେଟ୍ ପାଉଡର ମିଶାଇ ଏକ ବନ୍ଦ ବୋତଲରେ ପୂରାଇ ରଖନ୍ତୁ। ଏହାକୁ ପ୍ରତିଦିନ ଗାଧୋଇବାର ୪୫ ମିନିଟ ପୂର୍ବର କେଶରେ ଲଗାଇଲେ କେଶ ପାଚିବା ଏବଂ ଝଡିବା ବନ୍ଦ ହୋଇଯାଏ ଓ ଏହା ଚକ୍ ଚକ୍ ଦେଖାଯାଏ। ଛୋଟ ଶିଶୁଙ୍କୁ ଶ୍ୱାସ ହୋଇଥିଲେ ଦିନକୁ ୩ ଥର ଭୃଙ୍ଗରାଜ ରସ ସହିତ ମହୁ ମିଶାଇ ଦେଲେ କଫ ଓ କାଶରୁ ମୁକ୍ତି ମିଳିଥାଏ। ସେହିପରି ବୟସ୍କଙ୍କ କ୍ଷେତ୍ରରେ ଏହି ରୋଗର ଉପଶମ ପାଇଁ ଏକ ଚାମଚ ଭୃଙ୍ଗରାଜ ରସ ସହ କିଛି ଗୋଲମରିଚ ଗୁଣ୍ଡ, ଗାଈ ଘିଅ ଓ ହର୍ଟାକି ଫଳ ମିଶାଇ ଖାଇଲେ ଶ୍ୱାସ ରୋଗ ସହିତ ଅନ୍ୟ ଫୁସ୍ ଫୁସ ଜନିତ ରୋଗରୁ ଉପଶମ ମିଳିଥାଏ। ଜଣ୍ଡିସ୍ ରୋଗ ହୋଇଥିଲେ ଦୈନିକ ୩ ଥର ଭୃଙ୍ଗରାଜ ପତ୍ର, ଫୁଲ ବା ଛାଲିକୁ ଗୁଣ୍ଡ କରି କ୍ଷୀର ସହ ପାନ କଲେ ଆରାମ ମିଳିବା ସଙ୍ଗେ ସଙ୍ଗେ ଏହା ଯକୃତ ର ଜ୍ୱଳନକୁ କମ୍ କରିଥାଏ। ଯଦି ରୋଗ ଜଟିଳ ଅବସ୍ଥା ଧାରଣ କରିଥାଏ ତେବେ ଭୃଙ୍ଗରାଜ, ଦ୍ରୋଣପୁଷ୍ପୀ ଓ ଭୂଇଁଅଁଳାକୁ ଗୁଣ୍ଡକରି ଲହୁଣୀ ସହ ମିଶାଇ ଦିନକୁ ୨ ଥର ଲେଖାଏଁ ନେଲେ ୩-୪ ଦିନ ମଧ୍ୟରେ ଜଣ୍ଡିସ୍ ରୋଗରୁ ମୁକ୍ତ ମିଳିଥାଏ। ଏକଫାଳି ମୁଣ୍ଡ ବ୍ୟଥା ପାଇଁ ଭୃଙ୍ଗରାଜ ପତ୍ରର ରସକୁ ମେଣ୍ଢାକ୍ଷୀର ସହ ମିଶାଇ ବୁନ୍ଦା ବୁନ୍ଦା କରି ନାକବାଟେ ପକାଇଲେ ଆରାମ ମିଳେ ଯଦି ଅର୍ଶ



ରୋଗ ହୋଇ ରକ୍ତ ପଡୁଥାଏ ତେବେ ଭୃଙ୍ଗରାଜ ଓ ଜିଞ୍ଜେଲିକୁ ଗୁଣ୍ଡକରି ଦିନକୁ ଦୁଇଥର ଗାଈଘିଅ ସହ ମିଶାଇ ନିଅନ୍ତି ତେବେ ରକ୍ତ ପଡିବା ବନ୍ଦ ହୁଏ ଏବଂ ଏହାର ବାମ୍ଫକୁ ମଳଦ୍ୱାର ପଟେ ନେଲେ ଦରଜ କମ୍ ହୋଇଥାଏ।

ଇସନୋଫିଲ୍ ବଢି ଛିଙ୍କ ହେଉଥିଲେ ଭୃଙ୍ଗରାଜ ତୈଳ ସହ ଜିଞ୍ଜେଲି ତୈଳକୁ ମିଶାଇ ନାକବାଟେ ବୁନ୍ଦା ଆକାରରେ ଓ କପାଳରେ ଲଗାନ୍ତୁ ଦେଖିବେ ନିଶ୍ଚିତ ଆରାମ ମିଳିବ। ତଂଟି ବସିଯାଇ କଥା କହି ପାରୁ ନ ଥିଲେ ଏକ ଗ୍ଲାସ ଚହ୍ଲାପାଣିରେ ଭୃଙ୍ଗରାଜ ପତ୍ର ବଟାକୁ ପାନ କଲେ ଆରାମ ମିଳେ। ସ୍ତ୍ରୀମାନଙ୍କ ଅତ୍ୟଧିକ ରଜଃସ୍ରାବ ହେଉଥିଲେ ଏହାର କ୍ୱାଥକୁ କିଛିଦିନ ନିୟମିତ ଭାବେ ନେଲେ ସୁଫଳ ମିଳେ। କାଛୁ, କୁଣ୍ଡିଆ, ଏକ୍‌ଜିମା ପରି ଚର୍ମରୋଗ ହୋଇଥିଲେ ଏହାର ପତ୍ରକୁ ବାଟି ଫିଟକିରି ସହ ମିଶାଇ ପ୍ରଭାବିତ ସ୍ଥାନରେ ଲଗାଇଲେ ରୋଗ ଭଲହୋଇଥାଏ। ପେଟରେ କୃମି ରୋଗ ହେଉଥିଲେ ଏକ ଆଉନ୍ସ ଭୃଙ୍ଗରାଜ ରସ ସହ ଏକ ଆଉନ୍ସ ଜଡାତେଲକୁ ଗୋଟିଏ ଦିନ ଅନ୍ତରରେ କିଛି ଦିନ ପାଇଁ ନେଲେ କୃମିଦୋଷ ଦୂର ହୁଏ ବୋଲି ବର୍ଣ୍ଣିତ ଅଛି।

**ଅରଖ (Calotropis gigantean)** ଏହାକୁ ସଂସ୍କୃତରେ ଅର୍କ, ରବି, ଶୀରପର୍ଣ୍ଣି, ଆଲର୍କମ୍ ବା ଭାସ୍କରମ୍ ମାଲୟାଲମ୍‌ରେ ଏରିକୁ, ତାମିଲରେ ପେଲେର୍କା ତେଲୁଗୁରେ ଅର୍କମୁ, ମନ୍ଦାରାମୁ କୁହାଯାଏ। ଏହ ବୃକ୍ଷ ମଧ୍ୟମରୁ ବଡ ଗୁଳ୍ମ ଆକାରରେ ଦେଖାଯାଏ। ଏହାର ପତ୍ରଗୁଡିକ ଅଣ୍ଡାକାର ଓ ବିପରୀତ ଦିଗରେ ଅବସ୍ଥିତ। ଏହି ବୃକ୍ଷର ଯେ କୌଣସି



ଅଂଶକୁ ଖଣ୍ଡିଆ କଲେ ସେଥିରୁ ଏକ ପ୍ରକାର ଅଠାଳିଆ କ୍ଷୀର ବାହାରେ। ଫୁଲ ଗୁଡିକ ପୁଷ୍ପଛତ୍ରକ ସମୀମ ଆକାରରେ ଧଳା କିମ୍ବା ଈଷତ୍ ବାଇଗଣୀ ରଙ୍ଗରେ ପତ୍ର ଓ ଡାଳ ସଂଯୁକ୍ତ ଅକ୍ଷରୁ ବାହାରିଥାଏ। ଏଗୁଡିକ କାହାଳି ଆକାରର ହୋଇଥାନ୍ତି ଯାହାର ଉପର ଅଂଶଟି ଚଉଡା ହୋଇଥାଏ। ଏହାର ଫଳଗୁଡିକ ଏକ କୋଷୀୟ ଶୁଷ୍କ ଫଳ ଅଟେ। ଫଳଟି ଫାଟି ଗଲା ପରେ ମଞ୍ଜିଗୁଡିକ ପବନରେ ଉଡି ବୁଲନ୍ତି। ଏହାର ପଛ ପାଖ ପକ୍ଷଯୁକ୍ତ ହୋଇ ଥିବାରୁ ପବନରେ ଏହା ଦୂର ଦୂରାନ୍ତକୁ ଉଡି ଯାଇପାରେ। ଅରଖ ଗଛର ଭସ୍ମକୁ ଗୁଣ୍ଡ କରି ମଇଁଷି ଘିଅ ସହ ମିଶାଇ ଫଟା ଓଠ, ଘାଆରେ ପ୍ରଲେପାକାରରେ ଦେଲେ ତାହା ଶୀଘ୍ର ଶୁଖିଥାଏ। ଦେହରେ ଭାତୁଡି ହୋଇଥିବା ଜାଗାରେ ଅରଖ ଗଛ କ୍ଷୀରକୁ ବାରମ୍ବାର ଲଗାଇଲେ ଏହା ଝଡିଯାଏ। ଫିତାକୃମି ସଂକ୍ରମିତ ସ୍ଥାନରେ ଏହାର କ୍ଷୀରକୁ ଲଗାଇଲେ ସୁଫଳ ମିଳିଥାଏ। କାଛୁ କୁଣ୍ଡିଆ ଭଳି ଚର୍ମ ରୋଗରେ କ୍ଷତ ସୃଷ୍ଟି ହୋଇଥିଲେ ଅରଖ ଗଛ ଚେରକୁ ବାଟି କ୍ଷୀର ସହ ମିଶାଇ ଲଗାଇଲେ ତାହା ଶୀଘ୍ର ଭଲ ହୋଇଥାଏ। ଏହି ଗଛର ଫଳରୁ ପ୍ରସ୍ତୁତ ଅର୍କାଦି ତୈଳମ୍ ମଧ୍ୟ ଏଥିପାଇଁ ଲାଭଦାୟକ ହୋଇଥାଏ। ଯଦି କାନରେ ଯନ୍ତ୍ରଣା ହେଉଥାଏ ତେବେ ଅରଖ ଗଛ ପତ୍ରର କ୍ଷୀରକୁ ଘିଅ ବା ତେଲ ସହ ମିଶାଇ ଗରମ କରି କିଛି ବୁନ୍ଦା ପକାଇଲେ ଆରାମ ଲାଗେ। ଦାନ୍ତ ପୋକ ଖାଇ ଦରଜ ହେଉଥିଲେ ସାବଧାନତା ସହ କିଛି ଅରଖ ରସକୁ ତୁଳାରେ ନେଇ କ୍ଷତ ଜାଗାରେ ଲଗାଇଲେ ଯନ୍ତ୍ରଣା ଦୂର ହୁଏ। ଏଥିପାଇଁ ଅରଖ ଚେରରୁ ପ୍ରସ୍ତୁତ କ୍ୱାଥ କୁ ଗରମ କରି କୁଳୁକୁଚା କଲେ ବି ସୁଫଳ ମିଳିଥାଏ। ଅରଖ ପତ୍ରରେ ତେଲ କିମ୍ବା ଘିଅ ବୋଳି ଗରମ କରି ବାରମ୍ବାର ପଟି ଆକାରରେ ବେକରେ ଦେଲେ ଦରଜ କମିଥାଏ। ପାଦରେ କଂଟା ପଶି ବାହାରୁ ନ ଥିଲେ ସେହି କ୍ଷତଜାଗାରେ କିମ୍ବା ତା ଚାରିପାଖେ ଅରଖ କ୍ଷୀରକୁ ଗରମ କରି ଲଗାଇ ଚାରି ପାଖକୁ ଚାପିଲେ କଂଟା ଆପେ ଆପେ ବାହାରି ଆସେ। ଦେହର ଯେ କୌଣସି ଦରଜ ଅଂଶରେ ଅରଖ ପତ୍ରକୁ ଗରମ କରି ଘିଅ ବା ତେଲ ସହ ଛାପା ଆକାରରେ ରଖିଲେ କିଛିସମୟ ପରେ ଆରାମ ମିଳେ। ଯଦି କୌଣସି କୀଟ କିମ୍ବା ପ୍ରାଣୀ ଦଂଶନ ଯୋଗୁଁ କଷ୍ଟପାଉଥାନ୍ତି ତେବେ ଗୋଟିଏ କନା ପୁଡାରେ ଅରଖ ପତ୍ର ,ଘିଅ ଓ ସୈନ୍ଧବ ଲୁଣ ରଖି ତାକୁ ଗରମ କରି ପ୍ରଭାବିତ ସ୍ଥାନରେ ସେକ ଦିଅନ୍ତୁ ଦେଖିବେ ଆରାମ ଲାଗିବ। ସାପ, ବିଛା ବା ବିରୁଡି କାମୁଡିବା ବିଷ ଜ୍ୱାଳାକୁ କମାଇବାକୁ ଅରଖ ତେଲ, ଗୋଲମରିଚ କିମ୍ବା ପୁରୁଣା ଅରଖ ପତ୍ର ରସକୁ ମିଶାଇ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ଶାସ୍ତ୍ରରେ ବର୍ଣ୍ଣିତ ଅଛି ମେଲେରିଆ ରୋଗୀକୁ ଯଦି ପ୍ରତି ୩ ଘଂଟା ଅନ୍ତରାଳରେ ୧ ରୁ ୫ ବୁନ୍ଦା କରି ସଜ ଅରଖ ପତ୍ର ରସ ଦିଆଯାଏ ତେବେ ଆଉ କୌଣସି ଔଷଧର ଆବଶ୍ୟକତା ପଡିବ ନାହିଁ।

**ରସନା (Alpinia calcarata Rosc)** ସଂସ୍କୃତରେ ଏହାକୁ ରସ୍ନା, ସୁଗନ୍ଧା , ସୁଳାଗ୍ରନ୍ଥି ଓ କାଲାଞ୍ଜନ କୁହାଯାଏ। ହିନ୍ଦୀରେ କାଲିଜାନ୍, ମାଲୟାଲମରେ ଚିଉରଥ, ତାମିଲରେ



ପେରାରଥାଇ, ତେଲୁଗୁରେ କୁଚୋଭାମୁ ଓ କନ୍ନଡରେ ଦୁବରସ୍ମି କହନ୍ତି। ଏହାର ମୂଳ ଅଦା ଗଛ ପରି ହୋଇଥାଏ। ଫଳଗୁଡିକ ଧଳା ରଙ୍ଗର ହୋଇ ପାଖୁଡା ଅଂଶ ହଳଦିଆ ତ ଆଉ କେତେକ କ୍ଷେତ୍ରରେ ନାଲିଆ ବା ପୂରା ହଳଦିଆ ରଙ୍ଗର ହୋଇଥାଏ। ଯେଉଁ ଶିଶୁମାନଙ୍କୁ ଥଣ୍ଡା, କାଶ, ଜ୍ୱର ହୋଇ ତଂଟି ଦରଜ ହେଉଥିବ ସେମାନଙ୍କୁ ରସ୍ନା ଗଛର ମୂଳ (୪ ଗ୍ରାମ୍) କୁ ଗୁଣ୍ଡ କରି ମହୁ ସହ ଦିନକୁ ୩ ଥର ଲେଖାଏଁ ଦିଅନ୍ତୁ। ସେହିପରି ବୟସ୍କମାନଙ୍କ କ୍ଷେତ୍ରରେ ରସ୍ନା ଗଛର କନ୍ଦା, ଯଷ୍ଟିମଧୁ ଓ ଥାଲିସାପତ୍ରକୁ ସମ ପରିମାଣରେ ମିଶାଇ କ୍ୱାଥ ତିଆରି କରି ଦିନକୁ ୨ ଥର ଲେଖାଏଁ ପାନ କଲେ ଉପରୋକ୍ତ ରୋଗରୁ ଉପଶମ ମିଳିଥାଏ। ରସ୍ନା ଲେହ୍ୟକୁ ମହୁ କିମ୍ବା ଚିନି ସହ ମିଶାଇ କିମ୍ବା ଶୁଖିଲା ରସ୍ନା ଚେରକୁ ଖାଲି ଚୋବାଇ ଚୋବାଇ ଖାଇ ରସ ଢୋକିଲେ ସାଇନୁସାଇଟିସ୍ ଓ ତଂଟି ଦରଜ ରୁ ଉପଶମ ମିଳେ ଓ କଂଠ ପରିଷ୍କାର

ହୁଏ । ବାତ ରୋଗୀ ସ୍ଥାୟୀ ରୂପେ ଦରଜରୁ ମୁକ୍ତି ପାଇବାକୁ ଚାହୁଁଥିଲେ ୮୦ ଗ୍ରାମ୍‌ର ରସ୍ନା କନ୍ଦାକୁ ଛୋଟ ଛୋଟ କରି କାଟି ୧୬୮୦ ମିଲି ଜଳ ସହ ମିଶାଇ ତାର ଆୟତନ ୧୫୦ ମିଲି ହେଲା ପର୍ଯ୍ୟନ୍ତ ଫୁଟାନ୍ତୁ ଓ ଦିନକୁ ୨ ଥର ଲେଖାଏଁ ୬୦ ମିଲି ହିସାବରେ ପାନ କରନ୍ତୁ । ସେହିପରି ରସ୍ନା କନ୍ଦା, ଗୁଳୁଚି, ଦେବତର, ଗୁଗୁଲୁ, ଜଡା ଗଛର ଚେର ଓ ଶୁଖିଲା ଅଦାକୁ ଗୁଣ୍ଡ କରି କୌଣସି ଔଷଧୀୟ ତେଲରେ ମିଶାଇ ପ୍ରଭାବିତ ସ୍ଥାନରେ ମାଲିସ କଲେ ଯନ୍ତ୍ରଣା ଲାଘବ ହୁଏ । ମହାରସ୍ନାଦି କ୍ୱାଥକୁ ନିୟମିତଭାବେ ପାନ କଲେ ବାତ, ପିତ୍ତ, ମାଢି, ସ୍ନାୟୁ ଥିବା ମେରୁଦଣ୍ଡ,ପାଦ ଓ କାନ୍ଧ ଦରଜରୁ ରକ୍ଷା ମିଳେ । ଏହା ସହିତ ଶୁଖିଲା ରସ୍ନା କନ୍ଦା ଓ ଗୁଗଗୁଲୁକୁ ଛେଚି ସମ ପରିମାଣର ମିଶାଇ ୧ ଗ୍ରାମ୍ ଓଜନର ବଟିକା ଆକାରରେ ତିଆରି କରି ଦିନକୁ ୨ ଟି ଲେଖାଏଁ ନେଲେ ଗଂଠିବାତ, ସନ୍ଧିବାତ, ଆମବାତ ଯୋଗୁଁ ହେଉଥିବା ଜଂଘ, ପିଠି ଓ ଅନ୍ୟ ଅଙ୍ଗର ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଥଣ୍ଡା ଜ୍ୱର ଯୋଗୁଁ ମୁଣ୍ଡ ବିନ୍ଧୁଥିଲେ ଗାଧୋଇସାରି ଥଣ୍ଡା ଅବସ୍ଥାରେ ରସ୍ନାଦି ଗୁଣ୍ଡକୁ ଓଦା କରି କପାଳରେ ଲେପ ଦେଲେ ଆରାମ ମିଳେ । ଦାନ୍ତ ବିନ୍ଧୁଥିଲେ ରସ୍ନା ଗଛର କନ୍ଦାକୁ ଧିରେ ଧିରେ ଚୋବାଇ ତାର ରସକୁ ପାଟି ଭିତରେ ରଖନ୍ତୁ । ଏପରି ଦିନକୁ ୨ ଥର କରନ୍ତୁ ଅବଶ୍ୟ ସୁଫଳ ମିଳିବ । ଶିଶୁମାନଙ୍କ ମସ୍ତିଷ୍କର ଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ହଜମ କ୍ରିୟାକୁ ସୁଗମ କରିବା ପାଇଁ ରସ୍ନାଦିଖୃଦମ୍ ନାମକ ଟନିକ ଦିଆଯାଏ । ରସ୍ନା କନ୍ଦାକୁ ଗୁଣ୍ଡ କରି ପାଣିରେ ମିଶାଇ ଏକ ମାଟି ପାତ୍ରରେ ୧୫ ଦିନ ପର୍ଯ୍ୟନ୍ତ ରଖିଲା ପରେ ଦିନକୁ ୨ ଥର ଲେଖାଏଁ ନେଲେ ଆନ୍ତ୍ରିକ ଜ୍ୱର, ବାତ ଜ୍ୱର ତଥା ଫାଇଲେରିଆ ଜ୍ୱରରୁ ମୁକ୍ତି ମିଳେ । ଏହି ଔଷଧକୁ ରସ୍ନାସାଭମ୍ କୁହାଯାଏ । ଡାଇବେଟିସ, ଅଜୀର୍ଣ୍ଣ ହେଉଥିଲେ କିମ୍ବା ଦେହ ଓ ପାଟିରୁ ଦୁର୍ଗନ୍ଧ ବାହାରିବା ବନ୍ଦ କରିବାକୁ ଚାହୁଁଥିଲେ ପ୍ରତ୍ୟେକ ଦିନ ରସ୍ନା କ୍ୱାଥ ବ୍ୟବହାର କଲେ ସୁଫଳ ମିଳେ ବୋଲି କୁହାଯାଏ । ସାପ, ବିଛା, ବୁଢିଆଣୀ କାମୁଡି ଥିଲେ ରସ୍ନା କନ୍ଦାରୁ ତିଆରି କ୍ୱାଥକୁ ମେଣ୍ଢା କ୍ଷୀର ସହ ପାନ କଲେ ସୁଫଳ ମିଳେ ବୋଲି କୁହାଯାଏ ।

**ଭୂମି ଅଁଳା (Phyllanthus amarus Schum & Thonn)** ଏହାକୁ ସଂସ୍କୃତରେ ଭୂମି ଅଁଳାକି, ବହୁଭଲ, ଭୂଧାତ୍ରୀ, ବହୁପତ୍ର ଓ ବହୁବୀର୍ଯ୍ୟ, ତେଲୁଗୁରେ ନେଲା ଉସିରିକା, ମାଲାୟଲମ୍ ରେ କିଝାନେଲ୍ଲି ତାମିଲରେ କିଝା କାଇନେଲ୍ଲି ଓ ହିନ୍ଦୀରେ ଜର୍ ଅଁଳା ବା ଭୁଲାମ୍ବଳା କୁହାଯାଏ । ଏହି



ଗଛ ବର୍ଷସାରା ବଂଚି ପାରେ ଓ ଏହାର ଉଚ୍ଚତା ୨-୧୧ ଫୁଟ ମଧ୍ୟରେ ହୋଇଥାଏ । ଫୁଲଗୁଡିକ ଛୋଟ ଛୋଟ ହଳଦିଆ ରଙ୍ଗର, ପତ୍ରଗୁଡିକ ବେଶୀରେ ୨ ମିମି ଚଉଡାର ହୋଇଥାଏ । ଏହାର ପତ୍ରକୁ ଛୁଇଁଦେଲେ ଲାଜକୁଳୀ ଲତା ପରି ଝାଉଁଳି ପଡେ ଏବଂ ଫଳଗୁଡିକ ଶୁଖିଗଲେ ଫାଟିଯାଇ ମଞ୍ଜିଗୁଡିକ ପବନରେ ଦୂର ଜାଗାକୁ ଉଡି ଯାଆନ୍ତି । ଏହାର ରାସାୟନିକ ସଂରଚନା ଦେଖିଲେ ଜଣାଯାଏ ଯେ ଏଥିରେ ମୁଖ୍ୟତଃ ଆଲକାଲଏଡ ଭାବେ ଫାଇଲାନ୍ଥିନ୍, ହାଇପୋଫାଇଲାନ୍ଥିନ୍ ଓ ଫ୍ଲାଭନଏଡ୍ସ ଭାବେ କ୍ୱେରସେଟିନ୍ ଓ କାଟେଚିନ୍ ଥାଏ । ଜଣ୍ଡିସ୍ ରୋଗରେ ପୀଡିତ ରୋଗୀଙ୍କୁ ଏହି ଗଛର ଚେର, ଡାଳ ଓ ପତ୍ର ସହ ଜିରାକୁ ମିଶାଇ ବାଟି ସଦ୍ୟ ଦୁହାଁ ହୋଇଥିବା ଗାଈ କ୍ଷୀର ସହ ମିଶାଇ ସପ୍ତାହକ ପାଇଁ ପ୍ରତ୍ୟେହ ସକାଳୁ ପାନ କରିବାକୁ ଦେଲେ ରୋଗ ମୁକ୍ତ ହୋଇଥାନ୍ତି ବୋଲି କବିରାଜମାନେ କହନ୍ତି । ଏହି ସମୟ ମଧ୍ୟରେ ତେଲ,ମସଲାଯୁକ୍ତ ଖାଦ୍ୟ ବର୍ଜନ କରି ଯଥେଷ୍ଟ ପାଣି ପିଇବାକୁ କୁହାଯାଏ । ଅନ୍ୟ ଏକ ଉପାୟ ହେଲା ପ୍ରତ୍ୟେହ ୨ ଥର ଲେଖାଏଁ ଏହି ଗଛ ଚେରକୁ ବାଟି ତାର ରସକୁ ୧୦ ମିଲି ହିସାବରେ ନେଲେ ଜଣ୍ଡିସ୍ ରୋଗ ଭଲ ହୋଇଥାଏ । ଏହି ଔଷଧର ମାତ୍ରା ବିଶେଷତଃ ଶିଶୁ ମାନଙ୍କ କ୍ଷେତ୍ରରେ ଅଧିକ ହେବା ଉଚିତ ନୁହେଁ କାରଣ ଏଥିରେ ହାଇଡ୍ରୋଫ୍ଲୋରିକ୍ ଅମ୍ଳ ବହୁ ପରିମାଣରେ ଥାଏ । ଶୁଖୁ ନ ଥିବା ପୁରୁଣା ଘା ଉପରେ ଏହାର ଚେରକୁ ବାଟି ଚାଉଳଧୁଆ ପାଣି ସହ ମିଶାଇ ଲାଗାଇଲେ ସୁଫଳ ମିଳିଥାଏ । ମୁଣ୍ଡରେ ରୁପି ହେଉଥିଲେ ଏହା ସହିତ ପତ୍ରକୁ ବାଟି ମୁଣ୍ଡରେ ଲଗାଇଲେ ଏହା ସାମ୍ପୁ ଭଳି କାମ କରେ । ସପ୍ତାହକୁ ୩ ଥର ଏହାର ପତ୍ର ଓ ଛାଲିକୁ ବାଟି କେଶରେ ଗାଧୋଇବା ପୂର୍ବରୁ ୫-୭ ମିନିଟ ରଖିଲେ କେଶ ଝଡିବା ବନ୍ଦ ହେବା ସହ ପାଚିବାକୁ ବି ରୋକି ହୁଏ । ମଧୁମେହ ରୋଗୀ ଏହାର ରସକୁ ଗୋଦୁଗ୍ଧ ସହ ମିଶାଇ କିଛି ଦିନ ପାନକଲେ ଶର୍କରା ସ୍ତର କମିଥାଏ । ଉଚ୍ଚ ରକ୍ତଚାପ ରୋଗୀ ୧୫ ମିଲି ଭୂମିଅଁଳା ରସ ସହ ୫ ଗ୍ରାମ ହଳଦୀ ଗୁଣ୍ଡ ଓ ୧୦ ବୁନ୍ଦା ମହୁ ମିଶାଇ ୧ ମାସ ପର୍ଯ୍ୟନ୍ତ ନେଲେ ରକ୍ତଚାପ କମ୍ ହୁଏ ଓ ଝାଡା ରୋଗରୁ ବି ଉପଶମ ମିଳେ । କାଶ ଓ ଥଣ୍ଡା ରୋଗ ପାଇଁ ବି ମହୁ ସହିତ ଏହାର ରସକୁ ଖାଇବାକୁ କୁହାଯାଏ । ଯେଉଁ ନାରୀମାନେ ଅନିୟମିତ ଋତୁସ୍ରାବ କିମ୍ବା ଧଳାସ୍ରାବ ଯୋଗୁଁ ଚିନ୍ତିତ ଥାଆନ୍ତି ସେମାନେ ଦିନକୁ ୫-୧୦ ଗ୍ରାମ ଭୂମି ଅଁଳା ସହ କିଛି ହଳଦୀ ଗୁଣ୍ଡକୁ ଚାଉଳ ଧୁଆ ପାଣି ସହ ନେଲେ ଉପଶମ ମିଳିଥାଏ ।

ବିଭାଗୀୟ ମୁଖ୍ୟ ( ରସାୟନ ବିଜ୍ଞାନ )
ଏନ୍ ଏ ସି ମହାବିଦ୍ୟାଳୟ , ବୁର୍ଲା
ମୋ : ୯୪୩୭୧୨୭୮୨୦

# ଦରିଦ୍ର୍ୟଙ୍କ ବଦାନ୍ୟତା



ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସେଦିନ ଥାଏ ଗୁରୁବାର। ରାତି ଅଧ। ହଠାତ୍ ଦିଲ୍ଲୀର ସାହାଦାରର ଏକ ଅଞ୍ଚଳରେ ଲାଗିଗଲା ନିଆଁ। ମୁହୂର୍ତ୍ତକ ଭିତରେ ନିଆଁ ଡ଼େହିଁଲା ଘରକୁ ଘର। ନିଆଁରେ ପୋଡ଼ିହୋଇ ତିନିଜଣ ଲୋକ ମରିଗଲେ। ଅନେକ ପୋଡ଼ିଯାଇ ଆହତ ହୋଇପଡ଼ିଲେ। ଏହି ଘଟଣାଟି ପ୍ରକାଶ ପାଇଥିଲା ଖବରକାଗଜଗୁଡ଼ିକରେ। ପ୍ରକାଶ ପାଇବା ସ୍ୱାଭାବିକ ମଧ୍ୟ। କିନ୍ତୁ ଘଟଣାଟିର ବର୍ଣ୍ଣନାରେ ରହିଥିଲା ଏକ ଉତ୍ସାହପ୍ରଦ ଖବର। ଖବରଟି ହେଲା ନିଆଁ ବ୍ୟାପିଥିବା ବେଳେ କେତେକ ଲୋକ ନିଆଁ ଭିତରକୁ ଧସେଇ ପଶି କେତେକଙ୍କ ଜୀବନ ବଞ୍ଚେଇ ଦେଇଥିଲେ। ଯେଉଁମାନେ ଜଳୁଥିବା ଘରେ ପଶି ସେଠାରେ ଅଟକି ଯାଇଥିବା ଲୋକଙ୍କୁ ଉଦ୍ଧାର କରିଥିଲେ, ସେଇ ଉଦ୍ଧାରକାରୀମାନଙ୍କ ଭିତରୁ କେହି ଉଦ୍ଧାର ପାଇଥିବା ଲୋକମାନଙ୍କ ସଂପର୍କୀୟ ନଥିଲେ କି ସେମାନଙ୍କର କୌଣସି ସାଙ୍ଗସାଥୀ।

ଆଚ୍ଛା, ଭାବିଲେ ଦେଖି। ଏଥିରେ ନୂଆ କଥା ଅବା କଅଣ ଅଛି ? କେଉଁଠି ହଠାତ୍ ନିଆଁ ଲାଗିଯିବାଟା କେଉଁ ନୂଆ ନା ଦେଖଣାହାରିଙ୍କ ଭିତରୁ କେହି କେହି ଜଳନ୍ତା ଘର ଭିତରକୁ ପଶିଯାଇ ନିଆଁ ଘେରରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କରିବା ନୂଆ ? ମାତ୍ର ଏହି ସ୍ୱାର୍ଥପର ଦୁନିଆଟାରେ ସ୍ୱାର୍ଥପର ଲୋକମାନେ ହାଉଯାଉ ହେଉଥିବାବେଳେ ଜଣେ ଜଣେ ନିଜ ଜୀବନକୁ ଖାତରି ନକରି କାହିଁକି ଝାସ୍ ଦିଅନ୍ତି ଏପରି ନିଃସ୍ୱାର୍ଥପର କାମରେ ? ଆପଣ କେବେ ଭାବିଛନ୍ତି ଏ ବିଷୟରେ ?

ଏଭଳି ଦୁଃଖଦାୟକ ଆକସ୍ମିକ ଘଟଣାମାନ ଘଟିଥାଏ ଅସାବଧାନତା ଓ ଅବହେଳା ଯୋଗୁଁ। କିନ୍ତୁ ସମ୍ପୂର୍ଣ୍ଣ ଅନୁକମ୍ପା ତଥା ସହାନୁଭୂତିର ଆକସ୍ମିକ ଆବିର୍ଭାବ ଘଟେ ଘଟଣା ଘଟିଥିବା ସ୍ଥାନଟିରେ, ମୁହୂର୍ତ୍ତକ ଭିତରେ। ସେମାନଙ୍କର ଏଧରଣର ମହତ୍ କାର୍ଯ୍ୟ ଆମକୁ ବିସ୍ମୟରେ ଅନୁଭୂତ କରିଦିଏ। କାରଣ ସେମାନେ ସାଧାରଣ ଭାବରେ ମାମୁଲି ଲୋକ। ସ୍ୱେଚ୍ଛାସେବୀ ଦଳରେ ନାଆଁ ଲେଖେଇନଥାନ୍ତି। ସେମାନଙ୍କୁ ଜାଣିନଥାନ୍ତି ବି କେହି। ମୃତ୍ୟୁମୁଖରୁ ଯାହାକୁ ଉଦ୍ଧାର କରିଥାନ୍ତି, ସେ ତାଙ୍କୁ ଚିହ୍ନିନଥାଏ, କି ଯିଏ ଉଦ୍ଧାର କରେ ସେ ଉଦ୍ଧାର ପାଇଥିବା ଲୋକଙ୍କୁ ଚିହ୍ନିନଥାଏ। ଉଦ୍ଧାର କରିବାର ଭାବନା ପୋଷଣ କରି ସେମାନେ ଘଟଣା ସ୍ଥଳକୁ ଯାଇନଥାନ୍ତି କି ପ୍ରସ୍ତୁତ ହୋଇଯାଇନଥାନ୍ତି ମଧ୍ୟ।

ଆପଣ ଟିକିଏ ଦୃଷ୍ଟି ଫେରାନ୍ତୁ ସାଂପ୍ରତିକ ସାମାଜିକ ଆଚାର ବିଚାରକୁ। ଯିଏ ସମାଜରେ ଯେତେ ଉପରକୁ ଉଠି ଉଠିଯାଏ, ତା'ର ବନ୍ଧୁମାନଙ୍କ ସଂଖ୍ୟା ସେଇ ଅନୁପାତରେ କମିକମି ଆସେ। ତା'ପାଖରେ ଲାଗିଯାଏ ତୋସାମଦିଆଙ୍କ ଭିଡ଼, ହେଲେ ପ୍ରକୃତ ବନ୍ଧୁମାନେ ରହିଯାଆନ୍ତି ଉପକ୍ଷିତ ହୋଇ।

ଅନ୍ୟପକ୍ଷରେ ଆପଣଙ୍କର ଯଦି ପ୍ରତିଷ୍ଠା ନାହିଁ, ନିହାତି ମାମୁଲି, ସମାଜରେ ଆପଣଙ୍କର ପରିଚୟ, ତେବେ ଆପଣଙ୍କ ଚାରିପଟେ ଗହଳି ଲାଗିଥିବା କେବଳ ସାଙ୍ଗସାଥୀମାନଙ୍କର। ଆପଣଙ୍କଠାରୁ କି ଫାଇଦା ମିଳିବ ଯେ ତୋସାମଦିଆମାନେ ଆପଣଙ୍କ ଚତୁର୍ଦ୍ଦିଗରେ ଚକ୍କର କାଟିବେ ? ପ୍ରକୃତରେ ଆପଣ ଯେତେ ବେଶି ଗରିବ, ଆପଣଙ୍କଠାରେ ନାଆଁ କମେଇବାର ପ୍ରବୃତ୍ତି କି ଅନ୍ୟମାନଙ୍କୁ ଅଣଦେଖା କରିବାର ପ୍ରବୃତ୍ତି ସେତେ ଊଣା। ତେଣୁ ଆପଣଙ୍କ ଜୀବନରେ ଯଦି କେବେ ସମସ୍ୟା ଆସି ହାଜର ହୋଇପଡ଼େ, ସେଗୁଡ଼ିକ ଆସିବେ ତ ନିଶ୍ଚୟ, ସେତେବେଳେ ଆପଣଙ୍କର ସେହି ଗରୀବ, ଦୁଃଖୀ ସାଙ୍ଗସାଥୀମାନେ ହିଁ ଆସି ହାଜର ହୋଇପଡ଼ିବେ ଆପଣଙ୍କ ପାଖରେ। ନିଜ ନିଜର ସାମର୍ଥ୍ୟକୁ ଚାହିଁ ବଢ଼େଇଦେବେ ସାହାଯ୍ୟର ହାତ।

ଶୁଣନ୍ତୁ ଏକ ସତ ଘଟଣା। ଏହା କୌଣସି ଖବରକାଗଜରେ ପ୍ରକାଶ ପାଇନାହିଁ। ପାଇବା କଥା ବି ନୁହେଁ। ଦୁଇଜଣ କୁଷ୍ଠରୋଗୀ ଭିକ ମାଗୁଥିଲେ ଗୋଟିଏ ଟ୍ରାଫିକ୍ ଷ୍ଟାଣ୍ଡରେ। ହଠାତ୍ ସେଇଠି ଅଟକି ଥିବା ଗୋଟିଏ କାର ଷ୍ଟାର୍ଟ ବନ୍ଦ ହୋଇଗଲା। ଏହାଦେଖି ସେ ଦୁହେଁ କାର୍ ପାଖକୁ ଧାଇଁଗଲେ। ସେମାନଙ୍କ ହାତରେ କନା ଗୁଡ଼ିଆ ହୋଇଥିଲା। ତେଣୁ କାନ୍ଧ ଲଗେଇ ଦୁହେଁ କାର୍‌ଟିକୁ ପଛରୁ ଠେଲିଚାଲିଲେ। କାର୍‌ଟି ଷ୍ଟାର୍ଟ ହୋଇଗଲା। କାର୍‌ଟି ଧୀରେଧୀରେ ଆଗେଇବାବେଳେ ସେହି କୁଷ୍ଠରୋଗୀ ଦୁଇଜଣ ହାତ ହଲେଇ ବିଦାୟ ଜଣେଇଥିଲେ ଡ୍ରାଇଭରଙ୍କୁ। କିନ୍ତୁ ହାୟ, କାର୍ ଡ୍ରାଇଭର୍ ସେମାନଙ୍କର ଏଭଳି ମହାନ୍ ସେବା ପ୍ରତି ରହିଥିଲେ ସମ୍ପୂର୍ଣ୍ଣ ଉଦାସୀନ। ଟିକିଏ ମୁରୁକି ହସି ବି ପ୍ରକାଶ କରିନଥିଲେ କୃତଜ୍ଞତା।

କାହିଁ ତାଙ୍କ ବାଁ ଡ଼ାହାଣ ଉଭୟ ପଟର କାର୍ ଡ୍ରାଇଭର୍‌ମାନେ ତ ଓହ୍ଲେଇ ଆସି କାର୍ ଠେଲିନଥିଲେ। କାର୍ ଠେଲିନଥିଲେ ଭଲ ଜାମାପ୍ୟାଣ୍ଟ ପିନ୍ଧି ସେବାଟେ ଯାଉଥିବା ପଥଚାରୀମାନେ। ସେମାନଙ୍କ ଭିତରୁ ଯଦି କେହି କାର୍ ଠେଲିବା କାମଟି କରିଥାନ୍ତେ, ତେବେ ଉକ୍ତ ଡ୍ରାଇଭର୍ ତାଙ୍କୁ ଆଦୌ ଉପେକ୍ଷା କରିନଥାନ୍ତେ। 'ଥ୍ୟାଙ୍କସ୍' ବୋଲି କହିଥାନ୍ତେ, ମୁରୁକି ହସାଦେଇ କୃତଜ୍ଞତା ପ୍ରକାଶ କରିଥାନ୍ତେ। ହଁ କି ନାହିଁ?

ସାହସିକ ଏବଂ ଦୁଃସାହସିକ କାର୍ଯ୍ୟପାଇଁ ପ୍ରତିବର୍ଷ ପ୍ରଦତ୍ତ ହୋଇଆସୁଛି ରାଷ୍ଟ୍ରୀୟ ସାହସିକତା ପୁରସ୍କାର। ବୁଡ଼ି ଯାଉଥିବା ନିଜର ଖେଳସାଥୀକୁ ଜଳରୁ ଉଦ୍ଧାର କରିଥିଲା କିଶୋର ବୟସର ଗୌରବ। ସେ ଥିଲା ଗୋଟିଏ ଅତି ଗରିବ ପରିବାରର ପିଲା।

ବାସ୍ତବରେ ପ୍ରଥମ ସାହସିକତା ପୁରସ୍କାର ପ୍ରଦତ୍ତ ହୋଇଥିଲା ୧୯୫୭ମସିହାରେ। ପ୍ରଦାନ କରିଥିଲେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ। ଏହା ପାଇଥିଲା ହରୀଶ ଚନ୍ଦ୍ର ମେହେରା।

ସେତେବେଳକୁ ହରୀଶଙ୍କ ବୟସ ଜମା ୧୪ ବର୍ଷ। ସେ ପୁଣି କାହାର ଜୀବନ ରକ୍ଷା କରିଥିଲେ ? ସେ ଜୀବନ ରକ୍ଷା କରିଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କର। ଗାନ୍ଧୀଜୟନ୍ତୀ ପାଳନ ଅବସରରେ ଗୋଟିଏ ତମ୍ବୁ ଭିତରେ ଅବସ୍ଥାନ କରିଥିଲେ ସେ। ହଠାତ୍ ତମ୍ବୁଟିରେ ନିଆଁ ଲାଗିଗଲା। ନେହେରୁଙ୍କ ସହ ଅନ୍ୟ କେଇଜଣ ନନ୍-ଭି.ଆ.ପି. ରହିଥିଲେ ତମ୍ବୁ ଭିତରେ। ହରୀଶ ହଠାତ୍ ଜଳୁଥିବା ତମ୍ବୁଟିକୁ କାଟି ପକେଇ ସମସ୍ତଙ୍କୁ ବଞ୍ଚେଇ ଦେଇଥିଲେ। ଏହାର କିଛି ଦମକ ପରେ ହରୀଶ ସରକାରୀ ଚାକିରିରୁ ଅବସର ନେଲେ। କି ଚାକିରି କରୁଥିଲେ ହରୀଶ ? ଅବସର ନେଲେ ଜଣେ ମାମୁଲି କିରାଣି ଭାବରେ- ଅଜଣା, ଅଶୁଣା, ଅପରିଚିତ। ତାଙ୍କ ସାହସିକତାକୁ ପ୍ରଧାନମନ୍ତ୍ରୀଙ୍କ ଜୀବନ ବଞ୍ଚେଇଦେଇଥିବା ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ, ସମସ୍ତେ ପାସୋରି ଦେଇଥିଲେ। ତାହା ମନେରଖିଥିଲେ କେବଳ ହରୀଶ !

୧୯୮୮ ମସିହାରେ ସ୍ଥାପିତ ହୋଇଥିଲା ଅନ୍ୟ ଏକ ସାହସିକତା ପୁରସ୍କାର- ବିଖ୍ୟାତ 'ବାପୁ ଗାଇଧାନୀ ପୁରସ୍କାର'। ସେହି ବାପୁ ଗାଇଧାନୀ କିଏ ? ତାଙ୍କର ପ୍ରକୃତ ପରିଚୟ ଅସ୍ପଷ୍ଟ। କୁହାଯାଏ ଯେ ନାସିକରେ ଥରେ ଲାଗିଗଲା ଭୟଙ୍କର ନିଆଁ। ରାସ୍ତାରେ ଯାଉଥିବା ଅଜଣା ଲୋକଟିଏ ହଠାତ୍ ନିଆଁ ଭିତରକୁ ଧସେଇ ପଶି ନିଶ୍ଚିତ ମୃତ୍ୟୁମୁଖରୁ ଅନେକଙ୍କୁ ରକ୍ଷା କରିଥିଲା। ହଠାତ୍ ତା' କାନରେ ପଡ଼ିଲା ଗାଈମାନଙ୍କ ବିକଳ ବୋବାଳି। ନିଆଁ ମାଡ଼ିଚାଲିଥିଲା ଗାଈଗୁଡ଼ିକୁ ଗ୍ରାସ କରିବା ପାଇଁ। ଲୋକଟି କୌଣସି ମତେ ଗାଈଗୁଡ଼ିକୁ ନିଆଁ କବଳରୁ ମୁକୁଳେଇ ଦେଲାସିନା, କିନ୍ତୁ ନିଜେ ହୋଇଗଲା ନିଆଁର ଶିକାର ! ଗାଈମାନଙ୍କର ପ୍ରାଣ ରହିଯାଇଥିବାରୁ ପୁରସ୍କାରର ନାଁ ରହିଛି 'ଗାଇଧାନୀ'। କିନ୍ତୁ ଯିଏ ଗାଈମାନଙ୍କ ପ୍ରାଣ ରକ୍ଷା କରିଥିଲେ ତାଙ୍କ ନାଆଁକୁ କେହି ମନେରଖିନାହାନ୍ତି। ଏହାପରେ ଆସନ୍ତୁ ସଞ୍ଜୟ ଚୋପ୍ରା ଏବଂ ଗୀତା ଚୋପ୍ରା ସାହସିକତା ପୁରସ୍କାର ପ୍ରସଙ୍ଗକୁ। ଯେଉଁମାନେ ଅସାଧାରଣ ଦୁଃସାହସିକ ଦୃଷ୍ଟାନ୍ତ ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଅଦ୍ୟାବଧି କେତେଶହ ଦୁଃସାହସୀ ପିଲା ଏହି ପୁରସ୍କାର ଲାଭ କରିସାରିଲେଣି। କିନ୍ତୁ ଯଦି ସମସ୍ତଙ୍କୁ ଏକତ୍ର ବିଚାରି ସେମାନଙ୍କ ଖୋଜଖବର ସଂଗ୍ରହକରି ତା'ର ପର୍ଯ୍ୟାଲୋଚନା କରାଯାଏ, ତେବେ ଦେଖାଯିବ ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସମାଜର ନିମ୍ନବର୍ଗ ପରିବାରର; ବିଶେଷ ସ୍ୱଚ୍ଛଳ ପରିବାରର ପିଲା ନୁହନ୍ତି।

ସାହସିକତାର ବଣ୍ଟନରେ କୌଣସି ପକ୍ଷପାତିତା କରାଯାଏ ନାହିଁ। ସମସ୍ତେ ସାହସୀ, କିନ୍ତୁ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ନିଜ ଜୀବନକୁ ବିପନ୍ନ କରିବାରେ ବି କୁଣ୍ଠିତ ହେଉନଥିବା ମନୋଭାବ ମୁଖ୍ୟତଃ ପ୍ରକାଶ ପାଇଥାଏ ସମାଜରେ ପ୍ରତିଷ୍ଠା ନଥିବା ବ୍ୟକ୍ତିମାନଙ୍କଠାରେ।

ସେଥିପାଇଁ ଆପଣ ଲକ୍ଷ୍ୟ କରିଥିବେ ଯେ ଯେଉଁମାନେ ଧୋବଧାଉଳିଆ ବାବୁ ବର୍ଗର ନୁହନ୍ତି, ଅତି ସରଳ, ସେମାନେ ମାତ୍ର ଅଳ୍ପ ସମୟ ଭିତରେ ନିଜ ନିଜ ଭିତରେ ବନ୍ଧୁତ୍ୱ ସ୍ଥାପନ କରି ପାରସ୍ପରିକ ଭାବ ଆଦାନପ୍ରଦାନରେ ଜଡ଼ିତ ହୋଇପଡନ୍ତି। ସମସ୍ତଙ୍କୁ ବିଶ୍ୱାସ କରନ୍ତି। କାହାସହ ଅଶାଳୀନ ଆଚରଣ ପ୍ରଦର୍ଶନ କରିନଥାନ୍ତି। ପରସ୍ପରକୁ ସାହାଯ୍ୟ କରିବା ନିମନ୍ତେ ଆଗଭର ହୋଇ ବାହାରି ପଡ଼ନ୍ତି। ଆପଣମାନେ ଦେଖିନାହାନ୍ତି ଡ୍ରାଇଭରନଙ୍କୁ ? ସେମାନେ କେହି କାହାକୁ ପୂର୍ବରୁ ଚିହ୍ନି ନଥାନ୍ତି। କିନ୍ତୁ ବାବୁମାନେ ଗାଡ଼ିରୁ ଓହ୍ଲେଇ ପଡ଼ି ଚାଲିଯିବାପରେ ଅପେକ୍ଷା କରିବା ଅବସରରେ ଡ୍ରାଇଭରମାନେ ନିଜ ନିଜ ଭିତରେ ଜମେଇ ଦିଅନ୍ତି ବନ୍ଧୁତା। ଏହା ବି ଆପଣ ଦେଖିଥିବେ, ଡ଼ାକ୍ତରଖାନାରେ ରହିଥିବା ରୋଗୀଙ୍କ ଆତ୍ମୀୟମାନେ କୌଣସି ବାଛବିଚାର ନକରି ପ୍ରତ୍ୟେକ ରୋଗୀ ଏବଂ ରୋଗୀ ପାଖରେ ରହୁଥିବା ଲୋକଙ୍କୁ ସବୁପ୍ରକାର ସାହାଯ୍ୟ କରିଥାନ୍ତି ବଡ଼ ଖୁସି ମନରେ।

ଟ୍ରେନରେ ପ୍ରଥମ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ଯାତ୍ରା ଆରମ୍ଭରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ତୁଣ୍ଡ ଖୋଲୁନଥିବା ବେଳେ ଦ୍ୱିତୀୟ ଶ୍ରେଣୀର ସାଧାରଣ ବଗିରେ ଯାତ୍ରା କରୁଥିବା ଯାତ୍ରୀମାନେ ଅଳ୍ପ କେଇମିନିଟ୍ ଭିତରେ ଜାଣି ନିଅନ୍ତି ପରସ୍ପରର ଠିକଣା ଓ ଗନ୍ତବ୍ୟ ସ୍ଥଳ ବିଷୟରେ। ପରେ ପରେ ଆରମ୍ଭ ହୋଇଯାଏ ଖାଦ୍ୟର ଆଦାନପ୍ରଦାନ। ବିନା ସଂକୋଚରେ ବି ଆଲୋଚନା କରିଥାନ୍ତି ନିଜ ନିଜର ପରିବାର କଥା, ଭଲମନ୍ଦ କଥା। ସୁତରାଂ ଆମ ସମାଜରେ ଯଦି କିଛି ବନ୍ଧନ ଥାଏ, ତାହା ପ୍ରଧାନତଃ ପ୍ରକାଶ ପାଇଥାଏ ନଥିଲା ବାଲାଙ୍କ ଗୋଷ୍ଠୀରେ, କୌଣସି ପ୍ରତ୍ୟାଶା ନରଖି। ଏହାହିଁ ଯଥାର୍ଥ ନାଗରିକତା ! ବିତ୍ତଶାଳୀମାନେ ଏହାର ବହିର୍ଭୁତ।

ଆପଣମାନେ ଜାଣନ୍ତି କି ଆମ ସହରଗୁଡ଼ିକର ବସ୍ତି ଅଞ୍ଚଳମାନ ଏବେ ହୋଇଉଠିଲାଣି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ? ବିଦେଶରୁ ପର୍ଯ୍ୟଟକମାନେ ଆସି ପହଞ୍ଚିଗଲେ ସେମାନଙ୍କ ଆଖିରେ ପଡୁଛି ପର୍ଯ୍ୟଟନ ପାଇଁ ବ୍ୟବସ୍ଥା କରୁଥିବା ସଂସ୍ଥାଗୁଡ଼ିକର ବିଜ୍ଞାପନ। ବିଜ୍ଞାପନ 'ସ୍ଲମ୍ ଟ୍ରିପ୍ସ'ର ବା 'ବସ୍ତି ଅଞ୍ଚଳ ବୁଲେଇ ଦେଖେଇବାର ବ୍ୟବସ୍ଥା'। ଯେଉଁ ବିତ୍ତଶାଳୀ ବିଦେଶୀ ପର୍ଯ୍ୟଟକ 'ଦରିଦ୍ର୍ୟ' ବୋଇଲେ କଅଣ, ଏହା ଆଦୌ ଜାଣନ୍ତି ନାହିଁ କି ଦେଖିନାହାନ୍ତି, ସେମାନେ 'ଦରିଦ୍ର୍ୟ ଦର୍ଶନ' କରିବା ନିମନ୍ତେ କୌତୁହଳୀ ହୋଇଉଠିବାରେ ଅସ୍ୱାଭାବିକତା ଅବା କଅଣ ଅଛି ? ଦରିଦ୍ରର ନଙ୍ଗଳା ଦେହକୁ ସ୍ଲମ୍ ବିନା ଆଉ କେଉଁଠି କଅଣ ଏତେ ସ୍ପଷ୍ଟ ଭାବରେ ଦେଖିବା ପାଇଁ ମିଳିବ ? ମାତ୍ର ବସ୍ତି ଅଞ୍ଚଳ ବୁଲି ଦେଖିସାରିବା ପରେ ସେମାନଙ୍କର ପ୍ରତିକ୍ରିୟା ? ସେଠାକାର ଦାରିଦ୍ର୍ୟ ସେମାନଙ୍କଠାରେ ବିଷାଦ କି ବରକ୍ତି ଉଦ୍ରେକ କରିନଥାଏ। ଉଦ୍ରେକ କରିଥାଏ ବିରାଟ ବିସ୍ମୟ ! ବିସ୍ମୟ କେଉଁଥିପାଇଁ ? ଏଇଥିପାଇଁ ଯେ ଏତେ ଦୁଃଖ କଷ୍ଟ ଭିତରେ ଜୀବନ ବିତାଉଥିଲେ ବି ଅନେକଙ୍କ ମୁହଁରେ ଅମଳିନ, ଅକୃତ୍ରିମ ହସ, ଓ କେତେ ନା କେତେ ଖୁସି। ଏଭଳି ହସଖୁସିର ରହସ୍ୟ ? ଏହାହିଁ କଅଣ ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ ?

ନା, ତାହା ନୁହେଁ। ବାସ୍ତବ କଥା ହେଉଛି, ଦାରିଦ୍ର୍ୟ ହେଉଛି ବନ୍ଧୁତା ସ୍ଥାପନର ଏକ ସୁଦୃଢ଼ ସେତୁ ସଦୃଶ। ଏଭଳି ଅନୁଭବ ପ୍ରାଚୁର୍ଯ୍ୟଶାଳୀମାନଙ୍କ ପାଇଁ ଅପହଞ୍ଚ। କାରଣ ଦରିଦ୍ର ଲୋକଙ୍କ ଦେହରେ ଆସନ ପାତିଛି କୋଟିପତି ଭଳି ଅନୁଭବ କରୁଥିବାର ଏକ ହୃଦୟ !

**'ଅଭୀପ୍ସା', ସେକ୍ଟର୍-୬, ପ୍ଲଟ୍ ନଂ- ୧୧୩୧,**
**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**

# କଥା ରହିଗଲା କାଳକାଳକୁ



ରବୀନ୍ଦ୍ରନାଥ ପ୍ରଧାନ

ଅନେକ ବର୍ଷ ତଳର କଥା। ସେତେବେଳେ ସାରା ଦେଶରେ ରାଜା ରାଜୁଡ଼ା ଶାସନ ଚାଲିଥାଏ। ଆମ ଓଡ଼ିଶା ବି ଅନେକ ଭାଗରେ ବିଭକ୍ତ ହୋଇଥିଲା। ଖଣ୍ଡେ ଖଣ୍ଡେ ଭାଗକୁ ଜଣେ ଜଣେ ରାଜା ଶାସନ କରୁଥାନ୍ତି। ସେତେବେଳେ ରାଜା ମର୍କତ କେଶରୀ ଏକ ଭୂଖଣ୍ଡକୁ ଶାସନ କରୁଥିଲେ। ତା'ର ରାଜଧାନୀ ଥିଲା କଟକ ସହର।

ରାଜା ମର୍କତ କେଶରୀ ପ୍ରଜାଙ୍କ ପଇସାରେ ବିଳାସ ବ୍ୟସନରେ ମାତିଥାନ୍ତି। ପ୍ରଜାଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ତାଙ୍କର ଧ୍ୟାନ ନଥାଏ।

ଅତୀତରେ କଟକ ସହର ଅବସ୍ଥା ସେତେ ଭଲ ନଥିଲା।

ଶୁଣ ସେ କଥା - "ବର୍ଷାଦିନେ ମହାନଦୀରେ ବଢ଼ି
ଆସି ଯେବେ ଯାଏ କଟକ ବୁଡ଼ି
ଧନ ଜୀବନ ବିପନ୍ନ
ହୁଏ କେତେ ରାଜା ଜାଣନ୍ତିନି କିଛି
ଚାଲେ ଏମିତି ଶାସନ।"

କଟକବାସୀଙ୍କ ବିପତ୍ତି କଥା ରାଜାଙ୍କୁ ଜଣେଇବା ପାଇଁ କେହି ସାହାସ କରନ୍ତି ନାହିଁ। କହିଲେ କାଳେ କଠୋର ଦଣ୍ଡ ମିଳିଯିବ। ଏଥିପାଇଁ ରାଜାଙ୍କର ବି ଚିନ୍ତା ନଥାଏ।

ଦିନକର କଥା। ସହରବାସୀଙ୍କ ଚିନ୍ତା ଜଣେ ଭିକାରୀ ମୁଣ୍ଡରେ ପଶିଲା। ସେ' କ'ଣ କଲା ଏବେ ସେକଥା ଶୁଣ -

"ବାଇମୁଣ୍ଡି ନାମେ ଭିକାରୀଟିଏ
କଟକବାସୀଙ୍କ ଚିନ୍ତାରେ ଥାଏ
ମନକୁ ନେଲା ଏକଥା
ଭାବିଲା ରାଜାଙ୍କୁ ଦେବ ମହାଶିକ୍ଷା
କଟିଯାଉ ପଛେ ମଥା।"

ବାଇମୁଣ୍ଡି ମନେ ମନେ ଭାବିଲା, ତା'ର ଘରଦ୍ୱାର କି ପିଲାଛୁଆ ନାହାନ୍ତି। କାହା ପାଇଁ ସେ ଲୋଭ କରିବ? ଦିନେନା ଦିନେ ନିଶ୍ଚୟ ତା'ର ମୃତ୍ୟୁ ହେବ। ପଛରେ କେହି କାନ୍ଦିବେ ନାହିଁ। ସୁତରାଂ ଭଲକାମଟିଏ କରି ଯଦି ତା'ର ମୃତ୍ୟୁହୁଏ, ସମସ୍ତେ ଝୁରିବେ। କଥା କାଳକାଳକୁ ରହିଯିବ। ଏହିକଥା ମନରେ ବିଚାରୀ ଭିକାରୀ ବୁଢ଼ା ଠିକ୍ କଲା, କଟକର ସମସ୍ୟା ନିଶ୍ଚୟ ରାଜାଙ୍କ କାନରେ ପକେଇଦେବ।

ଠିକ୍ ସେଇଦିନ ରାଜାଙ୍କ ନଗର ଭ୍ରମଣ ବେଳର କଥା -

"ରାଜା ବସିଥାନ୍ତି ହାତୀ ପିଠିରେ
ଥାଟବାଟ ଚାଲିଥାନ୍ତି ସାଥିରେ
ବୁଢ଼ା ଠିଆହେଲା ଆଗେ
କିଏ ତୁହି ପଥ ଓଗାଳିଲୁ କିଆଁ
କହିଲେ ସଇନେ ରାଗେ।"

ସାଙ୍ଗେ ସାଙ୍ଗେ ବୀରବାଦ୍ୟ ବନ୍ଦ ହୋଇଗଲା। ଶୋଭାଯାତ୍ରା ଅଧାବାଟରେ ଅଟକିଗଲା। ମଳିମୁଣ୍ଡିଆ ଭିକାରୀର ଅପୂର୍ବ ସାହସ ଦେଖି ସମସ୍ତେ ଚକିତ ହୋଇଗଲେ। ଦେଖଣାହାରୀଏ ମନେମନେ ଭାବୁଥିଲେ ବିଚରା ଭିକାରୀ ବୁଢ଼ାଟା ମଲା। କି ଦରକାର ଥିଲା ରାଜାଙ୍କ ଆଗରେ ଠିଆ ହେବା?

ଏତିକିବେଳେ ସିପାହୀମାନେ ବୁଢ଼ାକୁ ବାନ୍ଧି ନେବାକୁ ଚାହୁଁଥିଲେ। ମାତ୍ର ରାଜାଙ୍କ ବାରଣ ଯୋଗୁଁ ଛାଡ଼ିଦେଲେ। ଓଲଟି କହିଲେ, "ବୁଢ଼ା କ'ଣ କହିବାକୁ ଚାହୁଁଛି କହିବାକୁ ଦିଅ। ଏରାଜ୍ୟରେ ସକଳ ପ୍ରଜାଙ୍କର କହିବାର ଅଧିକାର ଅଛି। ସୁତରାଂ ତା' ଅଧିକାର ସେ ସାବ୍ୟସ୍ତ କରୁ।"

ରାଜାଙ୍କ ଆଦେଶ ସମସ୍ତଙ୍କୁ ସ୍ତମ୍ଭିତ କରିଦେଲା। କାରଣ ଏଡ଼େ ନିଷ୍ଠୁର ଜଣାପଡୁଥିବା ରାଜା ଏତେ ଦୟାଳୁ ହେଲେ କିପରି? ଏଥର ଭିକାରୀର ଦୁଃଖ ଶୁଣିବା ପାଇଁ ସମସ୍ତେ ବ୍ୟଗ୍ର ହୋଇଉଠିଲେ।

କିନ୍ତୁ, ଭିକାରୀ ବୁଢ଼ାର ଦୁଃଖ ନିଜପାଇଁ ନଥିଲା, ଥିଲା କଟକ ବାସୀଙ୍କ ପାଇଁ। ସୁତରାଂ ସେ ରାଜାଙ୍କୁ କରଯୋଡ଼ି ସେ ଦୁଃଖ ଜଣାଇଲା -


"ହଜୁର ମୋ ନାମ "ବାଇମୁଣ୍ଡି" ମୋର
ଗୁହାରି କରନ୍ତୁ ଘେନା,
କଟକବାସୀଙ୍କ ଦୁଃଖ ବଢ଼ିଯାଏ
ନଦୀରେ ଆସିଲେ ବନ୍ୟା।
ସହରକୁ ଘେନି ପଥର ବନ୍ଧଟେ
ନିର୍ମାଣ କରାଇଦେଲେ,
ଘୁଞ୍ଚିଯିବ ନିଶ୍ଚେ ବିପତ୍ତି କହୁଛି
ମୋର ଏ କ୍ଷୁଦ୍ର ବୁଦ୍ଧିରେ।
ନିଅନ୍ତୁ ମୋର ଭିକ୍ଷାବୃତ୍ତି ଅର୍ଥ
କିଞ୍ଚିତ ଏହି ସଞ୍ଚୟ,
ବନ୍ଧବନ୍ଧା କାମ ଲାଗିଗଲେ ଏହା
ମଣିବି ଜୀବନ ଶ୍ରେୟ।"

ବାଇମୁଣ୍ଡି ତୁଣ୍ଡରୁ ଏଭଳି କଥାଶୁଣି ରାଜା ମର୍କତ କେଶରୀ ତୁରନ୍ତ ହାତୀ ପିଠିରୁ ଓହ୍ଲାଇ ପଡ଼ିଲେ। ବୃଦ୍ଧଙ୍କୁ କୋଳାଗ୍ରତ କରି କହିଲେ, "ଧନୀ ତୁମେ ବାଇମୁଣ୍ଡି। ତୁମର ବୁଦ୍ଧିକୁ ମୁଁ ଶତ ପ୍ରଣାମ ଜଣାଉଛି। ଆଜି ତୁମେ ମୋର ଆଖି ଖୋଲିଦେଇଛ।" ଏହାପରେ ରାଜାଙ୍କ ଆଦେଶରେ କଟକ ସହରକୁ ଘେରି ପଥର ବନ୍ଧ ନିର୍ମାଣ ହେଲା। କଟକବାସୀ ସବୁଦିନ ଲାଗି ବନ୍ୟା ବିପତ୍ତିରୁ ରକ୍ଷା ପାଇଲେ। ସେଦିନର ସେଇ ପଥର ବନ୍ଧକୁ ଆଜି ଦେଖିଲେ ମନେପଡ଼େ - "କଟକର ଚିନ୍ତା ବାଇମୁଣ୍ଡିକୁ, କଥା ରହିଗଲା କାଳକାଳକୁ।"

ବାସ୍ତବିକ୍ ଏକଥା ସତ୍ୟ ଯେ –
"କଟକ ସହର ଚିନ୍ତାଥିଲା ଦିନେ
ବାଇମୁଣ୍ଡି ବୁଢ଼ା ଭିକାରୀ ପାଇଁ
ମର୍କତ କେଶରୀ ରାଜାଙ୍କର ଯିଏ
ଖୋଲି ଦେଇଥିଲା ଆଖିରେ ଭାଇ।
ସେଇଦିନୁ ରାଜା ଛାଡ଼ି ସ୍ୱାର୍ଥ ଚିନ୍ତା
କଟକ ଉନ୍ନତି କାମନା କଲେ
ଆଜି ଆମେ ଭାଇ ସ୍ୱାର୍ଥପର ସାଜି
ବାଇମୁଣ୍ଡିଠାରୁ କ'ଣ ଶିଖିଲେ ?"

**ଖମାରସାହି, ବାଣପୁର, ଖୋରଧା**
**ମୋ:୯୬୬୮୫୬୦୬୪୫**

# ଠିକ୍ କହିବା-ଠିକ୍ ଲେଖିବା



**ତ୍ରିଲୋଚନ ମହାପାତ୍ର**

- ବିଭକ୍ତି ଚିହ୍ନ ଶବ୍ଦ ସହିତ ସଂଯୁକ୍ତ ରହିବ, ବିଯୁକ୍ତ ନୁହେଁ। ଚିହ୍ନ – ଟି, ମାନେ, ଗୁଡ଼ିକ, ମାନଙ୍କୁ, ରେ, ଦ୍ୱାରା, ଙ୍କୁ, ରୁ, ର, ଙ୍କର, ଠାରେ, ଗଛଟି, ବାଳକମାନେ, ଗାଈଗୁଡ଼ିକ, ଲୋକମାନଙ୍କୁ, ଡଙ୍ଗାରେ, ସେମାନଙ୍କଦ୍ୱାରା, ଭିକାରୀକୁ, ଗଛରୁ, ରାମର, ବନ୍ଧୁଙ୍କର, ନଦୀରେ, ତାଙ୍କଠାରେ।
- ବିଶେଷ୍ୟ – ବିଶେଷଣ ବ୍ୟବହାରେ ସତର୍କତା।

| ବିଶେଷଣ | ବିଶେଷ୍ୟ |
|---|---|
| ଦରିଦ୍ର | ଦାରିଦ୍ର୍ୟ / ଦରିଦ୍ରତା (ଦାରିଦ୍ର୍ୟତା ନୁହେଁ) |
| ସୁନ୍ଦର | ସୌନ୍ଦର୍ଯ୍ୟ / ସୁନ୍ଦରତା |
| ଦୀନ | ଦୈନ୍ୟ / ଦୀନତା |
| ସୁଜନ | ସୌଜନ୍ୟ / ସୁଜନତା (ସୌଜନ୍ୟତା ନୁହେଁ) |

- ମାଂସ, ଅଂଶ, ବଂଶ, ସାରାଂଶ, ଆଜି ଲେଖିବାବେଳେ ମନେ ରଖିବା – ସ /ଶର ପୂର୍ବ ବର୍ଣ୍ଣରେ 'ଂ' ଅନୁସ୍ୱାରେ ରହିବ।
- 

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସାହାସ | ସାହସ |
| ସାହାର୍ଯ୍ୟ | ସାହାଯ୍ୟ |
| ମର୍ଯ୍ୟଦା | ମର୍ଯ୍ୟାଦା |
| ସନ୍ମାନ (ସନମାନ) | ସମ୍ମାନ |
| ମହାତ୍ମ୍ୟ | ମାହାତ୍ମ୍ୟ |
| ଆନ୍ତର୍ଜାତୀୟ | ଅନ୍ତର୍ଜାତୀୟ |
| ବ୍ୟାବହାରିକ | ବ୍ୟବହାରିକ |
| ସୁଭାସ | ସୁଭାଷ |
| ସୁବାଷ | ସୁବାସ |

**ଶ୍ରୀହରି ବିହାର, ଜଟଣୀ**
**ମୋ : ୯୯୩୮୯୯୪୮୨୨**

# ଫକୀରମୋହନ ତୁମକୁ କୋଟି ନମସ୍କାର



**ଡ. ପୂର୍ଣ୍ଣଚନ୍ଦ୍ର ଓଝା**

ଫରଫର ତବ କୀରତିକେତନ
ଉଡ଼େ ଉତ୍କଳଗଗନେ,
କୀର୍ତ୍ତିଶେଷସମ ଆଜି କିନ୍ତୁ ରାଜ୍ୟ
ବିଳପେ ତବ ବିହୁନେ।

ରଖିଗଲ ମାନ ଉତ୍କଳମାତାର
ସ୍ୱତନ୍ତ୍ର କରି ତା' ଭାଷା,
ମୋହିଲ ସଭିଙ୍କୁ ସାହିତ୍ୟ ଜଗତେ
ହୋଇ ତା' ସାହା ଭରଷା।
ହଜିନାହିଁ ଆଜି ଓଡ଼ିଆର ମନୁ
'ପୁଷ୍ପମାଳା' 'ଉପହାର',
ନରମି ଯାଇନି 'ରେବତୀ'ର ସ୍ୱର
'ଛମାଣ ଆଠଗୁଣ୍ଠ'ର।

ସେନାନୀପଣରେ 'ଲଛମା' 'ମାମୁଁ'କୁ
କରାଇଲ ଯଶସ୍ୱାନ,
ନାମ ରଖିଗଲ 'ମହାଭାରତ'ରେ
ପଦ୍ୟେ ଲେଖି 'ରାମାୟଣ'।

ପରାସ୍ତ ହୋଇନ 'ଜୀବନ ଚରିତେ'
ଆହେ ସେନାପତି ବୀର,
ତିରୋହିତ ତବହେଲେ ବି ଶରୀର
ରହିଛ ହୋଇ ଅମର।
ତୁମକୁ କୋଟି ନମସ୍କାର,
ତୁମକୁ କୋଟି ନମସ୍କାର।।

**ସଭାପତି**
**କଳିଙ୍ଗ ସାହିତ୍ୟ ଏକାଡ଼େମୀ**
**ବହୁଗ୍ରାମ, କଟକ**
**ପିନ୍- ୭୫୪୨୦୦**



# ନିଷ୍କାମକର୍ମ

ଅଜୟ କୁମାର ସାହୁ

ସେବାରୂପକ ନୂତନ କର୍ମକରି କେବଳ ନିଜର ଉଦ୍ଧାର କରିବା ପାଇଁ ଭଗବାନ ଏ ଅନ୍ତିମ ମନୁଷ୍ୟ ଜନ୍ମଟି ଦେଇଛନ୍ତି । ନୂତନ କର୍ମ କରିବାର ଅଧିକାର କେବଳ ମନୁଷ୍ୟର ଅଛି । ମନୁଷ୍ୟ ନିଜ ପାଇଁ କର୍ମ କଲେ ବନ୍ଧନରେ ପଡିଯିବ ଏବଂ ଯଦି କର୍ମ ନକରି ଆଳସ୍ୟ ଓ ପ୍ରମୋଦରେ ବୁଡି ରହିବ ତେବେ ସେ ବାରମ୍ବାର ଜନ୍ମ ଗ୍ରହଣ କରୁଥିବ ଓ ମୃତ୍ୟୁ ମୁଖରେ ପଡୁଥିବ । ତେଣୁ ଭଗବାନ ଗୀତାରେ କହିଛନ୍ତି ଯେ କେବଳ ସେବାରୂପକ କର୍ତ୍ତବ୍ୟ-କର୍ମ କରିବାରେ ହିଁ ତୁମର ଅଧିକାର ଅଛି ।

ପ୍ରଥମତଃ ମନୁଷ୍ୟର ସମ୍ମୁଖକୁ ପୁରୁଣା କର୍ମର ଫଳରୂପେ ଅନୁକୂଳ ପ୍ରତିକୂଳ ପରିସ୍ଥିତି ଆସିଥାଏ । ଦ୍ୱିତୀୟତଃ ସେ ନୂତନ କର୍ମ କରିଥାଏ । ନୂତନ କର୍ମାନୁସାରେ ହିଁ ଭବିଷ୍ୟତ ନିର୍ମିତ ହୋଇଥାଏ । ମାତ୍ର ପୂର୍ବକର୍ମର ଫଳ ସ୍ୱରୂପ ଆସନ୍ନ ଅନୁକୂଳ-ପ୍ରତିକୂଳ ପରିସ୍ଥିତିକୁ ବଦଳାଇବାରେ ଇଏ ପରତନ୍ତ୍ର। ତାତ୍ପର୍ଯ୍ୟ ହେଲା ମନୁଷ୍ୟ କର୍ମ କରିବାରେ ସ୍ୱତନ୍ତ୍ର ଏବଂ ଫଳ ପ୍ରାପ୍ତିର ପରତନ୍ତ୍ର । କିନ୍ତୁ ଅନୁକୂଳତା ଓ ପ୍ରତିକୂଳତା ରୂପେ ପ୍ରାପ୍ତ ପରିସ୍ଥିତିର ସଦୁପଯୋଗ କରି ମନୁଷ୍ୟ ତାହାକୁ ନିଜର ଉଦ୍ଧାର ସାଧନ ସାମଗ୍ରୀରେ ପରିଣତ କରିପାରେ, କାରଣ ନିଜର ଉଦ୍ଧାର ପାଇଁ ଏହି ମନୁଷ୍ୟ ଶରୀର ମିଳିଛି । ତେଣୁ ଏଥିରେ ନୂତନ ପୁରୁଷାର୍ଥ ମଧ୍ୟ ଉଦ୍ଧାର ପାଇଁ ଉଦ୍ଦିଷ୍ଟ ଓ ପୁରାତନ କର୍ମର ଫଳରୂପେ ପ୍ରାପ୍ତ ପରିସ୍ଥିତି ମଧ୍ୟ ଉଦ୍ଧାର ପାଇଁ ଉଦ୍ଦିଷ୍ଟ । ଆମେ କେବଳ ନିଜର ସୁଖ ଓ ସଂଗ୍ରହ ଭୋଗ ପାଇଁ ଆମ ଶରୀରକୁ ଉପଯୋଗ କରି ଆସିଛେ । ଏଣୁ ସଂସାର ନିକଟରେ ଆମେ ଋଣୀ । ସେହି ଋଣ ପରିଶୋଧ ପାଇଁ ଆମକୁ କେବଳ ସଂସାରର ହିତ ଉଦ୍ଦେଶ୍ୟରେ କର୍ମ କରିବାକୁ ପଡିବ । ଫଳେଚ୍ଛାରଖି କର୍ମ କଲେ ପୂର୍ବର ଋଣ ପରିଶୋଧ ହୁଏ ନାହିଁ ବରଂ ଆହୁରି ନୂଆ ଋଣ ହୋଇଯାଏ । ଅନ୍ୟମାନଙ୍କପାଇଁ କର୍ମକଲେ ପୁରୁଣା ଋଣ ପରିଶୋଧ ହୋଇଥାଏ ଏବଂ ନିଷ୍କାମ ଭାବରେ କର୍ମ କଲେ ନୂଆ ଋଣ ହୁଏ ନାହିଁ । ଏହି ଦୃଷ୍ଟିରୁ ଜନ୍ମ ମୃତ୍ୟୁର ମୁକ୍ତି ପାଇଁ ସମସ୍ତେ କର୍ମଯୋଗ ପାଳନ କରିବା ବିଧେୟ ।

ମନୁଷ୍ୟ କର୍ମ ଫଳର ହେତୁ ମଧ୍ୟ ହେବା ଉଚିତ୍ ନୁହେଁ ଏବଂ କର୍ମ ନକରିବା ପ୍ରତି ମଧ୍ୟ ତାର ଆସକ୍ତି ରହିବା ଠିକ୍ ନୁହେଁ । ସବୁ କର୍ମ ଅନିତ୍ୟ ଅର୍ଥାତ୍ ତାହାର ଆରମ୍ଭ ଏବଂ ଶେଷ ଅଛି । ତେଣୁ ସେହି କର୍ମରୁ ମିଳୁଥିବା ଫଳମଧ୍ୟ ଅନିତ୍ୟ । ଏହି ଦୃଷ୍ଟିରୁ କର୍ମଯୋଗୀ କର୍ମ ବା କର୍ମ ଫଳ ସହିତ ସମ୍ବନ୍ଧ ରଖେ ନାହିଁ । କର୍ମଫଳ ଭବିଷ୍ୟ ସହିତ ସମ୍ବନ୍ଧିତ । ଏଣୁ ଫଳ ପାଇବାରେ କାମନା ରଖିଲେ ତାହା ଭାବୀ ଜନ୍ମର କାରଣ ହୋଇଥାଏ । କର୍ମଯୋଗୀ ଆରମ୍ଭରୁହିଁ ନିଷ୍କାମ ଭାବରେ ଅନ୍ୟମାନଙ୍କର ସେବାରେ ପ୍ରବୃତ୍ତ ରହିଲେ ଭୋଗ ଓ ସଂଗ୍ରହରୁ ତାର ଆସକ୍ତି ଆପେ ଆପେ ନଷ୍ଟ ହୋଇଯାଇଥାଏ । ଫଳ ସ୍ୱରୂପ ସେ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥାଏ । ଗୀତାରେ ଉଲ୍ଲେଖ ଅଛି, 'କର୍ମଣ୍ୟେବାଧିକାରସ୍ତେ, ମାଫଳେଷୁ କଦାଚନ', ଅର୍ଥାତ୍ ନିଜର କର୍ତ୍ତବ୍ୟ ପାଳନ କରିବା ଆମର ଅଧିକାର କିନ୍ତୁ ତାହାର ଫଳରେ ନୁହେଁ । ନିଜର କଲ୍ୟାଣ ଇଚ୍ଛା କରିବା ଭଲ କଥା, ତଥାପି ସଂସାରର କଲ୍ୟାଣ ଇଚ୍ଛା କରିବା ତାହାଠାରୁ ଆହୁରି ଭଲ କଥା, ସଂସାରର କଲ୍ୟାଣଠାରୁ ନିଜର କଲ୍ୟାଣକୁ ଭିନ୍ନ ମାନିବା ଭୁଲ ଚିନ୍ତାଧାରା। ବାସ୍ତବରେ ସଂସାର କଲ୍ୟାଣ କାମନାରେ ହିଁ ସ୍ୱ କଲ୍ୟାଣ ସ୍ୱାଭାବିକ ଭାବେ ନିହିତ ଥାଏ । ଅତଏବ ବ୍ୟକ୍ତି ଯେ କୌଣସି ଦେଶ, କାଳ, ପରିସ୍ଥିତି ଇତ୍ୟାଦିରେ ରହିଥାଉନା କାହିଁକି ସେ ସ୍ୱାର୍ଥ, ଅଭିମାନ, କାମନା,ମମତା ଇତ୍ୟାଦି ତ୍ୟାଗ କରି ସମସ୍ତଙ୍କର ମଙ୍ଗଳ ପାଇଁ ନିଷ୍କାମ କର୍ମ କରିବା ଉଚିତ୍ ।

ଏନ୍-୫,୨୨୩, ଆଇ.ଆର.ସି. ଭିଲେଜ,
ଭୁବନେଶ୍ୱର-୧୫

## ମୁପ୍ପାଭାରାପୁ ଭେଙ୍କିୟା ନାଇଡୁ



ଜନ୍ମତାରଖ: ୧/୭/୧୯୪୯
ଜନ୍ମସ୍ଥାନ: ଚାଭାଟପାଲେମ୍, ନେଲୋର ଜିଲ୍ଲା ଆନ୍ଧ୍ରପ୍ରଦେଶ
ସନ୍ତାନ: ଗୋଟିଏ ପୁଅ ଓ ଗୋଟିଏ ଝିଅ
ଶିକ୍ଷାଗତ ଯୋଗ୍ୟତା: ବିଏ, ବିଏଲ
୧୯୭୧: ନେଲୋରର ଭିଆର୍ କଲେଜ୍‌ରେ ଛାତ୍ର ସଂସଦ ସଭାପତି
୧୯୭୩-୭୪: ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ସଭାପତି
୧୯୭୪: ଲୋକନାୟକ ଜୟପ୍ରକାଶ କ୍ଷେତ୍ର ସଂଘର୍ଷ ସମିତି ଆବାହକ
୧୯୭୭-୮୦: ଯୁବ ଜନତା ପାର୍ଟିର ଆନ୍ଧ୍ରପ୍ରଦେଶ ସଭାପତି
୧୯୭୮-୮୩ ଓ ୧୯୮୩-୮୫: ଆନ୍ଧ୍ର ବିଧାନସଭାର ସଦସ୍ୟ
୧୯୮୦-୮୩: ବିଜେପି ଯୁବ ସାମ୍ମୁଖ୍ୟର ଉପ ସଭାପତି
୧୯୮୦-୮୫: ଆନ୍ଧ୍ରପ୍ରଦେଶ ବିଜେପି ବିଧାୟକ ଦଳର ନେତା
୧୯୮୫-୮୮: ଆନ୍ଧ୍ରପ୍ରଦେଶ ବିଜେପିର ସାଧାରଣ ସମ୍ପାଦକ
୧୯୮୮-୯୩: ଆନ୍ଧ୍ରପ୍ରଦେଶ ବିଜେପି ସଭାପତି
୧୯୯୩-୨୦୦୦: ବିଜେପିର ସାଧାରଣ ସମ୍ପାଦକ
୧୯୯୬-୨୦୦୦: ବିଜେପି ସଂସଦୀୟ ବୋର୍ଡ ସଚିବ, ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟର ସଚିବ ଓ ବିଜେପିର ମୁଖପାତ୍ର
୧୯୯୮(ଏପ୍ରିଲ): କର୍ଣ୍ଣାଟକରୁ ରାଜ୍ୟସଭାକୁ ନିର୍ବାଚିତ
ସେପ୍ଟେମ୍ବର ୨୦୦୦ରୁ ଜୁନ୍ ୨୦୦୨: କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ
ଜୁଲାଇ ୨୦୦୨-ଅକ୍ଟୋବର ୨୦୦୪: ବିଜେପିର ଜାତୀୟ ସଭାପତି
ଜୁନ୍ ୨୦୦୪: ଦ୍ୱିତୀୟ ଥର କର୍ଣ୍ଣାଟକରୁ ରାଜ୍ୟସଭାକୁ ମନୋନୀତ
୨୦୦୬ରୁ: ସଂସଦୀୟ ବୋର୍ଡ ଓ କେନ୍ଦ୍ରୀୟ ନିର୍ବାଚନ କମିଟି ସଦସ୍ୟ
ଜୁନ୍ ୨୦୧୦: ତୃତୀୟଥର କର୍ଣ୍ଣାଟକରୁ ରାଜ୍ୟସଭାକୁ ନିର୍ବାଚିତ
ମେ'୨୦୧୪: କେନ୍ଦ୍ର ନଗର ଉନ୍ନୟନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ
ଜୁନ୍ ୨୦୧୬: ୪ର୍ଥ ଥର ପାଇଁ ରାଜସ୍ଥାନରୁ ରାଜ୍ୟସଭାକୁ ନିର୍ବାଚିତ

# ପ୍ରକୃତ ସାହସୀ କିଏ ?



ବନମାଳୀ ବେହେରା

ଅରାବତୀ ଅରଣ୍ୟ ପାଖରେ ମତ୍ସ୍ୟରାଜ୍ୟ ରାଜ୍ୟର ରାଜାଙ୍କ ନାମ ଭାନୁବୀର। ସେ ଜଣେ ପ୍ରଜାବତ୍ସଳ ଏବଂ ସୁଶାସକ ରାଜା ଥିଲେ। ତାଙ୍କର ଏକମାତ୍ର କନ୍ୟାର ନାମ ରୂପମତୀ। ତା'ର ରୂପ ଯେମିତି, ଗୁଣ ବି ସେମିତି। କନ୍ୟାର ବିବାହ ବୟସ ହୋଇଯାଇଥିବାରୁ ରାଜା ଚିନ୍ତିତ ଥା'ନ୍ତି। ଚିନ୍ତାର କାରଣ- ବର ଖୋଜା ଚାଲିଥିଲେ ମଧ୍ୟ ରାଜକନ୍ୟା ରୂପମତୀ ବିବାହ କରିବାକୁ ରାଜି ହେଉନଥିଲେ। ଦିନେ ରାଣୀ କନ୍ୟାକୁ ପଚାରିବାରୁ ରାଜକନ୍ୟା କହିଲେ, ମୁଁ ଜଣେ ସାହସୀ ଯୁବକକୁ ବିବାହ କରିବି। ରାଜା ଏହାଶୁଣି ଖୁସି ହୋଇ ମନ୍ତ୍ରୀଙ୍କୁ ଡ଼କାଇ ରାଜ୍ୟର ଜଣେ ସାହସୀ ଯୁବକର ସନ୍ଧାନ କରିବାକୁ କହିଲେ। ମନ୍ତ୍ରୀ କହିଲେ, ରାଜ୍ୟରେ ବିଷୁବ ସଂକ୍ରାନ୍ତି ଏକ ବଡ଼ ପର୍ବ। ସେହି ପର୍ବରେ ଯୁବକମାନଙ୍କର ତରବାରୀ ଖେଳର ପ୍ରତିଯୋଗିତା ହୁଏ। ଅପେକ୍ଷା କରନ୍ତୁ, ସେହି ତରବାରୀ ଖେଳରୁ ହିଁ ପ୍ରକୃତ ସାହସୀ ଯୁବକକୁ ନିର୍ବାଚନ କରାଯିବ।

ତରବାରୀ ଯୁଦ୍ଧର ନିର୍ଘଣ୍ଟ ଦିନ ଏବଂ ପ୍ରକୃତ ସାହସୀ ଯୁବକ ନିର୍ବାଚନ ସହ ସେହି ଯୁବକଙ୍କ ରାଜକନ୍ୟାଙ୍କ ବିବାହ ଖବର ରାଜ୍ୟରେ ଢ଼େଙ୍ଗୁରା ଦେଇ ଜଣାଇ ଦିଆଗଲା। ଏଥିରେ ଉତ୍ସାହିତ ହୋଇ ଅନେକ ଯୁବକ ଯୋଗଦେଲେ। ତରବାରୀ ଯୁଦ୍ଧ ଆରମ୍ଭ ହେଲା। ଜିତିବା ପାଇଁ ସମସ୍ତେ ବ୍ୟଗ୍ର। ଜଣକ ପରେ ଜଣେ ଖେଳରେ ହାରିଯାଉଥାନ୍ତି। ଯେ ଜିତୁଥାଏ, ସେ ପୁଣି ଅନ୍ୟ ପ୍ରତିଦ୍ୱନ୍ଦୀ ଠାରୁ ହାରିଯାଉଥାଏ। ଅନେକ କ୍ଷତାକ୍ତ ହେଲେ। କେତେକ ଯୋଦ୍ଧା ମଧ୍ୟ ମୃତ୍ୟୁବରଣ କଲେ। ଦୀର୍ଘ ସପ୍ତାହ ପର୍ଯ୍ୟନ୍ତ ଏଇ ତରବାରୀ ଯୁଦ୍ଧ ପ୍ରତିଯୋଗିତା ଚାଲିଲା। କିନ୍ତୁ ସାହସୀ ଯୁବକ ଚୟନ ପାଇଁ ରାଜକନ୍ୟା କାହାରିକୁ ପସନ୍ଦ କଲେନି। ଦିନେ ତରବାରୀ ଯୁଦ୍ଧ ପାଇଁ ଜଣେ ଜୟୀ ଯୁବକ ଅନ୍ୟ ଯୁବକମାନଙ୍କୁ ଆହ୍ୱାନ କଲାବେଳେ ଦର୍ଶକଙ୍କ ମଧ୍ୟରୁ ଜଣେ ଶାନ୍ତଶିଷ୍ଟ, ସରଳ ଯୁବକ ହଠାତ୍ ସଭାମଧ୍ୟକୁ ଚାଲିଆସିଲେ। ସମସ୍ତେ ତଟସ୍ଥ। ଏ କ'ଣ ଯୁଦ୍ଧ କରିପାରିବ? ଅନେକ ପ୍ରଶ୍ନର ସମାହାର। ହଠାତ୍ ଯୁବକ ଜଣଙ୍କ ରାଜାଙ୍କୁ ପ୍ରଣାମ କରି କହିଲେ, "ମହାରାଜ! ମୋର କିଛି କହିବାର ଅଛି। ଭୁଲ୍ ଥିଲେ ମୋତେ ଦଣ୍ଡ ଦେବେ। ମୁଣ୍ଡକାଟ ମଧ୍ୟ କରିପାରନ୍ତି। ଆଦେଶ ଦେଲେ ବ୍ୟକ୍ତ କରିବି।" ମନ୍ତ୍ରୀ, ପରିଷଦ ଯୁବକଟିର ଆସ୍ପର୍ଦ୍ଧା ଦେଖି କ୍ରୋଧରେ ଜର୍ଜରିତ। ରାଜା ଯୁବକଟିକୁ କିଛିକ୍ଷଣ ନିରୀକ୍ଷଣ କରି କହିଲେ, ଏବେ ନିର୍ଭୟରେ କୁହ। ଯୁବକ ଜଣକ ନିର୍ଭୟରେ କହିଲେ, ମହାରାଜ! ଦୀର୍ଘ ସପ୍ତାହ ଧରି ଏ ଯେଉଁ ଖଣ୍ଡାଯୁଦ୍ଧ ଚାଲିଛି, ଏଥିରେ ଅନେକ କ୍ଷତବିକ୍ଷତ ରକ୍ତାକ୍ତ ହୋଇ ପଙ୍ଗୁ ହୋଇଯାଇଛନ୍ତି। କେତେକ ମଧ୍ୟ ସେମାନଙ୍କର ଅମୂଲ୍ୟ ଜୀବନ ହାରିଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ବା ପ୍ରଜାଙ୍କର କିଛି ମଙ୍ଗଳ ହେଉଛି କି? କେବଳ ନିରର୍ଥକ ରକ୍ତପାତ। ଏଇ ଯୁଦ୍ଧ ଜନହିତର ପରିପନ୍ଥୀ। ତେଣୁ ମୋର ବିନମ୍ର ନିବେଦନ ଏଇ ଖେଳକୁ ବନ୍ଦ କରନ୍ତୁ। ମନ୍ତ୍ରୀ ଏହାଶୁଣି ଉତ୍ୟକ୍ତ ହୋଇ ଯୁବକଟିର ଦୁଃସାହସ ଓ ଆସ୍ପର୍ଦ୍ଧ ଦେଖି ଏହାକୁ କଠୋର ଦଣ୍ଡ ଦେବାକୁ ରାଜାଙ୍କୁ ଗୁହାରି କଲେ। ଏହି ସମୟରେ ରାଜକନ୍ୟା ହଠାତ୍ ଦଣ୍ଡାୟମାନ ହୋଇ ରାଜାଙ୍କୁ କହିଲେ, 'ପିତା, ମୁଁ ଖୋଜୁଥିବା ପ୍ରକୃତ ସାହସୀ ହିଁ ଏଇ ଯୁବକ। ମୁଁ ଏହାଙ୍କୁ ପତିରୂପେ ବରଣ କରିବାକୁ ଚାହେଁ। ପ୍ରକୃତ ସାହସୀ ଯୁଦ୍ଧରୁ ଜଣାପଡ଼େ ନାହିଁ। ସାହସ ଜଣାପଡ଼େ ରାଜ୍ୟର ରାଜାଙ୍କୁ ମୃତ୍ୟୁକୁ ନଡ଼ରି ରାଜ୍ୟର ମଙ୍ଗଳ ପାଇଁ ସ୍ପଷ୍ଟକଥା କହିବା। ଏଇ ଯୁବକ ହିଁ ତାହା କରିପାରିଛନ୍ତି। ପ୍ରକୃତରେ ଏଇ ହିଁ ଶ୍ରେଷ୍ଠ ସାହସୀ ଯୁବକ। ମୁଁ ଏଇ ଯୁବକକୁ ବିବାହ କରିବି। ଆପଣ ଆଶୀର୍ବାଦ କରନ୍ତୁ।'

ରାଜା ନିଜ କନ୍ୟାର କଥାଶୁଣି ଖୁସି ହୋଇ ଉକ୍ତ ଯୁବକ ସହିତ ରାଜକନ୍ୟାଙ୍କର ବିବାହ ପାଇଁ ସମ୍ମତି ପ୍ରଦାନ କଲେ। ଉକ୍ତ ଗଳ୍ପର ସାରମର୍ମ ହେଲା- ସାହସ ଦେହବଳ ନୁହେଁ ମନୋବଳରୁ ହିଁ ଉତ୍ପନ୍ନ ହୋଇଥାଏ। ସାହସର ଉତ୍କର୍ଷତା ହିଁ ସଫଳତାର ପାହାଚ।

ଜଟଣୀ, ଖୋର୍ଦ୍ଧା
ମୋ-୯୪୩୭୭୬୨୧୫୦

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

ସୁ-ଡୋକୁ ଉତ୍ତର ୨୦ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 2 | 7 | | | | 5 | 9 | | 3 |
| | | 8 | | 2 | 3 | | 6 | |
| 9 | 6 | | 7 | | | 2 | 4 | |
| | 5 | 6 | | 4 | | | | 9 |
| 3 | | | 5 | | 9 | | | 4 |
| 4 | | 9 | | 7 | | 8 | 5 | 2 |
| 1 | 2 | 5 | | | 7 | | | 8 |
| | 3 | | 1 | 9 | 4 | 5 | | |
| 6 | 9 | 4 | 8 | | | | 3 | 1 |

# ଯୋଗ: ଏକ ସୁସ୍ଥ ଜୀବନର ମାର୍ଗଦର୍ଶିକା

ପ୍ରାଧ୍ୟାପକ ବିଜୟ କୁମାର ଜେନା

ଯୋଗ ସମ୍ବନ୍ଧୀୟ ବହୁ ଜନପ୍ରିୟ ଶବ୍ଦଗୁଡ଼ିକ ମଧ୍ୟରୁ ଆସନ, ଶାରୀରିକ ପ୍ରାଣାୟମ ଏବଂ ମନକୁ ସହଜ ତଥା ଦୃଷ୍ଟି ନିବଦ୍ଧ କରିବା ନିମନ୍ତେ ବିଭିନ୍ନ ପଦ୍ଧତି ଆମ ସମାଜରେ ପ୍ରଚଳିତ ଅଛି। ଯୋଗ ବହୁବିଧ ଅଟେ। ତନ୍ମଧ୍ୟରୁ ହଠ ଯୋଗ, ତନ୍ତ୍ର ଯୋଗ କ୍ରିୟା ଯୋଗ, ପତଞ୍ଜଳୀଙ୍କ ରାଜଯୋଗ, କୁଣ୍ଡଳିନୀ ଯୋଗ, ସାଂଖ୍ୟ ଯୋଗ, ତତ୍ତ୍ୱ ଯୋଗ ଇତ୍ୟାଦି ପରିଚିତ ଲାଭ କରିବା ସହିତ ଆହୁରି ଅନେକ କିଛି ଯୋଗ ରହିଛି।

ଶରୀରକୁ ସତେଜ ଓ ସକ୍ରିୟ ରଖିବା ତଥା ଶାରୀରିକ ବଳ ଓ ତେଜ ବୃଦ୍ଧି କରିବା ଏବଂ ସର୍ବୋପରି ଶରୀରର ଓଜନ ପରିମାଣକୁ ହ୍ରାସ କରିବା ନିମନ୍ତେ ବର୍ତ୍ତମାନ ଯୋଗକୁ ବହୁଳ ଭାବେ ଅଭ୍ୟାସ କରାଯାଉଛି। କିନ୍ତୁ ଯୋଗ ହେଉଛି ଏକ ପବିତ୍ରତମ ଅଭ୍ୟାସ ଯାହାକୁ ମନର ଆଭ୍ୟନ୍ତରିଣ ଶାନ୍ତି, ଆତ୍ମ ସଚେତନତା ମନର ବିଶୁଦ୍ଧତାକୁ ଧାରଣ କରିବା ସକାଶେ ବଳିଷ୍ଠ ମାଧ୍ୟମ ରୂପେ ପରିଗଣିତ କରାଯାଉଛି ମଧ୍ୟ। ଯୋଗକୁ କେବଳ ବ୍ୟାୟାମ ବୋଲି ଆଖ୍ୟା ଦିଆନଯାଇ ଏହାକୁ ମନର ଏକ ଅବସ୍ଥା ରୂପେ ଚିତ୍ରଣ କରାଯାଇପାରିବ।

ସମଗ୍ର ବିଶ୍ୱରେ ଯେଉଁମାନେ ଯୋଗକୁ ଦେହ ଓ ନିଃଶ୍ୱାସ ପ୍ରଶ୍ୱାସର ବ୍ୟାୟାମ ବିବେଚନା କରି ଉଭୟ ଶରୀରର ଓ ମନର ମଙ୍ଗଳ ବିଧାନ ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ସେମାନଙ୍କ ସଂଖ୍ୟା ଅପେକ୍ଷା ବହୁ ବ୍ୟକ୍ତି ଯୋଗକୁ ଆଧ୍ୟାତ୍ମିକ ସାଧନାର ଏକ ଉତ୍ତମ ମାର୍ଗ ବୋଲି ସ୍ୱୀକାର କରନ୍ତି। ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟଜନିତ ମଙ୍ଗଳ ବହୁ ଗୁଣିତ ହୋଇଥାଏ। ଅବଶ୍ୟ ଉପରଲିଖିତ ଯୋଗ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥାଗୁଡ଼ିକ ଶାରୀରିକ ଶକ୍ତିର ସଂପ୍ରସାରଣ, ଅଙ୍ଗଭଙ୍ଗୀ ଓ ଶରୀରକୁ ହାଲକା କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ। ଯାହାକୁ ନିୟମିତ ଭାବେ ବୟସ୍କ ବ୍ୟକ୍ତି, ରୁଗଣ ଏବଂ ଶାରୀରିକ ଅକର୍ମଣ୍ୟମାନେ ଅଭ୍ୟାସ କରିପାରିବେ ନାହିଁ। ଏଥିରୁ ସଫଳତା ହାସଲ କରିବାକୁ ହେଲେ ବହୁ ସମୟ ବିନିଯୋଗ କରିବା ସହିତ ନିରନ୍ତର ଅଭ୍ୟାସ ଜାହିର ରଖିବାକୁ ହୋଇଥାଏ।

ଯୋଗ ଶବ୍ଦଟି ସଂସ୍କୃତ ଭାଷାର 'ଯୁଜ୍' ଶବ୍ଦରୁ ଆନୀତ। ଯାହାର ଅର୍ଥ ହେଉଛି ସଂଯୋଗ ବା ଯୋଗ କରିବା। ସୁତରାଂ ଯୋଗ ହେଉଛି ମାନବିକ ଆତ୍ମା ସହ ପରମାତ୍ମାଙ୍କ ସହ ନିବିଡ଼ ସଂଯୋଗ ବା ଯୋଗ। ଏ ପ୍ରକାରର ଆଧ୍ୟାତ୍ମିକ ମିଳନ ମନୁଷ୍ୟକୁ କ୍ରୋଧ, ଲୋଭ. ଅହଂକାର ଏବଂ ମୋହମାୟାକୁ ଜୟଯୁକ୍ତ ହେବାକୁ ସମର୍ଥ କରାଏ। ଆଧ୍ୟାତ୍ମିକ ସଚେତନତା ତଥା ଦୟା, କ୍ଷମା ଓ ଅନୁକଂପାର ବାତାବରଣ ମଧ୍ୟରେ ଜୀବନ ଜୀଇଁବାକୁ ଯୋଗ ମନୁଷ୍ୟକୁ ସହାୟତା ପ୍ରଦାନ କରିଥାଏ।

ବର୍ତ୍ତମାନର କଳିଯୁଗରେ ବହୁଲୋକ ଭୋଗୀ ଜୀବନଯାପନ କରୁଛନ୍ତି। ଭୋଗୀ ଜଣକ ସଂପତ୍ତି ଅର୍ଜନ, ପଦ-ପଦବୀ ଏବଂ ବାହ୍ୟଚକ୍ର ପୂର୍ଣ୍ଣ ଆସବାବରେ ନିଜକୁ ନିୟୋଜିତ କରି ସୁଖୀ ହୁଏ। ଅର୍ଥାତ୍ ସେ କେବଳ 'ମୁଁ' ଓ 'ମୋର' କହି ଇନ୍ଦ୍ରିୟଗୁଡ଼ିକର ଦାସ ହୋଇଥାଏ। ପୁନଶ୍ଚ ସେ ନିଜର ଅସରନ୍ତି ଓ ସୀମାହୀନ ଲାଳସାର ବଶବର୍ତ୍ତୀ ହୋଇ ଭୂସଂପତ୍ତି, ପଦମର୍ଯ୍ୟାଦା ଏବଂ ପାର୍ଥିବ ବସ୍ତୁଗୁଡ଼ିକ ପଛରେ ଧାଇଁ ଧାଇଁ ସାରା ଜୀବନ ଅତିବାହିତ କରେ। ପ୍ରକୃତ ପକ୍ଷରେ ଏହି ବସ୍ତୁଗୁଡ଼ିକ ଦ୍ୱାରା ତାର ଗର୍ବ ଅହଂକାର ଏବଂ ସଂପୃକ୍ତି ମାତ୍ରାଧିକ ବୃଦ୍ଧିପାଏ। ସୁତରାଂ ଜଣେ ଭୋଗୀ ଧୀରେ ଧୀରେ ଶାରୀରିକ, ମାନସିକ ଓ ନୈତିକ ଦୃଷ୍ଟିକୋଣରୁ ରୋଗୀ ପାଲଟିଯାଏ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଅସୁସ୍ଥ ହୋଇଯାଆନ୍ତି।

ଯୋଗ ହେଉଛି ଜୀବନର ମାର୍ଗଦର୍ଶିକା। ଏହା ସାତ୍ତ୍ୱିକ ଖାଦ୍ୟ ସକାରାତ୍ମକ ଚିନ୍ତନ, ଆଧ୍ୟାତ୍ମିକ ଅଧ୍ୟୟନ, ସୁସ୍ଥସମ୍ପର୍କ, ନୀରବ ଧ୍ୟାନ ଏବଂ ନିର୍ଲୋଭ ସେବା ଇତ୍ୟାଦିରେ ସଂଶ୍ଳିଷ୍ଟ ଅଟେ। ଜଣେ ଯୋଗୀର ଜୀବନ ପଥକୁହିଁ ସଂସାର ତ୍ୟାଗ କିମ୍ବା ପାରିବାରିକ ଦାୟିତ୍ୱରୁ ମୁକ୍ତ ହେବା ବୁଝାଏ ନାହିଁ। ବରଂ ସେ ପ୍ରତିକୂଳ ଅବସ୍ଥାରେ ସର୍ବଦା ନିଜର ଭାରସାମ୍ୟକୁ ସନ୍ତୁଳନ କରେ ସ୍ୱଭା ସେ ଆସକ୍ତି ଏବଂ ଅସ୍ୱାସ୍ଥ୍ୟକର ଅଭ୍ୟାସ ଠାରୁ ମୁକ୍ତ ରହନ୍ତି। ଯୋଗୀଜଣକ ଅନ୍ୟମାନଙ୍କ ସହ ଗଭୀର ନ୍ୟାୟୋଚିତ ଆଧ୍ୟାତ୍ମିକ ସଂପର୍କ ସ୍ଥାପନ କରି ନିଜର ନିବିଡ଼ ଭଲ ପାଇବା ଶକ୍ତିକୁ ପରିସ୍ଫୁଟନ କରିଥାଏ।

ରାଜଯୋଗର ମୌଳିକ ଦର୍ଶନ ହେଉଛି ଆତ୍ମ- ସଚେତନତା। ଏହା ଅର୍ଥ ହେଉଛି ଜୀବାତ୍ମାଙ୍କ ସହ ପରମାତ୍ମାଙ୍କର ଯେଉଁ ଶାଶ୍ୱତ ସଂପର୍କ ରହିଛି, ତାହା ହୃଦୟଙ୍ଗମ କରିବା। ଯୋଗୀମାନଙ୍କର ଜୀବନଯାପନ ପ୍ରଣାଳୀ ଭାଗବତ ଗୀତାରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି। ଶ୍ରୀମଦ୍ ଭଗବତ୍ ଗୀତା ବର୍ଣ୍ଣନା କରନ୍ତି ଯେ ରାଜଯୋଗର ସାରାଂଶ ହେଉଛି ଈଶ୍ୱରଙ୍କ ସହିତ ମାନସିକ ସଂଯୋଗ ସ୍ଥାପନ କରିବା ଏବଂ ସମସ୍ତ ଧର୍ମକୁ ପରିତ୍ୟାଗକରି ଈଶ୍ୱରଙ୍କର ଶରଣାପନ୍ନ ହେବା।

"ସର୍ବ ଧର୍ମାନ୍‌ପରିତ୍ୟଜ୍ୟଂ ମା ମେକ ଶରଣଂବ୍ରଜ"।

ରାଜଯୋଗ ସହଜରେ ଅଭ୍ୟାସ କରିହୁଏ। ପରିବାର ମଧ୍ୟରେ ବୟସ୍କ ବ୍ୟକ୍ତି ଏବଂ ଏପରିକି ପିଲାମାନେ ମଧ୍ୟ ଏହାକୁ ଅଭ୍ୟାସ କରିପାରିବେ। ପରମାତ୍ମାଙ୍କ ମିଳନର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବାତ୍ମା ତାଙ୍କପରି ଏବଂ ତାଙ୍କରି ଗୁଣର ହେବା ଉଚିତ୍। କାରଣ ସମସ୍ତ ଦିବ୍ୟଗୁଣଗୁଡ଼ିକ ଆମେ ତାଙ୍କ ଠାରୁ ଗୁଣସୂତ୍ରରେ ପାଇଥାଉ। ଈଶ୍ୱରଙ୍କ ସନ୍ତାନ ଭାବେ ସମସ୍ତ ମାନବିକ ଆତ୍ମାଗୁଡ଼ିକ ଏକାତ୍ମ ଭାବେ ଉତ୍ତମ ଓ ବିଶୁଦ୍ଧ। ସୁତରାଂ ମନୁଷ୍ୟମାନେ ଅନ୍ତର୍ନିହିତ ଗୁଣାବଳୀଗୁଡ଼ିକ ହେଉଛି- ଶାନ୍ତି, ସତ୍ୟ ଓ ପ୍ରେମ।

**ରଣପୁର କଲେଜ, ରଣପୁର**
**ମୋ :**

# ଶତାବ୍ଦୀର ଶୋକ

ଜ୍ୟୋତିପ୍ରଭା ପଟ୍ଟନାୟକ

"ମା' ଦୀପା ବେଗେ କାମସାରେ। ଡ଼ାକ୍ତରଖାନା ଯିବା ପରା।" ଟିକେ ଗେହ୍ଲାରେ ଶାଶୂ ବିନୋଦିନୀ ଦେବୀ ବୋହୂକୁ ଡ଼ାକୁଛନ୍ତି। "ମା'ରେ ଡ଼େରିକଲେ ନମ୍ବର ମିଳିବନି।" ଏକଥା କହି ପୁଅବୋହୂଙ୍କ ରୁମ୍ ଭିତରକୁ ଟିକେ ନଜର ପକାଇଲେ ଓ ଦେଖିଲେ ଦୀପା ଆଖିରେ ଲୁହ। ହଁ ସବୁଦିନେ ଏସବୁ ଦେଖି ଦେଖି ତାଙ୍କର ଦେହସୁହା ଭାବିଲେ ତା'ର କ'ଣ ଏ ଗର୍ଭକୁ ନଷ୍ଟ କରିବାକୁ ଇଚ୍ଛା ନାହିଁ ନା କ'ଣ? ତା'ର ଇଚ୍ଛା ଅନିଚ୍ଛାର ପ୍ରଶ୍ନ ହିଁ ଉଠୁନି। ମୁଁ କହୁଛି ମାନେ ଗର୍ଭରେ କନ୍ୟାଭୃଣ ଥିଲେ ଗର୍ଭ ନଷ୍ଟ କରିବାକୁ ବାଧ୍ୟ। ମୋର ଝିଅ ଦରକାର ନାହିଁ। ପୁଅଟିଏ ନଦେଇ ପାରିଲେ ଆମ କୂଳ ରକ୍ଷା ହେବ କେମିତି ? ଆମେ ପୁଣି ପାଣି ଟୋପେ ପାଇବୁ ନା ନାହିଁ ?ଏହିପରି ଅନେକ କିଛି ମନେମନେ ଭାବି ଘର ଭିତରକୁ ପଶିଗଲେ ଶାଶୂ ବିନୋଦିନୀ ଦେବୀ ଓ ଶୀଘ୍ର ଡ଼ାକ୍ତରଖାନା ଯିବା ପାଇଁ ତାଗିଦ୍‌କରି ଫେରିଆସିଲେ ନିଜ କୋଠରୀକୁ।

ଦୀପା ଭାବୁଛି। ଏଇ କାଲିପରି ଲାଗୁଛି ତାର ବାହାଘର। ବି.ଏ ପାସ୍ କରୁକରୁ କୋଡ଼ିଏ ବର୍ଷରେ ବାପା ବାହା କରିଦେଲେ। ବାହାଘରକୁ ଆସି ପାଞ୍ଚବର୍ଷ ପୂରିଲା ହେଲେ ଏଇ ଶାଶୂଙ୍କ ପାଇଁ ତା'ର ମା' ହେବା ସ୍ୱପ୍ନ ଅଧାରେ ରହିଗଲା। ଦୁଇ ଦୁଇଥର ଗର୍ଭନଷ୍ଟ କରାଇଲେ କନ୍ୟାଭୃଣ ଅଛି ବୋଲି। ଯେତେ କାକୁତି ମିନତି ହେଲେ ମଧ୍ୟ କେହି ବି ତା' କଥାକୁ ଗୁରୁତ୍ୱ ଦେଲେନି। ଆଜି ସେଥିପାଇଁ ତା'ର ସ୍ୱାସ୍ଥ୍ୟହାନୀ ଓ ପୁଣି ସେଥିରେ ତୃତୀୟ ଗର୍ଭ। ଏଥର ଯଦି କନ୍ୟାଭୃଣ ଥିବ ଗର୍ଭନଷ୍ଟ କରିବାକୁ ଶାଶୂ କେତେ ଗେହ୍ଲେଇ ହୋଇ ଡ଼ାକୁଛନ୍ତି।

କ'ଣ ଏବେ କରିବ ଦୀପା। ସ୍ୱାମୀ ମଧ୍ୟ ଏସବୁ ବୁଝିବାକୁ ନାରାଜ। ଶାଶୂ ଯାହା କହିବେ ପରିବାରରେ ସମସ୍ତେ ତାହା ମାନିବାକୁ ବାଧ୍ୟ। ଘରେ ଅଶାନ୍ତି ନ ବଢ଼ାଇବା ପାଇଁ ସ୍ୱାମୀ ସବୁକଥା ନୀରବରେ ସହିଯାଆନ୍ତି। କିନ୍ତୁ, ଏହା ଯେ ଘୋର ଅନ୍ୟାୟ ଏକଥା କିପରି ଜଣେ ନାରୀ ହୋଇ ବି ବିନୋଦିନୀ ଦେବୀ ବୁଝିପାରୁ ନାହାଁନ୍ତି। ସେ କଥା ସେ ହିଁ ଜାଣନ୍ତି। ସେ ବି ଭାବିବା ଦରକାର ତାଙ୍କର ବି ଦୁଇଟି ଝିଅ ଅଛନ୍ତି ଓ ବିବାହିତା ମଧ୍ୟ।

ସବୁ ନୀରବତାର ଅନ୍ତ ଘଟାଇ ଶାଶୂ ବୋହୂକୁ ନେଇଗଲେ ଡ଼ାକ୍ତରଖାନା ଓ ଡ଼ାକ୍ତରଙ୍କ ସହ ଗୁପ୍ତ ପରାମର୍ଶ କରିବା ପରେ ବୋହୂ ଦୀପା ପରୀକ୍ଷାଗୃହକୁ ଗଲେ ସନ୍ତର୍ପଣରେ। ସେ ଯାହା ବି ହେଉ ଦୀପାର ଭାଗ୍ୟର ବି ଉଜ୍ୱଳ ନିଶ୍ଚୟ। ଡ଼ାକ୍ତରଙ୍କ ମୁହଁରୁ କନ୍ୟାଭୃଣ ନଥିବା ଜାଣି ଆଉ ଗର୍ଭନଷ୍ଟ ନକରାଇ ବୋହୂକୁ ବହେ ଲୋକ ଦେଖାଣିଆ ଗେହ୍ଲା କଲେ ବିନୋଦିନୀ ଦେବୀ ଓ ଖୁସି ଖୁସି ଘରକୁ ଫେରିଲେ। ଠାକୁରଙ୍କ ଉଦ୍ଦେଶ୍ୟରେ କୋଟି ପ୍ରଣାମ ଜଣାଇ।

ସେଦିନ ବିନୋଦିନୀ ଦେବୀଙ୍କ ଗୋଡ଼ ତଳେ ଲାଗୁନଥାଏ। କେତେ ଭଲଭଲ ଖାଇବା ସବୁ ନିଜ ହାତରେ ବନେଇଲେ ଓ ବଳେଇ ବଳେଇ ଖୁଆଇଲେ ବୋହୂ ଦୀପାକୁ। ଘରେ ଆଜି ଭାରି ଆଦର। ଆରେ ପୁଅ ହେଉ ଅବା ଝିଅ ଗର୍ଭକଷ୍ଟ କ'ଣ କମ୍ କି? ପୁନର୍ଜନ୍ମ କହିଲେ ଚଳେ। ରାତିରେ ସମସ୍ତେ ଖୁସିରେ ଖାଇପିଇ ଶୋଇଲେ।

ରାତିରେ ଦୀପା ଏକ ସ୍ୱପ୍ନ ଦେଖିଲା। ସ୍ୱପ୍ନରେ ତା'ର ଗର୍ଭରେ ଥିବା ଶିଶୁ ପୁତ୍ରଟି କହୁଛି, "ମାମା ତମେ ଆଜି କାହିଁକି ଡ଼ାକ୍ତରଖାନା ଯାଇଥିଲ ମୁଁ ଜାଣେ। ଦିଦିପରି ମୁଁ ଯଦି କନ୍ୟାଭୃଣ ହୋଇଥାନ୍ତି ତେବେ ତୁମେ ଜେଜେମାଆଙ୍କ କଥାରେ ଆଜି ମୋତେ ନଷ୍ଟ କରିଦେଇଥାନ୍ତ। ନୁହେଁ ମାମା। ମାମା ମୁଁ ତୁମ କଷ୍ଟ ବୁଝିପାରି ଠାକୁରଙ୍କୁ ଡ଼ାକୁଥିଲି ଯେ ମୋତେ ଯେପରି କନ୍ୟାଭୃଣ ନକରନ୍ତି ଓ ମୋ ମାମାଙ୍କୁ କୌଣସି କଷ୍ଟ ନ ହେଉ ବୋଲି। ସତ କହିଲ ମାମା ତୁମେ କ'ଣ ଦିଦିକୁ ନଷ୍ଟ କରିଦେଇ ଖୁସିଅଛ ? ତୁମେ କ'ଣ ଚାହିଁଥିଲେ ଦିଦିକୁ ରକ୍ଷା କରିପାରିନଥାନ୍ତ? ଆଜି ଦିଦି ଥିଲେ ମୁଁ ଆସିବା ପରେ ସେ ମୋ ହାତରେ ରାକ୍ଷୀ ବାନ୍ଧି ଦେଇଥାନ୍ତା। ମୋ ସହିତ ଖେଳିଥାନ୍ତା। ସ୍କୁଲ ଯାଇଥାନ୍ତା। କେତେ ମଜ୍ଜା କରୁଥାନ୍ତୁ ଆମେ। ଏବେ ମୋ ହାତରେ ରାକ୍ଷୀ କିଏ ବାନ୍ଧିବ ମାମା। ମୁଁ କାହା ସହିତ ଖେଳିବି। କୁହ ମାମା କୁହ। ତୁମ ନୀରବତା ମୁଁ ବୁଝିପାରୁଛି। ଆଚ୍ଛା ମାମା ତୁମପରି ଯଦି ସବୁ ମାମାମାନେ କନ୍ୟାଭୃଣ ନଷ୍ଟ କରିଦିଅନ୍ତି ତେବେ ତୁମେ ଭବିଷ୍ୟତରେ ମୋ ପାଇଁ ବୋହୂଟିଏ ଖୋଜି ପାଇବତ? ଜେଜେମା' ପୁରୁଣାକାଳିଆ ଲୋକ। ତୁମେ ଓ ପାପା ତାଙ୍କୁ ବୁଝାଇ ତ ପାରିଥାନ୍ତ। ତୁମେ ଏସବୁ କିପରି ସହ୍ୟକଲ ମାମା?"

ଶିଶୁ ପୁତ୍ରକୁ କି ଉତ୍ତର ଦେବ ଦୀପା। ସେ ଆଜିର ନାରୀ। ବିଜ୍ଞାନର କଥା ସେ ଜାଣେ। ପୁତ୍ର ସନ୍ତାନ ଜନ୍ମ ପାଇଁ ଯେ ପୁରୁଷହିଁ ଦାୟୀ ସେ କଥା ସେ ଜାଣି ମଧ୍ୟ ନୀରବ। ଶିଶୁ ପୁତ୍ରକୁ ବୁଝାଇବାକୁ ତା'ପାଖରେ ଭାଷାହିଁ ନଥିଲା। ଯଦି ସମାଜରେ ନାରୀର ସୁରକ୍ଷା ନାହିଁନାରୀ ହୁଏ ଅପମାନିତା, ଲାଞ୍ଛିତା ଯଦି ନାରୀ ନିଜେ ତା'ର ସୁରକ୍ଷା କରିପାରିବନି ତେବେ ଦୀପାପରି ଅନେକ ନାରୀ କନ୍ୟାଭୃଣ ହତ୍ୟାର ଭାଗିଦାର ଅବଶ୍ୟ ହେବେ।

ନାରୀର କେହି ଶତ୍ରୁ ନାହିଁ ବୋଲି ତାରନାମ ନାରୀ। ସେ ଆମ ପାଇଁ ଜନନୀ, ଭଗିନୀ, ଜାୟା ଓ କନ୍ୟା ରୂପରେ ଆଦରଣୀୟା। ଯଦି ତା'ର ସୁରକ୍ଷା ନାହିଁ ତେବେ ଦିନେ ନାରୀ ଶବ୍ଦ ଲୋପ ପାଇଯିବ ଓ ନାରୀବିନା ଏ ପୃଥିବୀରୁ ଯେ ମଣିଷ ସତ୍ତା ହଜିଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ହଠାତ୍ ନିଦ ଭାଙ୍ଗିଗଲା ଦୀପାର। ଆଜି ଡ଼େରିରେ ଉଠିଛି ବୋଲି ଶାଶୂଙ୍କଠୁ ଗାଳି ଖାଇବ ବୋଲି ଭାବିଥିଲା। କିନ୍ତୁ ନାତି ଆଶାୟୀ ଶାଶୂ ଗେହ୍ଲାରେ ବୋହୂକୁ ଶୀଘ୍ର ଉଠିବାକୁ ଦେଇନଥିଲେ।

**ଏମ୍. ଆଇ. ଜି- ୧୨, ବିଡ଼ିଏ କଲୋନୀ, ଖୋର୍ଦ୍ଧା**
**ମୋ- ୯୪୩୭୪୩୭୫୧୦**

ଶିଶୁ ଗୀତ

# ଟିପିରି ଟିପିରି ମେଘ

ଦିଲ୍ଲୀପ କୁମାର ତ୍ରିପାଠୀ (ବିଜ୍ଞାନ ଶିକ୍ଷକ)

(୧)

ଟିପିରି ଟିପିରି ମେଘ
ଘୋଡ଼ି ଘାଡ଼ି ହୋଇ ବାଘ ଶୋଇଅଛି
ଭାଲୁ ଦେଖଉଛି ବାଗ
ଝଅଟ ଝଅଟ ଯାଆ
ଭାଲୁ ଖାଇଦେବ ମହୁ ସବୁତକ
ଦେଖିଦେଲେ ମେଘ ବାଆ।।

(୨)

ନଡ଼ାଛପର ଚାଳିଆ ଘର
ଓଡ଼ିରୁ ଗଡ଼େ ପାଣି
ଟିଣ ଚଦର ଉପରେ ପଡ଼ି
ଶୁଭଇ ଟିଣିଟିଣି
ନୂଆପଥର ଦେଖି
ଝୁମୁରୀ ଆମ ଗୋଟେଇ ଆଣି
ଲୁଚେଇ ଦିଏ ରଖି।।

(୩)

ବରଷା ରାଣୀ
ଓଢ଼ଣା ଟାଣି
ଝିପିରି ଝିପି ଖସେ
ବେଙ୍ଗୁଲୀ ରାଣୀ
ଦେଖିଲେ ପାଣି
ମୁରୁକି ମୁରୁକି ହସେ
ଝରିଆ ପୋକ ଉଡ଼େ
ସାରୁଗଛ ମୂଳେ କଟର କଟର
ପିଲାଏ ଯାଆନି ସାଡ଼େ।।

କ୍ୟାପିଟାଲ ହାଇସ୍କୁଲ
ଭୁବନେଶ୍ୱର
ମୋ : ୯୭୭୭୦୩୫୭୭୮

# ନାଆଁଟି ମୋର ଗଛ

ଯଜ୍ଞଦତ୍ତ ସାମନ୍ତରାୟ

ନାଆଁଟି ମୋର ଗଛ
ପର ଉପକାରେ ଲାଗିଥାଏ ସଦା
ଭାବେ ନାହିଁ ଅଗପଛ।

ନାଆଁଟି ମୋର ଗଛ
ତୁମରି ଭଳି ମୋ ଜୀବନ ରହିଛି
ନୁହେଁ ଏକଥାଟି ମିଛ।

ନାଆଁଟି ମୋର ଗଛ
ମୁଁ ନରହିଲେ ରହିବନି କିଛି
ସବୁ ହେବ ମୀଳପୋଛ।

ନାଆଁଟି ମୋର ଗଛ
ଗଛ ପାଖେ ଗଛ ଲଗାଉ ଥାଅରେ
ମଣ ନାହିଁ କେବେ ତୁଛ।


ସମ୍ପାଦକ 'ଗୁଞ୍ଜନ'
କବିସୂର୍ଯ୍ୟନଗର, ଗଞ୍ଜାମପିନ୍- ୭୬୧୧୦୪
ମୋ : ୯୦୪୦୩୧୧୩୩୭

### ୧୭ ପୃଷ୍ଠାର ସୁ-ଡୋକୁ ପ୍ରଶ୍ନର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 2 | 7 | 1 | 4 | 6 | 5 | 9 | 8 | 3 |
| 5 | 4 | 8 | 9 | 2 | 3 | 1 | 6 | 7 |
| 9 | 6 | 3 | 7 | 8 | 1 | 2 | 4 | 5 |
| 7 | 5 | 6 | 2 | 4 | 8 | 3 | 1 | 9 |
| 3 | 8 | 2 | 5 | 1 | 9 | 6 | 7 | 4 |
| 4 | 1 | 9 | 3 | 7 | 6 | 8 | 5 | 2 |
| 1 | 2 | 5 | 6 | 3 | 7 | 4 | 9 | 8 |
| 8 | 3 | 7 | 1 | 9 | 4 | 5 | 2 | 6 |
| 6 | 9 | 4 | 8 | 5 | 2 | 7 | 3 | 1 |

# ।। ସକାଳ ବନ୍ଦନା ସଂଜପ୍ରାର୍ଥନା-୧୬ ।।

ରମେଶ ମଙ୍ଗରାଜ



ଲୀଳାମୟ ତମେ    ଲୀଳା ଲଗାଇଛ
ମନଟି ପାଗଳ ହେଉଛି
ମାୟା ସଂସାରରେ ପାର୍ଥିବ ଚିନ୍ତାରେ
ତୁମକଥା ଭୁଲିଯାଉଛି ।    ।।୦।।

ନିତି ଭାବୁଥାଏ ମୋ' ଘରସଂସାର
ଧନଦଉଲତ ମୋହର
ଆପଣାର ସୁଖ ଚିନ୍ତାକରି ମୁହିଁ
ନିଜପାଇଁ କରେ ଜୁହାର
ସତ୍ୟପଥ ଛାଡ଼ି ମିଥ୍ୟାକୁ ଆବୋରି
ବନ୍ଧନରେ ଫଶିରହିଛି    ।।୧।।
ଲୀଳାମୟ ତମେ ......

ପ୍ରଭୁ ତୁମପାଖେ କରୁଛି ପ୍ରାର୍ଥନା
ସତ୍‌ପଥ ଦିଅ ବତାଇ
ନିଜ ଆଉ ପର ଏପରି ଭାବନା
ମୋ ମନରୁ ଦିଅ ହଟାଇ
ଏତିକି କାମନା କରିବେ ପୂରଣ
ଚରଣେ ଶରଣ ନେଉଛି    ।।୨।।
ଲୀଳାମୟ ତମେ .........

କବି ଓ କବିତା ଭବନ
ମହୁଲ. ଅଙ୍ଗାରପଡ଼ା
ଖୋର୍ଦ୍ଧା- ୭୫୨୦୫୪
ମୋ- ୯୧୭୮୬୨୬୨୮୦

# ନଈବଢ଼ି



ଡକ୍ଟର ବସନ୍ତ କିଶୋର ସାହୁ

'ନଈବଢ଼ିକୁ ଡାକିଲା କିଏ କେଉଁଠି ସିଏ ଥିଲା,
କାହିଁକି ଏବେ ହଠାତ୍ ଆସି ଭସାଇ ସବୁ ନେଲା ?
ରାତି କି ଦିନ ମାନିଲା ନାହିଁ କେଉଁଠି ତାର ଘର',
ଜାଣିବା ପାଇଁ ପଚାରେ କୁନି ବଡ଼ ଭାଇକୁ ତାର ॥

ଟିକିଏ ଭାବି କହିଲେ ଭାଇ, 'ଶୁଣିବୁ ମୋର କଥା,
ମିଛରେ ଜମା ହଲାଇବୁନି ତୋହର ଟିକି ମଥା ।
ତୁହାକୁ ତୁହା ବରଷା ପାଣି ଆକାଶୁ ଗଲେ ଝରି,
ନଈପୋଖରୀ ଉଛୁଳି ଉଠେ ସେଇ ଜଳରେ ଭରି ॥

ଅଧିକ ଜଳ ନଈରେ ହେଲେ ଆସଇ ନଈବଢ଼ି,
ଭସାଇ ନିଏ ଘର ଦୁଆର ଗଛବି ଯାଏ ପଡି ।
ଗାଆଁ ସହର ମାନେନା ସିଏ ଦେଖାଇ ତାର ରୂପ,
ଏମିତି ଆସେ ନଈ ବଢ଼ିଟି ରଖଇ ତାର ଛାପ ॥'

କୁସୁପୁର-୭୫୪୨୦୫,
ଭାୟା-ବାଲିଚନ୍ଦ୍ରପୁର, ଜି-କଟକ
ମୋ : ୯୪୩୭୫୨୬୨୦୧

## ବିଶ୍ୱ ବନ୍ଧୁତା ଦିବସ

ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାରକୁ ବିଶ୍ୱ ବନ୍ଧୁତା ଦିବସ ଭାବେ ପାଳନ କରାଯାଉଛି । ୧୯୩୫ ମସିହାରେ ଆମେରିକା କଂଗ୍ରେସ ବନ୍ଧୁମାନଙ୍କ ସମ୍ମାନରେ ଗୋଟିଏ ଦିନ ପାଳନ କରିବାକୁ ନିଷ୍ପତ୍ତି ନେଇଥଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଭିନ୍ନ ଦେଶ ମଧ୍ୟରେ ଅବିଶ୍ୱାସ, ଘୃଣା ଓ ଶତ୍ରୁତା ବୃଦ୍ଧି ପାଉଥିବାରୁ ଏହାକୁ ଦୂର କରିବା, କେବଳ ରାଷ୍ଟ୍ର ମଧ୍ୟରେ ନୁହେଁ, ବ୍ୟକ୍ତିମାନଙ୍କ ମଧ୍ୟରେ ବନ୍ଧୁତାର ବିଶେଷ ଆବଶ୍ୟକତା ରହିଥିଲା। ତେଣୁ ଆମେରିକା କଂଗ୍ରେସ ବିଶ୍ୱ ବନ୍ଧୁତା ଦିବସ ପାଳନ ନିଷ୍ପତ୍ତି ନେଇଥିଲା। ଔପଚାରିକ ଘୋଷଣା ପରଠାରୁ ଅଗଷ୍ଟ ମାସର ପ୍ରଥମ ରବିବାର ବନ୍ଧୁ ଓ ବନ୍ଧୁତା ପାଇଁ ସମର୍ପିତ ହୋଇଥିଲା। ଏହା ବିଶ୍ୱରେ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ରୂପେ ପାଳନ କରାଯାଉଛି।



ସ୍ୱାଧୀନତା ଦିବସ ଉପଲକ୍ଷେ........

# ପ୍ରତୀକ୍ଷିତ ଭାଗ୍ୟ ସହିତ ଭେଟ

## (TRYST WITH DESTINY)

ମୂଳ ଇଂରାଜୀ : ଜବାହାରଲାଲ୍ ନେହେରୁ
ଭାଷାନ୍ତର : ବିପିନ ବିହାରୀ ମହାନ୍ତି

ବହୁବର୍ଷଧରି ଆମେ ପ୍ରତୀକ୍ଷିତ ଭାଗ୍ୟ ପାଇଁ ଚେଷ୍ଟିତ ଥିଲୁ ଏବଂ ବର୍ତ୍ତମାନ ସେ ମୁହୂର୍ତ୍ତ ପହଞ୍ଚିଛି ଯେତେବେଳେ ଆମେ ଆମର ଶପଥ ନେଉଛୁ, ସମ୍ପୂର୍ଣ୍ଣ ଭାବରେ ନହେଲେବି ପର୍ଯ୍ୟାପ୍ତ ଭାବରେ।

ମଧ୍ୟ ରାତ୍ରର ଏହି ବେଳାରେ, ଯେତେବେଳେ ସାରା ପୃଥିବୀ ନିଦ୍ରିତ, ଭାରତ ତା'ର ଜୀବନ ଓ ମୁକ୍ତି ପାଇଁ ଜାଗ୍ରତ ହେଉଛି। ଏହା ଏମିତି ଏକ ମୁହୂର୍ତ୍ତ ଯାହା କ୍ୱଚିତ୍ ଇତିହାସରେ ଦେଖାଯାଏ, ଯେତେବେଳେ ଆମେ ପୁରାତନରୁ ନୂତନକୁ ପଦାର୍ପଣ କରୁ, ଯେତେବେଳେ ଗୋଟିଏ ଯୁଗର ଅବସାନ ଘଟେ ଏବଂ ଯେତେବେଳେ ଦୀର୍ଘକାଳ ଦମିତ ଗୋଟିଏ ଜାତିର ଆଶା।

ସ୍ୱ ଅଭିବ୍ୟକ୍ତି ଲାଭକରେ।

ଇତିହାସର ପ୍ରତ୍ୟୁଷରୁ ଭାରତ ତାର ଅନ୍ତହୀନ ଅନ୍ୱେଷଣ ଆରମ୍ଭ କରିଆସିଛି ଏବଂ ଶତାବ୍ଦୀ ଶତାବ୍ଦୀ ଧରି ପଥ ଶୂନ୍ୟ ହୋଇ ଝଞ୍ଜା, କଳହ, କୃତକାର୍ଯ୍ୟର ମହୋତ୍ସବ ଏବଂ ଅକୃତକାର୍ଯ୍ୟର ସ୍ୱାଦ ଭିତରେ ବୁଡ଼ିରହିଛି। ତଥାପି ଏହି ସୌଭାଗ୍ୟ ଓ ଦୁର୍ଭାଗ୍ୟ ମଧ୍ୟରେ ସେ ତା'ର ଅନ୍ୱେଷଣରୁ ଦୂରେଇ ଯାଇନାହିଁ କିମ୍ବା ଯେଉଁ ଆଦର୍ଶମାନ ତାକୁ ଶକ୍ତି ବା ଦମ୍ଭ ଦେଇଥିଲା, ତାକୁ ସେ ଭୁଲିଯାଇନାହିଁ। ଆଜି ଆମେ ଆମ ଦୁର୍ଭାଗ୍ୟର ଦିନଗୁଡ଼ିକର ଅନ୍ତ ଆଣିଛୁ ଏବଂ ଭାରତ ତାକୁ ପୁନର୍ବାର ଆବିଷ୍କାର କରିଛି। ଯେଉଁ କୃତିତ୍ୱ ପାଇଁ ଆମେ ଆଜି ଉତ୍ସବ ମୁଖର, ଏହା କେବଳ ତା'ର ଗୋଟିଏ ପାହାଚ, ବୃହତ୍ତର ବିଜୟ ଓ କୃତିତ୍ୱ ଯାହା ଆମକୁ ଅପେକ୍ଷା କରିଛି, ତାହା ସୁଯୋଗର ଏକ ଅନୁକୂଳ ସମୟ ମାତ୍ର। ଆମେ କ'ଣ ଏହି ସୁଯୋଗକୁ ଆପଣେଇବାର ଯଥେଷ୍ଟ ସାହସୀ ଓ ବିଜ୍ଞ ନୋହୁଁ? କି କୌଣସି ପ୍ରତିକୂଳ ବା ପ୍ରତିଦ୍ୱନ୍ଦ୍ୱ ମୂଳକ ଆହ୍ୱାନକୁ ସାମ୍ନା କରିପାରିବୁ ନାହିଁ? ସ୍ୱତନ୍ତ୍ରତା ଓ କ୍ଷମତା କାର୍ଯ୍ୟଭାର ନଦିଦିଏ। ଏହି ଦାୟିତ୍ୱ ସାର୍ବଭୌମ ସ୍ୱାଧୀନରାଷ୍ଟ୍ରର ସାର୍ବଭୌମ୍ୟ ଲୋକପ୍ରତିନିଧି ସଭା ଉପରେ ନ୍ୟସ୍ତ ରୁହେ। ସ୍ୱତନ୍ତ୍ରତାର ଜନ୍ମ ପୂର୍ବରୁ ଆମେ ଆମ ଶ୍ରମ ଦେଇ ବହୁ ଯନ୍ତ୍ରଣା ସହ୍ୟ କରିଛୁ ଏବଂ ଏହିପ୍ରକାର ଦୁଃଖର ଆମ ହୃଦୟ ଭାରାକ୍ରାନ୍ତ ହୋଇଯାଇଛି। ସେଥିରୁ କିଛି ଯନ୍ତ୍ରଣା ଏବେ ଆମର ଅଛି। ଏହାନୁହେଁ ଯେ ଅତୀତ ଗତ ହୋଇଛି ଏବଂ ଏହା ଆମର ଭବିଷ୍ୟତ, ଯାହା ଆମକୁ ତା' ଆଡ଼କୁ ଇଙ୍ଗିତ ଦେଉଛି।

ଭବିଷ୍ୟତ ଆମ ପାଇଁ ଆରାମ କି ବିଶ୍ରାମ ନୁହେଁ; କିନ୍ତୁ ଏକ ନିରନ୍ତର ସଂଗ୍ରାମ ପାଇଁ ଯାହାଦ୍ୱାରା ଆମେ ଆମର ଅଙ୍ଗୀକାରବଦ୍ଧତାକୁ ପରିପୂର୍ଣ୍ଣ କରିବୁ, ଯାହା ଖୁବ୍‌ଶୀଘ୍ର କରିବାକୁ ହେବ, ଏମିତିକି ଆଜିଠୁ ଲାଗିବାକୁ ହେବ। ଭାରତର ସେବାକହିଲେ, ଲକ୍ଷଲକ୍ଷ ଯନ୍ତ୍ରଣାକ୍ଳିଷ୍ଟ, ପତିତମାନଙ୍କର ସେବା, ଯାହାର ଅର୍ଥ ହେଉଛି ଦାରିଦ୍ର୍ୟ, ଅଜ୍ଞତା, ରୋଗ ଏବଂ ସୁଯୋଗର ଅସମତା ଦୂରୀକରଣ କରିବା। ଆମ ସମୟରେ ଏମାଟିର ମହାତ୍ମାଙ୍କର ଲକ୍ଷ୍ୟ ହେଉଛି, ପ୍ରତିଟି ଆଖିରୁ ପ୍ରତି ଅଶ୍ରୁ ବିନ୍ଦୁକୁ ପୋଛିଦେବା; ଏଇଟା ଆମ ଆୟତ୍ତର ବାହାର ହୋଇପାରେ; କିନ୍ତୁ ଜାଣିବା କଥା ଯେ ଯେଯାଏଁ ଲୁହ ଏବଂ ଯନ୍ତ୍ରଣା ଅଛି, ସେଯାଏଁ ଆମ କାମ ସରିନାହିଁ ବୋଲି ଭାବ।

ଏଥିପାଇଁ ଆମକୁ କଠିନ ଶ୍ରମ କରିବାକୁ ହେବ, ତାହାହେଲେ ଯାଇଁ ଆମେ ଆମ ସ୍ୱପ୍ନକୁ ସାକାର କରିପାରିବୁ। ଏସ୍ୱପ୍ନ ନିଶ୍ଚିତଭାବେ ଭାରତର: ଏହା ମଧ୍ୟ ସମଗ୍ର ପୃଥିବୀବାସୀଙ୍କ ପାଇଁ ଆଜି ସମସ୍ତ ବିଶ୍ୱବାସୀ ଏମିତି ଏକ ଦୃଢ଼ବନ୍ଧନକର ଆବଦ୍ଧଯେ, କେହି କାହାକୁ ଛାଡ଼ି ବଞ୍ଚିପାରିବେ ନାହିଁ। ଶାନ୍ତି ପରି ମୁକ୍ତି ଅବିଭାଜ୍ୟ; ସେମିତି ବି ସମୃଦ୍ଧି। ସେହିପରି ଏକ ଜଗତରେ ବାସ କରୁଥିବା ଦୁରବସ୍ଥାକୁ ଖଣ୍ଡଖଣ୍ଡ କରି ପୃଥକ କରିହେବ ନାହିଁ।

ଆମେ ଯିଏକି ଭାରତର ଲୋକ ପ୍ରତିନିଧି, ଭାରତବାସୀଙ୍କୁ ନିବେଦନ କରୁକି ସେମାନେ ବିଶ୍ୱାସ ଓ ସାହସର ସହିତ ଏ ଦୁଃସାହସିକ ପ୍ରଚେଷ୍ଟାରେ ଆମ ସହିତ ହାତ ମିଳାନ୍ତୁ। ଏଇଟା ସାମାନ୍ୟ କଥାରେ ବିନାଶର କାରଣରେ ତର୍କ, ତକରାଳ, ନିନ୍ଦା ବା ସମାଲୋଚନାର ବେଳ ନୁହେଁ। କାହାର ଅମଙ୍ଗଳ ଚିନ୍ତିବା ବା କାହାକୁ ଦୋଷାରୋପ କରିବାର ସମୟ ନୁହେଁ। ଆମେ ମୁକ୍ତ ଭାରତର ମହତ ମହଲମାନ ଗଢ଼ିବାକୁ ଯାଉଛୁ ଯେଉଁଠି ତା' ସନ୍ତାନମାନେ ବାସ କରିବେ।

ନିର୍ଦ୍ଧାରିତ ଦିବସଟି ଆସିଗଲା : ଯେଉଁ ଦିନଟିକୁ ସମୟ ନିର୍ଦ୍ଧାରଣ କରିଥିଲା ଏବଂ ଦୀର୍ଘଦିନର ନିଦ୍ରାକୁ ଭଙ୍ଗକରି ଭାରତ ପୁନର୍ବାର ତା' ଗୋଡ଼ରେ ଛିଡ଼ାହେଲା; ଏ ସଂଗ୍ରାମ ତାକୁ ଜାଗ୍ରତ କରି ମୁକ୍ତି ଓ ସ୍ୱାଧୀନତା ଦେଇଛି। ତଥାପି ଅତୀତ ଅନେକ ପରିମାଣରେ ଦୃଢ଼ ଭାବରେ ଆମଠି ଲାଖିରହିଛି ଏବଂ ଏଥିପାଇଁ ଆମକୁ ବହୁମୂଲ୍ୟଦେଇ ଆମ ଅଙ୍ଗୀକାରବଦ୍ଧତାକୁ ରକ୍ଷା କରିବାକୁ ହେବ। କଥାଟି ହେଲା ଆମ ଅତୀତ

ଏବଂ ସେଥିରୁ ଆମେ ପୁନଶ୍ଚ ନୂଆ ଇତିହାସ ଆରମ୍ଭ କରିବୁ; ଏହି ଇତିହାସ ନେଇ ଆମେ ବଞ୍ଚିବୁ, କାର୍ଯ୍ୟ କରିବୁ ଏବଂ ଏହାକୁ ନେଇ ଅନ୍ୟମାନେ ଲେଖନୀ ଚାଳନା କରିବେ।

ଏହା ଆମ ଭାରତୀୟମାନଙ୍କ ପାଇଁ ଏକ ସୌଭାଗ୍ୟର ମୁହୂର୍ତ୍ତ: ଖାଲି ସେତିକି ନୁହେଁ ସାରା ଏସିଆ ଓ ଜଗତ ପାଇଁ ମଧ୍ୟ। ଏକ ନୂତନ ସୂର୍ଯ୍ୟର ଅଭ୍ୟୁଦୟ ହୋଇଛି, ମୁକ୍ତିର ସୂର୍ଯ୍ୟ, ବିଶେଷକରି ପ୍ରାଚ୍ୟ ଜଗତରେ : ଏକ ନୂତନ ଆଶା ଉଙ୍କି ମାରୁଛି, ବହୁ ଦିନର ଏକ ଅଭିଳଷିତ ସ୍ୱପ୍ନ ସାକାର ହୋଇଛି। ଆଶାକରୁ ଏହି ସୂର୍ଯ୍ୟଟିର ଅସ୍ତ ନହେଉ, ଏବଂ ଆମର ଆଶା ବିଶ୍ୱାସଘାତକତା ବା ପ୍ରତାରିତ ନକରୁ।

ଯଦିଓ ଆମ ଚାରିପଟେ ବାଦଲ ଘେରି ରହିଛି, ଆମେ ତା'ରି ଭିତରେ ଆନନ୍ଦରେ ମାତି ଉଠିଛୁ, ଆମର ଅନେକ ଲୋକ ଦୁଃଖାଭିଭୂତ ଏବଂ ଆମ ଚାରିପଟେ ବହୁ ଜଟିଳ ସମସ୍ୟା ବର୍ତ୍ତମାନ ଅଛି : କିନ୍ତୁ ଏ କଥାଟି ସତ୍ୟ ଯେ ସ୍ୱତନ୍ତ୍ରତା ଅନେକ ଦାୟିତ୍ୱ ଓ ଜଞ୍ଜାଳ ମୁଣ୍ଡାଇ ଦିଏ; ଆମେ ଏହାକୁ ମୁକ୍ତ ଓ ଶୃଙ୍ଖଳିତ ଭାବେ ସମ୍ମୁଖୀନ ହେବାକୁ ପଡ଼ିବ।

ଆଜି ଏହି ଦିବସରେ ପ୍ରଥମେ ଆମର ସମସ୍ତ ଭାବନା ଏ ମୁକ୍ତି ସଂଗ୍ରାମର ସ୍ଥପତି, ଆମ ଜାତିର ପିତା, ଗାନ୍ଧିଜୀ ଯିଏକି ଆମ ଅତୀତ ଭାରତର ଶକ୍ତିକୁ ଏକତ୍ରିତ କରି ସ୍ୱାଧୀନତାର ବତୀଟିଏ ଜାଳି ଆମକୁ ଘେରି ରହିଥିବା ଏ ଅନ୍ଧକାରକୁ ଆଲୋକିତ କଲେ, ଆମେବି ବେଳେବେଳ ତାଙ୍କର ଅଯୋଗ୍ୟ ଅନୁଗାମୀ ପାଲଟି ଯାଉଛୁ ଏବଂ ତାଙ୍କ ବାର୍ତ୍ତାଠୁ ଦୂରେଇ ଯାଉଛୁ; କିନ୍ତୁ କେବଳ ଆମେ ନୁହେଁ, ଆମର ଆଗାମୀ ବଂଶଧର ଏହି ବାର୍ତ୍ତାକୁ ମନେରଖିବେ ଓ ଭାରତର ଏହି ମହାନ ପୁତ୍ର  ଯିଏକି ତାଙ୍କ ବିଶ୍ୱାସ, ସାମର୍ଥ୍ୟ, ସାହାସ ଏବଂ ବିନୟତାର କେତେ ସୁନ୍ଦର, ତାଙ୍କୁ ହୃଦୟରେ ଛାପିନେବେ। ଆମେ କେବେହେଲେ ମୁକ୍ତିର ସେ ମଶାଲକୁ ଲିଭିବାକୁ ଦେବୁନାହିଁ ଯେତେବଡ଼ ଏବଂ ଉଚ୍ଚ ପବନ ବହୁ, ଝଞ୍ଜା କି ଝଡ଼ ଆସୁପଛେ।

ଆମର ପରବର୍ତ୍ତୀ ଚିନ୍ତା ନିଶ୍ଚିତ ଭାବେ ସେହି ମୁକ୍ତି ସଂଗ୍ରାମର ଅଜଣା ସ୍ୱେଚ୍ଛାସେବୀ ଓ ସୈନିକମାନଙ୍କପାଇଁ ଯେଉଁମାନେ ବିନା ପ୍ରଶଂସା ବା ପୁରସ୍କାରରେ ଭାରତର ସେବା କରିଛନ୍ତି ଅଥବା ସହିଦ୍ ହୋଇଛନ୍ତି।

ଆମେମଧ୍ୟ ଆମଠାରୁ ବିଛିନ୍ନ ଥିବା ରାଜନୈତିକ ସୀମା ବାହାରେ ଯେଉଁ ଭାଇ ଓ ଭଉଣୀମାନେ ଅଛନ୍ତି ଏବଂ ଆଜିର ଏହି ସ୍ୱାଧୀନତା ଦିବସରେ ଅଂଶୀଦାର ହୋଇପାରୁନାହାନ୍ତି, ତାଙ୍କକଥା ଚିନ୍ତା କରୁଛୁ। ସେମାନେ ଆମର ଓ ସବୁଦିନ ଆମର ହୋଇଥିବେ ଯେତେଯାହା ହେଲେବି ଏବଂ ଆମେ ବି ସେମାନଙ୍କର ସୌଭାଗ୍ୟ ଓ ଦୁର୍ଭାଗ୍ୟର ଅଂଶୀଦାର ରହିଥିବୁ।

ଭବିଷ୍ୟତ ଆମକୁ ସଂକେତ ଦେଲାଣି। ଆମେ ଆଗକୁ ମାଡ଼ିଚାଲିବା ତ ! ଏଥିକୁ କିପ୍ରକାର ପ୍ରୟାସ ଜାରିରଖିବାକୁ ହେବ ? ଭାରତର ସାଧାରଣ ବ୍ୟକ୍ତି, କୃଷକ ଓ ଶ୍ରମିକମାନଙ୍କୁ ସ୍ୱତନ୍ତ୍ରତା ଓ ସୁବିଧା ଆଣିବାରେ, ଦାରିଦ୍ର୍ୟ, ଅଜ୍ଞତା ଓ ରୋଗ ବିରୁଦ୍ଧରେ ସଂଗ୍ରାମ କରି ନିପାତ କରିବାର ଏକ ସମୃଦ୍ଧିଶାଳୀ, ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଦେଶ ଗଢ଼ିବାରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଅନୁଷ୍ଠାନମାନ ସୃଷ୍ଟିକରିବାରେ; ପ୍ରତିଟି ପୁରୁଷ ଏବଂ ନାରୀମାନଙ୍କ ପାଇଁ ନ୍ୟାୟକୁ ନିଶ୍ଚିତ କରିବାରେ ତଥା ଜୀବନର ପୂର୍ଣ୍ଣତା ଆଣିବାରେ ଆମକୁ କିଛି କରିବାକୁ ହେବ।

ଆମ ଆଗରେ କେତେ କଠିନ କାମ। ଯେଯାଏଁ ମୂଲ୍ୟଦେଇ ସମ୍ପୂର୍ଣ୍ଣଭାବରେ ଆମେ ଆମର ଶପଥ ପାଳନ କରିନାହୁଁ, ଯେଯାଏଁ ଆମେ ଭାରତର ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିନାହୁଁ, ସେ ଯାଏଁ ଆମ କାହାରିକୁ ବିଶ୍ରାମ ନାହିଁ। ଆମେ ଏକ ବିରାଟ ଦେଶର ନାଗରିକ, ଆତ୍ମବିଶ୍ୱାସର ଅଗ୍ରସର: ଆମକୁ ସେହିପରି ଏକ ଉଚ୍ଚ ମହତ୍ତ୍ୱପୂର୍ଣ୍ଣ ଅବସ୍ଥାରେ ବଞ୍ଚିବାକୁ ହେବ। ଆମେ ସମସ୍ତେ ଯିଏ ଯୋଉ ଧର୍ମର ହେଉ, ସମାନ ଭାବରେ ଭାରତର ସନ୍ତାନ; ସମାନ ଅଧିକାର, ସୁଯୋଗ ଏବଂ ସ୍ୱାଧିକାର ସହ ବଞ୍ଚିବୁ। ଆମେ କେବେହେଲେ ସାମ୍ପ୍ରଦାୟିକ ଏବଂ ସଂକୀର୍ଣ୍ଣ ମନୋଭାବକୁ ପ୍ରଶ୍ରୟ ଦେବୁନାହିଁ, କାରଣ କୌଣସି ଜାତି ସଂକୀର୍ଣ୍ଣ ଚିନ୍ତାଧାରା ଓ କାର୍ଯ୍ୟକଳାପ ଥାଇ ମହାନ ନୁହେଁ।

ପ୍ରତିଟି ଦେଶ ଓ ପୃଥିବୀବାସୀଙ୍କୁ ଆମେ ଆମର ଅଭିବାଦନ ପଠାଉଛୁ ଏବଂ ଶପଥ ନେଉଛୁ ଯେ ଶାନ୍ତି, ମୁକ୍ତି ଓ ଗଣତନ୍ତ୍ର ଆଣିବାରେ ଆମେ ତାଙ୍କୁ ସହଯୋଗ ଜାରିରଖିବୁ।

ଏବଂ ଭାରତପ୍ରତି, ଯିଏ ଆମର ମମତାମୟୀ ମାତୃଭୂମି, ଯାହାକୁ ଏତେ ଭଲପାଉ, ଯିଏ ପ୍ରାଚୀନ, ଶାଶ୍ୱତ ଏବଂ ସଦା ନୂତନ, ଆମେ ତା' ପ୍ରତି ଆମର ଭକ୍ତିପୂତ ବିନମ୍ର ପ୍ରଣାମ ଜଣାଉଛୁ ଏବଂ ତା' ସେବାରେ ପୁନର୍ବାର ଆମ୍ଭେମାନେ ନିଜକୁ ବନ୍ଧିତ ଓ ନିୟୋଜିତ କରୁଛୁ। ଜୟହିନ୍ଦ୍।

୧୯୪୭ ଅଗଷ୍ଟ ୧୪-୧୫ ମଧ୍ୟରାତ୍ରିରେ ପଣ୍ଡିତ ଜବାହାର ଲାଲ୍ ନେହେରୁ ଭାରତର ପ୍ରଥମ ସ୍ୱାଧୀନତା ଦିବସରେ ଦେଶ ଉଦ୍ଦେଶ୍ୟରେ ଏହି ବାର୍ତ୍ତାଟି ପରିବେଷଣ କରିଥିଲେ। ଏହା ୧୫ ଅଗଷ୍ଟ ୧୯୪୭ ଦିନ ବିଭିନ୍ନ ଗଣମାଧ୍ୟମରେ ଯଥା 'ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ୍', 'ଷ୍ଟେଟସ୍‌ମ୍ୟାନ୍' ଇତ୍ୟାଦିରେ ପ୍ରକାଶିତ ହୋଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱାଧୀନତାପ୍ରାପ୍ତିର ୭୦ବର୍ଷ ପରେ ଏବାର୍ତ୍ତାର ପ୍ରାସଙ୍ଗିକତା କେତେଦୂର ଅଛି, ତାହା ଆମେ ବିଚାର କରିବାକଥା। ବର୍ତ୍ତମାନର ସ୍ଥିତି ଓ ଏହି ବାର୍ତ୍ତାକୁ ତର୍ଜମା କଲେ ଆମେ ଭାବି ପାରୁନୁ ଯେ ସତରେ ଆମେ ସ୍ୱାଧୀନତା ପାଇଛୁ। ମୁଷ୍ଟିମେୟ ଲୋକଙ୍କ ହସ୍ତରେ ରାଜଦଣ୍ଡ। ସେ ପୁଣି ବଂଶାନୁକ୍ରମିକ ପାଲଟିଗଲାଣି। ସେଇମାନଙ୍କର ଏ ସ୍ୱାଧୀନତା। ଶୋଷଣ ଚାଲିଛି। କୋଉ କଥାଟା ଦୂର ହୋଇଛି ଯେ, ବେକାରୀ, ଦାରିଦ୍ର୍ୟ, ରୋଗ, ପେଟକୁ ଦାନା, ଦେହକୁ କନା, ମୁଣ୍ଡ ଗୁଞ୍ଜିବାକୁ ବାସ.. ନା' ସଂକୀର୍ଣ୍ଣତା, ଅନ୍ଧବିଶ୍ୱାସ, ଜାତିଆଣଭାବ... ! ଭାବୁଛୁ, ନେହେରୁଙ୍କ ବାର୍ତ୍ତାକୁ ପ୍ରତିପାଦନ କରିବାକୁ ହେଲେ, ସେ ସ୍ୱପ୍ନର ଭାରତ ପାଇବାପାଇଁ, ଆଉ ଗୋଟିଏ ବିପ୍ଳବ ଲୋଡ଼ା। ଆଉଜଣେ ଭିନ୍ନ ଗାନ୍ଧୀଙ୍କର ଆବଶ୍ୟକତା ଅଛି। ଏହାହିଁ ସତ୍ୟ।

**ଅଧ୍ୟକ୍ଷ**
**ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର, ଜଟଣୀ**
**ମୋ : ୯୯୩୮୩୪୧୩୮**



# ଯୋଗୀରାଜ ଶ୍ରୀକୃଷ୍ଣ

**(ଜନ୍ମାଷ୍ଟମୀ ଉପଲକ୍ଷେ)**

**ପଦ୍ମନାଭ ସ୍ୱାଇଁ**

ଆମେ ଆମର ପ୍ରାଚୀନ ଇତିହାସ ଉପରେ ଦୃଷ୍ଟିପାତ କଲେ ଭାରତୀୟ ସଭ୍ୟତା ଓ ସାଂସ୍କୃତିକ ମହାକାଶରେ ଦୁଇଟି ଉଜ୍ଜ୍ୱଳତମ ନକ୍ଷତ୍ର ଦୃଷ୍ଟିଗୋଚର ହୁଏ। ଯାହଙ୍କ ପ୍ରତି ଭାରତୀୟ ଜନମାନସରେ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି, ସମ୍ମାନ ଆଜି ବି ଅତୁଟ ରହିଛି। କୋଟି କୋଟି ଲୋକ ତ ତାଙ୍କୁ ଈଶ୍ୱରୀୟ ଅବତାର ବୋଲି ମାନିଥାନ୍ତି। ସେମାନେ ହେଲେ ତ୍ରେତୟାଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଏବଂ ଦ୍ୱାପରଯୁଗର ଯୋଗୀରାଜ ଶ୍ରୀକୃଷ୍ଣ। ଏହି ଉଭୟ ମହାନ୍ ଆତ୍ମା ନିଜନିଜ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ପ୍ରକାର ଶ୍ରେଷ୍ଠ କର୍ମ କରି ଉଚ୍ଚ ଆଦର୍ଶ ଛାଡ଼ିଯାଇଛନ୍ତି ଯାହା ଅତୁଳନୀୟ। ଉନବିଂଶ ଶତାବ୍ଦୀର ମହାନ୍ ସୁଧାରକ ମହର୍ଷି ଦୟାନନ୍ଦ ସ୍ୱରଚିତ କାଳଜୟୀ-କ୍ରାନ୍ତିକାରୀ ଗ୍ରନ୍ଥ ସତ୍ୟାର୍ଥପ୍ରକାଶରେ ଏହି ଉଭୟ ମହାପୁରୁଷଙ୍କର ଭୂରି-ଭୂରି ପ୍ରଶଂସା କରି ଉଭୟଙ୍କୁ ଆପ୍ତପୁରୁଷ ରୂପେ ଉଲ୍ଲେଖ କରିଛନ୍ତି।ସମଗ୍ର ବିଶ୍ୱରେ ହଜା ହଜାର ବର୍ଷ ଧରି ଏହି ଉଭୟଙ୍କର ଜନ୍ମଦିବସ ଅତ୍ୟନ୍ତ ହର୍ଷୋଲ୍ଲାସର ସହ କୋଟି କୋଟି ଲୋକ ପାଳନ କରିଆସୁଛନ୍ତି। ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ସମକାଳୀନ କୌଣସି ବି ମହାପୁରୁଙ୍କର ଜୟନ୍ତୀ ବା ଜନ୍ମୋତ୍ସବ ପାଳନ ହୋଇଆସୁଥିବା ବିଶ୍ୱଇତିହାସରେ ଦେଖିବାକୁ ମିଳେନାହିଁ। ଆମର ପ୍ରାଚୀନ ଐତିହାସିକ ଗ୍ରନ୍ଥ ରାମାୟଣ ଓ ମହାଭାରତରେ ଏହି ଦୁଇ ମହାନ୍ ଆତ୍ମାଙ୍କର ଆଦର୍ଶ-ଅନୁକରଣୀୟ ପ୍ରେରଣାପ୍ରଦ ଜୀବନୀ ଏଭଳି ସୁନ୍ଦର ଶୈଳୀରେ ଉପସ୍ଥାପନ ହୋଇଛି ଯାହା ଆଜି ବି ସାଧାରଣ ଜନତାଙ୍କୁ ଆଦର୍ଶ ଜୀବନଧାରଣ ଦ୍ୱାରା ଉନ୍ନତିର ଚରମ ସୋପାନରେ ପହଞ୍ଚିବା ପାଇଁ ପ୍ରେରିତ କରେ।

ଆଜି ଯୋଗୀରାଜ ଶ୍ରୀକୃଷ୍ଣଙ୍କର ଜୟନ୍ତୀ(ଜନ୍ମାଷ୍ଟମୀ) ଉପଲକ୍ଷେ ଆମେ ତାଙ୍କର ଜୀବନକାଳରେ ଘଟିଥିବା କିଛି ଘଟଣା ତଥା ଶ୍ରେଷ୍ଠ କାର୍ଯ୍ୟର ସାରାଂଶ ଉପସ୍ଥାପନ କରିବାକୁ ପ୍ରୟାସ କରୁଛୁ ଯାହା ପ୍ରାଚୀନ ଗ୍ରନ୍ଥମାନଙ୍କରେ ବର୍ଣ୍ଣନା ରହିଛି।

ମହର୍ଷି ବେଦବ୍ୟାସ ଶ୍ରୀକୃଷ୍ଣଙ୍କର ସମକାଳୀନ ଥିଲେ ଏବଂ ତାଙ୍କ ଦ୍ୱାରା ରଚିତ ମହାନ୍ ଗ୍ରନ୍ଥ ମହାଭାରତରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଜୀବନକାଳରେ ଘଟିଥିବା ଘଟଣାଗୁଡ଼ିକ ଉପରେ ଦୃଷ୍ଟିପାତ କରି ପାଠକଗଣ ସ୍ୱୟଂ ବିଚର କରିବେ କି ବାସ୍ତବରେ ଯୋଗେଶ୍ୱର ଶ୍ରୀକୃଷ୍ଣ କଣ ଥିଲେ ? କିପରି ଥିଲେ ?

(୧) ତାଙ୍କର ସାର୍ବଜନିକ ଜୀବନର ପ୍ରାରମ୍ଭ ମଥୁରାର ଅତ୍ୟାଚାରୀ ରାଜା କଂସ ଯେକି ଅକ୍ରୂର ଦ୍ୱାରା ଦୁଇ ଭାଇ କୃଷ୍ଣ ଓ ବଳରାମଙ୍କୁ ଡକାଇ ମଲ୍ଲଯୁଦ୍ଧ କରାଇ ଯୋଜନାବଦ୍ଧ ଭାବେ ହତ୍ୟା କରିବାର ପ୍ରୟାସରୁ ହୋଇଥିଲା। ଯାହାର ପରିଣାମ ସ୍ୱରୂପ ଦୁଇ ଭାଇଙ୍କ ଦ୍ୱାରା କଂସାର ସାମ୍ରାଜ୍ୟର ପତନ ଘଟିବା ସହ ବାସ୍ତବିକ ଧର୍ମାତ୍ମା ଶାସକ ମହାରାଜା ଉଗ୍ରସେନଙ୍କୁ ଶାସନାରୂଢ଼ କରାଇବା ଓ ତତ୍‌କାଳୀନ ଭୟଭୀତ ଦୁଃଖୀ ଜନତାଙ୍କ ଦୁଃଖ ହରଣ କରିବା ତଥା ନିଜକୁ ରାଜସିଂହାସନର ଲାଳସାଠାରୁ ଦୂରେଇ ରଖିବା।

(୨) ମଗଧରାଜ୍ୟର କ୍ରୁର, ଅତ୍ୟାଚାରୀ, ସାମ୍ରାଜ୍ୟ ବିସ୍ତାରକାରୀ, ଶକ୍ତିଶାଳୀ ରାଜା ଜରାସନ୍ଧକୁ ବିନା ଯୁଦ୍ଧରେ କୂଟନୀତି ବଳରେ ହତ୍ୟାକରି ତାର ପୁତ୍ର ସହଦେବକୁ ମଗଧରାଜ୍ୟ ସିଂହାସନାରୁଢ଼ କରିବା।

(୩)ରାଜା ଦ୍ରୁପଦଙ୍କ ସୁଯୋଗ୍ୟା, ସୁଶୀଳା, ବିଦୁଷୀ କନ୍ୟା ଦ୍ରୌପଦୀଙ୍କ ସ୍ୱୟଂବରରେ ଅର୍ଜୁନଙ୍କ ଦ୍ୱାରା ପାଣ୍ଡବଙ୍କୁ ବିଜୟୀ କରାଇ, ବୁଦ୍ଧିମତ୍ତା ପୂର୍ବକ ସୁନିୟୋଜିତ ଢ଼ଙ୍ଗରେ ମହାରାଜା ଯୁଧିଷ୍ଠିରଙ୍କ ସହିତ ବିବାହ କରାଇବା ଏବଂ ପାଣ୍ଡବଙ୍କ ସହ ଦୃଢ଼ ମିତ୍ରତା ରଖିବା।

(୪) ଭୀଷ୍ମ, ମହର୍ଷି ବ୍ୟାସ ଏବଂ ମହାତ୍ମା ବିଦୁରଙ୍କ ମାଧ୍ୟମରେ କୁରୁବଂଶର ତିକ୍ତତାକୁ ଦୂରକରିବାର ପ୍ରୟାସ କରି ମହାରାଣୀ ଗାନ୍ଧାରୀଙ୍କ ଦ୍ୱାରା ପାଣ୍ଡୁ ପୁତ୍ରବଧୂ ଦ୍ରୌପଦୀଙ୍କର ମୁହଁ ଦେଖାରେ ବନର ଏକ ବିଶାଳ ଭୂଖଣ୍ଡ ପ୍ରାପ୍ତ କରାଇ ଶ୍ରେଷ୍ଠ ଶିଳ୍ପୀଙ୍କ ଦ୍ୱାରା କୁରୁକ୍ଷେତ୍ର ନିର୍ମାଣ କରି ପାଣ୍ଡବଙ୍କର ରାଜ୍ୟ ସ୍ଥାପନ କରିବା।

(୫) ସଭାରେ ଶିଶୁପାଳ ଅନେକ ଥର କଟୁବଚନ କହିଲେ ବି କ୍ଷମା କରିବା ଏବଂ ସେ ଯୁଦ୍ଧପାଇଁ ଆହ୍ୱାନ୍ କରିବାରୁ କ୍ଷାତ୍ରଧର୍ମ ରକ୍ଷାକରି ସୁଦର୍ଶନଚକ୍ର ଦ୍ୱାରା ଶିରଛେଦନ କରିବା।

(୬) ପାଣ୍ଡବଙ୍କର ୧୨ବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ ପରେ ରାଜା ବିରାଟଙ୍କ ସହ ସମ୍ବନ୍ଧ ସ୍ଥାପନ ସହ ପାଣ୍ଡବଙ୍କ ସହ ଦୃଢ଼ ସମ୍ବନ୍ଧ ରଖି ଭାବି ଯୋଜନା ପୂର୍ବକ ପାଣ୍ଡବଙ୍କର ଦୂତ ହୋଇ ଦୁର୍ଯ୍ୟୋଧନ ସହ ଯଥାଯୋଗ୍ୟ ବ୍ୟବହାର କରି ନୀତି ପୂର୍ବକ ଆସିବାକୁ ଥିବା ଯୁଦ୍ଧର ସଂକଟରୁ ରାଷ୍ଟ୍ର ହିଁ ନୁହେଁ ସମଗ୍ର ବିଶ୍ୱକୁ ରକ୍ଷାକରିବା ପାଇଁ ପୂର୍ଣ୍ଣ ପ୍ରୟାସ କରିବା।

(୭) ଶ୍ରୀକୃଷ୍ଣ ଅତି ଚତୁର, ଦୂରଦର୍ଶୀ, ସୁଯୋଗ୍ୟ ରାଜନୀତିଜ୍ଞ, ଶ୍ରେଷ୍ଠବୀର, ନୀତି-ନିପୁଣ ବ୍ୟକ୍ତିତ୍ୱର ମହାନ୍ ଆପ୍ତପୁରୁଷ ଥିଲେ। ସେ ଶକ୍ତିଶାଳୀ ହୋଇଥିଲେ ବି ମହାଭାରତ ଯୁଦ୍ଧର ବିନାଶକ ବିଭୀଷିକାରୁ ରକ୍ଷାପାଇଁ ପରସ୍ପର ଶାନ୍ତି ଆଲୋଚନା, ରାଜନୀତି, କୂଟନୀତି ପୂର୍ବକ ସମସ୍ତ ପ୍ରଯନ୍ କରିଥିଲେ।

(୮) ଯୁଦ୍ଧର ପରିସ୍ଥିତି ଆସିବା ପରେ କୁରୁକ୍ଷେତ୍ରରେ ଅର୍ଜୁନଙ୍କର ଯୁଦ୍ଧ ସ୍ଥଳରୁ ପଳାୟନ ଭାବନାକୁ ଦୂର କରିବା ପାଇଁ ଯାହା ବେଦୋକ୍ତ

ବିଦ୍ୱତ୍ତା ପୂର୍ଣ୍ଣ ଉପଦେଶ ଦେଇଥିଲେ ତାହା ଶ୍ରୀମଦ୍ ଭଗବତ୍ ଗୀତା ରୂପେ ଆଜି ବି ସାରା ବିଶ୍ୱବିଖ୍ୟାତ।

ତାଙ୍କର ସମକାଳୀନ ମହାପୁରୁଷଙ୍କର ବି ତାଙ୍କ ପ୍ରତି ବହୁତ ଉଚ୍ଚ ବିଚାର ଥିଲା। ଉଦାହରଣ ସ୍ୱରୂପ - ରାଜସୂୟ ଯଜ୍ଞ ସମୟରେ ପିତାମହ ଭୀଷ୍ମ ବି ଶ୍ରୀକୃଷ୍ଣଙ୍କର ମହାନତାର ଦିଗ୍ଦର୍ଶନ କରାଇଥିଲେ। ଅର୍ଘ୍ୟ ଦେବାପାଇଁ ସର୍ବଶ୍ରେଷ୍ଠ ବ୍ୟକ୍ତିଙ୍କ ଚୟନ କରିବା ପାଇଁ ଶ୍ରୀକୃଷ୍ଣଙ୍କୁ ହିଁ ଏକମାତ୍ର ଯୋଗ୍ୟ ବ୍ୟକ୍ତି ରୂପେ ନିରୁପିତ କରି କହିଥିଲେ -

ବେଦ ବେଦାଙ୍ଗ ବିଜ୍ଞାନଂ ବଲଂ ଚାପ୍ୟଧିକ ତଥା।
ନଣାଂ ଲୋକେହି କୋଽନ୍ୟୋଽସ୍ତି ବିଶେଷଃ କେଶ ବ୍ରାହତେ॥
ଦାନଂ ଦାକ୍ଷ୍ୟଂ ଶ୍ରୁତଂ ଶୌର୍ଯ୍ୟ ହିଃ କୀର୍ତି ବୁଦ୍ଧିରୁତ୍ତମା।
ସନ୍ନତିଃ ଶ୍ରୀର୍ଧୃତି ସ୍ତୁଷ୍ଟିଃ ପୁଷ୍ଟିଶ୍ଚ ନିୟତାଚ୍ୟୁତେ ॥
ଋତ୍ୱିଗ୍ ଗୁରୁସ୍ତଥାଽଽଚାର୍ଯ୍ୟଃ ସ୍ନାତକା ନୃପତିଃ ପ୍ରିୟଃ।
ସର୍ବମେତ ଦୃହଷି କେଶ ସ୍ତସ୍ମା ଦଭ୍ୟର୍ଚିତୋଽଚ୍ୟୁତଃ॥
(ମହାଭାରତ ସଭାପର୍ବ .୩୮/୧୯,୨୦,୨୨)

ଅର୍ଥାତ୍ ସଂସାରରେ କୃଷ୍ଣଙ୍କଠାରୁ ଅଧିକ କିଏ ବେଦ ଶାସ୍ତ୍ରର ଜ୍ଞାତା, ସାମର୍ଥ୍ୟବାନ୍ ଅଛି। ଶ୍ରୀକୃଷ୍ଣଙ୍କଠାରେ ଦାନବୃତ୍ତି, ବ୍ୟବସ୍ଥାପନ, କାର୍ଯ୍ୟକୁଶଳତା, ଶୂରବୀରତା, ଲଜ୍ଜା, ଶ୍ରୀ, ଯଶ, ଉତ୍ତମ ବୁଦ୍ଧି, ବିନମ୍ରତା, ବୈଭବ, ଧୈର୍ଯ୍ୟ, ତୁଷ୍ଟି(ସନ୍ତୋଷ), ଯଜ୍ଞକର୍ତ୍ତା, ଗୁରୁ, ଆଚାର୍ଯ୍ୟ,ସ୍ନାତକ,ରାଜା ସଦୃଶ୍ୟ ଆଦି ଅନେକ ଗୁଣ ବିଦ୍ୟମାନ ରହିଥିଲା ।କିପରି ବିଡମ୍ବନା କାଳର କରାଳ ଗତିରେ ଏପରି ସର୍ବଶ୍ରେଷ୍ଠ ମହାପୁରୁଷ ଯେ କି ଭାରତବର୍ଷକୁ ବିଶ୍ୱର ମଉଡମଣି କରିବାରେ, ଧର୍ମ ସୁରକ୍ଷା ଏବଂ ଅଧର୍ମର ବିନାଶ ପାଇଁ ଯେପରି ସ୍ୱର୍ଣିମ ସଂକଳ୍ପ ତଥା ସମଗ୍ର ବିଶ୍ୱରେ ଚକ୍ରବର୍ତ୍ତୀ ସାମ୍ରାଜ୍ୟ ସ୍ଥାପନର ଶୁଭ ସଂକଳ୍ପକୁ ସାକାର କରିବାରେ ସମଗ୍ର ଜୀବନରେ ପ୍ରତିକୂଳ ପରିସ୍ଥିତିରେ ବି ପୂର୍ଣ୍ଣ କାର୍ଯ୍ୟ କୁଶଳତା ପୂର୍ବକ ନିଜକୁ ସମର୍ପିତ କରିଥିଲେ ।ଏପରି ମହାନ୍ ଯୋଗୀଙ୍କୁ ଆମେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ କେଉଁଠି ଆଣି ପହଂଚାଇଦେଲେ ।ପରିଣାମ ସ୍ୱରୂପ ଆମର ଦୁର୍ଦ୍ଦଶା ହେବା ଚିନ୍ତାର ବିଷୟ ଅଟେ ।ତେବେ ଆସନ୍ତୁ ମହାନ୍ ଯୋଗୀରାଜ ଶ୍ରୀକୃଷ୍ଣଙ୍କର ଶୁଦ୍ଧ ଜୀବନୀକୁ ଜାଣିବାପାଇଁ ମହାଭାରତ ଭଳି ଗ୍ରନ୍ଥ ଅଧ୍ୟୟନ କରିବା ସଙ୍ଗେସଙ୍ଗେ ପାଖଣ୍ଡ ପୁରାଣାଦିଠାରୁ ଦୂରେଇ ରହିବା ପାଇଁ ସଂକଳ୍ପବଦ୍ଧ ହେବା ।ଏହାଦ୍ୱାରା ଶ୍ରୀକୃଷ୍ଣଙ୍କ ନାମରେ ସମାଜରେ ବିକୃତ ଲୀଳା ଚଳାଇଥିବା ଭଣ୍ଡ-ପାଖଣ୍ଡି-ଆଣ୍ଠୁଆ ଗୋପାଳ ଭଳି ନକଲି କୃଷ୍ଣଙ୍କର ଆବିର୍ଭାବକୁ ଅଟକାଇ ସମାଜକୁ ଶ୍ରେଷ୍ଠ ମାର୍ଗରେ ଅଗ୍ରସର କରିପାରିବା ।ଏଥିପାଇଁ ଈଶ୍ୱର ଆମକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ,ଆଜିର ଏହି ଶୁଭ ଦିନରେ ଏହାହିଁ କାମନା।

**ସମ୍ପାଦକ-ଶ୍ରୁତିନ୍ୟାସ**
**ଏଫ-୨୨,ସେକ୍ଟର-୧୮**
**ରାଉରକେଲା-୦୩**
**ମୋ : ୯୮୬୧୩୩୫୩୨୧**


# ଏ କ'ଣ ସାମ୍ୟବାଦ



**ଧ୍ରୁବ ରଣା**

କନଫୁସିୟସ-ଫାହିୟାନର
ମାନବାଦୀ ମାଟି ଚୀନ
ଆଜି ଲାଲ୍ ପତାକା ତଳେ
ଜନଗଣତନ୍ତ୍ରର
ଇଲାହୀ ଚିଲମ ଟାଣୁଛି
ଭୂଗୋଳର ଭୋଗ ଲାଳସାରେ,
ତା'ର ବିସ୍ତାରବାଦୀ ଇବାଦତ ଖାନାରେ
ପାକିସ୍ତାନକୁ ଯଜମାନ କରି
ପଡ଼ୋଶୀ ରାଷ୍ଟ୍ରମାନଙ୍କର
ଗଳିଆରିରେ
ପୁରୋଧା ସାଜିଛି
ନବ୍ୟ ଉପନିବେଶବାଦୀ
କୁଟିଳ ଆକାଂକ୍ଷାରେ ;
ସାମ୍ୟବାଦର ଖୋଳରେ
ପୁଞ୍ଜିବାଦର କୁତ୍ସିତ ରୂପକଳ୍ପରେ
ସେ ଉଦ୍ଧତ, ଉନ୍ମତ
ଏଣେ, କମ୍ରେଡ୍ ମାଓ
ଚିତ୍କାର କରି କହି ଉଠୁଛି
ଚୀନ୍ ଜନଗଣତନ୍ତ୍ରକୁ
"ୟେ' କ'ଣ ମୋ' ପ୍ରତିଷ୍ଠିତ ସାମ୍ୟବାଦ"।

**ଭଗତ ସିଂ ବିହାର**
**ବଡ଼ମ୍ବା, କଟକ**



(ଏବେ, କେବେ, କୋଉଠି- ୫୮)



# ପୁତନାର ପ୍ରେତ

ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଣ୍ଠ)

ଗଲାକାଲି କ୍ଷୀରବାଲା କ୍ଷୀର ଦେଇନଥିଲା। ତାର କ'ଣ ହୋଇଥିଲା କେଜାଣି ? ଆଜି ଗଲାକାଲିର ଲିଟରେ ଓ ଆଜିର ଲିଟରେ ଏମିତି ଦୁଇ ଲିଟର କ୍ଷୀର ଦେଇଯାଇଥିବାର ଖବରଟା ପତ୍ନୀ ସକାଳୁ ସକାଳୁ ଦେଲେ। ଗୋଟିଏ ଦିନ କ୍ଷୀର ଦେଇନଥିବାର ହିସାବରେ ଗୋଳମାଳ ହେବାର ସମ୍ଭାବନା ହେତୁ, କ୍ଷୀରବାଲା ତାହା ଆଜି ଭରଣା କରିଦେଇଛି। ପତ୍ନୀ ମଧ୍ୟ ଗଲାକାଲିର କ୍ଷୀରକୁ ଆଜି ପାଇ ଖୁସି ହୋଇ ରାତିକୁ ଚାଉଳକ୍ଷୀରି କରିବେ ବୋଲି ଘୋଷଣା କରି ସାରିଲେଣି। ପିଲା ଦୁଇଜଣ କ୍ଷୀରିର ବାସ୍ନାକୁ ମନେ ମନେ ହେଜୁଥାଇପାରନ୍ତି କିମ୍ବା ସେମାନେ ବି ଖୁସି ହୋଇଥାଇପାରନ୍ତି। କିନ୍ତୁ, ମୁଁ ଏକ ଭିନ୍ନ ପ୍ରକୃତିର ପ୍ରକୃତିଛଡ଼ା ମଣିଷ ହେତୁ, ଏସବୁକୁ ସହଜରେ ଗ୍ରହଣ କରିପାରୁନି। ଅତଏବ, ଆପଣମାନଙ୍କ ଗୋଚରାର୍ଥେ ମୋର ମର୍ମବେଦନା ବ୍ୟକ୍ତ କରୁଛି।

ଏଇ କ୍ଷୀରଦବାକୁ ନେଇ ଭାବନା ଲମ୍ବି ଚାଲିଲା। କାଲି ଯଦି କ୍ଷୀର ନଦେଲା ନାଇଁ, ଆଜି ତ ଦେଲା। ତେବେ ଭାବିବାର କଣ ଅଛି ? କିନ୍ତୁ ଭାବନା ବୋଲ ମାନୁନି। କୋଉ କାରଣ ପାଇଁ କ୍ଷୀରବାଲା କ୍ଷୀର ଦେଲାନି, ତାର ଅନେକ ସମ୍ଭାବ୍ୟ କାରଣ ଆପେ ଆପେ ମନକୁ ଆସିଗଲା। ତା' ଦେହ ଖରାପ ହେବାରୁ ସିଏ ଆସି ପାରିଲାନି କିମ୍ବା ରାତିରେ ବାଛୁରୀ ଫିଟି ଗାଈଠୁ ସବୁ କ୍ଷୀର ଖାଇଦେଲା ? ଗାଈ ପଘା ଛିଣ୍ଡେଇ ଗୁହାଳୁ କୁଆଡ଼େ ପଳେଇଯାଇଛି କିମ୍ବା ହୁରୁଡ଼ିଯାଇ ନାତ ପରେ ନାତ ମାରିବାରୁ ଗାଈ ଦୁହାଁ ହୋଇପାରିନି ? କ୍ଷୀର ଠେକି ତଳେ ଥୋଉ ଥୋଉ ଗଡ଼ିପଡ଼ିଲା କିମ୍ବା ବିଲେଇ କି କୁକୁର କ୍ଷୀର ସବୁ ଖାଇଦେଲା ? ଆଉ ଏମିତିରେ ଅନେକ କାରଣ ବି ହୋଇଥାଇପାରେ। ଯାହାହେଉ, ଗଲାକାଲି କ୍ଷୀର ଦେଇପାରିନି ଓ ତାହା ଆଜି ଭରଣା କରିଛି।

ସହଜେ ତ ପ୍ୟାକେଟ୍ କ୍ଷୀର ଖାଇ ଖାଇ ପାଟି ଶିଝୁଆ ହୋଇଯାଇଥିଲା। ଏଥକୁ ଦିନେ ନୀଳାମ୍ବର କହିଲା, ଏସବୁ କ୍ଷୀରରେ କୁଆଡ଼େ ଡିଟରଜେଣ୍ଟ, ୟୁରିଆ, ଆଦି ଅନେକ କ୍ଷତିକାରକ ପଦାର୍ଥ ମିଶୁଛି। ତେଣୁ ଦେଶୀ ଗାଈ କ୍ଷୀର ଖାଇବାକୁ ଉପଦେଶ ଦେଲା। ପାଣି ହେଉ ପଛେ ଏହା ଯେ ନିଧଡ଼କ କ୍ଷୀର ଏଥିରେ ସନ୍ଦେହ କରିବାର କିଛି ନାହିଁ ବୋଲି ମଧ୍ୟ କହିଲା। ହେଲେ ଦେଶୀକ୍ଷୀର ମିଳୁଛି କୁଆଡୁ ? ଆଜିର ଫଟାଫଟ୍ ଓ ରେଡ଼ିମେଡ୍ ଯୁଗରେ ଗାଈଗୋରୁ ଜଂଜାଳରେ ପଶୁଛି କିଏ ? ତେବେ, ଅନେକ ଖୋଜାଖୋଜି ଓ ପଚରାପଚରି ପରେ ଏଇ କ୍ଷୀରବାଲାର ସନ୍ଧାନ ମିଳିଲା। ପ୍ରଥମେ ପ୍ରଥମେ ନାହିଁ କଲା। ତା' ଗାଈ ପଡ଼ିଆ ହୋଇଗଲାଣି। ଆଉ ବେଶି କ୍ଷୀର ଦେଉନି। ଅମୁକ ଅମୁକଙ୍କ ଘରେ କ୍ଷୀର ଦେଉଛି। ପିଲାଙ୍କ ପାଇଁ ଘରେ ଏତିକି ରଖୁଛି। କ୍ଷୀର ପାଇବ ନାହିଁ। ଆପଣ ଅନ୍ୟଆଡ଼େ ଦେଖନ୍ତୁ। ବହୁ ଖୁସାମତ, ତାର 'ନାହିଁ' ଓ ମୋର 'ହଁ' ଭିତରେ, ଯାହାହେଉ ଶେଷରେ ସିଏ ରାଜି ହେଲା ଏବଂ ସେବେଠାରୁ ପ୍ରାୟ ବର୍ଷେ ହେଲା ସିଏ କ୍ଷୀର ଦେଇଚାଲିଛି। ହେଲେ ମୋ ମନରେ କେବେ ବି ପ୍ରଶ୍ନ ଉଠିନି ଯେ ବର୍ଷେ ତଳେ ପଡ଼ିଆ ହୋଇଯାଇଥିବା ଗାଈ ଏ ପର୍ଯ୍ୟନ୍ତ ଧାରାବାହିକ ଭାବେ କ୍ଷୀର ଦେଇଚାଲିଛି କେମିତି ?

ସେହି ନ୍ୟାୟରେ ସିଏ ଗଲାକାଲିର କ୍ଷୀରକୁ ଆଜି ଦେଲା କେମିତି ? ଗାଈ ଦିନକୁ ଦିନ ପଡ଼ିଆ ହେଉଛି। କ୍ଷୀରର ପରିମାଣ ଦିନକୁ ଦିନ କମୁଥିବ। ଯୋଉମାନଙ୍କ ଘରେ କ୍ଷୀର ଦେଉଥିଲା, ତାହା ତ ବନ୍ଦ ହୋଇନି। ଏତେ କ୍ଷୀର ସିଏ ଆଣୁଛି କୋଉଠୁ ? ତା' ଗାଈ କ'ଣ ଅଧିକ କ୍ଷୀର ଦେଇଦେଲା ନା ସିଏ ଅଧିକା ପାଣି ମିଶାଇଦେଲା ? ଆମଘରେ ଯେମିତି କ୍ଷୀର ଦେଇନଥିଲା, ଅନ୍ୟମାନଙ୍କ ଘରେ ବି ତ ଦେଇନଥିବ ? ସେମାନଙ୍କୁ ତ ଆଜି ଦେଇଥିବ ? ତାହେଲେ, ଏତେ କ୍ଷୀର ସିଏ ଆଣିଲା କୁଆଡୁ ?

ମନେପଡ଼ିଲା କଥାଟିଏ। ଏଇ ଗଲା ଖରାଦିନର କଥା। ଫଳକୁ ଗ୍ରାଇଣ୍ଡିଂ କଲାପରେ ଛାଣିବା ପାଇଁ ଗୋଟେ ବଡ଼ ଛଣାଜାଲି ଆଣିବା ଲକ୍ଷ୍ୟରେ ଷ୍ଟେସନାରୀ ଦୋକାନକୁ ଯାଇଥିଲି। ଦୋକାନୀକୁ ମାଗିବାରୁ ସିଏ କହିଲା, ଆପଣ କ୍ଷୀର ବେପାର କେବେ ଠୁ କଲେଣି ? କଣ ଗାଈ ରଖିଛନ୍ତି ? କଥାଟା ବୁଝିପାରିଲିନି। ଛଣାଜାଲି ସହ କ୍ଷୀର ବେପାରର କଣ ସମ୍ପର୍କ ତାହା ଅବୁଝା ରହିଲା। ଦୋକାନୀକୁ ପଚାରିଲି, ମାନେ ?

ଖୁବ୍ ସ୍ୱାଭାବିକ ଭାବେ ଦୋକାନୀଟି କହିଲା, ଆଜ୍ଞା ! କ୍ଷୀର ବେପାରୀମାନେ ଏଇ ଛଣା ଜାଲି ନେଉଛନ୍ତି ତ ସେଇଥିପାଇଁ ପଚାରିଲି। ଆପଣ ଖରାପ ଭାବିବେନି।

ମୁଁ କହିଲି, ନା ଖରାପ ଭାବିବାର କଣ ଅଛି ! ତେବେ କ୍ଷୀର ବେପାରୀ ଏଇ ଜାଲି ନେଇ କଣ କରୁଛନ୍ତି ? କ'ଣ କ୍ଷୀର ଦୁହିଁ ସାରିଲାପରେ ତାକୁ ଛାଣୁଛନ୍ତି ?


ସିଏ ଉତ୍ସାହିତ ହୋଇ କହିଲା, ନାଇଁ ମ ! ବଜାରରେ ଯୋଉ କ୍ଷୀରଗୁଣ୍ଡ ମିଳୁଛି, ତାକୁ ପାଣିରେ ଗୋଳି ଗରମ କଲାପରେ ଏଇ ଜାଲିରେ

ଛାଣି ଗାଈକ୍ଷୀରରେ ମିଶେଇ ଦେଉଛନ୍ତି। କ୍ଷୀରର ପରିମାଣ ବଢ଼ିଲା ଓ ବହଳା ବି ହେଲା। ସେଇ କ୍ଷୀର ଖାଇ ଗ୍ରାହକ ଖୁସି ଓ କ୍ଷୀରବାଲା ବି ଖୁସି। ଏମିତି ଅନେକ ଭେଜାଲ କ୍ଷୀର, ସହର କଥା କିଏ ପଚାରେ, ଗାଁ ଗହଳିରେ ବି ମିଳିଲାଣି।

କ୍ଷୀର ! ଏକ ସ୍ୱର୍ଣ୍ଣକାତର ପଦାର୍ଥ ! ସ୍ୱର୍ଣ୍ଣକାତର ଏଇଥିପାଇଁ ଯେ, ଏହା ସହ ଅପମିଶ୍ରଣ ଶବ୍ଦଟା କାହିଁ କେଉଁ ଆବାହମାନ କାଳରୁ ଯୋଡ଼ି ହୋଇରହିଛି। ଏମିତି କୌଣସି ସମୟ ନାହିଁ, ଯେଉଁ ସମୟରେ କ୍ଷୀରର ବିଶୁଦ୍ଧତା ନେଇ ପ୍ରଶ୍ନ ନଉଠିଛି। ପୁରାଣ ଅନୁସାରେ କଂସ କୃଷ୍ଣଙ୍କୁ ଛଳକରି ମାରିବାପାଇଁ ପୁତନାକୁ ପଠେଇଲା। ପୁତନା କୃଷ୍ଣଙ୍କୁ ମାରିବାର ଉପାୟ ଚିନ୍ତା କଲା। ନିଜକ୍ଷୀରରେ ବିଷ ମିଶାଇ ଅପମିଶ୍ରଣ କଲା। ସେହି କ୍ଷୀରକୁ କୃଷ୍ଣଙ୍କୁ ଖାଇବାକୁ ଦେଇ ନିଜେ ତ ମଲା, ହେଲେ ତାର ପ୍ରେତ ଏବେ ସୁଦ୍ଧା ବୁଲୁଛି। ସିଏ ପ୍ରତି ବୁନ୍ଦା କ୍ଷୀରରେ ବିଷ ମିଶେଇ ଚାଲିଛି। ପାଠକେ ! ଏଥକୁ ଟିକିଏ ନିଘା ରଖିବ !

ବେଗୁନିଆ, ଜି- ଖୋରଧା
ମୋ- ୯୪୩୮୭୩୪୮୧୬

# ପାଉଣା ଦୁଇଗୁଣ



**ଅଧ୍ୟାପକ ଶିବ ପ୍ରସାଦ ପାଢ଼ୀ**

ଏକଦା ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଏକ ଚେକ୍‌ଟିକୁ ବାରମ୍ବାର ଦେଖୁଥିବାର ଜଣାପଡ଼ିଲା। ତାଙ୍କରି ମୁହଁରୁ ଅସ୍ୱାଭାବିକ ଚିହ୍ନ ପରିଲିଖିତ ହେଉଥାଏ। ତାଙ୍କୁ ଏଭଳି କାହିଁକି ଚେକ୍‌ଟିକୁ ବାରମ୍ବାର ଦେଖିବାର କାରଣ ପଚାରିବାରୁ କହିଲେ, ସେ ଆପେକ୍ଷିକ ତତ୍ତ୍ୱ ଉପରେ ପ୍ରବନ୍ଧଟି ଲେଖି ଏହି ଚେକ୍ ପାଇଛନ୍ତି। ବିଲାତର ପ୍ରସିଦ୍ଧ ସମ୍ବାଦପତ୍ର ତାଙ୍କୁ ଏହି ଚେକ୍‌ଟି ପ୍ରଦାନ କରିଥିଲା। ସେଥିରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରା ଲିଖିତ ଥିଲା ଯାହା ତାଙ୍କର ଅଙ୍ଗୀକାରର ମୂଲ୍ୟଠାରୁ ଅଧିକ ଥିଲା। ତାଙ୍କରି ପ୍ରବନ୍ଧଟି ଏପରି ଲୋକପ୍ରିୟ ହୋଇଥିଲା ଯେ ସମ୍ବାଦପତ୍ର ସଂସ୍ଥା ପାରିଶ୍ରମିକଟିକୁ ଦୁଇଗୁଣ କରିଥିଲେ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏହାର ଉତ୍ତରରେ ଆଇନ୍‌ଷ୍ଟାଇନ୍ କହିଲେ, "ସେ ଜୀବନରେ ଅନେକ ପ୍ରବନ୍ଧ ଲେଖିଛନ୍ତି ଓ ଅନେକ ପାଉଣ୍ଡ ପାଇଛନ୍ତି, କିନ୍ତୁ ସେ କେବେବି ଅଙ୍ଗୀକାର କରାଯାଇଥିବା ମୁଦ୍ରାଠାରୁ ଅଧିକ ପାଇନାହାନ୍ତି।" କିନ୍ତୁ ଉକ୍ତ ସମ୍ବାଦପତ୍ର ଦୁଇଗୁଣ ପାଉଣା ପ୍ରଦାନ କରିଥିବାରୁ ସେ ଆଶ୍ଚର୍ଯ୍ୟ ହେଉଥିଲେ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ
ଖୋରଧା

# ବିଦ୍ୟାଳୟ

**ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା**

ଭଲକଥା ଯିଏ ନିଇତି ଶିଖାଏ
ହୁଏ ଚିର ସ୍ମରଣୀୟ,
ଭଲବାଟ ସେ ନିଇତି ଦେଖାଏ
ସେଇ ଆମ ବିଦ୍ୟାଳୟ ।।୦।।

ବୁଦ୍ଧି ଜ୍ଞାନ ଭରେ କଅଁଳ ମନରେ
ସାହସ ଶକତି ଦେଇ,
ପୋଛିଦେଇ ଲୁହ ଯେତେ ଡ଼ର ଭୟ
ଅନ୍ଧାରକୁ ଦୂରେଇ;
ସତ୍ୟପଥେ ସିଏ ଆଗକୁ ବଢ଼ାଏ...
ଦେବାକୁ ମୋ ପରିଚୟ ।।୧।।

ଗୁରୁଜୀ- ଗୁରୁମା' ଚଳନ୍ତି ମଣିମା
ଶିକ୍ଷା ସଂସ୍କାର ଦିଗରେ,
ସାଙ୍ଗସାଥୀ ମେଳ ଧୂଳିବାଲି ଖେଳ
ଅପାଶୋରା ହୃଦୟରେ;
ସକାଳ ବନ୍ଦନା ସନ୍ଧ୍ୟାର ପ୍ରାର୍ଥନା....
ଆଣେ ବିକାଶ ବିଜୟ ।।୨।।

ଅତୁଟ ବିଶ୍ୱାସ ସ୍ୱଚ୍ଛ ପରିବେଶ
ପୁରାକରେ ଅବଶୋଷ,
ପ୍ରତି ମୁହୂର୍ତ୍ତକୁ ପୂର୍ଣ୍ଣ କରିବାକୁ
ନିଇତି କରେ ଅଭ୍ୟାସ;
ନିଷ୍ଠା ଓ ସାଧନା ବି ଅର୍ଥ ଯାଏନା....
ପ୍ରଭୁ ପାଦେ ମୋର ଲୟ ।।୩।।

ପ୍ରଧାନଶିକ୍ଷକ,
ଦଣ୍ଡେଇ ଶବର ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ,
ହଳଦିଆ, ଖୋର୍ଦ୍ଧା
ମୋ:୯୬୬୮୮୪୨୩୯୬



# ପ୍ରାର୍ଥନାର ଭାଷା

**ଡ. ରାଜକିଶୋର ପାଢ଼ୀ**

ଗୋଟିଏ ଦୃଷ୍ଟିରୁ ଦେଖିଲେ ଆମେ ଅକିଂଚନ, ନଗଣ୍ୟ, କ୍ଷୁଦ୍ରାତିକ୍ଷୁଦ୍ର, ସାମାନ୍ୟ ଓ ଆଦୌ ଉଲ୍ଲେଖ୍ୟଯୋଗ୍ୟ ନୁହନ୍ତି । ମହାକାଳ ସ୍ରୋତରେ ଆମେ ଅକ୍ଷୟକୀର୍ତ୍ତି ସ୍ଥାପନ କରିପାରିବା ଅସମ୍ଭବ ଲାଗେ । ଅବଶ୍ୟ ଆମର ଜୀବନଟି ବଡ଼ ଦୁର୍ଲଭ ବୋଲି କୁହାଯାଇଛି । ସେହି ଜୀବନକୁ ବଂଚିବା ବି ସଂଘର୍ଷପୂର୍ଣ୍ଣ ଓ ପ୍ରତିଯୋଗିତାଯୁକ୍ତ ଏବଂ ଗୋଟିଏ ଭୋଗବାଦୀ ପୃଥିବୀରେ ବୀରଭୋଗ୍ୟା ବସୁନ୍ଧରା ନ୍ୟାୟ ଭିତରେ ଜଣେ ଦୁର୍ବଳ ସାଧାରଣ ମଣିଷର ଚାରା କ'ଣ ! ସେ ଆତ୍ମ ବିଶ୍ୱାସ ଟିକିଏ କେଉଁଠୁ ପାଇବ ! ବରଂ ବଂଚିବାର କଳା କ'ଣ ଓ ଶ୍ରଦ୍ଧାରେ ଜୀବନକୁ ଭଲପାଇ ଜୀବନଯାପନ କିପରି କରିବ ତାକୁ କିଏ କହିବ !

ହଁ ସିଏ ଅଭିଜ୍ଞତାରୁ, ଅନୁଭୂତିରୁ, ଶିକ୍ଷା, ସଂସ୍କାର, ଅଧ୍ୟୟନ, ଚିନ୍ତନ ଓ ଅନ୍ତର୍ଗତ ପ୍ରେରଣାରୁ ଗୋଟିଏ ସିଦ୍ଧାନ୍ତରେ ପହଂଚିପାରେ । ବାଟ ପାଇପାରେ । ସେତେବେଳେ କେହି ଶୁଣୁ ନଶୁଣୁ ସେ ଏକାଏକା ଚାଲିବାକୁ ସାହସ କରିପାରିବ । ସେପରି ଗୋଟିଏ ପରିପକ୍ୱତା ଆସିବା ବି ସୁଲଭ ନୁହେଁ । କାରଣ ଆମ ମନକୁ, ବିଚାରକୁ, ଧର୍ମଧାରଣାକୁ, ବିଧି ଅବିଧିର ବିବେଚନାକୁ, ଭାଷାକୁ, ଭାବକୁ ଓ ଚେତନାକୁ ଜନ୍ମରୁ ଆମ ସ୍ଥିତାବସ୍ଥା ନିୟନ୍ତ୍ରଣ କରୁଥାଏ । ଏପରିକି ଜନ୍ମ ପୂର୍ବରୁ ଏ ନିୟନ୍ତ୍ରଣ ଆରମ୍ଭ ହୋଇଯାଏ । ଆଗରୁ ଖଞ୍ଜା ଯାଇଥିବା ଛାଞ୍ଚରେ ଢ଼ାଳିହେଇ ଆମେ କ'ଣ ହେଇଯାଆନ୍ତି । ଗୁଳାରେ ଚାଲିବାର ଅଭ୍ୟାସ ଭିତରେ ମୁକ୍ତିମାର୍ଗ ପାଇଁ ଅନ୍ୱେଷଣ କରିବାର ପରଂପରା ଆମର ନାହିଁ ।

ଏଇଠି ନିର୍ଦ୍ଦିଷ୍ଟ ଭାବରେ ଆମେ ଗୋଟିଏ ପ୍ରସଙ୍ଗକୁ ଉଦାହରଣ ଭାବରେ ନେଇପାରିବା । ପ୍ରାର୍ଥନା, ସ୍ତୁତି, ଭଜନ, ଜଣାଣ, ନିବେଦନ, ମାଗୁଣି ଇତ୍ୟାଦି ସହ ଆମେ ପରିଚିତ । କୁହାଯାଏ ଏଥିରେ ଆତ୍ମାର ସ୍ୱର, ହୃଦୟର ଭାଷା ଫିଟିପଡ଼େ । ଜଣେ କେଉଁ ପରମ ପ୍ରତିଭାଙ୍କୁ ପାଖରେ ନିଜକୁ ସମର୍ପିତ କରି ତାଙ୍କ ସହ ଭାବାଳାପ କରେ । ଦୁଃଖ କହେ, ମନକଥା କହେ, ଆପତ୍ତି ଅଭିଯୋଗ କରେ, ଅଳି ଅର୍ଦ୍ଦଳି କରେ, ଗାଳିଦିଏ, ଗୁଣଗାନ ବି କରେ । ତାଙ୍କ ମହିମାର ପ୍ରଶଂସାରେ ଶତମୁଖ ହୁଏ । ଏଣେ ନିଜକୁ ଅବୋଧ, ନିର୍ବୋଧ, ଦୀନହୀନ, ପାପୀ, ପାମର, ପତିତ, ମୂର୍ଖ କହି ତାଙ୍କ ପାଖରେ ନିଜକୁ ଛୋଟ, ଆପାଂକ୍ତେୟ ବୋଲି ପ୍ରତିପାଦନ କରୁଥାଏ । ସେହି ପୂର୍ଣ୍ଣତମଙ୍କ ପାଖରେ ନିଜର ନ୍ୟୁନତା ଓ ଶୂନ୍ୟତାକୁ ଉଦ୍‌ଘୋଷଣ କରେ । ଗୋଟିଏ ପ୍ରକାର ଭାବଲୋକରେ ଦେଖିଲେ କଥାଟି ଠିକ୍‌ଠାକ୍ ଲାଗେ । ବିନମ୍ରତା ଏଠି ଏପରି ସବୁ ଶବ୍ଦକୁ ଗୋଟେଇ ନେଇଆସେ ଓ ନିଜଠାରେ ଆରୋପ କରେ । ପଣ୍ଡିତ, ସନ୍ଥ, ସଜ୍ଜନ, କବି ନିଜକୁ ଶୂଦ୍ର ଓ ପାମର କହିପାରେ । ଏଇ ବିନୟ ବଚନ ତାଙ୍କ ଭିତରର ମହନୀୟତାକୁ କମ୍ କରିଦିଏନା, ବରଂ ଆହୁରି ତେଜିଦିଏ ।

ହେଲେ ଏଇଠି ଆଉ ଗୋଟିଏ ଭାବନା ବି ଆମପରି କେତେ ସାଧାରଣ ମଣିଷ ଭିତରେ ପ୍ରବେଶ କରିପାରେ । ସେ ଭାବିପାରେ ଯେଉଁ ଜୀବନ ଦୁର୍ଲଭ, ଯେଉଁ ଜୀବନ ସେହି ପୂର୍ଣ୍ଣତମଙ୍କ କରୁଣା ଓ ତାଙ୍କର ସଦା ସନ୍ନିହିତ ସେହି ଜୀବନ ଅଳୀକ ଓ ନଶ୍ୱର ହୋଇଥିବାରୁ କ'ଣ ତୁଚ୍ଛ, ଅସାର, ମିଥ୍ୟା ଏବଂ ଅର୍ଥହୀନ ! ତାଙ୍କୁ ହେୟଜ୍ଞାନକରିବା କ'ଣ ଖୁବ୍ ପ୍ରୟୋଜନ ! ସେଥିରେ କୁଆଡ଼େ ଦିବ୍ୟଜ୍ଞାନ ସମ୍ଭବ । ପରମପିତା ତାଙ୍କ ସନ୍ତାନମାନଙ୍କୁ କ'ଣ ଶୂନ୍ୟଗର୍ଭ କରିପାରିବେ ! ତାଙ୍କ ପୂର୍ଣ୍ଣତାର କିଛି ଭାଗୀଦାରିତା କି ଉତ୍ତରାଧିକାର ପାଇଁ ତାଙ୍କ ସନ୍ତାନମାନେ କାହିଁକି ହେବେ ଅଭାଜନ ! କେଉଁ ପ୍ରାର୍ଥନାରେ ତ ସେହିକଥା କୁହାଯାଇଛି ।

ଆମେ ରାଜପୁତ୍ର । ଆମ ପିତା ରାଜାଧିରାଜ । ତାଂକ ସମ୍ପତ୍ତିରେ ଆମର ପୂର୍ଣ୍ଣ ଅଧିକାର । ଆମେ ତେଣୁ ନିଜକୁ ଦୁର୍ବଳ ଭାବିବା କାହିଁକି ! ଆମ ଆତ୍ମ ବିଶ୍ୱାସଟିଏ ଆମ ଭାଷାରେ ଏପରିକି ପ୍ରାର୍ଥନାର ଭାଷାରେ ରହିବାରେ ଅପରାଧ କ'ଣ ! ପିଲାଙ୍କ ପ୍ରାର୍ଥନାରେ ସେହି ଭାବସମ୍ଭାର ରହିବା ତ ଦରକାର । ପିଲାଟି ନିଜକୁ ଅପାରଗ, ଅଯୋଗ୍ୟ, ନଭାବି ପ୍ରଥମରୁ ଭାବୁ ସେ କେତେ କ'ଣ କରିପାରିବ । ନିଜେ ଅସାଧାରଣ ହୋଇପାରିବ । ନିଜ ଭିତରେ ସେହି ଦିବ୍ୟଶକ୍ତିର ଅଗ୍ନିକଣା ଅଛି । ତାକୁ ତେଜିଲେ ସିଏ ଦୀପ୍ତ ହେବ, ଉଜ୍ଜ୍ୱଳ ଓ ଆଲୋକିତ ହବ । ଛୋଟ କଢ଼ ଭିତରେ ଫୁଲର ଦିନଟିଏ ଅଛି । ସେଇ ଫୁଲରେ ଥିବା ମହକ, ମହୁ, କୋଳମତା, ସୌନ୍ଦର୍ଯ୍ୟ ସବୁକିଛି କଢ଼ପରି ଶିଶୁଙ୍କ ଭିତରେ ଭରପୂର ଅଛି । ସିଏ କାହିଁକି ନିଜକୁ କମ୍ ଭାବିବ ! ଆଉ ଆମେ ବଡ଼ମାନେ ପରମସତ୍ତାଙ୍କର ତ ଅଂଶବିଶେଷ । ଆମ ଘଟ ଭିତରେ ସେହି ନାରାୟଣ ତ ବିରାଜିତ । ଆମେ ନର ହେଲେ ବି ନାରାୟଣ କି ନାରାୟଣୀଙ୍କର ପ୍ରତିଭୂ । ଆମେ କାହିଁକି ନିଜକୁ ଦରିଦ୍ର ମନେକରିବା ! ଆମର ଇନ୍ଦ୍ରିୟମାନେ ଆମର ଶକ୍ତିପରି । ସେଇ କର୍ମଇନ୍ଦ୍ରିୟମାନଙ୍କୁ ଆମେ କାମରେ ଲଗେଇଲେ କେତେ ଅସମ୍ଭବ ଲାଗୁଥିବା କାମ ସମ୍ଭବ ଓ ସହଜ ହେଇଯିବ ।

ଆମର ସମୟ, ଆମ ଜୀବନକାଳ ଯେତେ କମ୍ ହେଉ । ସେହି ସଂକ୍ଷିପ୍ତ ସମୟରେ ଆମେ କିଛି ସ୍ମରଣୀୟ କରିପାରିବା । ପରୀକ୍ଷିତ ଜୀବନର ଶେଷ ସାତଦିନକୁ କେଡ଼େ ପରମ ସୌଭାଗ୍ୟର ଦିନ କରିପାରିଲେ । ତେଣୁ ଲମ୍ବା ସମୟ କି ଅଳ୍ପ କେଇଟା ବର୍ଷର ଜୀବନ ବଡ଼କଥା ନୁହେଁ । ବଡ଼କଥା ସମୟର ଉପଯୋଗ ।

କର୍ମଯୋଗର ଉପାସନାରେ ହଜିଗଲେ ପୂଜାପ୍ରାର୍ଥନା ପରି ସେହି କାମ ହିଁ ବାସି ଉଠିବ। ସେଥିରୁ ଫୁଲଚନ୍ଦନର ବାସ୍ନା ବାହାରିବ। ଆତ୍ମ ବିଶ୍ୱାସର ଶବ୍ଦ ଉଚ୍ଚାରିତ ହେବ। ତା' ଆମ ସମର୍ପିତ ଭାବନା କି ଭାଷାର ବିରୋଧୀ ହେବନାହିଁ। ଆଉ ଗୋଟିଏ ପୂର୍ଣ୍ଣ ପରିପୂରକ ପରି ଲାଗିବ। ଆମେ ମୁଣ୍ଡ କୋଡ଼ି ହେଇ ନିଜକୁ ଦୀନହୀନ କହି ରୋଦନ କରି ନିବେଦନ କରନ୍ତି। ଏବେ ଆମେ ପରମ ସନ୍ତୋଷରେ, ଶାନ୍ତିରେ, ସ୍ୱାଭାବିକ ସ୍ୱରରେ ପରମ ପରାୟଣ ହେଇ ତାଙ୍କ ସହିତ ଆତ୍ମୀୟତା ସହ ବିଶ୍ୱାସରେ, ଆନନ୍ଦରେ, ଆନ୍ତରିକତାରେ, ସମ୍ଭବ ହେଲେ ସଜଳ ଶବ୍ଦରେ ନୀରବରେ କଥାଭାଷା କରିପାରନ୍ତେ ନାହିଁ!

**କୋତପୁର, ଯାଜପୁର,**
**ମୋ:୯୯୩୭୫୫୧୫୭୭**



# ଆଜିର ବିଶ୍ୱବିଦ୍ୟାଳୟ ଓ ପ୍ରାଚୀନ ଗୁରୁକୁଳ

ଇଂ ଯଜ୍ଞ ପ୍ରକାଶ ଦାସ

ପ୍ରାୟ ଦୁଇଶହ ବର୍ଷ ତଳେ ଲର୍ଡ଼ ମାକ୍ଲେ ବ୍ରିଟେନରେ ଥିବା ନିଜ ମାଆଙ୍କୁ କଲିକତାରୁ ପତ୍ର ଲେଖିଥିଲେ- 'ମାଆ, ବ୍ରିଟିଶ୍ ସମ୍ବାଦପତ୍ରମାନଙ୍କରେ କ୍ଲାଇବ (ଲର୍ଡ଼ କ୍ଲାଇବ)ଙ୍କୁ ଅନେକ ପ୍ରଶଂସା କରି ଲେଖାଯାଇଛି ଯେ ଭାରତକୁ ଜୟକରିବା ପାଇଁ ସେ ମୂଖ୍ୟ ଭୂମିକା ଗ୍ରହଣ କରିଛନ୍ତି। କିନ୍ତୁ ମାଆ, ତୁମେ ଜାଣିରଖ ଯେ ଯେଉଁଦିନ ତୁମ ପୁଅ ଭାରତୀୟମାନଙ୍କ ପାଇଁ ନୂଆ ଶିକ୍ଷାନୀତି ପ୍ରଣୟନ କଲା, ସେହିଦିନ ହିଁ ଭାରତ ଉପରେ ଆମର ବିଜୟ ସଂପୂର୍ଣ୍ଣ ହେଲା।'

କହିବା ବାହୁଲ୍ୟ ଯେ ଆଜି ଯେଉଁ ଶିକ୍ଷାନୀତିର ଆଧାରରେ ଶିକ୍ଷାଦାନ କରାଯାଉଛି, ତାହା ଲର୍ଡ଼ ମାକ୍ଲେଙ୍କ ଶିକ୍ଷାନୀତି ଉପରେ ଆଧାରିତ। ମାକ୍ଲେଙ୍କ ଦୁରଭିସନ୍ଧି ବିଷୟରେ ଟିପ୍ପଣୀ ଦେଇ ସ୍ୱାମୀ ବିବେକାନନ୍ଦ କହିଥିଲେ- "ଭାରତରେ ବ୍ରିଟିଶମାନଙ୍କ ଦ୍ୱାରା ଯେଉଁ ଶିକ୍ଷା ପ୍ରଣାଳୀ ପ୍ରଚଳନ କରାଯାଉଛି, ଏହାଦ୍ୱାରା ଆମ ଛାତ୍ରଛାତ୍ରୀମାନେ ନିଜ ପୂର୍ବପୁରୁଷମାନଙ୍କୁ ମୂର୍ଖ, ଶିକ୍ଷକମାନଙ୍କୁ ପାଗଳ ଓ ନିଜ ଧର୍ମକୁ ଅଯୋଗ୍ୟ ବୋଲି କହୁଛନ୍ତି।"

ମେକାଲେ ନିଜ ମାଆଙ୍କୁ ଭାରତ ବିଜୟ ବିଷୟରେ ଯେଉଁ ଭବିଷ୍ୟତବାଣୀ ଶୁଣାଇଥିଲେ, ତାହା ସତ୍ୟ ହେଲା। ତାଙ୍କର ପ୍ରଣୀତ ଶିକ୍ଷା ପଦ୍ଧତିରେ ଶିକ୍ଷାଲାଭ କରିଥିବା ଦେଶର କର୍ଣ୍ଣଧାରମାନେ ଆଜି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଗଠନ କରିବା ପାଇଁ ବ୍ୟାକୁଳ ହେଉଛନ୍ତି।ସେଥିପାଇଁ ଏକର ଏକର ଜମି ଅଧିଗ୍ରହଣ କରାଯାଉଛି ଓ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଏକଥା ଚିନ୍ତା କରିବାକଥା ଯେ, 'ବିଦ୍ୟା' ଯେତେବେଳେ କାର୍ଯ୍ୟକାରୀ ହୁଏ, ସେତେବେଳେ ତାହା 'ଶିକ୍ଷା'ରେ ପରିଣତ ହୁଏ। ପଦାର୍ଥବିଦ୍ୟା, ରସାୟନ ବିଦ୍ୟା, ନକ୍ଷତ୍ର ବିଦ୍ୟା ଏସବୁ 'ବିଦ୍ୟା' ଅଟେ। ନିଜକୁ ଚିହ୍ନିବା ଓ ପରର ଉପକାର ପାଇଁ ସେହି ବିଦ୍ୟାର ଉପଯୋଗ କରିବା 'ଶିକ୍ଷା' ଅଟେ। 'ବିଦ୍ୟା' ଶିକ୍ଷକଙ୍କ ପାଖରୁ ମିଳେ। 'ଶିକ୍ଷା' ନିଜ ଅନ୍ତର୍ନିହିତ ଶକ୍ତିରୁ ବିକଶିତ ହୁଏ। ସୂର୍ଯ୍ୟର ଗତିବିଧି, ଗୁଣାଦି ବୁଝିବା ବିଦ୍ୟା। କିନ୍ତୁ ସୂର୍ଯ୍ୟ ପରି ସମଦର୍ଶୀ, ନିରପେକ୍ଷ ଓ ଜ୍ୟୋତି ପ୍ରଦାୟକ ହେବା ଶିକ୍ଷା।

ଭାରତର ପ୍ରାଚୀନ ଶିକ୍ଷାଶାସ୍ତ୍ରୀମାନେ 'ଗୁରୁକୁଳ' ନାମରେ ଶିକ୍ଷାଳୟ ସ୍ଥାପନ କରିଥିଲେ। ପିତାମାତାଙ୍କ ବିଳାସପୂର୍ଣ୍ଣ ଘରେ ବାଳକ-ବାଳିକା ସାଧନା ଓ ତପର ବାତାବରଣ ପାଆନ୍ତି ନାହିଁ। ଅଭିଜ୍ଞ, ତପସ୍ୱୀ ଶିକ୍ଷକଙ୍କ ପାଖରେ ରହି ସେମାନେ ଉଭୟ ବିଦ୍ୟା ଓ ବ୍ରତ ଲାଭ କରନ୍ତି। ଉଭୟ ବିଦ୍ୟା ଓ ବ୍ରତ ଧାରଣ କରି ସଂସାର-ସାଗର ପାର ହୁଅନ୍ତି। ଏହାର ନାମ ଉତ୍ତୀର୍ଣ୍ଣ ହେବା ବା ପାସ୍ କରିବା।

**ରାଉରକେଲା-୬**
**ଦୂରଭାଷ : ୮୮୯୫୫୦୦୪୫୪**



# ଘରଭଡ଼ା...

ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ

ରଶ୍ମିଙ୍କର ବୟସ ପ୍ରାୟ ୪୫ବର୍ଷ। ତାଙ୍କର ଗୋଟିଏ ପୁଅ ସୁଶାନ୍ତ।ଏବେ ସେ ମାଟ୍ରିକ୍ ପରୀକ୍ଷା ଦେବ। ସରଳ ସ୍ୱଭାବର ପିଲାଟି। କାହା ସହ କେବେ କେମିତି ଟିକେ କଥା କଟାକଟି ହୋଇଛି ମାତ୍ର ଗଣ୍ଡଗୋଳ ନାହିଁ। ରଶ୍ମି ସବୁବେଳେ ତାକୁ ଭଲ ପାଏ। କେବେ କେମିତି ତାକୁ ସିନା ପାଟି ତୁଣ୍ଡ କରିଛି ମାତ୍ର କଡା କଥା କହି ତାର ମନ ଦୁଃଖ କରିନି। ବଡ଼ ସୁଖରେ ତାଙ୍କର ପରିବାରଟି ଚାଲିଥାଏ। ମା ଆଉ ପୁଅ କେବେ ଦିନେ ବି ଅଲଗା ହୋଇ ନାହାନ୍ତି। ରଶ୍ମିଙ୍କର ବେସରକାରୀ କଲେଜରେ ଚାକିରି। ଦରମା ଏକ ନିର୍ଦ୍ଦିଷ୍ଟ ପରିମାଣର ଯାହା ପ୍ରାୟ ଦଶ ହଜାରରୁ କମ୍। ଭୁବନେଶ୍ୱରରେ ଘର। ଆଗରୁ ଶ୍ୱଶୁର ଦୁଇମହଲା ଘର କରି ଦେଇଛନ୍ତି। ତାହା ଭଡ଼ା ଲାଗେ। ଭଡ଼ାରେ ଦୁଇଟି ଛୋଟ ପରିବାର ରୁହନ୍ତି।

ଭଡ଼ା ଲାଗିବା ପୂର୍ବର ଗୋଟିଏ କଥା। ଜଣେ ଭଡ଼ା ନେବା ପାଇଁ ଆସିଲେ। ଘର ଦେଖିଲେ। ରହିବା ପାଇଁ ଅଗ୍ରିମ ମାତ୍ର ଏକ ଶହ ଟଙ୍କା ଦେଲେ। କହିଲେ 'ଆସନ୍ତା କାଲି ଆସି ରହିବୁ।' ଚାଲିଗଲେ। ଚାରିଦିନ ହେଲାଣି ଫେରିଲେନି। ଶ୍ୱଶୁର ଆସି ପଚାରିଲେ, 'ମା ରଶ୍ମି ଘର ଭଡ଼ା ଦେଲୁ।' ରଶ୍ମିଙ୍କ ଉତ୍ତର ଥିଲା, 'ବାପା, ଜଣେ ଶହେ ଟଙ୍କା ଆଡଭାନ୍ସ ଦେଇ ଯାଇଛନ୍ତି। କହିଲେ ଗୋଟିଏ ଦିନ ପରେ ଆସିବେ। ଆସି ନାହାନ୍ତି। ଅନ୍ୟମାନେ ଆସୁଛନ୍ତି ତାଙ୍କୁ ଫେରାଇ ଦେଉଛି।' ଶ୍ୱଶୁର ପଚାରିଲେ, 'ମା, ତାଙ୍କର ଟେଲିଫୋନ ରଖିଛୁ?' ଉତ୍ତର ଆସିଲା, 'ନା, ତୁ କେଡେ ବୋକୀଟିଏ।' ତେବେ ଅନ୍ୟକୁ ଭଡ଼ା ଦେଇ ଦେଉନୁ ବୋଲି ଶ୍ୱଶୁର କହିଲେ। ରଶ୍ମି ଧିର ସ୍ୱରରେ କହିଲେ, 'ବାପା ଏଇଟା କେମିତି ହେବ ସେ ତ ଆଡଭାନ୍ସ ଦେଇଛନ୍ତି । ମୁଁ ଅପେକ୍ଷା କରିବି।' ନିରୁତ୍ତର ଶ୍ୱଶୁର, ଫେରିଗଲେ ନିରବରେ। କେତେ ସରଳ ସ୍ୱଭାବର ମୋ ବୋହୂଟି, ଭାବିଲେ ହସିଲେ କହିଲେ, 'ତୋର ସ୍ୱଭାବରେ ପରିବର୍ତ୍ତନ ହେଲାନି'।

କିନ୍ତୁ ମାତ୍ର ସାତ ଦିନ ମଧ୍ୟରେ ଭଡ଼ାଟିଆ ଆସିଲେ ଏବଂ ରହିଲେ। ଦୁଇଟି ଘର ଭଡ଼ା ଲାଗିଲା। ଭୁବନେଶ୍ୱରରେ ଏତେ ବି ଶସ୍ତାରେ କେହି ଘରଭଡ଼ା ଦିଅନ୍ତି ନାହିଁ ତାହା ମାତ୍ର ପାଞ୍ଚ ହଜାରରେ। ଉଭୟ ପରିବାର ସହ ଅତି ଭଲ ଭାବରେ ମିଶି କରି ସମସ୍ତେ ଚାଲୁଥାନ୍ତି। ଯେତେବେଳେ ରଶ୍ମି କଲେଜ ଯିବା ଆସିବା କରନ୍ତି ଭଡ଼ାରେ ଥିବା ଭଦ୍ରବ୍ୟକ୍ତିଙ୍କ ପତ୍ନୀମାନେ ପୁଅ ସୁଶାନ୍ତର ଯତ୍ନ ନିଅନ୍ତି। ତାର ଭଲ ମନ୍ଦ ବୁଝନ୍ତି। ସୁଶାନ୍ତ ସହ ଭଡ଼ାରେ ଥିବା ବ୍ୟକ୍ତିଙ୍କ ପୁଅ ଝିଅମାନେ ସାଙ୍ଗ ହୋଇ ଗଲେଣି। ସେମାନେ ରଶ୍ମିଙ୍କ ଘରେ ଫୋପଡ଼ା ପିଙ୍ଗା ବି କରନ୍ତି ଓ ଖେଳନ୍ତି। ଘରେ କାନ୍ଥରେ ଗାର ବି ପକାନ୍ତି। ବେଳେ ବେଳେ ସୋଫାରେ ପରିସ୍ରା ବି କରନ୍ତି। ଘରେ ବି ସୁଶାନ୍ତ ସହ ମାଡଗୋଳ କରନ୍ତି। ଥରେ ପୁଅକୁ କହିଲେ, 'ଆରେ ସେ ପିଲାଙ୍କ ସହ ଏଠାରେ ଏତେ କାହିଁକି ଖେଳୁଛୁ। ସେମାନେ କ'ଣ କରୁଛନ୍ତି। ସବୁ ମୋତେ କରିବାକୁ ପଡୁଛି। ତୁ କ'ଣ କରୁଛୁ। ଶେଷକୁ ତାଙ୍କର ମଇଳାବି ମୁଁ ସଫା କରୁଛି।' ସୁଶାନ୍ତର ଉତ୍ତର ଥିଲା, 'ବୋଉ, ଆମର ଯଦି ଆଉ ପିଲା ଥାଆନ୍ତେ ତୁ କ'ଣ ଏମିତି କହିଥାନ୍ତୁ? ଏମାନେ ଆମର ଭାଇ ଭଉଣୀ ନୁହଁନ୍ତି କି?' ମା ରଶ୍ମିଙ୍କର ମୁହଁରେ ତାଲା ପଡ଼ିଯାଏ।

ଏମିତି କିଛିଦିନ ଗଲା। ଆଉ ଦିନକର କଥା। ପୁଅର ଟିଉସନ ସାର ଟେଲିଫୋନ କଲେ, ମାଡାମ୍, ଗୋଟଏ କଥା କହିବି, ମୋର କଥା ରଖିବେ.... ମୋର ପାଞ୍ଚ ହଜାର ଟଙ୍କା ଆବଶ୍ୟକ ଅଛି। ଅତି ଜରୁରୀ। ଦେଇ ପାରିବେ କି? ପୁଅ ପଚାରିଲା, 'ମାମା ସାର କ'ଣ ଟଙ୍କା ଧାର ମାଗୁଥିଲେ କି?' 'ହଁ-' କହିଲେ ରଶ୍ମି। ଦେଉନୁ ସାର ଅସୁବିଧାରେ ଅଛନ୍ତି। ମୋତେ କହୁଥିଲେ ମାଗିବାକୁ। ମୁଁ କହିଲି ଆପଣ କୁହନ୍ତୁ। ଦେଇ ଦେବୁ ମାମା। ଅସୁବିଧାରେ ସାହାଯ୍ୟ କରିବା ଧର୍ମ ବୋଲି କହୁଥିଲୁ। ତୋର ତ ଦରମା ବଢ଼ିଲାଣି। ଆଗରୁ ଦଶ ହଜାର ପାଉଥିଲୁ, ଏବେ ଚାଳିଶରୁ ପଚାଶ ହଜାର ପାଇଲୁଣି। ଚିନ୍ତା କାହିଁ କରୁଛୁ? ରଶ୍ମି ହସିଲେ। ପୁଅ ହାତରେ ଖବର ଦେଲେ, ଆସନ୍ତା କାଲି ସାରଙ୍କୁ କହିବୁ ଟଙ୍କା ନେଇଯିବାକୁ।

ଦିନେ ରବିବାର ଉଭୟ ଭଡ଼ାଥିବା ଭଦ୍ରବ୍ୟକ୍ତିଙ୍କୁ ରଶ୍ମି ଡାକିଲେ। ସମୟ ସକାଳ ନଅଟା। ଉଭୟଙ୍କୁ ବସାଇ ଚା ଦେଇ ଟିକେ ଭଲ ମନ୍ଦ ପଚାରି କହିଲେ, 'ଘରଭଡ଼ା ସମ୍ପର୍କରେ ଟିକେ କହିବି। ଆପଣମାନେ ଦୁଇ ବର୍ଷ ମୋ ପାଖରେ ରହିଲେଣି। ଯାହା କିଛି ଅସୁବିଧା ଅଛି କୁହନ୍ତୁ।' ସେମାନେ ଉତ୍ତର ଦେଲେନି। ଅସୁବିଧା ପ୍ରାୟ ନାହିଁ। ଘରଭଡ଼ା ବଢ଼ାଇବାର ଏହା ଏକ ସୂଚନା ନିଶ୍ଚୟ ନୁହେଁତ ? ଏମିତି ଅନେକ କଥା ଭାବିଲେ ଘର ଛାଡିବାକୁ କହିବେ ବୋଲି ବି ଅନୁମାନ କଲେଣି। ଏପରି ଭଡ଼ାଟିଆମାନେ ଭାବିଥାନ୍ତି। କିଛି ସମୟ ପରେ ରଶ୍ମି ମାଡାମ କହିଲେ, 'ଆପଣମାନେ ଯେବେ ୫ହଜାର ଭଡ଼ା ଦିଅନ୍ତି ମତେ ଭାରି କଷ୍ଟ ଲାଗେ। ମୋର ଇଚ୍ଛା ହୁଏ କମାଇବାକୁ। ମାତ୍ର ପରିସ୍ଥିତିର ଚାପରେ କମାଇ ପାରିନି। ଏବେ ମୋର ଦରମା ବଢ଼ିଯାଇଛି। ଆପଣମାନେ ମୋତେ ଏହି ମାସରୁ ୫୦୦ଟଙ୍କା କମାଇ ଘର ଭଡ଼ା ଦେବେ।' ଭଡ଼ାରେ ଥିବା ଜଣେ ମାଡାମ ହସି ହସି କହିଲେ, 'ମାଡାମ, ଘର ଭଡ଼ା ଯଦି କମାଉଛନ୍ତି ତେବେ ପୂରା ଛାଡି ଦେଉ ନାହାନ୍ତି? ଆମେ ଏଠାରୁ ଆଉ କୁଆଡେ ଯିବୁନି। ଭାବିଥିଲୁ କ'ଣ ଆପଣ କଲେ କ'ଣ?' ଉତ୍ତର ଦେଲେ ରଶ୍ମି, 'ମୋର ଦରମା ଯେତେ ବଢ଼ିବ ସେହି ଅନୁପାତରେ ଘର ଭଡ଼ା କମିବ।'


ସମସ୍ତେ ଗଲା ପରେ ରଶ୍ମି ଘର ଭିତରକୁ ଗଲେ। ବିଛଣାରେ ପଡ଼ି ଦୁଇଟୋପା ଲୁହ ଗଡ଼ାଇଲେ। ଆଉ ନିଜକୁ ନିଜେ ସମ୍ଭାଳିନେଇ ପୁଅକୁ ଦେଖି ଡାକିଲେ, ଆଉ ଛାତିରେ ଚାପିଧରି କହିଲେ, 'ସତରେ ମୋ ଧନ, ଜୀବନରେ ଭଲ ମଣିଷଟିଏ ହେବ ତ। କୌଣସି ନିନ୍ଦା ଅପମାନ ଆଣିବନି ତ, ତାର ଚାକିରି ବାକିରି ନହେଉ କିନ୍ତୁ ଆଜିର ଦୁନିଆରେ ଏକ ସୁନାପିଲା ହୋଇ ମୋ ଆଖି ଆଗରେ ବୁଲୁଥାଉ।'

ମୋ-୯୪୩୭୨୮୧୬୫୫

# ଷ୍ଟ୍ରୋକ୍? ହାତରେ ସମୟ ମାତ୍ର ତିନିଘଣ୍ଟା



ଡକ୍ଟର ମୁରାରିମୋହନ ଦାଶ



ଆପଣ ଜାଣନ୍ତି କି, ହୃଦ୍‌ଘାତ ଓ ମସ୍ତିଷ୍କାଘାତ ହଠାତ୍ ହେଲେ ହାତରେ ମାତ୍ର ତିନିଘଣ୍ଟା ସମୟ ଥାଏ? ସେଇ ସମୟ ମଧ୍ୟରେ ଚିକିତ୍ସା ବ୍ୟବସ୍ଥା କରିବାକୁ ହୋଇଥାଏ। ଦୁଇଟିଯାକ କ୍ଷେତ୍ରରେ ମୃତ୍ୟୁହାର ପାଖାପାଖି ସମାନ। ଆସନ୍ତୁ ଜାଣିବା ଏ ବିଷୟରେ ଡ଼ାକ୍ତର କେ. ହରିପ୍ରସାଦଙ୍କ ମତାମତ। ଡ଼ାକ୍ତର ହରିପ୍ରସାଦ ବର୍ତ୍ତମାନ ସଭାପତି ହସ୍‌ପିଟାଲ ଡ଼ିଭିଜନ, ଆପୋଲ ହସପିଟାଲ, ହାଇଦ୍ରାବାଦ ଭାବରେ କାର୍ଯ୍ୟରତ।

**ମସ୍ତିଷ୍କ ସଂହାତ କାହାକୁ କହନ୍ତି?**

ମସ୍ତିଷ୍କ ସଂହାତ ବା ଷ୍ଟ୍ରୋକ୍‌ରେ ମସ୍ତିଷ୍କର କୌଣସି ଏକ ଅଞ୍ଚଳକୁ ରକ୍ତ ଯୋଗାଣ ବନ୍ଦ ହୋଇଯାଏ/ ହ୍ରାସପାଏ/ ଅନ୍ତରାୟ ସୃଷ୍ଟିହୁଏ। ତେଣୁ ସେ ଅଞ୍ଚଳରେ ଥିବା କୋଷିକାମାନଙ୍କୁ ଅମ୍ଳଜାନ ଓ ପୋଷଣ ଯାଇପାରେ ନାହିଁ ଏବଂ କୋଷିକାମାନଙ୍କର ମୃତ୍ୟୁଘଟେ। କ୍ଷଣିକ ଅରକ୍ତତା (Ischemic attack) ଆଘାତରେ କୌଣସି ଏକ ଅଞ୍ଚଳକୁ ରକ୍ତ ସଂଚାଳନ ସାମୟିକ ଭାବେ ବନ୍ଦ ହୋଇ ସମସ୍ୟା ସୃଷ୍ଟିକରେ। କିନ୍ତୁ କିଛି ସମୟ ପରେତାହା ପୁନଃସ୍ଥାପିତ ହୋଇଥାଏ। ଇଷ୍ଟେମିକ୍ ଷ୍ଟ୍ରୋକ୍‌ରେ ରକ୍ତବାହୀନାଳୀ ସରୁ ହୋଇଯାଏ ବା ଅବରୋଧ ସୃଷ୍ଟି ହୋଇ ରକ୍ତ ଯୋଗାଣ ହ୍ରାସପାଏ ବା ବନ୍ଦ ହୋଇଯାଏ। ଶୀଘ୍ର ଚିକିତ୍ସା ନକଲେ କୌଣସି ଏକ ଅଙ୍ଗ ଅଚଳ ହୋଇଯାଏ। ହିମୋରାଜିକ୍ ଷ୍ଟ୍ରୋକ୍‌ରେ ମସ୍ତିଷ୍କର ରକ୍ତବାହୀନାଳୀ ଫାଟିଯାଇ ରକ୍ତସ୍ରାବ ହୁଏ। ଇଷ୍ଟେମିକ୍ ଷ୍ଟ୍ରୋକ୍ ଓ ହିମୋରାଜିକ୍ ଷ୍ଟ୍ରୋକ୍‌ର ପାର୍ଥକ୍ୟ ଜାଣିବା କଷ୍ଟକର ହୋଇଯାଏ। ତେଣୁ ସିଟି ସ୍କାନ୍ ଓ ଏମ୍.ଆର୍.ଆଇ ର ସାହାଯ୍ୟ ନିଆଯାଏ।

**ଲକ୍ଷଣ:**

ରୋଗୀଠାରେ ଅସ୍ୱଷ୍ଟତା ଦେଖାଯାଏ, ମୁଣ୍ଡ ବଥାଏ, ବାନ୍ତିହୁଏ ଓ ଚେତା ଯାଉଥାଏ, ଆସୁଥାଏ। ମୁହଁର ଗୋଟିଏ ପାଖ ବା ଶରୀରର ଗୋଟିଏ ପାଖ ବଧିରା ଲାଗେ (ଅନୁଭୂତି ଶୂନ୍ୟ), ଦେଖିବାରେ ଅସୁବିଧା ହୁଏ, ହାତଗୋଡ଼ (ଗୋଟିଏ ପାଖ)ରେ ଚଳନ ଶକ୍ତିର ଅଭାବ ଦେଖାଯାଏ।

**ଷ୍ଟ୍ରୋକ୍ କାହିଁକି ହୁଏ?**

ଶରୀରରେ ରକ୍ତଚାପ ବେଶୀ ରହିଲେ, ଡ଼ାଇବେଟିସ୍ ଥିଲେ, ଲିପିଡ୍ ପ୍ରୋଫାଇଲ୍‌ରେ ପରିବର୍ତ୍ତନ ଆସିଲେ, ଧୂମପାନ କଲେ ଓ ମନରେ ଉଦ୍‌ବେଗ ରହିଲେ ଷ୍ଟ୍ରୋକ୍ ହୋଇଥାଏ। ଆମକୁ ଆଗରୁ ଜଣାଅଛି ଯେ ଭାରତୀୟମାନେ ଉଚ୍ଚରକ୍ତଚାପ, ଡ଼ାଇବେଟିସ୍ ଏବଂ ଉଚ୍ଚ କୋଲେଷ୍ଟେରଲ୍ ଓ ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ପ୍ରବଣ। ଠିକଣା ସମୟରେ ଷ୍ଟ୍ରୋକ୍‌କୁ ଚିହ୍ନଟ କରି ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୋଇନଥାଏ ଓ ସେ ସାଧାରଣ ଜୀବନଯାପନ କରିଥାଏ। ଷ୍ଟ୍ରୋକ୍ ତୁଳନାରେ ରୋଗୀର ଲକ୍ଷଣରୁ ହୃଦ୍‌ଘାତ ସହଜରେ ଚିହ୍ନଟ କରାଯାଇପାରେ।

ଷ୍ଟ୍ରୋକ୍‌କୁ ଚିକିତ୍ସକମାନେ 'ମେଡ଼ିକାଲ୍ ଇମର୍‌ଜେନସି' ବୋଲି କହନ୍ତି। କାରଣ ଏହା ହଠାତ୍ କୌଣସି ସୂଚନା ନଦେଇ ଆସିଥାଏ। ଠିକ୍ ସମୟରେ ଏହାର ଚିକିତ୍ସା ଆବଶ୍ୟକ ହୋଇଥାଏ। ଏମ୍. ଆର୍. ଆଇ. (MRI) ଓ ସି.ଟି.ସ୍କାନ୍ ଦ୍ୱାରା କେଉଁଠି ଓ କିପ୍ରକାର ଷ୍ଟ୍ରୋକ୍ ହୋଇଛି ତାହା ଜଣାଯାଏ।

**ଷ୍ଟ୍ରୋକ୍‌ର ଚିକିତ୍ସା**

ଷ୍ଟ୍ରୋକ୍‌ର ଚିକିତ୍ସା ତା'ର ପ୍ରକାର ଉପରେ ନିର୍ଭର କରେ। କ୍ଷଣିକ ଷ୍ଟ୍ରୋକ୍‌ରେ ରକ୍ତଜମାଟକୁ ତରଳାଇଲା ଭଳି ଔଷଧ ଦିଆଯାଏ। ଫଳରେ ରକ୍ତନାଳୀ ଅବରୋଧ ମୁକ୍ତ ହୋଇଥାଏ। ଔଷଧର ନାମ ହେଲା ଟିସୁ ପ୍ଲାଜମିନୋଜେନ୍ ଆକ୍ଟିଭେଟର (Tissue Plasminogeon Activator- TPA) ରକ୍ତନାଳୀରେ କାଥେଟର ପୂରାଇ (Cathetor) ଜମାଟକୁ ନଷ୍ଟ କରାଯାଏ।

ହିମୋରାଜିକ୍ (Aaemorrhagic) ଷ୍ଟ୍ରୋକ୍‌ରେ ରକ୍ତନାଳୀରୁ ରକ୍ତ ଲିକ୍ ହୋଇ ପାଖରେ ଥିବା ମସ୍ତିଷ୍କ କୋଷିକାଗୁଡ଼ିକ ଫୁଲିଯାଇଥାଏ (Swelling)। ଏହା ଉଚ୍ଚରକ୍ତଚାପ ପାଇଁ ହୋଇଥାଏ। ଔଷଧ କାମ ନକଲେ ଶଲ୍ୟ ଚିକିତ୍ସା ସାହାଯ୍ୟରେ ରକ୍ତଜମାଟକୁ ବାହାର କରାଯାଏ।

ଷ୍ଟ୍ରୋକ୍ ହେବା ଫଳରେ ରୋଗୀ ବିକଳାଙ୍ଗ ହୋଇପାରେ। ସେ ଚାଲିପାରେ ନାହିଁ, କଥା କହିପାରେ ନାହିଁ, ଝାଡ଼ା ପରିସ୍ରା ନିୟନ୍ତ୍ରଣ କରିପାରେ ନାହିଁ। ରୋଗୀକୁ ରାତିରେ ନିଦ ହୁଏନାହିଁ। ଡ଼ାକ୍ତରଙ୍କ ଉପଦେଶ ହେଲା, ଉଚ୍ଚରକ୍ତଚାପ, କୋଲେଷ୍ଟେରଲ ଓ ଟ୍ରାଇଗ୍ଲିସେରାଇଡ଼୍‌ର ମାତ୍ରା ରକ୍ତରେ ନିର୍ଦ୍ଧାରିତ ସ୍ତରରେ ରଖନ୍ତୁ ଓ ଡ଼ାଇବେଟିସ୍ ଥିଲେ ଚିକିତ୍ସା କରାନ୍ତୁ।

**ଷ୍ଟ୍ରୋକ୍ ବିଷୟରେ କେତେକ ଜାଣିବା କଥା:**

୧. ଭାରତରେ ୧୦୦୦ ଲୋକରେ ୩-୫ ଜଣଙ୍କ କ୍ଷେତ୍ରରେ ଷ୍ଟ୍ରୋକ୍ ହୋଇଥାଏ।
୨. ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଷ୍ଟ୍ରୋକ୍ ପ୍ରବଣ।
୩. ମୃତ୍ୟୁହାର ଷ୍ଟ୍ରୋକ୍‌ରେ ପ୍ରାୟ ୧୩ ପ୍ରତିଶତ। ଏହା ପାଖାପାଖି ହୃଦ୍‌ଘାତରେ ମୃତ୍ୟୁହାର (୧୪ ପ୍ରତିଶତ) ସହିତ ସମାନ।
୪. ୧୦ ପ୍ରତିଶତ ଷ୍ଟ୍ରୋକ୍ ଯୁବକମାନଙ୍କୁ (୪୫ ବର୍ଷରୁ କମ୍) ହୋଇଥାଏ।
୫. ଷ୍ଟ୍ରୋକ୍ ଯୋଗୁଁ ରୋଗୀ ଉପରେ ବୋଝ ଅଧିକ ପଡ଼େ। ଏହା ରୋଗୀପାଇଁ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟିକରେ।
୬. ପିଲାମାନଙ୍କ ଠାରେ ଷ୍ଟ୍ରୋକ୍ ପ୍ରାୟ ଦେଖାଯାଏ ନାହିଁ। ଯଦି ଦେଖାଯାଏ ତାହା ସଂକ୍ରମଣ, ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାରେ ବିଶୃଙ୍ଖଳା ଏବଂ ତ୍ରୁଟିପୂର୍ଣ୍ଣ ରକ୍ତନାଳୀ ଯୋଗୁଁ ହୋଇଥାଏ।

**ଷ୍ଟ୍ରୋକ୍‌କୁ ଜାଣିବେ କିପରି ?**

୦ ହସିଲାବେଳେ ମୁହଁର ଗୋଟିଏ ପାଖ ଅନ୍ୟପାଖ ସହିତ ଭାରସାମ୍ୟ ରକ୍ଷା କରିପାରେ ନାହିଁ।

୦ ଗୋଟିଏ ହାତ ଉପରକୁ ଉଠାଇ ହୁଏନାହିଁ, ଶକ୍ତି ଲୋପପାଏ।

୦ ରୋଗୀ ଖନେଇ ଖନେଇ କଥା କହେ।

ଉପରୋକ୍ତ ଲକ୍ଷଣ ଦେଖାଦେଲେ ରୋଗୀକୁ ପାଖରେ ଥିବା ଡ଼ାକ୍ତରଖାନାକୁ ତୁରନ୍ତ ସ୍ଥାନାନ୍ତର କରିବା ଉଚିତ୍। ଲକ୍ଷଣ ଦେଖାଦେବାର ତିନିଘଣ୍ଟା ମଧ୍ୟରେ ରୋଗୀ ଡ଼ାକ୍ତରଖାନାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିବା ବିଧେୟ।

**ଲୋକପ୍ରିୟ ବିଜ୍ଞାନ ସଂଚାରକ**
**ଜି/ଏଲ- ୧, ଭି.ଏସ୍.ଏସ୍.ନଗର,**
**ଭୁବନେଶ୍ୱର- ୭୫୧୦୦୭**
**ମୋ- ୯୪୩୭୧୧୦୭୧୫**

# ଲାଇଫ୍‌ଲାଇନ୍ ଏକ୍ସପ୍ରେସ

**ଜଗନ୍ନାଥ ମୁଦୁଲି**

ଭ୍ରାମ୍ୟମାଣ ରେଳ ଚିକିତ୍ସା କ୍ଷେତ୍ରରେ ଭାରତର "ଲାଇଫ୍ ଲାଇନ୍ ଏକ୍ସପ୍ରେସ୍" ବା "ଜୀବନରେଖା ଏକ୍ସପ୍ରେସ୍" ବିଶ୍ୱରେ ପ୍ରଥମ। ଭାରତୀୟ ରେଳବିଭାଗ ଓ ସ୍ୱାସ୍ଥ୍ୟମନ୍ତ୍ରାଳୟର ମିଳିତ ଉଦ୍ୟମରେ ଏହି ସେବା ବର୍ତ୍ତମାନ ୨୬ ବର୍ଷରେ ପଦାର୍ପଣ କରିଛି।

୧୯୯୧ ମସିହା ଜୁଲାଇ ୧୬ ତାରିଖରେ ମାତ୍ର ୩ଟି ବଗିକୁ ନେଇ "ଇମ୍ପ୍ୟାକ୍ଟ ଇଣ୍ଡିଆ ଫାଉଣ୍ଡେସନ୍" ନାମକ ସଂସ୍ଥା "ଲାଇଫ୍ ଲାଇନ୍ ଏକ୍ସପ୍ରେସ୍" ନାମରେ ଗୋଟିଏ ଭ୍ରାମ୍ୟମାଣ ରେଳ ଚିକିତ୍ସାଳୟର ଶୁଭାରମ୍ଭ କରିଥିଲା। ଏଥିପାଇଁ ଇମ୍ପ୍ୟାକ୍ଟ ୟୁ.କେ ନାମକ ସଂସ୍ଥା ସହାୟତା ରାଶି ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ଏହାର ବଗିସଂଖ୍ୟା ୫କୁ ବୃଦ୍ଧି ପାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ଚିକିତ୍ସା ସେବା ଯୋଗାଇବା ଏହାର ଲକ୍ଷ୍ୟ। ଏହି ଏକ୍ସପ୍ରେସ୍‌ରେ ଗୋଟିଏ ସମ୍ମିଳନୀ କକ୍ଷ, ତିନୋଟି ଅପରେସନ୍ ଥିଏଟର୍, ପରୀକ୍ଷଣ କକ୍ଷ, ଚକ୍ଷୁ, ଦାନ୍ତ, ଗଳା, ସ୍ତ୍ରୀରୋଗ ଇତ୍ୟାଦି ବିଭାଗ। ଔଷଧାଳୟ ତଥା ସମସ୍ତ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତିର ସୁବିଧା ରହିଛି। ପ୍ରତିଦିନ ୭୦ଜଣ ଡ଼ାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ବିନା ଦରମାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦିଅନ୍ତି। ଏ ଯାବତ୍ ଏହି ଏକ୍ସପ୍ରେସ୍‌ରେ ଦୁଇଲକ୍ଷରୁ ଅଧିକ ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ୧୮୦ରୁ ଅଧିକ ସ୍ଥାନରେ ସ୍ୱାସ୍ଥ୍ୟସେବା ଯୋଗାଇଦେଇଛନ୍ତି।

୨୦୧୬ ମସିହା ଡ଼ିସେମ୍ବର ୮ତାରିଖରେ ଭାରତର ମାନ୍ୟବର ରେଳମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମିଳିତ ଭାବରେ ନୂତନ କରି ୨ଟି ବଗି ସଂଯୋଗୀକରଣର ଶୁଭ ଉଦ୍‌ଘାଟନ କରିଛନ୍ତି। ଯେଉଁଥିରେ କ୍ୟାନ୍‌ସର୍ ଓ ପରିବାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଭାରତର ଏଭଳି ପଦକ୍ଷେପ ସାରା ବିଶ୍ୱରେ "ମ୍ୟାଜିକ୍ ଟ୍ରେନ୍ ଅଫ୍ ଇଣ୍ଡିଆ" ନାମରେ ଜନପ୍ରିୟ।

**ଗାନ୍ଧୀନଗର**
**ଜଟଣୀ- ୭୫୨୦୫୦**





# ହାରନିଆ

ଡା ଧନେଶ୍ୱର ସାହୁ
ଏମ୍.ବି.ବି.ଏସ୍.ଏମ.ଏସ

**ଏହା କ'ଣ ?**

ଯଦି ଖାଦ୍ୟନଳୀର କିଛିଅଂଶ କିମ୍ବା ପୂରା ଅଂଶ କିମ୍ବା ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ କିମ୍ବା ତନ୍ତୁ କ୍ୟାଭିଟି ୱାଲର ସାଧାରଣ ଓ ଅସାଧାରଣ କଣା ଭିତର ଦେଇ ଅସାଧାରଣ ଭାବରେ ଫୁଲେ ଯେଉଁ କ୍ୟାଭିଟିରେ ଏହା ସାଧାରଣ ଭାବରେ ରହେ ତାକୁ ହାରନିଆ କୁହାଯାଏ।

**କାରଣ:-**

୦ ଜନ୍ମଗତ ଦୋଷଥିଲେ।

୦ କୋଲାଜେନ ତିଆରି କରିବା ଓ ରିପେୟାର କରିବା ଦୋଷ ଥିଲେ।

୦ କ୍ଷତ ଜାଗା।

୦ ଅପରେସନ ଚିହ୍ନ।

ପେଟରେ ଚାପ ଯିଏ ବଢ଼ାଏ।

ଅଧିକ ଓଜନ ଉଠାଇବା।

ଝାଡ଼ାହେବା।

ଝାଡ଼ା ନହେବା।

କଫ ଲାଗିରହିବା।

କ୍ରନିକ ଅବସ୍ଟ୍ରକଟିଭ ପଲମୋନାରି ଡ଼ିଜିଜ (COPD )

କ୍ରନିକ ଲଙ୍ଗ ରୋଗ

ହୁପିଙ୍ଗ କାଶ

ମୋଟାଲୋକ

ଅଧିକ ଓଜନ ଲୋକ।

ଗର୍ଭ

ପେଟର ଟ୍ୟୁମର

ପେଟରେ ପାଣି ଜମିବା ବା ଉଦରି ବେମାରି ହେବା।

କୁନ୍ଥେଇ ପରିସ୍ରା କରିବା,

ଇଉରେଥ୍ରା ଅବସ୍ଟ୍ରକସନ ଥିଲେ

ପ୍ରୋଷ୍ଟେଟ ବଢ଼ିଥିଲେ

ସ୍ଥିସ୍ଟିକ ଫାଇବ୍ରୋସିସ ଥିଲେ

ଛିଙ୍କ ଲାଗିରହିବା।

୦ ପେରିଟୋନିଆଲ ଡ଼ାଇଆଲିସିସ୍ର

୦ କମ ନ୍ୟୁଟ୍ରିସନ ଥିବା ଖାଦ୍ୟ ଖାଇବା।

୦ ଧୂମ୍ରପାନ - କାଶ କରେ।

୦ ଫିଜିକାଲ ଏକ୍ସଜରସନ

୦ ଅନଡ଼ିସେଣ୍ଡେଡ଼ ଟେସିସ୍।

୦ ପେଲଭିକ ଆନାଟୋମି ଡ଼ିଫରେସନ ଯୋଗୁଁ ଫେମୋରାଲ ହାରନିଆ ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନଙ୍କ ଠାରେ ଅଧିକ ଦେଖାଯାଏ।

୦ ବୟସ- ବୟସ ବଢ଼ିବା ସଙ୍ଗେ ସଙ୍ଗେ ହାରନିଆ ହୋଇଥାଏ।

**ହାରନିଆ କ'ଣ କ'ଣ ନେଇ ଗଠିତ ?**

ହାରନିଆ ତିନୋଟି ଜିନିଷ ଦ୍ୱାରା ଗଠିତ।

୧. ସ୍ୟାକ- ଏହା ପେରିଟୋନିଅମର ଏକ ଡ଼ାଇଭରଟିକୁଲମ, ଏହାର ମୁହଁ, ବେକ, ଦେହ ଓ ଫଣ୍ଡସ ଅଛି।

୨. ସ୍ୟାକର କଭରିଙ୍ଗ- ହାରନିଆ ପେଟର ଯେଉଁସ୍ତର ଦେଇଆସେ ସ୍ୟାକର କଭରିଙ୍ଗ ସେଇ ସ୍ତରରୁ ତିଆରି।

୩. ସ୍ୟାକର କଣ୍ଟେଣ୍ଟସ- ସ୍ୟାକ ଧାରଣ କରିଥିବା ଜିନିଷଗୁଡ଼ିକ ହେଲା-

୦ ଓମେଣ୍ଟମ

୦ ଖାଦ୍ୟନଳୀ

୦ ଖାଦ୍ୟନଳୀର ଗୋଲେଇର କିଛିଅଂଶ

୦ ପରିସ୍ରାଥଳୀର କିଛିଅଂଶ କିମ୍ବା ପରିସ୍ରାଥଳୀର ଡ଼ାଇଭରଟିକୁଲମ।

୦ ଡ଼ିମ୍ବକୋଷ

୦ ଫାଲୋପିଆନ ଟ୍ୟୁବ

୦ ମେକେଲସ ଡ଼ାଇଭରଟିକୁଲମ

୦ ପାଣି

୦ ଚର୍ବି ତନ୍ତୁ

**ଏହା କେତେ ପ୍ରକାରର ?**

ଏହା ବିଭିନ୍ନ ପ୍ରକାରର। ସେଗୁଡ଼ିକ ହେଲା-

୧. ଇଂଗ୍ୱିନାଲ- ୭୦- ୭୫%। ଏହା ତଳିପେଟର କରକୁ ଗ୍ରଏନ ଅଂଚଳରେ ଇଂଗ୍ୱିନାଲ କେନାଲରେ ହୁଏ।

୨. ଫେମୋରାଲ- ୧୭%। ଜଂଘର ଭିତର ପଟେ ଫେମୋରାଲ କେନାଲରେ ହୁଏ।

୩. ଅମ୍ବିଲିକାଲ- ୩-୧୦%। ନାହି ପାଖରେ ହୁଏ।

୪. ଇନସିଜନାଲ- ୨%। ପୂର୍ବ ଅପରେସନ ଚିହ୍ନରେ ହୁଏ।
୫. ଏପିଗାସ୍ଟ୍ରିକ- ଏହା ପେଟର ମଝି ଲାଇନରେ ନାହି ଓ ଷ୍ଟରନମ ହାଡ଼ର ତଳଅଂଶ ମଝିରେ ହୁଏ।
୬. ହାଇଆଟାଲ- ଏଥିରେ ଖାଦ୍ୟଥଳୀର କିଛିଅଂଶ ଡ଼ାଇଆଫ୍ରାଗମର କଣାରେ ଛାତି ଭିତରକୁ ଯାଏ।
୭. ଡ଼ାଇଆଫ୍ରାଗମାଟିକ- ପେଟର ଜିନିଷ ଛାତି ଭିତରକୁ ଡ଼ାଇଆଫ୍ରାଗମର କଣା ଭିତର ଦେଇଯାଏ।
୮. ସ୍ପିଜେଲିଆନ- କମ ପରିମାଣରେ ହୁଏ। ଏହା ପେଟର ରେକ୍ଟସ ଆବ୍‌ଡ଼ମିନିସ ମାଂସପେଶୀର ଧାରରେ ସ୍ପିଜେଲିଆନ ଫାସାରେ ହୁଏ।
୯. ଡୁଆଲ- ଏହାକୁ ପାଣ୍ଟାଲୁନ କିମ୍ବା ସାଡ଼ଲବ୍ୟାକ ହାରନିଆ କୁହାଯାଏ। ଏହାର ଦୁଇଟି ସ୍ୟାକ ଅଛି। ଗୋଟିଏ ସ୍ୟାକ ପୋଷ୍ଟେରିଅର ୱାଲ ଡ଼ିଫେକ୍ଟ ଯୋଗୁଁ ହେସେଲବ୍ୟାକସ ଟ୍ରାଙ୍ଗଲ ଦେଇଆସେ ଆଉ ଗୋଟିଏ ସ୍ୟାକ ଡ଼ିପରିଙ୍ଗ ଦେଇଆସେ।
୧୦. ରିଚରସ- ଏଥିରେ ଖାଦ୍ୟନଳୀର ଗୋଲେଇର କିଛି ଅଂଶ ସ୍ୟାକ ଭିତରେ ଥାଏ।
୧୧. ଲିଟରସ- ଏଥିରେ ସ୍ୟାକ ଭିତରେ ମେକେଲସ ଡ଼ାଇଭରଟିକୁଲମ ଥାଏ।
୧୨. ଆମିୟାଣ୍ଡସ- ଏଥିରେ ସ୍ୟାକ ଭିତରେ ଆପେଣ୍ଡିକ୍ସ ଥାଏ।
୧୩. ଲମ୍ବାର- ଲମ୍ବାର ଏରିଆରେ ହୁଏ।
୧୪. ମେଡ଼ଲସ- ପାଖାପାଖି ଖାଦ୍ୟନଳୀର ଦୁଇଟି ଲୁପ ସ୍ୟାକ ଭିତରେ ରହେ। ପେଟ ଭିତରକୁ ଥିବା ଖାଦ୍ୟନଳୀକୁ ରକ୍ତ ସଂଚାଳନ ବନ୍ଦହୋଇ ଗାଂଗ୍ରିନ ହୋଇଯାଏ।
୧୫. ପାରାଷ୍ଟୋମାଲ- ଏଥିରେ ତନ୍ତୁ ଷ୍ଟୋମାଟ୍ରାକ୍ଟ ପାଖରେ ବାହାରେ।
୧୬. ପେରିନିଆଲ- ଏହା ପେରିନିଆଲ ମାଂସପେଶୀ ଓ ଫାସାରେ ବାହାରେ।
୧୭. ପ୍ରୋପେରିଟୋନିଆଲ- ବହୁତ କମ ଦେଖାଯାଏ। ଏହି ହାରନିଆ ଡ଼ାଇରେକ୍ଟ ଭାବରେ ପେରିଟୋନିଅମ ଉପରେ ଦେଖାଯାଏ।
୧୮. ସ୍ଲାଇଡ଼ିଙ୍ଗ- ଯେତେବେଳେ କୌଣସି ଅଙ୍ଗପ୍ରତ୍ୟଙ୍ଗ ପେରିଟୋନିଅମ ସହ ଟାଣି ହୋଇଯାଏ। କୋଲନ, ପରିସ୍ରାଥଳୀ ଇତ୍ୟାଦି ହାରନିଆ ସହ ଯାଆନ୍ତି।
୧୯. ସିଆଟିକ- ଏହା ଗ୍ରେଟର ସିଆଟିକ ଫୋରାମେନ ଦେଇ ବାହାରେ।
୨୦. ବକଡ଼ାଲେକସ- ଜନ୍ମଗତ ହାରନିଆ, ପ୍ଲିଉରୋପେରିଟୋନିଆଲ ହାଇଆଟସ ବନ୍ଦ ନହେବା ଯୋଗୁଁ ପେଟର ଜିନିଷ ଛାତି ଭିତରକୁ ଯାଏ।
୨୧. ମରଗାଗ୍ନିସ- ଜନ୍ମଗତ ଷ୍ଟରନମ ହାଡ଼ ପଛପଟେ ହୁଏ।
୨୨. ଇଣ୍ଟରସ୍ଟିସିଆଲ- ଏଥିରେ ଖାଦ୍ୟନଳୀ ପେଟର ଦୁଇସ୍ତର ଭିତରେ ରହେ।

ଏହାଛଡ଼ା ହାରନିଆକୁ ଅନ୍ୟ ଉପାୟରେ ଭିନ୍ନ ଭିନ୍ନ ପ୍ରକାରର କୁହାଯାଏ। ସେଗୁଡ଼ିକ ହେଲା-

୧- ରିଡୁସିବୁଲ-
- ଏହା ନୂଆ ଫୁଲା ଭାବରେ ପେଟରେ ଦେଖାଯାଏ।
- ଏହା ଚିପିଦେଲେ ପେଟ ଭିତରକୁ ପଶିଯାଏ।
- ଏହା ବ୍ୟଥା କରିପାରେ। କିନ୍ତୁ ଚିପିଲେ ଦରଜ ଲାଗେନା।
- ସମୟେ ସମୟେ ଫୁଲା ଦେଖାଯିବା ପୂର୍ବରୁ ବ୍ୟଥା ହୁଏ।
- ପେଟରେ ଚାପ ବଢ଼ିଲେ ଏହି ଫୁଲା ବଡ଼ହୁଏ। ଛିଡ଼ା ହେଲେ ମଧ୍ୟ ଏହି ଫୁଲା ବଡ଼ ହୁଏ।

୨- ଇରିଡୁସିବୁଲ-
- ଏହା ଚିପିଲେ ପେଟ ଭିତରକୁ ଯାଏନାହିଁ।
- ଏହାକୁ ଇନକାରସିରେଟେଡ଼ ହାରନିଆ କୁହାଯାଏ।
- ବ୍ୟଥା ନଥାଇ ଦୀର୍ଘଦିନ ଧରି ରହେ।
- ଏହା ଖାଦ୍ୟନଳୀ ଅବଷ୍ଟ୍ରକସନ କରିପାରେ। ଫଳରେ ବାନ୍ତିଲାଗେ, ବାନ୍ତି ହୁଏ। ପେଟ ବ୍ୟଥା ହୁଏ।
- ଏହା ଖାଦ୍ୟନଳୀ ଷ୍ଟ୍ରାଙ୍ଗୁଲେସନ କରିପାରେ।
- ଏଥିରେ ଥିବା କଣ୍ଟେଣ୍ଟଗୁଡ଼ିକ କ୍ରାଉଡ଼ିଙ୍ଗ ହୁଅନ୍ତି।
- ସ୍ୟାକ ଓ କଣ୍ଟେଣ୍ଟ ମଧ୍ୟରେ ଲାଗିଯାଏ।
- ସ୍ୟାକ ସ୍ୟାକ ଲାଗିଯାଏ।

୩- ଅବଷ୍ଟ୍ରକଟିଭ-
- କଲିକି ପେଟ ବ୍ୟଥା ହୁଏ।
- ବାନ୍ତି ଲାଗିବା
- ବାନ୍ତି ହେବା
- ପେଟଫୁଲା
- ଅବସ୍ଟିପେସନ- ଆବସୋଲୁଟ କନସ୍ଟିପେସନ ଅର୍ଥାତ ଝାଡ଼ା ଓ ବାୟୁ ଯାଏନାହିଁ।

୪- ଷ୍ଟ୍ରାଙ୍ଗୁଲେଟେଡ଼-
(ଇରିଡୁସିବିଲିଟି+ ଅବସ୍ଟ୍ରକସନ+ ରକ୍ତ ସଂଚାଳନ ବନ୍ଦ)
- ଇରିଡୁସିବୁଲ ଗୁଣ ରହେ।
- ଅବସ୍ଟ୍ରକସନ ଗୁଣ ରହେ।
- ରକ୍ତସଂଚାଳନ ବନ୍ଦ ରହେ।
- ତତ୍‌କ୍ଷଣାତ୍ ହାରନିଆ ସାଇଜ ବଡ଼ହୁଏ। ଟେନସ ଓ ଟେଣ୍ଡର ହୁଏ। କାଶିରେ ଏକ୍ସପାନସାଇଲ ଇଂପଲସ ଅନୁଭବ କରିହୁଏନା।
- କଲିକ୍ ପେଟ ବ୍ୟଥା ଯଦି ଲାଗିରହେ ଖାଦ୍ୟନଳୀ ଗାଂଗ୍ରିନ ହୋଇଯାଏ ଓ ବ୍ୟଥା କମିଯାଏ।

୫- ଇନଫ୍ଲେମଡ଼- ହାରନିଆ କଣ୍ଟେଣ୍ଟ ଇନଫ୍ଲାମେସନ ଯୋଗୁଁ ଇନଫ୍ଲେମଡ଼ ହୁଏ ।

- ଆକ୍ୟୁଟ ଆପେଣ୍ଡିସାଇଟିସ
- ଆକ୍ୟୁଟ ସାଲଫିଜାଇଟିସ
- ଠିକ ଭାବରେ ଫିଟିଙ୍ଗ ହେଉନଥିବା ଟ୍ରସ ପିନ୍ଧିଲେ ।

**ସଂକେତ ଓ ଲକ୍ଷଣ:-**

- ବ୍ୟଥାହୀନ ଫୁଲା ।
- ଡ୍ରାଗିଙ୍ଗ ବ୍ୟଥା ।
- ସମୟକ୍ରମେ ଫୁଲା ବଢ଼େ ।
- ଫୁଲା ଚିପିଲେ ପେଟ ଭିତରକୁ ପଶିଯାଏ ।
- ଫୁଲା ଚିପିଲେ ପେଟ ଭିତରକୁ ପଶେନା ।
- ଅବଷ୍ଟ୍ରକସନ ହେଲେ ତା'ର ସଂକେତ ଓ ଲକ୍ଷଣ ।
- ସାଙ୍ଗୁଲେସନ ହେଲେ ତା'ର ସଂକେତ ଓ ଲକ୍ଷଣ ।
- ଗାଂଗ୍ରିନ ହେଲେ ତା'ର ସଂକେତ ଓ ଲକ୍ଷଣ ।
- କାଶିଲେ ଇଂପଲସ ଅନୁଭବ କରିହୁଏ ।
- ରିଜୋନାଣ୍ଟ
- ଇଂଗ୍ୱିନାଲ ହାରନିଆରେ ଇଣ୍ଟରନାଲ ରିଙ୍ଗ ଅକ୍ଲୁଜନ ଟେସ୍ ପଜିଟିଭ ହୁଏ ।
- ହାଇଆଟାଲ ହାରନିଆଁରେ ଛାତିପୋଡ଼ା ଇନଡ଼ାଇଜେସନ ହୁଏ ।
- ପେଟ ଓ ପେଲଭିକ ବ୍ୟଥା ।

**ନିଦାନ:-**

- ସଂକେତ ଓ ଲକ୍ଷଣ ଦେଖି ।
- ଅଲଟ୍ରାସାଉଣ୍ଡ
- ସିଟିସ୍କାନ
- ଏଣ୍ଡୋସ୍କୋପି- ହାଇଆଟସ ହାରନିଆ ପାଇଁ ।
- ଏକସରେ- କଲୋନିକ ହେରନିଏସନ ପାଇଁ ।

**ଚିକିତ୍ସା:-**

- ହାରନିଆ ବେଲଟ ।
- ଟ୍ରସ
- ଆବ୍‌ଡୋମିନାଲ ବାଇଣ୍ଡର
- ଅପରେସନ
- ପେଟଖୋଲି
- ଲାପାରୋସ୍କୋପି

**ପ୍ରତିଶେଧକ:-**

- ଅଧିକ ଓଜନ ନ ଟେକିବା ।
- ଖାସ ଓ ଛିଙ୍କ ହେଲେ ଚିକିତ୍ସା କରିବା ।
- ଉପଯୁକ୍ତ ଶରୀରର ଓଜନ ରଖିବା ।
- ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା
- ଏକ୍ସରସାଇଜ କରିବା
- ଅଧିକ ଫ୍ୟାଟ ଖାଦ୍ୟ ନ ଖାଇବା ।
- ଅଧିକ ଫ୍ରୁଟ, ଭେଜିଟେବୁଲ, ହୋଲ ଗ୍ରେନ ଖାଇବା ଉଚିତ । ଏହା କନଷ୍ଟିପେସନ କରେନାହିଁ ।
- ଧୂମପାନ ନକରିବା ।
- ପରିସ୍ରା ଝାଡ଼ା ଯିବା ସମୟରେ ଷ୍ଟ୍ରେନ ହେଉଥିଲେ ଷ୍ଟ୍ରେନ କମାଇବାକୁ ଚିକିତ୍ସା କରିବା ।

**ଜଟିଳତା:-**

- ଇନଫ୍ଲାମେସନ
- ଇରିଡ୍ରୁସିବୁଲ
- ଅବଷ୍ଟ୍ରକସନ
- ଷ୍ଟ୍ରାଙ୍ଗୁଲେସନ
- ଗାଂଗ୍ରିନ

**ଅପରେସନ ଜଟିଳତ:-**

- ରିକରେସନ
- ପରିସ୍ରା ରିଟେନସନ
- ଘା ଇନଫେକସନ
- ସ୍କ୍ରୋଟମରେ ପାଣି ଜମେ
- ସ୍କ୍ରୋଟମରେ ରକ୍ତ ଜମାଟ
- ଟେଷ୍ଟିକୁଲାର ଡ୍ୟାମେଜ
- ମେସ ରିଜେକସନ
- ରକ୍ତ ବୋହିବା ।

କୌଣସି ବ୍ୟକ୍ତିର ପେଟରେ କୌଣସି ଫୁଲା ହେଲେ, ଟାଣି ହେଲେ, ଫୁଲା ବଡ଼ ହେଲେ, ପେଟ ଭିତରକୁ ଚିପିଲେ ନଗଲେ, ବାନ୍ତି ଲାଗିବା, ବାନ୍ତି ହେଲେ, ଅତ୍ୟଧିକ ପେଟ ଟାଣିହେଲେ, ପେଟ ଫୁଲିଲେ, ଝାଡ଼ା ଓ ପବନ ବନ୍ଦ ହେଲେ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଦରକାର, ନଚେତ ବିପଦରେ ପଡ଼ିପାରନ୍ତି ।

ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା
ମୋ : ୯୪୩୭୧୦୭୬୧୩

# ଚଣ୍ଡାଶୋକ ହେଲେ ଧର୍ମାଶୋକ



**ବିଭୁପ୍ରସାଦ ହରିଚଂଦନ**

ଖ୍ରୀ.ପୂ. ୨୬୧ ର କଥା। କଳିଙ୍ଗ ଯୁଦ୍ଧ ଶେଷ ହୋଇଛି। ତତ୍‌କାଳୀନ କଳିଙ୍ଗର ରାଜା ଅନନ୍ତ ପଦ୍ମନାଭ ପରାସ୍ତ ଓ ନିହତ ହୋଇଛନ୍ତି ଏବଂ ତାଙ୍କ ସହିତ ତାଙ୍କର ବିଶାଳ ସେନାବାହିନୀ ମଧ୍ୟ ନିହତ ହୋଇଛନ୍ତି। କଳିଙ୍ଗ ରାଜ୍ୟରେ 'ହା' ହା' କାର' ପଡ଼ିଯାଇଛି। କୁଢ଼କୁଢ଼ ଶବ ପଡ଼ିରହିଛି ଯୁଦ୍ଧଭୂମିରେ ଓ ତା' ଭିତରେ ବିଜୟୀ ସମ୍ରାଟଙ୍କର ଜୟଗାନ କରୁଥା'ନ୍ତି। ସମ୍ରାଟ ଅଶୋକଙ୍କର ଚିର ଇପ୍‌ସିତ ବିଜୟ ମିଳିଛି। ଯେଉଁ କଳିଙ୍ଗକୁ ଜୟ କରିବା ପାଇଁ ସେ ଅନେକ ସ୍ୱପ୍ନ ଦେଖୁଥିଲେ ତାହା ଆଜି ବାସ୍ତବରେ ପରିଣତ ହୋଇଛି। ଏହିକଥା ଭାବିଭାବି ସମ୍ରାଟ ଅଶୋକ ଉଲ୍ଲସିତ ହେଉଥା'ନ୍ତି।

ଠିକ୍ ଏହି ସମୟରେ ଜଣେ ସୈନିକ ସମ୍ରାଟଙ୍କ ପାଖରେ ପହଞ୍ଚି ନତମସ୍ତକ ହୋଇ ପ୍ରଣିପାତ ପୂର୍ବକ କହିଲା, ମଣିମା- ଆମ ସୈନ୍ୟମାନେ ବିଜୟ ଉତ୍ସବ ପାଳନ ସହିତ ଆନନ୍ଦରେ ନାଚୁଥିବାବେଳେ ଜଣେ ବୌଦ୍ଧଭିକ୍ଷୁ ଯୁଦ୍ଧଭୂମିରେ ଗୋଟିଏ ମୃତ ସୈନିକ ପାଖରେ ବସିରହି କିଛି କହୁଥିବାର ମୁଁ ଶୁଣିଛି। ସେ କ'ଣ କହୁଛନ୍ତି ତାହା ମୁଁ ବୁଝିପାରୁନାହିଁ।

କୌତୁହଳବଶତଃ ସମ୍ରାଟ ସେହି ସ୍ଥାନକୁ ଆସି ଦେଖିଲେ ଜଣେ ଲଣ୍ଡିତ ମସ୍ତକ ବୌଦ୍ଧଭିକ୍ଷୁ ମୃତ ସୈନିକ ପାଖରେ ବସିରହି କ'ଣ ଗୁଡ଼ାଏ ମନ୍ତ୍ର ଉଚ୍ଚାରଣ କରୁଛନ୍ତି। ସମ୍ରାଟ ପଚାରିଲେ "ଭିକ୍ଷୁ! ଏଠି କ'ଣ କରୁଛ।" କିଛି ଉତ୍ତର ପାଇଲେନି ରାଜା। ପୁଣି ସେଇକଥା ପଚାରିଲେ ରାଜା। ତଥାପି କିଛି ଉତ୍ତର ମିଳିଲାନି। ବିରକ୍ତି ଭାବରେ ରାଜା କହିଲେ, "ମୁଁ ଦିଗ୍‌ବିଜୟୀ ସମ୍ରାଟ ଅଶୋକ ତୁମକୁ ପଚାରୁଛି- କ'ଣ କରୁଛ ଏଠି।"

ବୁଲିପଡ଼ି ଚାହିଁଲେ ବୌଦ୍ଧ ଶ୍ରମଣ। ଧୀର ଅଥଚ ଗମ୍ଭୀର ଭାବରେ କହିଲେ, 'ହେ! ସମ୍ରାଟ, ମୁଁ ଏହି ଶବ ସହିତ କିଛି କଥା ହେଉଛି।' ସମ୍ରାଟ ହସିଲେ। କହିଲେ, 'ମୃତ୍ୟୁ ଲଭିଥିବା ସୈନିକ ସହିତ କଥା ହେବା ଅସମ୍ଭବ।' ଶ୍ରମଣ କହିଲେ, 'ଆପଣ ଦିଗ୍‌ବିଜୟୀ ସମ୍ରାଟ, ଆପଣଙ୍କ ପାଖରେ ଅସମ୍ଭବ ବୋଲି କିଛି ନାହିଁ। ଏହି ଶବଟିକୁ ଆପଣ ଚାହିଁଲେ ଜୀବନ ଦେଇପାରିବେ। ଥରେ ଚେଷ୍ଟାକରି ଦେଖନ୍ତୁ ନା'।' "ବୃଥା ପ୍ରୟାସ କରିବା ନିଃଷ୍ପ୍ରୟୋଜନ ସନ୍ୟାସୀ"- କହିଲେ ସମ୍ରାଟ। ଯଦି ଏହି ଶବଟିକୁ ଜୀବନ ଦେଇପାରିବେନି ତାହାଲେ ଚକ୍ରବର୍ତ୍ତୀ ସମ୍ରାଟ ଆପଣ ହେବେ କିପରି? ଆପଣ ଜୀବନ ନେଇପାରୁଛନ୍ତି ଅଥଚ ଜୀବନ ଦେଇପାରିବେନି କହୁଛନ୍ତି। ଏହା କିପ୍ରକାର କଥା।" "ଅସମ୍ଭବକୁ ମୁଁ କିପରି ସମ୍ଭବ କରିପାରିବି"? କହିଲେ ଅଶୋକ। ଶ୍ରମଣ କହିଲେ, 'ହେ ସମ୍ରାଟ, ଯଦି ଆପଣ ଗୋଟିଏ ଜୀବନ ଦେଇପାରୁନାହାନ୍ତି, ତାହାଲେ ଲକ୍ଷାଧିକ ସୈନିକ ଜୀବନ ନେଲେ କାହିଁକି? ସେହିସବୁ ପରିବାରରେ ଦୁଃଖର ବାଦଲ ବୁଣିଦେଲେ କାହିଁକି? କାହିଁକି ସେମାନଙ୍କ ପରିବାରକୁ ମୁରବୀଛିନ୍ନ କରିଦେଲେ? କାହିଁକି ସେମାନଙ୍କ ରମଣୀମାନଙ୍କୁ ବିଧବା ସଜେଇ ଦେଲେ? କାହିଁକି ସେମାନଙ୍କ ପିଲାମାନଙ୍କୁ ବାପଛେଉଣ୍ଡ କରିଦେଲେ? କାହିଁକି ସେମାନଙ୍କ ମା'ଙ୍କୁ ପୁତ୍ରହରା କରିଦେଲେ? କାହିଁକି? କାହିଁକି? କେଉଁ ଅଧିକାରରେ ଜୀବନ ଦେଇପାରୁନଥିବା ବ୍ୟକ୍ତି ଜୀବନକୁ ଧ୍ୱଂସ କରିଦେବ? ସ୍ନେହ, ଶ୍ରଦ୍ଧା ଦେଇପାରୁନଥିବା ବ୍ୟକ୍ତି ଘୃଣା ଓ ଅସୂୟାର ମଞ୍ଜି ବୁଣିବ? କାହିଁକି? ତା'ର ଉତ୍ତର ଦେଇପାରିବ ରାଜନ୍!"

ସମ୍ରାଟ ଅଶୋକଙ୍କ ମୁଖମଣ୍ଡଳ 'କାହିଁକି'ର ପ୍ରଶ୍ନବାଣରେ ମଳିନ ପଡ଼ିଆସୁଥାଏ। ଭାବୁଥିଲେ ସତେତ, ଲକ୍ଷ ଲକ୍ଷ ପରିବାରର ଅପୂରଣୀୟ କ୍ଷତ ପାଇଁ ମୁହିଁଦାୟୀ। ମନ ତାଙ୍କର ଆନ୍ଦୋଳିତ ହେଉଥାଏ। ଅନୁତାପର ଦାବାଗ୍ନିରେ ସେ ଯେପରି ଅସହାୟ ଜଣାପଡୁଥିଲେ। "ମୁଁ ଅନୁତପ୍ତ ସନ୍ୟାସୀ। ମୋରି ପାଇଁ ଆଜି ଏ ଅଘଟଣ ଘଟିଛି। ଲକ୍ଷ ଲକ୍ଷ ନାରୀ ସ୍ୱାମୀ ହରା ହୋଇଛନ୍ତି। ଅନେକ ମମତାମୟୀମା' ପୁତ୍ରହରା ହୋଇଛନ୍ତି। ଅନେକଙ୍କର ସୁଖର ସଂସାର ଉଜୁଡ଼ିଯାଇଛି। ଏସବୁ ପାଇଁ ମୁହିଁ ଦାୟୀ। କ'ଣ କଲେ ଏ ଉଜୁଡ଼ା ସଂସାରରେ ହସର ଫୁଆର ଖେଳେଇ ହେବ; ମୁଁ ଦୁଃଖିତ, ମୁଁ ଲଜ୍ଜିତ ସନ୍ନ୍ୟାସୀ। ନିଜର ନିଜର ବଡ଼ ପଣିଆକୁ ସାବ୍ୟସ୍ତ କରିବା ପାଇଁ ମୁଁ ଅନେକ ଧନ ଜୀବନ ନଷ୍ଟ କରିଛି। ସେଥିପାଇଁ ମୁଁ ପଶ୍ଚାତାପ କରୁଛି ସନ୍ନ୍ୟାସୀ। ମୋତେ ଉପାୟ କୁହନ୍ତୁ ସନ୍ନ୍ୟାସୀ। ମୁଁ ଠିକ୍ ବୁଝିପାରିଛି ତରବାରୀର ଜୟ ଜୟ ନୁହେଁ, ସ୍ନେହ, ପ୍ରେମରେ ହିଁ ପ୍ରକୃତ ଜୟ! ମୋତେ କ୍ଷମା କରିଦିଅନ୍ତୁ ସନ୍ନ୍ୟାସୀ, ମୁଁ ଆପଣଙ୍କ ଶରଣାପନ୍ନ"- ଦୁଃଖରେ କୋହଭରା କଣ୍ଠରେ କହିଲେ ସମ୍ରାଟ ଅଶୋକ।

ସନ୍ୟାସୀ କହିଲେ, ରାଜନ୍ ଆପଣ ଯଦି ଦୁଃଖିତ ଏବଂ ଅନୁତପ୍ତ 'ତେବେ ମୋ ସାଥିରେ କୁହନ୍ତୁ, ବୁଦ୍ଧଂ ଶରଣଂ ଗଚ୍ଛାମି। ସଙ୍ଘଂମ୍ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି।'

ଉପଯୁକ୍ତ ସମୟରେ ଉପଯୁକ୍ତ ଗୁରୁଙ୍କର ସଂଧାନ ମିଳିଥିଲା ସମ୍ରାଟ ଅଶୋକଙ୍କୁ। ସେହିଦିନ ଠାରୁ ବୌଦ୍ଧ ଶ୍ରମଣ ଉପଗୁପ୍ତଙ୍କ ଠାରୁ ଦୀକ୍ଷା ଗ୍ରହଣକରି ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ବନିଯାଇଥିଲେ।

ମୌର୍ଯ୍ୟ ସାମ୍ରାଜ୍ୟର ଶ୍ରେଷ୍ଠ ନରପତି ବିନ୍ଦୁସାରଙ୍କ ପୁତ୍ର ସମ୍ରାଟ ଅଶୋକ ହୋଇଯାଇଥିଲେ ଅତ୍ୟନ୍ତ ପ୍ରଜାବତ୍ସଳ ଓ ଧର୍ମପରାୟଣ। ସମସ୍ତ ପ୍ରଜାମାନଙ୍କୁ ସ୍ନେହ, ପ୍ରେମରେ ବାନ୍ଧିରଖି ସେ ରାଜ୍ୟ ଶାସନ କରିବାକୁ ଲାଗିଲେ ଓ ପ୍ରଜାମାନଙ୍କ ହିତକୁ ଅଗ୍ରାଧିକାର ଦେଇ ନିଜର ରାଜକୋଷକୁ ମୁକ୍ତ ହସ୍ତରେ ଖର୍ଚ୍ଚ କରିବାକୁ ଲାଗିଲେ। ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର

ପାଇଁ ସେ ନିଜର ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ସୁଦୂର ସିଂହଳକୁ ପଠାଇଥିଲେ। ଅହିଂସାପର ଧର୍ମ ଓ ଜୀବନ ଦୟା ନୀତିକୁ ସେ ଜୀବନରେ ବ୍ରତ ଭାବରେ ଧରିନେଇ ମୁକ୍ତ କଣ୍ଠରେ ବୌଦ୍ଧ ଧର୍ମର ତ୍ରୀସ୍ୱପ୍ତୀକୁ ଗୁରୁତ୍ୱ ଦେଇଥିଲେ। ସେ ସବୁ ହେଲା।

ସର୍ବମନିତୀମ୍ (ସମସ୍ତ ଜିନିଷ କ୍ଷଣଭାବୁର)
ସର୍ବମନାମ୍ନମ୍ (ସକଳ ବସ୍ତୁରେ ଜୀବନ ବିଦ୍ୟମାନ)
ନିର୍ବାଣଂ ଶନ୍ତମ(ନିର୍ବାଣ ସତ୍ୟ ଓ ଚିରଶାନ୍ତି ପ୍ରଦାୟୀ)

କଥାକାର ଭାବରେ ମୁଁ ଏତିକି ପରିଶେଷରେ କହିପାରେ !–

ଉପଗୁପ୍ତ ସନ୍ନ୍ୟାସୀଠୁ ପାଇଲେ ସାହସ,
ଚଣ୍ଡାଶୋକ ହେଲେ ଧର୍ମାଶୋକ, କହେ ଇତିହାସ।
ସ୍ନେହ, ପ୍ରେମ ଦାନେ ଯାହା ପାରିବା ହୃଦୟ ଜିତି,
ସବୁ ଧର୍ମ ଆବେଗରେ କହେ ଏହି ବାଣୀ।
ଭେଦ, ଭାବ ନରହିବା ହେଉ ଆମ ବ୍ରତ,
ଶାନ୍ତି, ମୈତ୍ରୀର ବାର୍ତ୍ତା ହେଉ ପ୍ରସାରିତ।
ଉତ୍କଳ ଓ ସଂସ୍କୃତି ଆମ ଅଟେ ବିଶ୍ୱ ବନ୍ଦିତ
ସେ ସଂସ୍କୃତର ହେବା ଆମେ ସବୁ ଅଗ୍ରହତ।

**ସାନପଲା, ଖୋର୍ଦ୍ଧା**
**ମୋ- ୭୦୭୭୯୮୩୮୪୦**

# ତୃଷ୍ଣା ତର୍ପଣ



**କବିତା ପଟ୍ଟନାୟକ**

ପାଣି ... ପାଣିର ଆର୍ତ୍ତଚିତ୍କାର ଦୁବଠାରୁ ଦ୍ରୁମ ଆଉ ପୃଥିବୀ ଠାରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିଲା। ମିଳୁନଥିଲା ମୁନ୍ଦେପାଣି। ସଭିଏଁ ପାଣି ପାଇଁ ବ୍ୟାକୁଳିତ ହେଉଥିଲେ। ମାଳମାଳ ବାଦଲ୍ ଆକାଶରେ ଛାଇ ଯାଉଥିଲା, ଲୋକେ ଶିହରିତ ହୋଇ ଉଠୁଥିଲେ। ବାଦଲ୍ ଖୋଜୁଥିଲା ତା'ର ସାଥି ଗଛକୁ, ନଥିଲା ଗଛ। ବିରହର ଯନ୍ତ୍ରଣାରେ ଜର୍ଜରିତ ବାଦଲ୍ ଫେରିଯାଉଥିଲା। ଆଉ ଆକାଶର ଛାତି ଉପରେ ପୁଣି ଚିକ୍‌ମିକ୍ କରୁଥିଲା ସୁନେଲି ଖରା। ଲୋକେ ନିରାଶ ହେଉଥିଲେ। ଜଳ ବିନା ଆତଙ୍କିତ ଲୋକେ ଚାତକ ପରି ଚାହିଁ ରହିଥିଲେ ଆକାଶକୁ ; ହେଉନଥିଲା ବର୍ଷା।ମିଳୁନଥିଲା ପାଣି। ପାଣି ପାଇଁ ଆରମ୍ଭ ହୋଇଯାଇଥିଲା ସଂଘର୍ଷ ଆଉ ପ୍ରତିଯୋଗିତା। ଆଖ ପାଖର କୂଅ ପୋଖରୀ ଶୁଖିଯାଇଥିଲା। ଦିଖଣ୍ଡ ଗାଁ ଡ଼େଇଁ ଯିବାକୁ ହେଉଥିଲା। ଲୋକଙ୍କର ଧାଡ଼ି ଛୁଟିଥିଲା। ପାଣିର ନିଅଣ୍ଟିଆ ଅବସ୍ଥା ଲୋକଙ୍କୁ ନୟାନ୍ତ କରିସାରିଥିଲା।

ଦୀର୍ଘଶ୍ୱାସ ବାହାରି ଆସିଲା ଶିଖା ମୁହଁରୁ। ଖୁବ୍ ସନ୍ତର୍ପଣରେ ଛୁଆଟାକୁ କୋଳରୁ ଅଲଗା କରି ଶୁଆଇଦେଲା। ପୁଅ କପାଳରେ ଛୋଟ ଚୁମାଟେ ଆଙ୍କିଦେଇ ଶିଖା ଉଠିଲା। ଗରା ବାଲଟି ଦିହାତରେ ଧରି ଖୁବ୍ ବେଗି ବେଗି ପାଦ ଆଗକୁ ବଢ଼ାଇଲା। ରାତି ପାହିବାକୁ ଆହୁରି ଦି'ଘଡ଼ି ବାକିଥିଲା। କାଳି ଅନ୍ଧାରରେ ଅନେକ ଶିଖା ଧାଉଁଥିଲେ ଅରଣା ମଇଁଷି ପରି।

ଗୀର୍ଜା ମନ୍ଦିର ମସ୍‌ଜିଦ୍‌ରୁ ଶୁଭୁଥିଲା ପ୍ରାର୍ଥନା। ଲୋକେ ବିକଳ ହେଉଥିଲେ। ପାଣି ବିନା ତୃଷାର୍ତ୍ତ ମଣିଷ ଆଉ ଥୁଣ୍ଟା ଗଛ ଆମ୍ଳାୟିତ ହୋଇପଡୁଥିଲେ। ଟଳିପଡୁଥିଲା ମଣିଷ ଜଳିଯାଉଥିଲା ଗଛ। କେବଳ ଶବ୍ଦାୟିତ ହେଉଥିଲା ପ୍ରାର୍ଥନା। ସକାଳ ହୋଇସାରିଥିଲା ଆଉ ଖରା ନଥିବା ଆକାଶଟା ଭାରି ନିରିମାଖ ଲାଗୁଥିଲା। ଆକାଶଠୁ ବି ଆହୁରି ନିରିମାଖି ଥିଲା ଶିଖାର ତିନିବର୍ଷର କୁନିପୁଅ। ନିଦ ବାଉଳାରେ ଶୋଷରେ ଛଟପଟ ହୋଇ ଖୋଜୁଥିଲା ଟୋପାଏ ପାଣି; ପାଣି ଆଉ ମା'କୁ ନପାଇ କୁନିପିଲାଟା କଇଁ କଇଁ ହୋଇ କାନ୍ଦିଉଠିଲା। ମା'.....ମା'.... ଡ଼ାକି ଦାଣ୍ଡ ଦୁଆରକୁ ଚାଲି ଆସିଲା। ନିଦୁଆ ପିଲାଟା ଝୁଣ୍ଟି ହୋଇ ତଳେ ଲୋଟି ପଡ଼ିଲା। କେଡ଼େ ବିକଳ ଥିଲା ତା'ର କ୍ରନ୍ଦନର ରୋଳ ଯାହା ମାଟିରୁ ପବନ ଆଉ ପବନରୁ ଆକାଶକୁ ଛୁଇଁଗଲା। ଠିକ୍ ସେତିକିବେଳେ ଆକାଶରେ ଯାଉଥିଲେ ଦଳେମେଘ। ମା'ର ପଣତ ଧରି ଚାଲୁଥିବା ଟିକି ମେଘଟି କରୁଣ କ୍ରନ୍ଦନର ଧ୍ୱନିରେ ବ୍ୟଥିତ ହୋଇପଡ଼ିଲା। ହଠାତ୍ ମା'ର ପଣତ ଛାଡ଼ି ଧାଇଁ ଆସିଲା। ଆଉ ଟିକି ମେଘକୁ ଖୋଜିବାକୁ ମା' ଆଉ ତା' ଦଳର ମେଘମାନେ ଫେରିଆସିଲେ। କୁନିପିଲାଟିର ଦୁଃଖରେ ବ୍ୟଥିତ ଟିକିମେଘ ଆଖିରୁ ଝରିପଡ଼ିଲା ଧାରଧାର ଲୁହ। ଆକାଶରେ ଘୋଟିଗଲା କଳାହାଣ୍ଡିଆ ମେଘ। ଲୋକେ ସ୍ତବ୍ଧ ହୋଇଗଲେ ଝରିପଡ଼ିଲା ବର୍ଷା। ବର୍ଷା ଦେଖି ପିଲାଟିର କାନ୍ଦ ଆପେ ଆପେ ବନ୍ଦ ହୋଇଗଲା। ବର୍ଷା ଜଳର ଆସ୍ୱାଦନରେ ହୁଏତ ତା'ର ଶୋଷ କିଛି ମାତ୍ରାରେ ମେଣ୍ଟିଗଲା। ଶିଖା ଫେରିଆସି ପୁଅକୁ କୋଳରେ ଜାକି ଧରିଲା। ମା' ପୁଅଙ୍କର ଏ ମିଳନରେ ବିଭୋର ହୋଇ ଟିକିମେଘ କାନ୍ଦଭୁଲି ହସିପକାଇଲା। ଆଉ ହସର ତାଳେ ତାଳେ ଝରିପଡ଼ିଲା ବର୍ଷା ଆଶ୍ଚର୍ଯ୍ୟିତ ଅଞ୍ଚଳବାସୀ ଆନନ୍ଦରେ କୁରୁଳି ଉଠି ଯୋଡ଼ହସ୍ତରେ ମେଘଦଳକୁ ପ୍ରଣାମ କରିବା ସହ ହୁଳହୁଳି ଓ ଶଂଖନାଦରେ ସ୍ୱାଗତ ଜଣାଉଥିଲେ ଶ୍ରାବଣର ପ୍ରଥମ ଶ୍ରାବଣୀକୁ। ଏ ପ୍ରକାର ଭବ୍ୟସମ୍ବର୍ଦ୍ଧନାରେ ବିସ୍ମିତ ଓ ଆନନ୍ଦିତ ମେଘଦଳ ଖୁବ୍ ବର୍ଷି ଚାଲିଲେ। ଟିକିମେଘ ମା' ପଣତର ଆଢୁଆଳରୁ ଦେଖୁଥିଲା କୁନିପିଲାଟିକୁ; ଯିଏ ମା' କୋଳରେ ମୁଣ୍ଡଗୁଞ୍ଜି ଆତ୍ମତୃପ୍ତିରେ ଜୁଳୁଜୁଳୁ ହୋଇ ଚାହିଁଥିଲା ଆକାଶକୁ। ଆଉ ଟିକିମେଘ ଖୁବ୍ ଆନନ୍ଦରେ ମା' କୋଳକୁ ଆଉ ଟିକେ ଆଉଜି ଆସିଲା। ତା' ଓଠରୁ ଝରିପଡ଼ିଲା ଏକ ସ୍ୱଚ୍ଛ ଆନନ୍ଦର ଧାରା, ତା' ସହ ଝରିପଡ଼ିଲା ଆକାଶରୁ ଅବିଶ୍ରାନ୍ତ ବର୍ଷା। ଯେମିତି ଲାଗୁଥିଲା ସମସ୍ତଙ୍କ ଅଜାଣତରେ ଅଞ୍ଚଳବାସୀଙ୍କ ପାଇଁ ଟିକିମେଘର ଏହାଥିଲା ଶ୍ରଦ୍ଧା ତର୍ପଣ।

**ଖୋର୍ଦ୍ଧା**
**ମୋ : ୮୦୯୩୬୦୯୨୭୨**

ଡାକଟିକେଟରୁ ଜ୍ଞାନ




# ରାମାନୁଜାଚାର୍ଯ୍ୟ

**(୧୦୧୭- ୨୦୧୭) ସହସ୍ରାବ୍ଦୀ**



**ଅଧ୍ୟାପକ ଭବାନୀ ଶଙ୍କର ଦାଶ**

ଭାରତର ଆଧ୍ୟାତ୍ମିକ ଓ ଭକ୍ତି ପରମ୍ପରାର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ରାମାନୁଚାର୍ଯ୍ୟ ରହିଛନ୍ତି। ହିନ୍ଦୁଧର୍ମରେ ବୈଷ୍ଣବ ପରମ୍ପରାକୁ ଶୀର୍ଷରେ ପହଞ୍ଚାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଚେନ୍ନାଇ ନିକଟସ୍ଥ ଶ୍ରୀପେରୁମ୍ବୁଦରରେ ଏକ ତାମିଲ ବ୍ରାହ୍ମଣ ପରିବାରରେ ୧୦୧୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ମାତା କାନ୍ତିମାହି ଓ ପିତା କେଶବ ସୋମାୟାଦି ଥିଲେ। ତାଙ୍କର ଗୁରୁଥିଲେ ଯାଦବ ପ୍ରକାଶ ଯିଏକି ଅଦ୍ୱୈତ ବେଦାନ୍ତ ପରମ୍ପରାର ଜଣେ ପଣ୍ଡିତ ଥିଲେ।

ବୈଷ୍ଣବ ପରମ୍ପରାକୁ ଲକ୍ଷଲକ୍ଷ ଲୋକଙ୍କ ପାଖରେ ପହଞ୍ଚାଇବାରେ ରାମାନୁଜାଚାର୍ଯ୍ୟଙ୍କ ଭୂମିକା ଅଧିକ। ସେ ଜଣେ କ୍ରାନ୍ତିକାରୀ ଭାବେ ମାନବ ଜାତିର ବୃହତ୍ତର କଲ୍ୟାଣ ପାଇଁ ନିଜକୁ ସମର୍ପଣ କରିଥିଲେ। ସେ ବିଶିଷ୍ଟୋ ଦ୍ୱୈତ ବେଦାନ୍ତର ସିଦ୍ଧାନ୍ତକୁ ଔପଚାରିକ ରୂପ ଦେଇଥିଲେ। ତାଙ୍କ ପୂର୍ବ ଗୁରୁ ନାଥମୁନୀ ଓ ଯମୁନାଚାର୍ଯ୍ୟଙ୍କ ଦର୍ଶନ ଓ ଚିନ୍ତାଧାରାକୁ ସେ ଆଗେଇ ନେଇଥିଲେ। ତାଙ୍କର ପ୍ରମୁଖ କୃତି ଶ୍ରୀ ଭାଷ୍ୟରେ ସେ ବିଦରାୟଣଙ୍କ ବ୍ରହ୍ମସୂତ୍ରର ବିସ୍ତୃତ ବ୍ୟାଖ୍ୟା କରିଥିଲେ। ଏହାଛଡ଼ା ସେ ଜାତିଗତ ଓ ସାମାଜିକ ବନ୍ଧନରୁ ଉପରକୁ ଯାଇ ଆଧ୍ୟାତ୍ମିକତାରେ ସର୍ବ ସମଦର୍ଶୀ ଚିନ୍ତାଧାରାକୁ ପ୍ରଚାର କରିଥିଲେ। ତାଙ୍କର ୭୪ ଜଣ ଶିଷ୍ୟ ବେଦର ପ୍ରଚାର ପାଇଁ ନିଜକୁ ସମର୍ପଣ କରିଥିଲେ। ରାମାନୁଜାଚାର୍ଯ୍ୟ ଆଦିବାସୀମାନଙ୍କୁ ସେମାନଙ୍କର ଜୀବନାତ୍ମବାଦ ଚିନ୍ତାଧାରାକୁ ବାହାରି ବୈଦିକ ବିଚାରକୁ ଗ୍ରହଣ କରିବାକୁ ପ୍ରୟାସ କରିଥିଲେ।

ସେ ସାର୍ବଭୌମିକ ବିଚାରଧାରାକୁ ଆଉ ପାଦେ ଆଗେଇ ନେଇ ଜାତି ଓ ଧର୍ମରୁ ଉର୍ଦ୍ଧ୍ୱରେ ସମସ୍ତଙ୍କୁ ମନ୍ଦିରରେ ପ୍ରବେଶ ପାଇଁ ଚେଷ୍ଟା କରିଥିଲେ। ଶ୍ରୀରଙ୍ଗମ ଓ ତ୍ରିରୁଚିରାପଲ୍ଲୀର ମନ୍ଦିରରେ ଅବହେଳିତ ବର୍ଗଙ୍କୁ ମନ୍ଦିରରେ ସେବା କରିବାକୁ ସୁଯୋଗ ଦେଇଥିଲେ। ଜାତିଧର୍ମ ପ୍ରତି ତାଙ୍କର ଉଦାରତା ପ୍ରଶଂସନୀୟ।

ତାଙ୍କର ପ୍ରଦାନ ଶିଷ୍ୟ ପିଲାଇ ଉରଙ୍ଗଭିଲ୍ଲି ଦାସ ନିମ୍ନ ଜାତିର ଥିଲେ ମଧ୍ୟ ତାଙ୍କୁ ରାମାନୁଜ ଉଚ୍ଚ ଆସନରେ ସ୍ଥାପିତ କରିଥିଲେ। ବେଦ ଅଧ୍ୟୟନପାଇଁ ଜାତିଗତ ପାର୍ଥକ୍ୟ ରହିବା ଉଚିତ ନୁହେଁ ବୋଲି ରାମାନୁଜ ଜଣାଇଥରଲେ। ମାନବତା ଓ ମାନବ ସେବା ପ୍ରତି ସେ ଦୃଢ଼ ସଂକଳ୍ପ ଥିଲେ। ଦଳିତ ବର୍ଗର ଜଣେ ସନ୍ଥ କବି ପରଣ କୁଶଙ୍କୁ ସେ ଭକ୍ତି କରୁଥରଲେ। ତେଣୁ ତାଙ୍କର ଅନ୍ୟତମ ନାମ ଥିଲା ପରଣ କୁଶ-ପାଦ-ଓକ୍ତ। ସେ ୧୨୦ ବର୍ଷ ନିଜର ଆଧାତ୍ମିକ କାର୍ଯ୍ୟ ସମାପ୍ତ ପରେ ୧୧୩୭ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ। ଏକ ଉଦିତ ସୂର୍ଯ୍ୟ ସମ ସେ ଭାରତୀୟ ଆଧାତ୍ମିକ ଆକାଶରେ ଉଦୟ ହୋଇ ସମାଜକୁ ଜ୍ଞାନର ଆଲୋକରେ ଦୀପ୍ତ କରିଥରଲେ।

ଭାରତୀୟ ଡାକ ତାଙ୍କର ୧୦୦୦ ବର୍ଷ ଜନ୍ମ ସହସ୍ରାବ୍ଦୀର ପାଳନ ସ୍ୱରୂପ ଏକ ସ୍ମରଣୀୟ ଡାକଟିକଟ ୧ ମଇ ୨୦୧୭ରେ ଉନ୍ମୋଚିତ କରିଥିଲେ। ଏହା ନିଶ୍ଚିତ ରୂପେ ଭାରତୀୟ ବୈଷ୍ଣବ ପରମ୍ପରା ପ୍ରତି ଏକ ଉଲ୍ଲେଖନୀୟ ବିଷୟ।

**ଜେକେପୁର, ରାୟଗଡ଼ା**

**ମୋ : ୯୪୩୭୧୩୧୯୯୬**

## କାକୁଡ଼ି ଖାଇବାର ଉପକାରିତା




କାକୁଡି ଚର୍ବି ଓ କ୍ୟାଲୋରୀରେ ପରିପୂର୍ଣ୍ଣ। ସାଲାଡ୍‌ରେ କାକୁଡ଼ି ଖାଇଲେ ଏଥିରେ ଥିବା ଇରେପ୍ସିନ୍ ନାମକ ଏଞ୍ଜାଇମ୍ ପ୍ରୋଟିନ୍‌କୁ ହଜମ କରିବାରେ ସହାୟକ ହୋଇଥାଏ। କାକୁଡ଼ିରେ ୯୬ ପ୍ରତିଶତ ଜଳୀୟ ଅଂଶ ରହିଥାଏ। ଭିଟାମିନ୍ ଏ, ବି୧, ବି୬, ସି, ଡି, ପୋଟାସିଅମ, ଫସଫରସ୍, ଆଇରନ୍ ଆଦିପ୍ରଚୁର ମାତ୍ରାରେ ମିଳିଥାଏ। କାକୁଡ଼ି ପେଟରୋଗ ସମ୍ବନ୍ଧିତ ସମସ୍ତ ସମସ୍ୟାରୁ ଦୂର ଦେଇଥାଏ। ଏସିଡିଟି, ଛାତି ଜ୍ୱଳନରେ ନିୟମିତ କାକୁଡ଼ି ଖାଇଲେ ଲାଭ ହୋଇଥାଏ। ମେଦହ୍ରାସ କରିବା ପାଇଁ କାକୁଡ଼ି ଖାଇବା ଦରକାର। ଶରୀରର ସମସ୍ତ ଅଭାବକୁ ପୂରଣ କରିଥାଏ। କାକୁଡ଼ିରେ ଥିବା ସିଲିକନ୍ ଓ ସଲ୍‌ଫର୍ କେଶଗ୍ରନ୍ଥି ବୃଦ୍ଧି ପାଇବାରେ ସାହାଯ୍ୟ କରିଥାଏ। ବ୍ଲଡପ୍ରେଶର ଓ ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ୍ୟ ନିୟମିତ କାକୁଡ଼ି ସେବନ କରିବା ଲାଭଦାୟକ ହୋଇଥାଏ।

# ଭାରତୀୟ ଗଣ୍ଡା

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର





ସ୍ଥଳଭାଗରେ ଯେତେ ସବୁ ପ୍ରାଣୀ ଦେଖାଯାଆନ୍ତି, ହାତୀମାନଙ୍କ ପରେ ଭାରତୀୟ ଗଣ୍ଡା ଏକ ପୃଥଳକାୟ ପ୍ରାଣୀ ଭାବେ ପରିଚିତ। ଭାରତରେ ଦେଖା ଯାଉଥିବା ଗଣ୍ଡା ହେଉଛି ଏକ ବଡ଼ ସ୍ତନ୍ୟପାୟୀ ପ୍ରାଣୀ ବିଶେଷ କରି ଏମାନେ ଆସାମ, ପଶ୍ଚିମବଙ୍ଗ ଓ ନେପାଳ ଆଦି ସ୍ଥାନମାନଙ୍କରେ ବାସ କରିଥାନ୍ତି। ଭାରତୀୟ ଗଣ୍ଡାମାନଙ୍କୁ ଭାରତୀୟ ଏକ ଶିଙ୍ଗୀୟା ଗଣ୍ଡା କିମ୍ବା ବଡ଼ ଏକ ଶିଙ୍ଗିୟା ଗଣ୍ଡା କୁହାଯାଏ। ଏହାର ବୈଜ୍ଞାନିକ ନାମ ହେଉଛି Rinocerus Unicornis। ଏମାନଙ୍କର ଦେହର ରଙ୍ଗ ଧୂସର ଓ ବାଦାମୀ। ମୋଟା ଚର୍ମ ଦ୍ୱାରା ଆବୃତ ଏବଂ ଥାକ ଥାକ ଗୋଲାପି ରଙ୍ଗ ଚର୍ମରେ ରହିଛି। ଶିଙ୍ଗଟି କଳା ରଙ୍ଗ ଅଟେ। ଆଗ ଗୋଡ ଦୁଇଟି ଓ କାନ୍ଧରେ ଆବୁ ଭଳି ଫୁଲିଥାଏ। ଦେହ ସାରା ଛୋଟ ଛୋଟ ଲୋମ ରହିଛି। ଆଖି ପତାରେ, କାନ ଚାରିପାଖ ଓ ଲାଞ୍ଜରେ ପୁଞ୍ଜ ପୁଞ୍ଜ ଲୋମ ରହିଥାଏ। ପୁରୁଷ ଗଣ୍ଡାର ବେକଟି ମୋଟା ଓ ଥାକ ଥାକ ଭଳି ରହିଥାଏ। ଶିଙ୍ଗରେ ଖାଦ୍ୟସାର ରହିଛି। ଛୋଟ ଛୁଆମାନଙ୍କର ଶିଙ୍ଗ ନଥାଏ, କିନ୍ତୁ ୬ବର୍ଷ ପରେ ଆସ୍ତେ ଆସ୍ତେ ଶିଙ୍ଗ ବାହାରିଥାଏ। ଶିଙ୍ଗର ଲମ୍ବା ହେଉଛି ୨୫ ସେ.ମି.। ପୁରୁଷ ଶିଙ୍ଗ ଦେହର ଲମ୍ବ ହେଉଛି ୩୮୦ ସେ.ମି, ଓ କାନ୍ଧର ଉଚ୍ଚତା ୧୭୦ରୁ ୧୯୦ ସେ.ମି.। ସ୍ତ୍ରୀ ଗଣ୍ଡାର ଦେହର ଲମ୍ବ ୩୧୦ରୁ ୩୪୦ସେ.ମି. ଓ କାନ୍ଧର ଉଚ୍ଚତା ୧୪୮ରୁ ୧୭୩ ସେ.ମି. ଅଟେ। ପୁରୁଷମାନଙ୍କର ଓଜନ ୨୨୦୦କି.ଗ୍ରା. ହୋଇଥିବା ବେଳେ ସ୍ତ୍ରୀମାନଙ୍କର ଓଜନ ପ୍ରାୟ ୧୬୦୦କି.ଗ୍ରା. ଅଟେ।

ଏମାନେ ଘାସ, ପତ୍ର, ଗଛର ଫୁଲ, ମଞ୍ଜି, ଗଛର ଡାଳ ଓ ଏପରିକି ପାଣିରେ ଭାସୁଥିବା ଗଛପତ୍ର ଖାଇଥାନ୍ତି। ଏମାନେ ସକାଳ ଓ ସନ୍ଧ୍ୟା ସମୟରେ ଦିନକୁ ୨ଥର ଖାଇଥାନ୍ତି। ଏମାନେ ଥୋଡ଼ି ସାହାଯ୍ୟରେ ଖାଦ୍ୟକୁ ଖାଇଥାନ୍ତି। ଭାରତ ବ୍ୟତିତ ଏମାନେ ଚୀନ, ଭୁଟାନ୍, ମିଆଁମାର ଓ ବଙ୍ଗଳାଦେଶ ମାନଙ୍କରେ ଦେଖାଯାଆନ୍ତି।

ଗଣ୍ଡାମାନେ ୫ବର୍ଷ ପରେ ପ୍ରାପ୍ତ ବୟସ୍କ ହୋଇଥାନ୍ତି ଓ ଗର୍ଭଧାରଣ କରିଥାନ୍ତି। ଏମାନଙ୍କର ୪୫୭ଦିନ ପର୍ଯ୍ୟନ୍ତ ଗର୍ଭଧାରଣ ସମୟ ଅଟେ। ପ୍ରତି ୩ବର୍ଷ ଅନ୍ତରରେ ଏମାନେ ପ୍ରସବ କରିଥାନ୍ତି। ଏମାନଙ୍କର ଜୀବନକାଳ ହେଉଛି ୪୦ବର୍ଷ। ଏମାନେ ଏକା ବା ନିଃସଙ୍ଗ ଜୀବନଯାପନ କରିବାକୁ ଭଲ ପାଆନ୍ତି। ପ୍ରତିଦିନ ପୁରୁଷ ଗଣ୍ଡାମାନେ ୨ରୁ ୮କି.ମି. ବାଟ ପର୍ଯ୍ୟନ୍ତ ଯିବା ଆସିବା କରିଥାନ୍ତି। ବିଶେଷ କରି ନଦୀ, ପୋଖରୀ ଓ ପାଣି ଥିବା ଅଞ୍ଚଳରେ ବାସ କରିଥାନ୍ତି। ପାଣିରେ ପ୍ରତିଦିନ କିଛି ସମୟ ରହିଥାନ୍ତି। ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏମାନେ ଘଣ୍ଟା ପ୍ରତି ୫୫କି.ମି. ବେଗରେ ଦୌଡ଼ିଥାନ୍ତି। ଏମାନଙ୍କ ଘ୍ରାଣ ଓ ଶୁଣିବା ଶକ୍ତି ପ୍ରଖର ଅଟେ। କିନ୍ତୁ ଆଖି ଛୋଟ ଥିବାରୁ ଦେଖିବା ଶକ୍ତି କମ୍ ଥାଏ। ପୁରୁଷମାନେ ଏକା ଏକା ରହିବାକୁ ଭଲ ପାଇଥାନ୍ତି। କିନ୍ତୁ ଯୁଦ୍ଧ ସମୟ କିମ୍ବା ପ୍ରଜନନ ସମୟରେ ଦଳରେ ରହିଥାନ୍ତି। ସ୍ତ୍ରୀ ଗଣ୍ଡାମାନେ ପ୍ରସବ ପରେ ଛୋଟ ଛୁଆକୁ ସାଙ୍ଗରେ ଧରି ରହିଥାନ୍ତି। ଏମାନଙ୍କର ରଡ଼ି ଏକ ସ୍ୱତନ୍ତ୍ର ଧରଣର ଓ ବିଶେଷ କରି ଶତ୍ରୁ ଆକ୍ରମଣ ଓ ପ୍ରଜନନ ସମୟରେ ଏମାନେ ରଡ଼ି ଛାଡ଼ିଥାନ୍ତି।

ଆମ ଭାରତରେ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ ପ୍ରାୟ ୨୩୦୦ ଗଣ୍ଡା ରହିଛନ୍ତି ଓ ସେମାନଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଏହା ବ୍ୟତିତ ଏମାନେ ଜଳପାଇ ଜାତୀୟ ଉଦ୍ୟାନ, ପୋବିତୋରା ଅଭୟାରଣ୍ୟ, ମାନସ ଜାତୀୟ ଉଦ୍ୟାନ, ଦ୍ୱାଦଓ୍ୱା ଜାତୀୟ ଉଦ୍ୟାନ, ଓରାଙ୍ଗ ଜାତୀୟ ଉଦ୍ୟାନ ଆଦି ସ୍ଥାନରେ ରହିଛନ୍ତି। ଏମାନଙ୍କ ସଂଖ୍ୟା ଆସ୍ତେ ଆସ୍ତେ କମି ଯାଉଥିବାରୁ ଭାରତ ସରକାର ଓ ଜାତିସଙ୍ଘ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ତେଣୁ ଏମାନଙ୍କର ସୁରକ୍ଷା ପାଇଁ ସରକାର ଓ ଜନସାଧାରଣ ସଚେତନ ହେବା ଜରୁରୀ ଅଟେ। ନଚେତ୍ ପୃଥିବୀ ପୃଷ୍ଠରୁ ଏହି ସୁନ୍ଦର ପ୍ରାଣୀଟି ଆଉ ଦେଖିବାକୁ ମିଳିବ ନାହିଁ।

**ବରିଷ୍ଠ ପ୍ରାଣୀବିଜ୍ଞାନ ଅଧ୍ୟାପକ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ**
**ମୋ : ୯୪୩୭୩୧୭୬୫୯**

# ଚାମ୍ପିଆନ୍ ହେବା ଭାଗ୍ୟରେ ନଥିଲା



**ଆଶିଷ କୁମାର ରାୟ**




ଜୁଲାଇ ମାସ ୨୩ ତାରିଖ ଦିନ ଲଣ୍ଡନର ଐତିହାସିକ ଲର୍ଡସ୍ ଷ୍ଟାଡିୟମରେ ସୃଷ୍ଟି ହେବାକୁ ଯାଉଥିଲା ଏକ ନୂଆ ଇତିହାସ, ଯେଉଁ ଇତିହାସ କି ଭାରତୀୟ ମହିଳା କ୍ରିକେଟ ଦଳକୁ ସଫଳତାର ଏକ ନୂତନ ଶିଖରରେ ପହଞ୍ଚାଇ ପାରିଥାନ୍ତା। ୨୦୧୭ର ମହିଳା ବିଶ୍ୱକପ କ୍ରିକେଟର ଫାଇନାଲରେ ମିତାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଇଂଲାଣ୍ଡ ବିପକ୍ଷରେ ନିଶ୍ଚିତ ବିଜୟ ଆଡ଼କୁ ଅଗ୍ରସର ହେଉଥିଲା। ପ୍ରଥମଥର ସକାଶେ ବିଶ୍ୱ ଚାମ୍ପିଆନ ବନିବାର ସ୍ୱପ୍ନ ଜାଗି ଉଠିଥିଲା ଦଳର ସମସ୍ତ ଖେଳାଳିଙ୍କ ମନରେ । ଦେଶର ଅଗଣିତ କ୍ରୀଡ଼ାନୁରାଗୀ ମଧ୍ୟ ଅପେକ୍ଷା କରି ରହିଥିଲେ ସେହି ସ୍ମରଣୀୟ ମୁହୂର୍ତ୍ତକୁ । ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ଏବଂ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଜୋରଦାର ପ୍ରଦର୍ଶନ କରି ବିଜୟ ହାସଲ କରିଥିବା ଯୋଗୁଁ ଝିଅମାନଙ୍କର ଫାଇନାଲ ଖେଳକୁ ଉପଭୋଗ କରିବା ନିମନ୍ତେ ଟେଲିଭିଜନ ସାମନାରେ ଅନେକଆଶା ନେଇ ବସି ରହିଥିଲେ ଦେଶର ଅସଂଖ୍ୟ କ୍ରିକେଟପ୍ରେମୀ। ଲର୍ଡସ୍‌ର ମୈଦାନରେ ୧୯୮୩ ମସିହାର ବିଶ୍ୱକପ ଜିତି କପିଲ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯେଉଁ କୃତିତ୍ୱ ହାସଲ କରିଥିଲା, ତା'ର ସମକକ୍ଷ ହେବା ନିମନ୍ତେ ମିତାଲି ରାଜଙ୍କ ଦଳ ନିକଟରେ ଥିଲା ସୁବର୍ଣ୍ଣ ସୁଯୋଗ । ଦୀର୍ଘ ୩୪ବର୍ଷ ପରେ କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡସ୍‌ରେ ଇତିହାସର ପୁନରାବୃତ୍ତି କରିବାକୁ ଯାଉଥିଲା ଆଉ ଏକ ଭାରତୀୟ ଦଳ ।

କିନ୍ତୁ... ତାହା ସମ୍ଭବ ହୋଇପାରିଲା ନାହିଁ । ଅଳ୍ପ କିଛିସମୟର ଅପରିଣାମଦର୍ଶିତା ସବୁକିଛି ଓଲଟପାଲଟ କରିଦେଲା। ଚୂରମାର ହୋଇଗଲା ବିଶ୍ୱକପ ବିଜୟର ସ୍ୱପ୍ନ। ଭାରତୀୟ ଦଳର ମହିଳା ତାରକା ତଥା ପ୍ରଶଂସକଙ୍କ ଆଶା ଅକାଂକ୍ଷା ପାଣିଫୋଟକା ଭଳି ମିଳେଇଗଲା। ଭଲ ଖେଳିବା ସତ୍ତ୍ୱେ ଦୁର୍ଭାଗ୍ୟଜନକ ଭାବେ ମାତ୍ର ନଅ ରନରେ ପରାଜିତ ହେବା ଦ୍ୱାରା ହାତଛଡ଼ା ହୋଇଗଲା ବିଶ୍ୱକପ । ପ୍ରାୟ ଏକମାସ ପୂର୍ବେ ସେହି ଲଣ୍ଡନର କେନିଙ୍ଗଟନ୍ ଓଭାଲ୍ ଗ୍ରାଉଣ୍ଡରେ ବିରାଟ କୋହଲିଙ୍କ ଭାରତୀୟ ପୁରୁଷ କ୍ରିକେଟ ଦଳ ମଧ୍ୟ ଚାମ୍ପିଆନ୍ସ ଟ୍ରଫିର ଫାଇନାଲରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିନପାରି ପାକିସ୍ତାନ ହାତରୁ ଶୋଚନୀୟ ପରାଜୟ ବରଣ କରିଥିଲା। ସତେ ଯେପରି ଲଣ୍ଡନ ନଗରୀରେ ଏ ବର୍ଷ କୌଣସି ଭାରତୀୟ ଦଳର ଚାମ୍ପିଆନ୍ ହେବା ଆଦୌ ଭାଗ୍ୟରେ ହିଁ ନଥିଲା ।

ଟସ୍ ଜିଣି ହିଦର୍ ନାଇଟ୍‌ଙ୍କ ନେତୃତ୍ୱରେ ଖେଳୁଥିବା ଇଂଲାଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ଓଭରରେ ସ୍କୋର କରିଥିଲା ସାତ ଓ୍ୱିକେଟରେ ୨୨୮ରନ୍ । ଏଥିରେ ନାତାଲି ସ୍କିଭରଙ୍କ ୫୧, ସାରା ଟେଲରଙ୍କ ୪୫, କ୍ୟାଥେରିନ୍ ବ୍ରଣ୍ଟଙ୍କ ଅପରାଜିତ ୩୪ରନର ଅବଦାନ ଥିଲା ବହୁତ ଅଧିକ । ଏତଦ୍‌ବ୍ୟତୀତ ଦଳର ଦୁଇ ଓପନର୍ ଲରେନ୍ ଓ୍ୱିନ୍‌ଫିଲ୍ଡ ଏବଂ ଟାମୀ ବିଉମୋଣ୍ଟ ମଧ୍ୟ ଯଥାକ୍ରମେ ୨୪ ଓ ୨୩ରନର ଉପଯୋଗୀ ଇନିଂସ୍ ଖେଳିଥିଲେ । ଭାରତ ପକ୍ଷରୁ ଅଭିଜ୍ଞ ପେସ୍ ବୋଲର୍ ଝୁଲନ ଗୋସ୍ୱାମୀ ୨୩ରନରେ ତିନିଟି ଓ୍ୱିକେଟ୍ ନେଇଥିବା ବେଳେ ପୁନମ ଯାଦବଙ୍କୁ ମିଳିଥିଲା ଦୁଇଟି ଓ୍ୱିକେଟ୍ ।

ଏହାର ଉତ୍ତରରେ ଆରମ୍ଭରୁ ସ୍ମୃତି ମାନ୍ଧାନାଙ୍କ ଓ୍ୱିକେଟ ହରାଇବା ପରେ ପୁନମ ରାଉତ ଓ ମିତାଲି ରାଜଙ୍କ ବ୍ୟାଟିଂ ଯୋଗୁଁ ଦଳ ଧୀରେ ଧୀରେ

ଆଗକୁ ବଢ଼ିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତିମ ଲିଗ୍ ମ୍ୟାଚରେ ଶତକ ହାସଲ କରିଥିବା ଅଧିନାୟିକା ମିତାଲି କିନ୍ତୁ ମାତ୍ର ୧୭ରନ କରି ରନ ଆଉଟ୍ ହୋଇଗଲେ। ତେବେ ଏହା ସତ୍ତ୍ୱେ ମଧ୍ୟ ଭାରତ ପୁନମ ରାଉତଙ୍କ ୮୬ରନ, ଅଷ୍ଟ୍ରେଲିଆ ବିପକ୍ଷରେ ଧୂଆଁଧାର ଇନିଂସ ଖେଳିଥିବା ହରମନପ୍ରୀତ କୌରଙ୍କ ୫୧ରନ ଓ ବେଦା କ୍ରିଷ୍ଣମୂର୍ତ୍ତିଙ୍କ ୩୫ରନ ସହାୟତାରେ ବିଜୟ ଆଡ଼କୁ ଅଗ୍ରସର ହେଉଥିଲା। ଏକଦା ଦଳର ସ୍କୋର ଥିଲା ତିନି ୱିକେଟରେ ୧୯୧ରନ । ପୁନମ ଆଉଟ ହୋଇଯିବା ପରେ କିନ୍ତୁ ଭାରତୀୟ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଲା । ବିଜୟର ନିକଟବର୍ତ୍ତୀ ହେବା ସତ୍ତ୍ୱେ ଆମ ଖେଳାଳିମାନେ ହଡ଼ବଡ଼େଇ ଯାଇ ଗୋଟିଏ ପରେ ଗୋଟିଏ ୱିକେଟ୍ ଦେଇ ଚାଲିଲେ । ମାତ୍ର ୨୮ରନରେ ସାତଟି ୱିକେଟ ହରାଇ ଭାରତ ପରାଜିତ ହୋଇଗଲା ୯ରନର ବ୍ୟବଧାନରେ। ୪୬ରନରେ ଛଅଟି ୱିକେଟ୍ ଅକ୍ତିଆର କରି ଆନ୍ୟା ଶ୍ରବସୋଲ୍ ଇଂଲାଣ୍ଡର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ମ୍ୟାଚର ସର୍ବଶ୍ରେଷ୍ଠ ଖେଳାଳିର ପୁରସ୍କାର ମଧ୍ୟ ହାସଲ କରିନେଲେ । ଅନ୍ୟମାନଙ୍କ ମଧ୍ୟରେ ଅଲେକ୍ସ ହାର୍ଟଲୀ ଦୁଇଟି ୱିକେଟ୍ ନେଇଥିବା ବେଳେ ଜେନୀ ଗନ୍‌ଙ୍କ ବୋଲିଂରେ ରନ୍ ସ୍କୋର କରିବା କଷ୍ଟସାଧ୍ୟ ହୋଇଉଠିଥିଲା।

ଏହା ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ପ୍ରଥମ ସ୍ଥାନରେ ରହିଥିବା ଇଂଲାଣ୍ଡ ଦଳ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ବେଳେ ଲିଗ୍ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅଷ୍ଟ୍ରେଲିଆକୁ ହରାଇଥିଲା ଭାରତ । ପ୍ରଥମ ସେମିଫାଇନାଲରେ ମିଗ୍ନନ୍ ଡୁ ପ୍ରିଜ୍‌ଙ୍କ ଅପରାଜିତ ୭୬ ଏବଂ ଲାଉରା ଓଲ୍‌ଭାର୍ଡାର୍ଟଙ୍କ ୬୬ରନ ସହାୟତାରେ ଦକ୍ଷିଣ ଆଫ୍ରିକା ଦଳ ଛଅ ୱିକେଟରେ ୨୧୮ରନ କରିଥିଲା। ଏହାର ଉତ୍ତରରେ ଇଂଲାଣ୍ଡ ଦଳ ସାରା ଟେଲର, ହିଦର ନାଇଟ, ଫ୍ରାନ୍ ୱିଲସନ୍ ଆଦିଙ୍କ ମିଳିତ ପ୍ରୟାସରେ ବହୁ କଷ୍ଟରେ ଅନ୍ତିମ ଓଭରରେ ଦୁଇ ୱିକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ କିନ୍ତୁ ଭାରତର ପ୍ରଦର୍ଶନ ଥିଲା ଅତ୍ୟନ୍ତ ପ୍ରଭାବଶାଳୀ। ଭାରତର ଉପ ଅଧିନାୟିକା ହରମନପ୍ରୀତ କୌର ୧୧୫ଟି ବଲରେ ୨୦ଟି ଚୌକା ଓ ୭ଟି ଛକ୍କା ସହାୟତାରେ ୧୭୧ରନର ଅପରାଜିତ ଇନିଂସ ଖେଳି ଦଳର ସ୍କୋରକୁ ଚାରି ୱିକେଟରେ ୨୮୧ରେ ପହଁଞ୍ଚାଇଦେଲେ । ଏହାପରେ ଏଲିସି ଭିଲାନିଙ୍କ ୭୫ ଏବଂ ଆଲେକ୍ସ ବ୍ଲାକ୍‌ୱେଲଙ୍କ ୯୦ରନର ଇନିଂସ ସତ୍ତ୍ୱେ ଅଷ୍ଟ୍ରେଲିଆ ୨୪୫ରେ ଅଲଆଉଟ ହୋଇ ୩୬ରନରେ ପରାଜିତ ହୋଇଗଲା। ଏହାର ଠିକ୍ ପୂର୍ବରୁ ଭାରତୀୟ ଦଳ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ଦଳକୁ ଏକତରଫା ମ୍ୟାଚରେ ୧୮୬ରନରେ ପରାସ୍ତ କରିଥିଲା। ଏତଦ୍‌ବ୍ୟତୀତ ଏହି ବିଶ୍ୱକପର ପ୍ରଥମ ଲିଗ୍‌ମ୍ୟାଚରେ ଭାରତ ଇଂଲାଣ୍ଡକୁ ମଧ୍ୟ ୩୫ରନରେ ପରାସ୍ତ କରିଥିଲା ତଥା ପରବର୍ତ୍ତୀ ତିନିଟି ମ୍ୟାଚରେ ୱେଷ୍ଟଇଣ୍ଡିଜ, ପାକିସ୍ତାନ ଓ ଶ୍ରୀଲଙ୍କାକୁ ହରାଇଥିଲା। ତେବେ ଏସବୁ ସତ୍ତ୍ୱେ ଫାଇନାଲରେ ଇଂଲାଣ୍ଡଠାରୁ ପରାଜିତ ହେବା ନିଶ୍ଚିତ ଭାବେ ଥିଲା ଦୁଃଖଦାୟକ ।

ମୋଟ ଉପରେ ମହିଳା ବିଶ୍ୱକପ୍ କ୍ରିକେଟରେ ଏହା ଥିଲା ଇଂଲାଣ୍ଡର ଚତୁର୍ଥ ଟାଇଟେଲ୍ ବିଜୟ । ଅନ୍ୟଦିଗରେ ଭାରତ ଏହାକୁ ମିଶାଇ ଦ୍ୱିତୀୟ ଥର ସକାଶେ ରନର୍ସ ଅପ୍ ଆଖ୍ୟା ଅର୍ଜନ କଲା। ଏହା ପୂର୍ବରୁ ମିତାଲି ରାଜଙ୍କ ନେତୃତ୍ୱରେ ଭାରତ ୨୦୦୫ର ବିଶ୍ୱକପରେ ମଧ୍ୟ ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ସେହି ବିଶ୍ୱକପ୍‌ର ଚୂଡ଼ାନ୍ତ ମୁକାବିଲାରେ ଭାରତୀୟ ଦଳ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା ୭୮ରନର ବ୍ୟବଧାନରେ । ଏହା ପରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୦୯ର ପରବର୍ତ୍ତୀ ବିଶ୍ୱକପ୍‌ରେ ଭାରତ ସେମିଫାଇନାଲ ଖେଳିଥିବା ବେଳେ ୨୦୧୩ରେ ଆମରି ଦେଶର ମୁମ୍ବାଇ ଓ କଟକଠାରେ ଖେଳାଯାଇଥିବା ବିଶ୍ୱକପ୍‌ରେ ମିତାଲି ରାଜଙ୍କ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ସେମିଫାଇନାଲରୁ ମଧ୍ୟ ବଞ୍ଚିତ ରହିଯାଇଥିଲା। କେବଳ ସେତିକି ନୁହେଁ ୨୦୧୨ରେ ଶ୍ରୀଲଙ୍କା, ୨୦୧୪ରେ ବାଂଲାଦେଶ ତଥା ୨୦୧୬ରେ ଭାରତରେ ଅନୁଷ୍ଠିତ କ୍ରମାଗତ ତିନିଟି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମଧ୍ୟ ଆମ ଖେଳାଳିମାନଙ୍କର ନୈରାଶ୍ୟଜନକ ପ୍ରଦର୍ଶନର ଧାରା ଜାରି ରହିଥିଲା ଏବଂ ସେମାନେ ସେମିଫାଇନାଲରେ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିନଥିଲେ । ଆଉ ୨୦୧୭ର ଏହି ବିଶ୍ୱକପ୍‌ରେ ସ୍ଥାନ ହାସଲ ପାଇଁ ମଧ୍ୟ ଯୋଗ୍ୟତାପର୍ଯ୍ୟାୟ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଯୋଗ୍ୟତାପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହେବାପରେ ଯାଇ ମିତାଲି ରାଜଙ୍କ ଦଳକୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିଲା। ସେହି ଦୃଷ୍ଟିରୁ ଦେଖିଲେ ୨୦୧୭ର ମହିଳା ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରଶଂସନୀୟ।

୨୦୦୫ର ବିଶ୍ୱକପ୍‌ରେ ରନର୍ସ ଅପ୍ ହୋଇଥିବା ସେହି ଭାରତୀୟ ଦଳର କେବଳ ଦୁଇଜଣ ତାରକା ୧୨ବର୍ଷ ପରେ ଏଥରର ବିଶ୍ୱକପ୍ ଫାଇନାଲ ଖେଳିବାର ସୁଯୋଗ ଲାଭ କଲେ । ସେହି ଦୁଇଜଣ ହେଲେ ମିତାଲି ରାଜ ଓ ଝୁଲନ୍ ଗୋସ୍ୱାମୀ। ଏହି ଦୁଇଜଣ ମଧ୍ୟ ମହିଳା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟରେ ବିଶ୍ୱ ରେକର୍ଡର ଅଧିକାରୀ। ଏହି ଶୈଳୀର କ୍ରକେଟରେ ମିତାଲି ବିଶ୍ୱର ଏକମାତ୍ର ଖେଳାଳି ଭାବେ ଛଅହଜାରରୁ ଅଧିକ ରନ କରିଥିବା ବେଳେ ଝୁଲନ୍ ହାସଲ କରିଛନ୍ତି ସର୍ବାଧିକ ୧୯୫ଟି ୱିକେଟ୍ । ଏହି ବିଶ୍ୱକପ୍‌ରେ ଏହି ଦୁଇ ବରିଷ୍ଠ ଖେଳାଳିଙ୍କ ବ୍ୟତୀତ ବ୍ୟାଟିଂରେ ପୁନମ ରାଉତ, ସ୍ମୃତି ମନ୍ଧାନା, ବେଦା କ୍ରିଷ୍ଣମୂର୍ତ୍ତି ଏବଂ ହରମନ୍‌ପ୍ରୀତ କୌର ତଥା ବୋଲିଂରେ ଦିପ୍ତି ଶର୍ମା, ଏକତା ବିଷ୍ଟ, ପୁନମ ଯାଦବ, ରାଜେଶ୍ୱରୀ ଗାଏକୱାଡ଼ ଏବଂ ଶିଖା ପାଣ୍ଡେଙ୍କ ପ୍ରଦର୍ଶନ ଥିଲା ଯଥେଷ୍ଟ ଉନ୍ନତ । ତେବେ ଅଷ୍ଟ୍ରେଲିଆ ବିରୁଦ୍ଧରେ ହରମନ୍‌ପ୍ରୀତଙ୍କର ୧୭୧ରନର ଧୂଆଁଧାର ଇନିଂସ ନିଶ୍ଚିତ ଭାବେ ଥିଲା ଏହି ବିଶ୍ୱକପ୍‌ରେ ଭାରତ ପାଇଁ ସର୍ବାଧିକ ସ୍ମରଣୀୟ ଘଟଣା।

**ମୋ-୯୪୩୭୬୨୭୫୧୪**



# ସାଧାରଣ ଜ୍ଞାନ




## (1) ABBREVIATION

1. APBS - Aadhaar Payment Bridge System
2. CAIT - Confederation of All India Traders
3. DGP - Director General of Police
4. GFXC - Global Foreign Exchange Committee
5. IBBI - Insolvency and Bankruptcy Board of India
6. PCA - Prompt Corrective Action
7. MSF - Marginal Standing Facility
8. NPS - National Pension Scheme
9. OLTAS - Online Tax Accounting System
10. MRSAM - Medium Range Surface to Air Missile

## (୨) ପୁସ୍ତକ ଓ ଲେଖକ

1. Narendra Modi : The Making of a legend - Bindeshwar Pathak
2. The Ministry of Utmost Happiness - Arundhati Roy
3. War Cry - Wilbur Smith
4. President's Lady - Sangeeta Ghosh
5. One Part Woman - Aniruddhan Vasudevan

୫. ଅମୃତର ସନ୍ତାନ - ଗୋପିନାଥ ମହାନ୍ତି
୬. ନୀଳଶୈଳ - ସୁରେନ୍ଦ୍ର ମହାନ୍ତି
୭. ବିଶ୍ୱକୁ ଗବାକ୍ଷ - ଚିତ୍ତରଞ୍ଜନ ଦାସ
୮. ଅଭିଶପ୍ତ ଗନ୍ଧର୍ବ - ମହାପାତ୍ର ନୀଳମଣି ସାହୁ
୯. ଭିନ୍ନ ପାଉଁଶ - କିଶୋରୀ ଚରଣ ଦାସ

## (୩) ଚଣ୍ଡିଗଡ

୧. ଗଠନ - ୦୧.୧୧.୧୯୬୬
୨. କ୍ଷେତ୍ରଫଳ - ୧୧୪ବର୍ଗ କି.ମି.
୩. ଜନସଂଖ୍ୟା - ୧୦୫୪୬୮୬(୨୦୧୧)
ପୁରୁଷ - ୫୮୦୨୮୨
ସ୍ତ୍ରୀ - ୪୭୪୪୦୪
୪. ଲିଙ୍ଗ ଅନୁପାତ - ୮୧୮ ମହିଳା ୧୦୦୦ ପୁରୁଷରେ
୫. ସାକ୍ଷରତା ହାର - ୮୬.୪୩%
୬. ଜିଲ୍ଲା / ଗ୍ରାମ - ୧ / ୨୩
୭. ବିଧାନସଭା ଆସନ - ୦
୮. ଲୋକସଭା ଆସନ - ୦୧
୯. ରାଜ୍ୟସଭା ଆସନ - ୦୦
୧୦. ରାଜଧାନୀ - ଚଣ୍ଡିଗଡ
୧୧. ଲେଫ୍ଟନାଣ୍ଟ ରାଜ୍ୟପାଳ - ଭି.ପି. ସିଂହ ବଦ୍ନୋର

## (୪) ଆବିଷ୍କାର ଓ ଉଦ୍ଭାବନ

୧. କାରବୁରେଟର-ଗୋଟଲିଏବ ଦାଇମଲର -୧୮୭୬
୨. ଚେନ୍ ଡ୍ରାଇଭ-ଲିଓନାର୍ଡ ଡାଭିନସି-୧୯୯୧-୯୩
୩. ସିନେମା-ଅଗଷ୍ଟ ମେରୀ ଲୁଇସ ନୋକୋଲାସ ଲୁମିଅର - ୧୮୯୫
୪. ଡେଣ୍ଟାଲ ପ୍ଲେଟ-ଅନଥୋନିଏ ପ୍ଲାଣ୍ଟସନ-୧୮୧୭
୫. ଡିସ୍କବ୍ରେକ-ଡି.ଏଫ ଲାଞ୍ଚେଷ୍ଟର -୧୯୦୨

## (୫) ଦେହାନ୍ତ

୧. ବିବି ସିଭ୍ପ୍ପା - କର୍ଣ୍ଣାଟକ ରାଜନେତା (ବୟସ ୮୯)
୨. ସନ୍ତୋଷ ମୋହନ ଦେବ - ପୂର୍ବତନ କେନ୍ଦ୍ରମନ୍ତ୍ରୀ (ବୟସ ୮୩)
୩. ପୁଷ୍ପା ଭାର୍ଗବ - ମଲିକୁଲାର ବାଇଲୋଜିଷ୍ଟ୍ (ବୟସ ୮୯)
୪. କେଇ ମୋମେନ୍ - ସ୍ୱାଧିନତା ସଂଗ୍ରାମୀ (ବୟସ ୯୬)
୬. ଧରମ ସିଂହ - ପୂର୍ବତନ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ (ବୟସ ୮୦)

## (୬) ଜୟନ୍ତୀ ପାଳନ

୧. ତା ୦୫.୦୮.୨୦୧୭ - ପଣ୍ଡିତ ନୀଳକଣ୍ଠ ଦାସ
୨. ତା ୧୦.୦୮.୨୦୧୭ - ଗୋସ୍ୱାମୀ ତୁଳସୀ ଦାସ
୩. ତା ୧୫.୦୮.୨୦୧୭ - ଶ୍ରୀଅରବିନ୍ଦ
୪. ତା ୧୮.୦୮.୨୦୧୭ - ସ୍ୱାମୀ ନିଗମାନନ୍ଦ
୫. ତା ୨୬.୦୮.୨୦୧୭ - ମଦର ଟେରେସା

## (୭) କାହାକୁ କହନ୍ତି

୧. ଅନ୍ଧକାରର ଦେଶ - ଆଫ୍ରିକା
୨. ଇଗଲର ଦେଶ - ଆଲବେନିଆ
୩. ଆରବ ସାଗରର ରାଣୀ - କୋଚିନ୍
୪. ବେଙ୍ଗଲର ଦୁଃଖ - ଦାମୋଦର ନଦୀ
୫. ଭାରତର ହଲିଉଡ୍ - ମୁମ୍ବାଇ

## (୮) ଦେଶର ଉପରାଷ୍ଟ୍ରପତିଗଣ

୧. ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ : ୧୯୫୨-୧୯୬୨
୨. ଡ.ଜାକିର ହୁସେନ୍ : ୧୯୬୨-୧୯୬୭
୩. ଭିଭି ଗିରି : ୧୯୬୭-୧୯୬୯
୪. ଗୋପାଳ ସ୍ୱରୂପ ପାଠକ : ୧୯୬୯-୧୯୭୪
୫. ବିଡି ଜତ୍ତି : ୧୯୭୪-୧୯୭୯
୬. ଏମ୍ ହିଦାୟତୁଲ୍ଲା : ୧୯୭୯-୧୯୮୪
୭. ଆର୍ ଭେଙ୍କଟରମଣ : ୧୯୮୪-୧୯୮୭
୮. ଶଙ୍କର ଦୟାଲ ଶର୍ମା : ୧୯୮୭-୧୯୯୨
୯. କେ ଆର୍ ନାରାୟଣ : ୧୯୯୨-୧୯୯୭
୧୦ କ୍ରିଷ୍ଣ କାନ୍ତ : ୧୯୯୭ରୁ ୨୦୦୨
୧୧.ଭାଇରୋନ୍ ସିଂହ ଶେଖାୱତ : ୨୦୦୨ରୁ ୨୦୦୭
୧୨. ମହମ୍ମଦ ହମିଦ୍ ଅନସାରୀ : ୨୦୦୭-୨୦୧୭
୧୩. ଏମ୍ ଭେଙ୍କିୟା ନାଇଡୁ : ୧୧.୦୮.୨୦୧୭ ଠାରୁ...

## ଓଡ଼ିଶା

୧. ଓଡ଼ିଶା ରାଜ୍ୟପାଳଙ୍କର ଗ୍ରୀଷ୍ମ ନିବାସ କେଉଁଠାରେ ଅଛି ?
(କ) ପୁରୀ (ଖ) ଚାନ୍ଦବାଲି
(ଗ) ଗୋପାଳପୁର (ଘ) ଚିଲିକା

୨. ୨୦୧୧ ଜନଗଣନା ଅନୁସାରେ କେଉଁ ଜିଲ୍ଲା ଜନସଂଖ୍ୟା ଦୃଷ୍ଟିକୋଣରୁ କ୍ଷୁଦ୍ରତମ ଅଟେ ?
(କ) ଦେବଗଡ଼ (ଖ) ଯାଜପୁର
(ଗ) ମାଲ୍କାନଗିରି (ଘ) ବୌଦ୍ଧ

୩. ଛୋଟନାଗପୁର ମାଳଭୂମିରୁ କେଉଁ ନଦୀ ବାହାରି ଓଡ଼ିଶାରେ ପ୍ରବାହିତ ହୋଇଛି ?
(କ) ବ୍ରାହ୍ମଣୀ (ଖ) ବୈତରଣୀ
(ଗ) ଋଷିକୁଲ୍ୟା (ଘ) ବୁଢ଼ାବଳଙ୍ଗ

୪. ଚାରିଭାଗରେ ବିଭକ୍ତ ହୋଇଥିବା ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିରକୁ କ'ଣ କୁହାଯାଏ ?
(କ) ନାଟମନ୍ଦିର (ଖ) ଜଗମୋହନ
(ଗ) ଭୋଗମଣ୍ଡପ (ଘ) ବିମାନ

୫. ଓଡ଼ିଶାର ବିପ୍ଳବୀ କବି ବୋଲି କିଏ ପରିଚିତ ?
(କ) ଭଗବାନ ପତି (ଖ) ରବି ସିଂ
(ଗ) ମନମୋହନ ମିଶ୍ର (ଘ) ଚିନ୍ତାମଣି ମହାନ୍ତି

୬. 'କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର' କଟକଠାରେ କେବେ ପ୍ରତିଷ୍ଠା କରାଯାଇଥିଲା ?
(କ) ୧୯୪୬ (ଖ) ୧୯୫୨
(ଗ) ୧୯୬୫ (ଘ) ୧୯୬୨

୭. କେନ୍ଦ୍ରାପଡ଼ା ଜିଲ୍ଲା କେବେ ଗଠନ ହୋଇଥିଲା ?
(କ) ୧୯୯୩ (ଖ) ୧୯୯୫
(ଗ) ୧୯୮୫ (ଘ) ୧୯୯୪

୮. ଯାଜପୁର ଜିଲ୍ଲାର କେଉଁ ସ୍ଥାନରେ 'ମହାବିନାୟକ ମନ୍ଦିର' ଅଛି ?
(କ) ଧର୍ମଶାଳା (ଖ) ଚଣ୍ଡିଖୋଲ୍
(ଖ) ଦଶରଥପୁର (ଘ) କୋରେଇ

୯. ଅନୁଗୁଳ ଜିଲ୍ଲାରେ କେଉଁ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଛି ?
(କ) ରେଙ୍ଗାଲି (ଖ) ବାଲିମେଳା
(ଗ) ମାଛକୁଣ୍ଡ (ଘ) କୌଣସିଟି ନୁହେଁ

୧୦. ଓଡ଼ିଆ ଲିପି କେଉଁ ଲିପିରୁ ବିବର୍ତ୍ତିତ ହୋଇଛି ?
(କ) ବ୍ରାହ୍ମୀଲିପି (ଖ) ଖରୋଷ୍ଠୀ ଲିପି
(ଗ) ଆଦିଲିପି

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଶ୍ରୀଲଙ୍କା:କଲୋମ୍ବୋ :: ଆମେରିକା: ?
(କ) ୱାସିଂଟନ(ଖ) କଲୋମ୍ବୋ (ଗ) ଆଥେନ୍ସ (ଘ) ବେଜିଂ

୨. ପ୍ରଶ୍ନରେ ଅଯୁଗ୍ମ ଯୋଡ଼ିକୁ ଚିହ୍ନଟ କର ?
(କ) ୩-୫ (ଖ) ୫-୩ (ଗ) ୬-୨ (ଘ) ୭-୩

୩. ଅନୀଲ ରୋହିତକୁ ଚିହ୍ନାଇ କହିଲା ସେ ତାଙ୍କ ବାପାଙ୍କ ସ୍ତୀର ଭାଇର ପୁଅ। ତେବେ ଅନୀଲ ସମ୍ପର୍କରେ ରୋହିତର କଣ ହେବ ?
(କ) ସମ୍ପର୍କୀୟ ଭାଇ (ଖ) ପୁଅ (ଗ) ଭାଇ (ଘ) ଶଳା

୪. କାଶିନାଥ ଉତ୍ତରକୁ ୧୦ କି.ମି ଗଲା, ସେଠାରୁ ସେ ଦକ୍ଷିଣକୁ ୬ କି.ମି ଗଲା, ତାପରେ ସେ ୩ କି.ମି ପୂର୍ବକୁ ଗଲା। ଆସିବା ସ୍ଥାନରୁ ବର୍ତ୍ତମାନ ସେ ପହଞ୍ଚିବା ସ୍ଥାନରେ କେଉଁ ଦିଗକୁ ଅଛି ?
(କ) ୫ କି.ମି ପଶ୍ଚିମ (ଖ) ୫ କି.ମି ଉତ୍ତର ପୂର୍ବ
(ଗ) ୭ କି.ମି ଉତ୍ତର ପୂର୍ବ (ଘ) ୭ କି.ମି ପଶ୍ଚିମ

୫. ସ୍ତୀ ଲୋକଟି ଛୋଟ ପୁଅଟିକୁ ଦେଖାଇ କହିଲା ପିଲାର ବାପା, ଯାହା ଶଶୁର ତା ବାପା ମୋ ।ଶଶୁର। ପିଲା ଓ ସ୍ତୀ ଲୋକ ଭିତରେ ସମ୍ପର୍କ କଣ ?
(କ) ଭାଇ ଭଉଣୀ (ଖ) ସ୍ୱାମୀ ଓ ସ୍ତୀ
(ଗ) ଭାଇ ଭାଉଜ (ଘ) ଦିଅର ଭାଉଜ

୬. ଅର୍ଥାନୁସାରେ କ୍ରମାନୁସାରେ ସଜାଇ ଲେଖ ?
୧- ସ୍ଥାନ ୨- ପ୍ଲାନ ୩ - ଭଡ଼ା ୪ - ଅର୍ଥ ୫-ଗୃହ
(କ) ୩୪୨୫୧ (ଖ) ୨୩୫୧୪
(ଗ) ୧୨୩୫୪ (ଘ) ୧.୨.୩.୫.୪

୭ ନିମ୍ନଲିଖିତ କେତୋଟି ଯୋଡ଼ି ଅଙ୍କ ପାଖାପାଖିରେ ରହି ୨ ତଫାତ ପରି ଲିଖିତ ହୋଇଅଛି।
୬ ୪, ୧ ୨ ,୨ ୭, ୪ ୨, ୧ ୫, ୩ ୮, ୨ ୧, ୭ ୧, ୪ ୧, ୩ ୨, ୮ ୬?
(କ) ୪ (ଖ) ୫ (ଗ) ୬ (ଘ) ୭

୮. ଯଦି ଗୋଟିଏ ମାସର ସପ୍ତମ ଦିନଟି ଶୁକ୍ରବାରରୁ ୩ ଦିନ ପୂର୍ବଦିନ ତେବେ ୧୯ ତମ ଦିନଟି କେଉଁ ବାରରେ ପଡ଼ିବ ?
(କ) ରବିବାର (ଖ) ସୋମବାର
(ଗ) ମଙ୍ଗଳବାର (ଘ) ବୁଧବାର

୯. ଯଦି ଏକ ଭାଷାରେ A କୁ 1 ଭାବର ଦର୍ଶାଯାଏ ଏବଂ B ସେହିପରି 2 ଭାବରେ ଦର୍ଶାଯାଏ ଏବଂ ଅନ୍ୟ ଗୁଡ଼ିକ ମଧ ସେହିପରି ଦର୍ଶାଯାଏ ତେବେ BIDDIC କୁ କିପରି ଦର୍ଶାଯିବ ?
(କ) ୨୯୪୪୯୩(ଖ) ୨୮୪୫୬୩ (ଗ) ୧୩୭୫୫୮୨ (ଘ)୩୯୪୪୯୨

୧୦. ରାମ ଶ୍ରେଣୀରେ ଉପରୁ କ୍ରମାନୁସାରେ ୧୬ ତମ ସ୍ଥାନରେ ଏବଂ ତଳୁ ୪୯ ତମ ସ୍ଥାନରେ ରହିଲେ ଶ୍ରେଣୀରେ ସମୁଦାୟ ପିଲା ସଂଖ୍ୟା କେତେ ?
(କ) ୬୪ (ଖ) ୬୫ (ଗ) ୬୬ (ଘ) ୬୦

**ଉତ୍ତର**

୧.(କ) ପୁରୀ, ୨.(ଘ) ବୌଦ୍ଧ, ୩.(କ) ବ୍ରାହ୍ମଣୀ, ୪.(ଘ) ବିମାନ, ୫. (ଖ) ରବି ସିଂ, ୬.(କ) ୧୯୪୬,୭.(କ) ୧୯୯୩ , ୮.(ଖ) ଚଣ୍ଡିଖୋଲ୍,୯. (କ) ରେଙ୍ଗାଲି,୧୦.(କ) ବ୍ରାହ୍ମୀଲିପି

୧.(କ) ୱାସିଂଟନ ୨.(ଘ) ୭-୩ ୩.(କ) ସମ୍ପର୍କୀୟ ଭାଇ ୪.(ଗ) ୭ କି.ମି ଉତ୍ତର ପୂର୍ବ.୫.(କ) ଭାଇ ଭଉଣୀ ୬.( (କ) ୩୪୨୫୧ ୭.(ଗ) ୬ ୮.(କ) ରବିବାର ୯.(କ) 294493 .୧୦.(କ) ୬୪

## (୧୧) ଇତିହାସ

୧. କେନିଆର କେଉଁ ସ୍ଥାନରୁ ପ୍ରଚୁର ପରିମାଣରେ ପ୍ରସ୍ତର କଟୁରୀ ମିଳିଅଛି ?
(କ) ଟାଙ୍ଗାନୀକା (ଖ) ସ୍କୋନିଙ୍ଗେନ୍
(ଗ) କିଲୋମ୍ବେ (ଘ) ଚୌଭେଟ୍
୨. ମିଶରର୍ ସର୍ବବୃହତ୍ ବା ବୃହତ୍ତମ ପିରାମିଡ୍ କେଉଁଠାରେ ଅବସ୍ଥିତ ?
(କ) ଥିବସ୍ (ଖ) ଆବୁସିମ୍ବେଇ
(ଗ) ସକାରା (ଘ) ଗୀଜେ
୩. କେଉଁ ମାନବକୁ ପ୍ରଥମ ମାନବ ରୂପେ ଧରାଯାଇଥାଏ ?
(କ) ଆଷ୍ଟ୍ରାଲୋପି ଥେକସ୍ (ଖ)ବାନର
(ଗ) ହାମୋଇରେକ୍ଟସ୍ (ଘ) ହୋମୋସାପିଏନ୍ସ୍
୪. ମେସୋପଟାମିଆଁର ଅର୍ଥ କ'ଣ ?
(କ) ଦୁଇ ନଦୀର ମଧ୍ୟବର୍ତ୍ତୀ ନଗର (ଖ) ଦୁର୍ଗ
(ଗ) ଦୁଇ ନଦୀର ମଧ୍ୟବର୍ତ୍ତୀ ଦେଶ (ଘ) ପୃଥିବୀର ସ୍ୱର୍ଗ
୫. ଭୌମ ବଂଶର ଶେଷ ରାଜା କିଏ ?
(କ) ଧର୍ମ ମହାଦେବୀ (ଖ) ବକୁଳ ମହାଦେବୀ
(ଗ) ଗୌରୀ ମହାଦେବୀ (ଘ) କେହି ନୁହଁନ୍ତି
୬. ରୋମର ସାଧାରଣ ଜନତାଙ୍କୁ କ'ଣ କୁହାଯାଏ ?
(କ) ପାଟ୍ରିସିଆନ୍ (ଖ) ପ୍ଲେବିଆନ୍
(ଗ) ପ୍ରାଏଟର (ଘ) କ୍ୱେଷ୍ଟର
୭. ଇଂରେଜମାନେ କେବେ ଓଡ଼ିଶା ଅଧିକାର କରିଥିଲେ ?
(କ) ୧୫୬୮ (ଖ) ୧୭୫୯
(ଗ) ୧୮୦୩ (ଘ) ୧୮୪୯
୮. ମେଜର ବେଜେଲଗେଟ୍‌ଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ?
(କ) ତାଳଚେର (ଖ) ଗାଙ୍ଗପୁର
(ଖ) ରଣପୁର (ଘ) ନୀଳଗିରି
୯. ଓଡ଼ିଶା ମରହଟ୍ଟା ଶାସକଙ୍କ ହାତକୁ କେବେ ଗଲା ?
(କ) ୧୭୨୬ (ଖ) ୧୭୫୭
(ଗ) ୧୭୫୨ (ଘ) ୧୭୫୧
୧୦. ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ପ୍ରଥମେ କିଏ ଲୁଣ ମାରିଥିଲେ ?
(କ) ଗୋପବନ୍ଧୁ ଚୌଧୁରୀ (ଖ) ଆଚାର୍ଯ୍ୟ ହରିହର
(ଗ) ନୀଳକଣ୍ଠ ଦାସ (ଘ) ଜଗନ୍ନାଥ ଦାସ

## (୧୨) ଭୂଗୋଳ

୧. ପାରିସ୍ଥିତିକ ସନ୍ତୁଳନ ନିମନ୍ତେ ସମୁଦାୟ ଭୂଭାଗର ଶତକଡ଼ା କେତେ ଭାଗ ଅରଣ୍ୟ ପାଇଁ ସଂରକ୍ଷିତ ରହିବା ଆବଶ୍ୟକ ?
(କ) ୨୫ ଭାଗ (ଖ) ୩୦ ଭାଗ (ଗ) ୩୩ ଭାଗ (ଘ) ୩୫ ଭାଗ
୨. ନିମ୍ନଲିଖିତ ମଧ୍ୟରୁ କେଉଁପ୍ରକାରର ମୃତ୍ତିକାଟି ଲବଣ ଓ କ୍ଷାରୀୟ ମୃତ୍ତିକା ଅଟେ ?
(କ) ଉସର୍ (ଖ) ଭାବର୍ (ଗ) କଙ୍କର୍ (ଘ) ରେଗୁର୍
୩. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଆଣବିକ ଖଣିଜ ନୁହେଁ ?
(କ) ୟୁରାନିୟମ୍ (ଖ) ଟଙ୍ଗଷ୍ଟନ୍
(ଗ) ଇଲେମିନାଇଟ୍ (ଘ) ଥୋରିୟମ୍
୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଅଧାତବ ଖଣିଜ ଅଟେ ?
(କ) ବକ୍ସାଇଟ୍ (ଖ) କ୍ରୋମାଇଟ୍
(ଗ) ଡୋଲୋମାଇଟ୍ (ଘ) କୋବାଲ୍ଟ୍
୫. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଧାତବ ଖଣିଜ ଅଟେ ?
(କ) ପ୍ଲାଟିନମ୍ (ଖ) ଜିପ୍‌ସମ୍
(ଗ) ପୋର୍ସିଲେନ୍ (ଘ) ଲିଗ୍‌ନାଇଟ୍
୬. ତୁଙ୍ଗଭଦ୍ରା ନଦୀବନ୍ଧ ଯୋଜନା କେଉଁ ରାଜ୍ୟରେ ନିର୍ମିତ ହୋଇଛି ?
(କ) ଆନ୍ଧ୍ର ପ୍ରଦେଶ (ଖ) ମହାରାଷ୍ଟ୍ର (ଗ) ତେଲେଙ୍ଗାନା (ଘ) କର୍ଣ୍ଣାଟକ
୭. ମୃତ୍ତିକା ଗଠନ ନିମନ୍ତେ କେଉଁଟି ହେଉଛି ମୁଖ୍ୟ ଉପାଦାନ ?
(କ) ଜଳ (ଖ) ରାସାୟନିକ ପଦାର୍ଥ
(ଗ) ଶିଳାରେଣୁ (ଘ) ପ୍ରାଣୀ ଓ ଉଦ୍ଭିଦର ଜୈବାଂଶ
୮. କେଉଁ ମୃତ୍ତିକା ଭାରତରେ ସର୍ବାଧିକ ପରିମାଣରେ ଦେଖାଯାଏ ?
(କ) ପଟୁ ମୃତ୍ତିକା (ଖ) କୃଷ୍ଣ କାର୍ପାସ ମୃତ୍ତିକା
(ଗ) ଅରଣ୍ୟ ମୃତ୍ତିକା (ଘ) ଲୋହିତ ମୃତ୍ତିକା
୯. ହିମାଳୟର ସିୱାଲିକ ପର୍ବତମାଳାର ପାଦଦେଶରେ ଥିବା ଦୁଧୱା ନ୍ୟାସନାଲ୍ ପାର୍କ କେଉଁ ରାଜ୍ୟରେ ରହିଛି ?
(କ) ଉତ୍ତରାଖଣ୍ଡ (ଖ) ଅରୁଣାଚଳ ପ୍ରଦେଶ
(ଗ) ହିମାଚଳ ପ୍ରଦେଶ (ଘ) ଉତ୍ତର ପ୍ରଦେଶ
୧୦ ଭାରତର ଏକ ଲବଣାକ୍ତ ହ୍ରଦ ଭାବେ ପ୍ରସିଦ୍ଧ ସମ୍ବର ହ୍ରଦ ଆମ ଦେଶର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ହରିୟାନା (ଖ) ରାଜସ୍ଥାନ (ଗ) ଗୁଜୁରାଟ (ଘ) ଜାମ୍ମୁ ଓ କାଶ୍ମୀର

**ଉତ୍ତର**

୧.(ଗ) କିଲୋମ୍ବେ ,୨.(ଘ) ଗୀଜେ, ୩.(କ) ଆଷ୍ଟ୍ରାଲୋପି ଥେକସ୍, ୪.ଦୁଇ ନଦୀର ମଧ୍ୟବର୍ତ୍ତୀ ଦେଶ, ୫.(କ) ଧର୍ମ ମହାଦେବୀ, ୬.(ଖ) ପ୍ଲେବିଆନ୍, ୭.(ଗ)୧୮୦୩,୮.(ଖ) ରଣପୁର, ୯.(ଘ)୧୭୫୧,୧୦.(ଖ) ଆଚାର୍ଯ୍ୟ ହରିହର

୧.(ଗ) ୩୩ ଭାଗ,୨.(କ) ଉସର୍ , ୩. (ଖ) ଟଙ୍ଗଷ୍ଟନ୍, ୪.(ଗ) ଡୋଲୋମାଇଟ୍, ୫. (କ) ପ୍ଲାଟିନମ୍, ୬. (ଘ) କର୍ଣ୍ଣାଟକ, ୭.(ଗ) ଶିଳାରେଣୁ, ୮.(କ) ପଟୁ ମୃତ୍ତିକା,୯.(ଘ) ଉତ୍ତର ପ୍ରଦେଶ, ୧୦.(ଖ) ରାଜସ୍ଥାନ

## (୧୩) ଅର୍ଥନୀତି

୧. 'କାର୍' ଛାତ୍ରପାଇଁ କେଉଁ ପ୍ରକାର ଇଚ୍ଛା ଅଟେ ?
(କ) ଆରାମପ୍ରଦ (ଖ) ଅତ୍ୟାବଶ୍ୟକ
(ଗ) ବିଳାସମୂଳକ (ଘ) ଉପରୋକ୍ତ ସମସ୍ତ

୨. ଅର୍ଥଶାସ୍ତ୍ରରେ 'ଦର' କହିଲେ କ'ଣ ବୁଝାଯାଏ ?
(କ) ଉପଯୋଗିତା
(ଖ) ବ୍ୟବହାରିକ ମୂଲ୍ୟ
(ଗ) ମୁଦ୍ରା ଆକାରରେ ଦ୍ରବ୍ୟର ବିନିମୟ ମୂଲ୍ୟ
(ଘ) ଗୋଟିଏ ଦ୍ରବ୍ୟ ବିନିମୟରେ ମିଳୁଥିବା ଅନ୍ୟ ଦ୍ରବ୍ୟର ପରିମାଣ

୩. କେଉଁ ଦ୍ରବ୍ୟର ଚାହିଦା ସ୍ଥିତିସ୍ଥାପକ ଅଧିକ ?
(କ) ଲୁଣ (ଖ) ବିଦ୍ୟୁତ୍ ଶକ୍ତି
(ଗ) ଦିଆସିଲି (ଘ) ସମ୍ବାଦପତ୍ର

୪. କେଉଁ ଦ୍ରବ୍ୟ କ୍ଷେତ୍ରରେ ସୀମାନ୍ତ ଉପଯୋଗିତା ଶୂନ୍ୟ ହୁଏନାହିଁ ?
(କ) ପାଠ୍ୟପୁସ୍ତକ (ଖ) ଖାଦ୍ୟସାମଗ୍ରୀ
(ଗ) ମୁଦ୍ରା (ଘ) ଗୃହୋପଯୋଗୀ ଦ୍ରବ୍ୟ

୫. ଅର୍ଥନୈତିକ ପରିବ୍ୟୟ-
(କ) ମୁଦ୍ରାଗତ ପରିବ୍ୟୟ+ବାସ୍ତବ ପରିବ୍ୟୟ
(ଖ) ମୁଦ୍ରାଗତ ପରିବ୍ୟୟ+ ହିସାବଭୁକ୍ତ ପରିବ୍ୟୟ
(ଗ) ସୁବ୍ୟକ୍ତ ପରିବ୍ୟୟ+ ପରିବର୍ତ୍ତୀ ପରିବ୍ୟୟ

୬. କେଉଁ ପରିବ୍ୟୟକୁ ମୁଦ୍ରା ଆକାରରେ ଆକଳନ କରିହୁଏ ନାହିଁ ?
(କ) ବାସ୍ତବ ପରିବ୍ୟୟ (ଖ) ହିସାବଗତ ପରିବ୍ୟୟ
(ଗ) ବିକଳ୍ପ ପରିବ୍ୟୟ (ଘ) ଅର୍ଥନୈତିକ ପରିବ୍ୟୟ

୭. ରିକାର୍ଡୋଙ୍କ ମତରେ ନିମ୍ନୋକ୍ତ କେଉଁଟି ଉତ୍ପାଦନ ଦର ନିର୍ଦ୍ଧାରଣ କରେନାହିଁ ?
(କ) ଅଧିଶେଷ (ଖ) ମଜୁରି
(ଗ) ସୁଧ (ଘ) ଲାଭ

୮. କେଉଁ ଉପାଦାନଟି ଆୟ ଚୁକ୍ତିଗତ ?
(କ) ଭୂମି (ଖ) ଶ୍ରମ
(ଖ) ପୁଞ୍ଜି (ଘ) ସଂଗଠନ

୯. ମୋଟ ଜାତୀୟ ଉତ୍ପାଦକୁ କ'ଣ ବାଦ୍ ଦେଲେ ନିଟ୍ ଉତ୍ପାଦ ମିଳେ ?
(କ) ନିଟ୍ ବିଦେଶାଗତ ଆୟ (ଖ) ଅବକ୍ଷୟ ମୂଲ୍ୟ
(ଗ) ରପ୍ତାନୀ ମୂଲ୍ୟ (ଘ) ଆମଦାନୀ ମୂଲ୍ୟ

୧୦. ବାର୍ଷିକ ଦ୍ରବ୍ୟ ପ୍ରତି ମୋଟ ବ୍ୟୟ ପରିମାଣ କ'ଣ ସୂଚିତ କରେ ?
(କ) ସମୁଦାୟ ଯୋଗାଣ (ଖ) ସମୁଦାୟ ଚାହିଦା
(ଗ) ସରକାରଙ୍କ ଚାହିଦା (ଘ) ନିଟ୍ ରପ୍ତାନୀ

## (୧୪) କ୍ରୀଡ଼ା

୧. ୨୦୧୭ର ୱିମ୍ବଲଡନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗର ଚାମ୍ପିଆନ୍ ହୋଇ ସ୍ୱିଜରଲାଣ୍ଡର ରୋଜର୍ ଫେଡେରର୍ ତାଙ୍କର କେତେତମ ଗ୍ରାଣ୍ଡସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ହାସଲ କରିଛନ୍ତି ?
(କ) ୧୭ତମ (ଖ) ୧୮ତମ (ଗ) ୧୯ତମ (ଘ) ୨୦ତମ

୨. ଏହା ରୋଜର ଫେଡେରର୍‌ଙ୍କ କେତେତମ ୱିମ୍ବଲଡନ୍ ଟାଇଟେଲ୍ ?
(କ) ସପ୍ତମ (ଖ) ଅଷ୍ଟମ (ଗ) ନବମ (ଘ) ଦଶମ

୩. ୱିମ୍ବଲଡନ୍ ଟେନିସ୍ -୨୦୧୭ର ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ଭେନସ୍ ୱିଲିୟମ୍‌ସ (ଖ) କାରୋଲିନା ପ୍ଲିସ୍‌କୋଭା
(ଗ) ଗାର୍‌ବିନ୍ ମୁଗୁରୁଜା (ଘ) ୟଲେନା ଓଷ୍ଟାପେଙ୍କୋ

୪. ୨୦୧୭ର ବିଶ୍ୱ ଆଥ୍‌ଲେଟିକ୍‌ସ ଚାମ୍ପିଆନ୍‌ଶିପ୍ କେଉଁଠାରେ ଅନୁଷ୍ଠିତ ହୋଇଛି ?
(କ) ଲଣ୍ଡନ (ଖ) ବେଜିଂ (ଗ) ପ୍ୟାରିସ (ଘ) ମସ୍କୋ

୫. ୨୦୧୭ର ବିଶ୍ୱ ଆଥ୍‌ଲେଟିକ୍‌ସ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ସାମିଲ ଥିବା ଏକମାତ୍ର ଓଡ଼ିଆ ଆଥ୍‌ଲେଟଙ୍କ ନାମ କ'ଣ ?
(କ) ଦୂତୀ ଚାନ୍ଦ (ଖ) ଶ୍ରାବଣୀ ନନ୍ଦ
(ଗ) ପୂର୍ଣ୍ଣିମା ହେମ୍ବ୍ରମ୍ (ଘ) ଜଉନା ମୁର୍ମୁ

୬. ୨୦୧୭ର ଆମେରିକୀୟ ଓପନ୍ ବ୍ୟାଡମିଣ୍ଟନ୍ ଗ୍ରାଁ ପ୍ରି ଗୋଲ୍ଡ ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ ଚାମ୍ପିଆନ୍ ହୋଇଥିବା ଭାରତୀୟ ଖେଳାଳିଙ୍କ ନାମ କ'ଣ ?
(କ) କିଦାମ୍ବି ଶ୍ରୀକାନ୍ତ (ଖ) ପରୁପଲ୍ଲୀ କଶ୍ୟପ
(ଗ) ସମୀର ବର୍ମା (ଘ) ଏଚ. ଏସ. ପ୍ରଣୟ

୭. ୨୦୧୭ର ମହିଳା ବିଶ୍ୱକପ କ୍ରିକେଟର ଫାଇନାଲରେ ଭାରତକୁ ହରାଇ ଚାମ୍ପିଆନ୍ ହୋଇଥିବା ଇଂଲାଣ୍ଡ ଦଳର ଅଧିନାୟିକା କିଏ ଥିଲେ ?
(କ) ହିଦର୍ ନାଇଟ୍ (ଖ) ଜେନୀ ଗନ୍
(ଗ) ସାରା ଟେଲର୍ (ଘ) କ୍ୟାଥେରିନ୍ ବ୍ରଣ୍ଟ୍

୮. ୨୦୧୭ର ମହିଳା ବିଶ୍ୱକପ୍ କ୍ରିକେଟର ସେମିଫାଇନାଲରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ୧୧୫ଟି ବଲରେ ୧୭୧ରନ କରିଥିବା ଭାରତୀୟ ତାରକାଙ୍କ ନାମ କ'ଣ ?
(କ) ମିତାଲି ରାଜ୍ (ଖ) ହରମନ୍‌ପ୍ରୀତ୍ କୌର୍
(ଗ) ପୁନମ ରାଉତ (ଘ) ସ୍ମୃତି ମନ୍ଧାନା

୯. ଭୁବନେଶ୍ୱରଠାରେ ଅନୁଷ୍ଠିତ ୨୦୧୭ର ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଆନଶିପ୍‌ରେ ଭାରତର ନୀରଜ ଚୋପ୍ରା କେଉଁ ଖେଳରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ?
(କ) ସଟ୍ ପୁଟ୍ (ଖ) ଡିସ୍‌କସ୍ ଥ୍ରୋ
(ଗ) ଜାଭଲିନ୍ ଥ୍ରୋ (ଘ) ହାମର୍ ଥ୍ରୋ

୧୦. ଭୁବନେଶ୍ୱରରେ ଆୟୋଜିତ ୨୦୧୭ର ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଆନଶିପ୍‌ରେ କେଉଁ ଦେଶ ସର୍ବାଧିକ ପଦକ ହାସଲ କରିଛି ?
(କ) ଚୀନ୍ (ଖ) ଭାରତ (ଗ) କାଜାଖସ୍ତାନ୍ (ଘ) କାତାର୍

**ଉତ୍ତର**

୧.(ଗ) ବିଳାସମୂଳକ, ୨.(ଗ) ମୁଦ୍ରା ଆକାରରେ ଦ୍ରବ୍ୟର ବିନିମୟ ମୂଲ୍ୟ, ୩.(ଖ) ବିଦ୍ୟୁତ୍ ଶକ୍ତି, ୪.(ଗ) ମୁଦ୍ରା, ୫. (ଗ) ସୁବ୍ୟକ୍ତ ପରିବ୍ୟୟ+ ପରିବର୍ତ୍ତୀ ପରିବ୍ୟୟ, ୬.(କ) ବାସ୍ତବ ପରିବ୍ୟୟ, ୭.(କ) ଅଧିଶେଷ, ୮.(ଖ) ଶ୍ରମ, ୯.(ଖ) ଅବକ୍ଷୟ ମୂଲ୍ୟ, ୧୦.(ଖ) ସମୁଦାୟ ଚାହିଦା

୧.(ଗ) ୧୯ତମ, ୨.(ଖ) ଅଷ୍ଟମ, ୩. (ଗ) ଗାର୍‌ବିନ୍ ମୁଗୁରୁଜା, ୪. (କ) ଲଣ୍ଡନ, ୫. (ଘ) ଜଉନା ମୁର୍ମୁ, ୬.(ଘ) ଏଚ. ଏସ. ପ୍ରଣୟ, ୭.(କ) ହିଦର୍ ନାଇଟ୍ , ୮.(ଖ) ହରମନ୍‌ପ୍ରୀତ୍ କୌର୍, ୯.(ଗ) ଜାଭଲିନ୍ ଥ୍ରୋ, ୧୦.(ଖ) ଭାରତ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ ୨୦୧୭ର ମ୍ୟାନ୍ ବୁକର୍ ପୁରସ୍କାର ଜିଣିଥିବା ଲେଖକ ଡେଭିଡ୍ ଗ୍ରସ୍‌ମାନ୍ କେଉଁ ଦେଶର ନାଗରିକ ଅଟନ୍ତି ?
(କ) ଅଷ୍ଟ୍ରେଲିଆ (ଖ) ଇସ୍ରାଏଲ
(ଗ) ଗ୍ରେଟ୍ ବ୍ରିଟେନ୍ (ଘ) ନ୍ୟୁଜିଲାଣ୍ଡ

୨. ଇଂରାଜୀରେ ରଚିତ ସାହିତ୍ୟିକ କୃତି କିମ୍ବା ଅନ୍ୟ ଭାଷାରୁ ଇଂରାଜୀକୁ ଅନୁଦିତ କୃତି ସକାଶେ ଉଦ୍ଦିଷ୍ଟ ମ୍ୟାନ୍ ବୁକର୍ ପୁରସ୍କାର କେଉଁ ଦେଶରେ ପ୍ରଦାନ କରାଯାଏ ?
(କ) ଗ୍ରେଟ୍ ବ୍ରିଟେନ୍ (ଖ) କାନାଡ଼ା
(ଗ) ଅଷ୍ଟ୍ରେଲିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୩. ଓଡ଼ିଶାର କବିସୂର୍ଯ୍ୟ ଭାବେ ପରିଚିତ କବିଙ୍କ ନାମ କ'ଣ ?
(କ) ଅଭିମନ୍ୟୁ ସାମନ୍ତସିଂହାର (ଖ) ବ୍ରଜନାଥ ବଡ଼ଜେନା
(ଗ) ବଳଦେବ ରଥ (ଘ) ଅଚ୍ୟୁତାନନ୍ଦ ଦାସ

୪. ରୁଷୀୟ ଭାଷାରେ ଲିଖିତ 'ଆନ୍ନା କାରେନିନା' ଉପନ୍ୟାସର ରଚୟିତା କିଏ ?
(କ) ଅଲେକ୍‌ଜାଣ୍ଡାର ପୁଶ୍କିନ୍ (ଖ) ଲିଓ ଟଲ୍‌ଷ୍ଟୟ
(ଗ) ମାକ୍ସିମ୍ ଗୋର୍କି (ଘ) ନିକୋଲାଇ ଗୋଗୋଲ୍

୫. ବୌଦ୍ଧ ଯୁଗରେ ନିର୍ମିତ ହୋଇଥିବା ପୁଷ୍ପଗିରି ବିହାରର ଭଗ୍ନାବଶେଷ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଓଡ଼ିଶା (ଖ) ବିହାର (ଗ) ଛତିଶଗଡ଼ (ଘ) ମଧ୍ୟ ପ୍ରଦେଶ

୬. ଏ. ଆର. ରହମାନ କେଉଁ ଇଂରାଜୀ ଚଳଚିତ୍ରରେ ସଂଗୀତ ନିର୍ଦ୍ଦେଶନା ପାଇଁ ଓସ୍କାର ପୁରସ୍କାରରେ ସମ୍ମାନିତ ହୋଇଥିଲେ ?
(କ) ବେଣ୍ଡ୍ ଇଟ୍ ଲାଇକ୍ ବେକ୍‌ହାମ୍ (ଖ) ଲାଇଫ୍ ଅଫ୍ ପାଏ
(ଗ) ସ୍ଲମ୍‌ଡଗ୍ ମିଲିୟନେୟାର୍ (ଘ) ଲା ଲା ଲ୍ୟାଣ୍ଡ

୭. ନିମ୍ନଲିଖିତ ମଧ୍ୟରୁ କେଉଁ ବାଦ୍ୟଯନ୍ତ୍ରଟି ଏକ ଭାରତୀୟ ବାଦ୍ୟଯନ୍ତ୍ର ଅଟେ ?
(କ) ପିଆନୋ (ଖ) ଗିଟାର୍ (ଗ) ସନ୍ତୁର୍ (ଘ) ବେହେଲା

୮. ୧୮୬୭ ମସିହାରେ ମହାଦେଓ ଗୋବିନ୍ଦ ରାନାଡେ ସମାଜ ସଂସ୍କାର ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିବା ସଂସ୍ଥାର ନାମ କ'ଣ ?
(କ) ପ୍ରାର୍ଥନା ସମାଜ (ଖ) ଭାରତୀୟ ବ୍ରହ୍ମ ସମାଜ
(ଗ) ଅର୍ଯ୍ୟ ସମାଜ (ଘ) ହିନ୍ଦୁ ସମାଜ

୯. ନିମ୍ନଲିଖିତ ମଧ୍ୟରୁ କେଉଁ ସ୍ଥାନଟି ଶ୍ରୀକୃଷ୍ଣଙ୍କ ଜନ୍ମଭୂମି ଭାବେ ପରିଚିତ ?
(କ) ଗୋକୁଲ (ଖ) ବୃନ୍ଦାବନ (ଗ) ମଥୁରା (ଘ) ଅଯୋଧ୍ୟା

୧୦. ନିମ୍ନଲିଖିତ ମଧ୍ୟରୁ କେଉଁ ସ୍ଥାନଟି ଶ୍ରୀରାଧାଙ୍କ ଜନ୍ମଭୂମି ଅଟେ ?
(କ) ବୃନ୍ଦାବନ (ଖ) ଗୋବର୍ଦ୍ଧନ (ଗ) ଗୋକୁଲ (ଘ) ବରସାନା

## (୧୬) ବାଣିଜ୍ୟ

୧. ୨୦୧୭ ଡିଜିଟାଲ୍ ଇଭୋଲୁସନ୍ ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ?
(କ) ୨୯ (ଖ) ୩୦ (ଗ) ୫୩ (ଘ) ୬୪

୨. ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ କେଉଁ ପୋର୍ଟାଲ୍ ହୋମ୍‌ବାୟରସ୍‌ଙ୍କ ପାଇଁ ଉପଲବ୍ଧ ?
(କ) ଏସ୍.ବି.ଆଇ ରିଆଲିଟି (ଖ) ଏସ୍.ବି.ଆଇ ରିଆଲିଟି ଷ୍ଟେଟ୍
(ଗ) ଏସ୍.ବି.ଆଇ ଡ୍ରିମ୍ (ଘ) ଏସ୍.ବି.ଆଇ ହୋମ୍

୩. ଭାରତର ପ୍ରଥମ ବାଇଓ- ମିଥେନ୍ (bio- methane) ବସ୍ କେଉଁ କମ୍ପାନୀ ନିର୍ମାଣ କରୁଛି ?
(କ) ଟାଟା ମୋଟରସ୍ (ଖ) ବାଜାଜ ଅଟୋ
(ଗ) ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା (ଘ) ହୁଣ୍ଡାଇ

୪. ଆଇ.ଏମ୍.ଅଫ୍ ଦ୍ୱାରା ୨୦୧୮-୧୯ ପାଇଁ ଭାରତର ଗ୍ରୋଥ୍ ରେଟ୍ କେତେ ହେବ ?
(କ) ୭.୬% (ଖ) ୭.୭% (ଗ) ୭.୮% (ଘ) ୭.୯%

୫. ପେମେଣ୍ଟ ବ୍ୟାଙ୍କଗୁଡ଼ିକୁ ଋଣଦେବା ପାଇଁ ଅନୁମତି ଅଛି କି ?
(କ) ହଁ (ଖ) ନାହିଁ (ଗ) କୌଣସିଟି ନୁହେଁ

୬. ସର୍ବାଧିକ ଏଲ୍.ପି.ଜି ଆମଦାନୀ କରୁଥିବା ଦେଶଟି କିଏ ?
(କ) ଭାରତ (ଖ) ଚୀନ୍ (ଗ) ପାକିସ୍ତାନ (ଘ) ବାଙ୍ଗଲାଦେଶ

୭. ୨୦୧୭ ବିଶ୍ୱର ଫୋବର୍ସ ବିଶ୍ୱ ୨୦୦୦ କମ୍ପାନୀ ତାଲିକାରେ ଭାରତର କେତୋଟି କମ୍ପାନୀ ଅଛି ?
(କ) ୨୫ (ଖ) ୪୦ (ଗ) ୫୦ (ଘ) ୬୦

୮. ବିଶ୍ୱର ପ୍ରଭାବଶାଳୀ ୨୦୦୦ କମ୍ପାନୀରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସ୍ଥାନ କେତେ ?
(କ) ୧୦୧ତମ (ଖ) ୧୦୬ତମ (ଗ) ୧୦୭ତମ (ଘ) ୧୧୦ତମ

୯. ଭାରତକୁ ତୈଳ ରପ୍ତାନୀ କରୁଥିବା ଦେଶ ମଧ୍ୟରୁ ପ୍ରଥମ କିଏ ?
(କ) ସାଉଦି ଆରବିଆ (ଖ) ଇରାକ
(ଗ) ବାହାରିନ୍ (ଘ) ୟୁଏଇ

୧୦ ଆପୁଲ୍ ମେଡ଼ିକାଲ୍ କେଉଁଠାରେ ମେଡ଼ଇନ୍ ଇଣ୍ଡିଆ ଆଇଫୋନ୍ ଉତ୍ପାଦନ କରିବ ?
(କ) ବେଙ୍ଗାଲୁର (ଖ) ପୁନେ
(ଗ) ମୁମ୍ବାଇ (ଘ) ଚେନ୍ନାଇ

**ଉତ୍ତର**

୧.(ଖ) ଇସ୍ରାଏଲ, ୨.(କ) ଗ୍ରେଟ୍ ବ୍ରିଟେନ୍, ୩.(ଗ) ବଳଦେବ ରଥ, ୪.(ଖ) ଲିଓ ଟଲ୍‌ଷ୍ଟୟ , ୫.(କ) ଓଡ଼ିଶା , ୬.(ଗ) ସ୍ଲମ୍‌ଡଗ୍ ମିଲିୟନେୟାର୍ , ୭.(ଗ) ସନ୍ତୁର୍ , ୮.(କ) ପ୍ରାର୍ଥନା ସମାଜ, ୯.(ଗ) ମଥୁରା, ୧୦.(ଘ) ବରସାନା

୧.(ଗ) ୫୩, ୨.(କ) ଏସ୍.ବି.ଆଇ ରିଆଲିଟି, ୩.(କ) ଟାଟା ମୋଟରସ୍, ୪.(ଖ) ୭.୭%, ୫.(ଖ) ନାହିଁ, ୬.(ଖ) ଚୀନ୍, ୭.(ଗ) ୫୦, ୮.(ଖ) ୧୦୬ତମ, ୯.(ଖ) ଇରାକ, ୧୦.(କ) ବେଙ୍ଗାଲୁର

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ରାମନାଥ କୋବିନ୍ଦ ଭାରତର କେତେ ତମ ରାଷ୍ଟ୍ରପତି ଅଟନ୍ତି ?
(କ) ୧୪ତମ (ଖ) ୧୫ତମ
(ଗ) ୧୬ତମ (ଘ) ୧୭ତମ

୨. ରାଷ୍ଟ୍ରପତି ଭବନ କେଉଁ ମସିହାରେ ଉଦ୍‌ଘାଟିତ ହୋଇଥିଲା ?
(କ) ୧୯୧୧ (ଖ) ୧୯୧୨
(ଗ) ୧୯୨୯ (ଘ) ୧୯୩୧

୩. ଚାରିମହଲା ବିଶିଷ୍ଟ ରାଷ୍ଟ୍ରପତି ଭବନରେ ମୋଟ କେତୋଟି ପ୍ରକୋଷ୍ଠ ଅଛି ?
(କ) ୨୫୦ଟି (ଖ) ୩୦୦ଟି
(ଗ) ୩୪୦ଟି (ଘ) ୩୫୦ଟି

୪. ରାଷ୍ଟ୍ରପତିଙ୍କର କେଉଁ ହଲ୍‌ରେ ସାଧାରଣତଃ କେନ୍ଦ୍ରମନ୍ତ୍ରି ମଣ୍ଡଳର ଶପଥ ଗ୍ରହଣ ଉତ୍ସବ ପାଳନ ହୁଏ ?
(କ) ଅଶୋକା ହଲ (ଖ) ଦରବାର ହଲ
(ଗ) ବାନ୍‌କ୍ୱେଟ୍‌ହଲ (ଘ) କୌଣସିଟି ନୁହେଁ

୫. ୧୫ ଏକର ଜମିରେ ନିର୍ମିତ ରାଷ୍ଟ୍ରପତି ଭବନରେ ଥିବା ଉଦ୍ୟାନର ନାମ କ'ଣ ?
(କ) ଅଶୋକା ଉଦ୍ୟାନ (ଖ) ମୋଗଲ ଉଦ୍ୟାନ
(ଗ) ରାଷ୍ଟ୍ରପତି ଉଦ୍ୟାନ (ଘ) କୌଣସିଟି ନୁହେଁ

୬. ରାଷ୍ଟ୍ରପତି ଭବନରେ ଥିବା ତିନି ମହଲା ସଂଗ୍ରହାଳୟଟି ସପ୍ତାହର କେଉଁ ଦିନ ଜନସାଧାରଣଙ୍କ ପାଇଁ ବନ୍ଦ ରହିଥାଏ ?
(କ) ସୋମବାର (ଖ) ରବିବାର
(ଗ) ମଙ୍ଗଳବାର (ଘ) ବୁଧବାର

୭. ମୋଗଲ ଉଦ୍ୟାନରେ କେତେ ପ୍ରକାର ଗୋଲାପ ଗଛ ଅଛି ?
(କ) ୧୫୦ (ଖ) ୧୫୨ (ଗ) ୧୫୯ (ଘ) ୧୬୦

୮. ବାନ୍‌କ୍ୱେଟ ହଲରେ କେତେଜଣ ଅତିଥି ଏକା ସାଙ୍ଗରେ ଭୋଜନ କରିବାର ବ୍ୟବସ୍ଥା ଅଛି ?
(କ) ୧୦୦ (ଖ) ୧୦୧ (ଗ) ୧୦୨ (ଘ) ୧୦୪

୯. ଭାରତ ସ୍ୱାଧିନତା ପାଇବା ପୂର୍ବରୁ କେଉଁ ଭାରତୀୟ ରାଷ୍ଟ୍ରପତି ଭବନରେ ଭାରତର ଶେଷ ଗଭର୍ଣ୍ଣର ଜେନେରାଲ ଭାବରେ ରହିବାର ସୁଯୋଗ ପାଇଥିଲେ ?

୧୦. ଏମ୍ ଭେଙ୍କିୟା ନାଇଡୁ ଭାରତର କେତେ ତମ ଉପରାଷ୍ଟ୍ରପତି ?
(କ) ୧୧ତମ (ଖ) ୧୩ ତମ
(ଗ) ୧୪ ତମ (ଘ) ୧୨ ତମ

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁଟି ଆଉଟପୁଟ୍ ଡ଼ିଭାଇସ୍ ନୁହେଁ ?
(କ) ଏଲ୍.ସି.ଡ଼ି (ଖ) ପ୍ରିନ୍ଟର (ଗ) ସିଆରଟି (ଘ) ଟଚ୍‌ସ୍କିନ୍

୨. କମ୍ପ୍ୟୁଟର ଅଳିଆ ପକାଇ ସ୍ଥାନ ରୂପେ କାହାକୁ ବ୍ୟବହାର କରାଯାଏ ?
(କ) ମାଇଁଡ଼କୁମେଣ୍ଟ (ଖ) ମାଇଁ ପିକ୍‌ଚର୍
(ଗ) ରିସାଇକେଲ୍‌ବିନ୍ (ଘ) କୌଣସିଟି ନୁହେଁ

୩. ଗୁଗୁଲ ସର୍ଚ୍ଚରେ କୌଣସି ଆବଶ୍ୟକ ଲେଖା ଟାଇପ୍ କରି କ'ଣ କ୍ଲିକ୍ କଲେ ଉକ୍ତ ବିଷୟ ଇଣ୍ଟରନେଟରୁ ମିଳିଥାଏ ?
(କ) ପ୍ଲେ (ଖ) ସର୍ଚ୍ଚ (ଗ) ସାଇନ୍‌ଇନ୍ (ଘ) ସାଇନ୍ ଆଉଟ୍

୪. ମୁଖ୍ୟତଃ କମ୍ପ୍ୟୁଟରର କେଉଁ ଡ୍ରାଇଭରେ ଡ଼କୁମେଣ୍ଟ୍ ବା ଫାଇଲ୍ ଡ଼ାଟା ଇତ୍ୟାଦି ରଖିବା ନାହିଁ ?
(କ) 'ସି' ଡ୍ରାଇଭ୍ (ଖ) 'ଡ଼ି' ଡ୍ରାଇଭ୍
(ଗ) 'ଇ' ଡ୍ରାଇଭ୍ (ଘ) 'ଏଫ୍' ଡ୍ରାଇଭ୍

୫. ଷ୍ଟାର୍ଟ ମେନୁ ଖୋଲିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର ହୁଏ ?
(କ) ଏଫ ୧ (ଖ) କଣ୍ଟ୍ରୋଲ+ ଏସ୍‌କେପ୍
(ଗ) ଅଲଟ୍+ ଟାବ୍ (ଘ) ସିଫଟ୍+ ଡ଼ିଲିଟ୍

୬. କୌଣସି ଡ଼କୁମେଣ୍ଟ ବା ଫାଇଲ୍‌କୁ ସ୍ଥାୟୀ ଭାବରେ ଡ଼ିଲିଟ୍ କରିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର ହୁଏ ?
(କ)ସିଫ୍‌ଟି ଡିଲିଟ୍ (ଖ) ଏଫ ୧ (ଗ)ଅଲଟ୍+ ଟାବ୍ (ଘ) ଏଫ ୨

୭. ଗୋଟିଏ ଡ଼କୁମେଣ୍ଟକୁ ଅଲଗା ନାମରେ ସେଭ୍ କରିବାକୁ ହେଲେ ଏବଂ ସେହି ଡ଼କୁମେଣ୍ଟକୁ ସେହି ନାମରେ କାର୍ଯ୍ୟ କରିବାକୁ ହେଲେ କାହାକୁ ବ୍ୟବହାର କରିବା ?
(କ) ସେଭ୍ (ଖ) ସଭେଆଜ୍ (ଗ)ଡ଼ିଲିଟ୍(ଘ)ସିଲେକ୍ଟ ଅଲ୍

୮. ଇଂକ୍‌ଜେଟ୍ ପ୍ରିଣ୍ଟର୍ କାଳି ଏକ କିପ୍ରକାର ପଦାର୍ଥ ଅଟେ ?
(କ) ତରଳପଦାର୍ଥ (ଖ) ଏକ ପାଉଡ଼ର୍
(ଗ) ପାଉଡ଼ର୍ ଏବଂ ତରଳ (ଘ) କୌଣସିଟି ନୁହେଁ

୯. କୌଣସି ଷ୍ଟଣ୍ଟ କାଗଜ, ସାର୍ଟିଫିକେଟ୍, ଫଟୋ ଲେଖାଥିବା ଦସ୍ତଖତ ଇତ୍ୟାଦିକୁ କମ୍ପ୍ୟୁଟରରେ କାହା ସାହାଯ୍ୟରେ ସେଭ୍‌କରି ରଖାଯାଇପାରିବ ?
(କ) ଜେରକ୍ସ ମେସିନ୍ (ଖ) ସ୍କାନର୍
(ଗ) ପ୍ରିଣ୍ଟର୍ (ଘ) କୌଣସିଟି ନୁହେଁ

୧୦. ଲେଜର୍ ପ୍ରିଣ୍ଟର୍‌ରେ ପ୍ରାୟ କେତୋଟି A-4 କପି ପ୍ରିଣ୍ଟ ହୋଇପାରିବ ?
(କ) ୧୦୦୦-୧୫୦୦ (ଖ) ୨୦୦୦-୨୫୦୦
(ଗ) ୩୦୦୦-୪୦୦୦ (ଘ) ୫୦୦-୧୦୦୦

**ଉତ୍ତର**

୧.(କ) ୧୪ତମ,୨.(ଘ) ୧୯୩୧,୩.(ଗ) ୩୪୦ଟି,୪.(ଖ) ଦରବାର ହଲ, ୫.(ଖ) ମୋଗଲ ଉଦ୍ୟାନ, ୬.(କ) ସୋମବାର,୭.(ଗ) ୧୫୯, ୮.(ଘ) ୧୦୪,୯. (କ) ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ୧୦.(ଖ) ୧୩ ତମ

୧.(ଘ)ଟଚ୍‌ସ୍କିନ୍,୨(ଗ) ରିସାଇକେଲ୍‌ବିନ୍,୩.(ଖ) ସର୍ଚ୍ଚ, ୪(କ) 'ସି' ଡ୍ରାଇଭ୍ , ୫. (ଖ) କଣ୍ଟ୍ରୋଲ+ ଏସ୍‌କେପ୍, ୬. ସିଫ୍‌ଟି ଡିଲିଟ୍ , ୭. (ଖ) ସଭେଆଜ୍ , ୮.(କ) ତରଳପଦାଥ ,୯.(ଖ) ସ୍କାନର୍, ୧୦.(ଖ) ୨୦୦୦-୨୫୦୦

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ଗଜ ମାପର ପ୍ରବର୍ତ୍ତକ କିଏ ?
(କ) ପ୍ରଥମ ଏଡ଼ୱାର୍ଡ଼ (ଖ) ପ୍ରଥମ ହେନେରୀ
(ଗ) ନୋଆ (ଘ) ପ୍ରଥମ ଜର୍ଜ

୨. ଜମିଜମା ମାପରେ ଲାଗୁ ଥିବା ଜରିବ କଡ଼ି ବା ଶିକୁଳିର ଦୈର୍ଘ୍ୟ କେତେ ?
(କ)୧୦ଫୁଟ (ଖ) ୩୦ଫୁଟ (ଗ)୫୦ଫୁଟ (ଘ)୬୬ଫୁଟ

୩. ଏକ ଲିଟର ଜଳର ଆୟତନ କେତେ ?
(କ)୧ଘନ ସେ.ମି. (ଖ)୧୦ ଘନ ସେ.ମି .
(ଗ)୧୦୦ଘନ ସେ.ମି. (ଘ)୧୦୦୦ଘନ ସେ.ମି .

୪. ଦୁଇଟି ସମତଳ ପରସ୍ପରକୁ କେତୋଟି ବିନ୍ଦୁରେ ଛେଦ କରନ୍ତି ?
(କ)୧ଟି (ଖ)୨ଟି (ଗ) ଅସଂଖ୍ୟଟି (ଘ) ଆଦୌ ଛେଦ କରନ୍ତି ନାହିଁ

୫. ଏକ ତ୍ରିଭୁଜର ମଧ୍ୟମା ତ୍ରୟ ଯେଉଁ ବିନ୍ଦୁରେ ମିଳିତ ହୁଅନ୍ତି ସେହି ବିନ୍ଦୁକୁ କ'ଣ କୁହନ୍ତି ?
(କ) ଅନ୍ତ କେନ୍ଦ୍ର (ଖ) ଭରକେନ୍ଦ୍ର (ଗ) ଲମ୍ବ ବିନ୍ଦୁ (ଘ) ପରିକେନ୍ଦ୍ର

୬. ଏକ ସ୍ଥୁଳ କୋଣର ପରିପୂରକ କୋଣ ସର୍ବଦା କେଉଁ ପ୍ରକାର କୋଣ ହୋଇଥାଏ ?
(କ) ସୂକ୍ଷ୍ମକୋଣ (ଖ) ସ୍ଥୂଳକୋଣ
(ଗ) ସମକୋଣ (ଘ)ପ୍ରବୃଦ୍ଧକୋଣ

୭ ତ୍ରିକୋଣମିତି ଟେବୁଲ ପ୍ରଥମେ କେଉଁ ଗଣିତଜ୍ଞ ପ୍ରସ୍ତୁତ କରିଥିଲେ ?
(କ) ହିପ୍ପାକର୍ଷ (ଖ) ମିନାଚମସ୍ (ଗ) ସୁଚିଙ୍ଗ ଋଏ (ଘ) କ୍ଲାଉଡ଼ିସ୍ ଟଲେମୀ

୮. ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଆମ ରାଜ୍ୟର କେଉଁଠାରେ ଅବସ୍ଥିତ ?
(କ)ଭୁବନେଶ୍ୱର (ଖ) ରାଉରକେଲା(ଗ) କଟକ (ଘ) ବ୍ରହ୍ମପୁର

୯. ତରଳ ପଦାର୍ଥର ସାନ୍ଦ୍ରତା ସମ୍ପର୍କରେ ପ୍ରଥମେ କେଉଁ ଗଣିତଜ୍ଞ ଧାରଣା ଦେଇଥିଲେ ?
(କ) ଆରିଷ୍ଟୋକାସ୍ (ଖ ) ଥିଓ ଡ଼ରସ୍ (ଗ) ଆର୍କମେଡ଼ିସ୍ (ଘ)ହିପ୍ପାର୍କସ

୧୦. ପୃଥିବୀରେ ପ୍ରଥମେ କିଏ ମାନଚିତ୍ର ପ୍ରସ୍ତୁତ କରିଥିଲେ ?
(କ) ଥେଲସ୍ (ଖ) ପିଥାଗୋରେସ୍
(ଗ)ଏନେକ୍ ସିମେଣ୍ଡର (ଘ) ଥିଓଡ଼ର୍ସ

## (୨୦) ସାଧାରଣ ବିଜ୍ଞାନ

୧. କେଉଁ ଭିଟାମିନ୍ ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରିଥାଏ ?
(କ) ଭିଟାମିନ୍ - ବି (ଖ) ଭିଟାମିନ୍ - ଇ
(ଗ) ଭିଟାମିନ୍ - ଡ଼ି (ଘ) ଭିଟାମିନ୍ - କେ

୨. କେଉଁ ଭିଟାମିନ୍ ଅଭାବରୁ ଛୋଟପିଲାମାନଙ୍କୁ ରିକେଟସ୍ ରୋଗ ହୁଏ ?
(କ) ଭିଟାମିନ୍ - ଏ (ଖ) ଭିଟାମିନ୍ - ସି
(ଗ) ଭିଟାମିନ୍ - ବି (ଘ) ଭିଟାମିନ୍ - ଡ଼ି

୩. ଖାଦ୍ୟରେ ଅନ୍ତ୍ର ବହୁତେ କେତେ ପ୍ରକାର ଆମିନୋ ଏସିଡ଼୍ ରହିଥାଏ ?
(କ) ୨୩ (ଖ) ୩୩
(ଗ) ୪୦ (ଘ) ୧୧

୪. ସୋରିଷ, ନଡ଼ିଆ, ରାଶି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦିରେ କେଉଁ ପ୍ରକାର ଖାଦ୍ୟ ଅଧିକ ପରିମାଣରେ ଥାଏ ?
(କ) ଶ୍ୱେତସାର (ଖ) ସ୍ନେହସାର
(ଗ) ପୃଷ୍ଟିସାର (ଘ) ଧାତୁସାର

୫. ପୃଥିବୀ ଚନ୍ଦ୍ରଠାରୁ କେତେ ଗୁଣ ଭାରୀ ?
(କ)୨୭ (ଖ) ୮୧ (ଗ) ୧୦୮ (ଘ) ୧୮୦

୬. ସମୁଦ୍ର ପତନରେ ବାୟୁର ସାଧାରଣ ଚାପ କେତେ ?
(କ) ୧ମିଲିବାର (ଖ) ୧୦୦ ମିଲିବାର
(ଗ) ୧୦୧୩ମିଲବାର(ଘ) ୧୦୧୪ ମିଲିବାର

୭. କେଉଁଟି କଠିନତମ କାର୍ବନର ଅପରରୂପ ?
(କ) ଗ୍ରାଫାଇଟ (ଖ) ଅଙ୍ଗାର
(ଗ) କୋଇଲା (ଘ) ହୀରା

୮. କେଉଁ ମୌଳିକଗୁଡ଼ିକ ରାସାୟନିକ ସକ୍ରିୟତା ପ୍ରଦର୍ଶନ କରନ୍ତି ନାହିଁ ?
(କ) ଧାତୁ (ଖ) ଉପଧାତୁ
(ଖ) ନୋବଲ୍ ଗ୍ୟାସ୍ (ଘ)ମିଶ୍ରଧାତୁ

୯. ସର୍ବନିମ୍ନ କାର୍ବନ ପରମାଣୁ ଥିଲେ ଆଇସୋମର ସମ୍ଭବ ?
(କ) ୨ (ଖ) ୩
(ଗ) ୪ (ଘ) ୫

୧୦. ନିମ୍ନଲିଖିତ ମଧ୍ୟରୁ କେଉଁଟି କ୍ଷାରଧାତୁ ନୁହେଁ ?
(K) Na (ଖ) K
(ଗ) Rb (ଘ) Ca

---

**ଉତ୍ତର**

୧. (ଖ) ପ୍ରଥମ ହେନେରୀ , ୨.(ଘ)୬୬ଫୁଟ , ୩.(ଗ)୧୦୦ଘନ ସେ.ମି. ୪.(ଗ) ଅସଂଖ୍ୟଟି , ୫.(ଖ)ଭରକେନ୍ଦ୍ର, ୬.(କ) ସୂକ୍ଷ୍ମକୋଣ, ୭.(ଘ) କ୍ଲାଉଡ଼ିସ୍ ଟଲେମୀ, ୮. (କ)ଭୁବନେଶ୍ୱର, ୯.(ଗ)ଆର୍କମେଡ଼ିସ୍ , ୧୦. (ଗ)ଏନେକ୍ ସିମେଣ୍ଡର

୧.(ଘ) ଭିଟାମିନ୍ - କେ, ୨.(ଘ) ଭିଟାମିନ୍ - ଡ଼ି, ୩.(କ) ୨୩, ୪.(ଖ) ସ୍ନେହସାର, ୫.୮୧, ୬.(ଗ) ୧୦୧୩ମିଲବାର,୭.(ଘ) ହୀରା,୮.,୯.(ଗ) ୪,୧୦.(ଘ) Ca

# ବିବିଧ ପ୍ରଶ୍ନାବଳୀ

୧. ଭାରତର ୧୪ତମ ରାଷ୍ଟ୍ରପତି କିଏ ? -ରାମନାଥ କୋବିନ୍ଦ

୨. ଭାରତର ୧୩ତମ ଉପରାଷ୍ଟ୍ରପତିଙ୍କର ନାମ କ'ଣ ? -ଏମ୍ ଭେଙ୍କିୟା ନାଇଡୁ

୩. ଓଡ଼ିଶାର ଦୀର୍ଘତମ ସେତୁର ନାମ କ'ଣ ?-ନେତାଜୀ ସୁଭାଷଚନ୍ଦ୍ର ବୋଷ ସେତୁ

୪. 'ଦକ୍ଷତା ବିକାଶ କେନ୍ଦ୍ର'ର ନୂତନ ନାମ ଓଡ଼ିଶା ସରକାର କ'ଣ ଦେଇଛନ୍ତି ? - ବିଜୁ ଦକ୍ଷତା ବିକାଶ କେନ୍ଦ୍ର

୫. ପ୍ରଫେସର୍ ଖଗେଶ୍ୱର ମହାପାତ୍ର କ'ଣ ଥିଲେ ? - ବିଶିଷ୍ଟ ସାହିତ୍ୟିକ ଓ ଭାଷାବିତ୍

୬. ଭାରତର Technology and Innovation Center କେଉଁ ରାଜ୍ୟରେ ପ୍ରତିଷ୍ଠା ହେବ ? - ପଞ୍ଜାବ

୭. ODI Cricket ଇତିହାସରେ କେଉଁ ଭାରତୀୟ ମହିଳା ୬୦୦୦ ରନ୍ ସ୍କୋର୍ ଲାଭକରି ରେକର୍ଡ଼ ସୃଷ୍ଟିକରିଛନ୍ତି ? - ମିଥାଲି ରାଜ୍

୮. ଭାରତର ପ୍ରଥମ ଉଚ୍ଚ ଶକ୍ତି ସମ୍ପନ୍ନ ରେଳ ତାଲିମ୍ କେନ୍ଦ୍ର କେଉଁ ରାଜ୍ୟରେ ପ୍ରତିଷ୍ଠା କରାଯିବ ? - ଗୁଜୁରାଟ୍

୯. କେଉଁ ରାଜ୍ୟ ପ୍ରଥମ କରି 'ସାମାଜିକ ବାଛନ୍ଦ'କୁ ଏକ ଅପରାଧ ରୂପେ ସ୍ୱୀକୃତି ପ୍ରଦାନ କରଛନ୍ତି ? - ମହାରାଷ୍ଟ୍ର

୧୦. Modern Ornamental Fish Hatchery କେଉଁ ରାଜ୍ୟରେ ପ୍ରତିଷ୍ଠା କରାଯିବ ? - ହରିଆନା

୧୧. ଶ୍ରୀନଗର ମୁନିସିପାଲ୍ କରପୋରେସନ୍‌ର ବ୍ରାଣ୍ଡ ଆମ୍ବାସାଡ଼ର୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ବିଲାର ଦର (୧୮ ବର୍ଷ)

୧୨. ନ୍ୟାସ୍‌ନାଲ୍ ଗାନ୍ଧୀ ମ୍ୟୁଜିୟମ୍ କେଉଁଠାରେ ଅବସ୍ଥିତ ? - ନୂଆଦିଲ୍ଲୀ

୧୩. କେଉଁ ଭାରତୀୟ ଜନ୍ମିତ ବ୍ୟକ୍ତି ୟୁନିସେଫ୍‌ର ଗ୍ଲୋବାଲ୍ ଗୁଡ୍ ଉଇଲ୍ ଆମ୍ବାସଡ଼ର୍ ରୂପେ ନିଯୁକ୍ତି ପାଇଛନ୍ତି ? - ଲିଲିସିଂହ (କାନାଡ଼ିଆନ୍)

୧୪. ବିଶ୍ୱ ଯୁବ ଦକ୍ଷତା ଦିବସ କେବେ ପାଳନ ହୁଏ - ଜୁଲାଇ ୧୫ (World Youth Skill Day)

୧୫. ନାଗାଲାଣ୍ଡର ନୂତନ ମୁଖ୍ୟମନ୍ତ୍ରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଟିଆର ଜେଲିଆଙ୍ଗ୍

୧୬. ଲୋକସଭାରେ ନିଜର ଦକ୍ଷତା ପାଇଁ କାହାକୁ ଖସଲର Time Award ଦିଆଯାଇଛି ? - ଲାଲକ୍ରିଷ୍ଣ ଆଡ଼ଭାନୀ

୧୭. କେଉଁ ରାଜ୍ୟ ସରକାର ଏକ ସ୍ପେସାଲ ପୋର୍ଟାଲ ମାଧ୍ୟମରେ ଜନସାଧାରଣଙ୍କ ଠାରୁ ଅଭିଯୋଗ ସଂଗ୍ରହ ପାଇଁ 'ଜନହିତ' ଆରମ୍ଭ କରିଛନ୍ତି ? - ତେଲେଙ୍ଗାନା

୧୮. କେଉଁ ନଦୀରେ ଓଡ଼ିଶାର ଦୀର୍ଘତମ ନେତାଜୀ ସୁଭାଷଚନ୍ଦ୍ର ବୋଷ ସେତୁ ନିର୍ମାଣ କରାଯାଇଛି ? - କାଠଯୋଡ଼ି

୧୯. ନେପାଳର ମୁଖ୍ୟ ନ୍ୟାୟାଧିଶ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଗୋପାଳ ପ୍ରସାଦ ପରାଜୁଲି

୨୦. କେନ୍ଦ୍ର ସୂଚନା ପ୍ରସାରଣ ବିଭାବଗର ମନ୍ତ୍ରୀ ଦାୟିତ୍ୱ କିଏ ନେଇଛନ୍ତି ? - ସ୍ମୃତି ଇରାନୀ

୨୧. ବିଶ୍ୱ ଇଣ୍ଟରନ୍ୟାସନାଲ୍ ଜଷ୍ଟିସ୍ ଦିବସ କେବେ ପାଳନ କରାଯାଏ ? - ଜୁଲାଇ ୧୭

୨୨. ଭାରତର କେଉଁ ପ୍ରଥମ ରେଳଷ୍ଟେସନ୍ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ? - ମତୁଙ୍ଗା ରେଳଷ୍ଟେସନ୍

୨୩. ନେଲସନ୍ ମଣ୍ଡେଲା ଆନ୍ତର୍ଜାତିକ ଦିବସ କେବେ ପାଳନ କରାଯାଇଥାଏ ? - ଜୁଲାଇ ୧୮

୨୪. ଆନ୍ତର୍ଜାତିକ ଯୋଗ ଦିବସ କେବେ ପାଳନ ହୁଏ ? - ୨୧ ଜୁନ୍

୨୫. ଦେଶର ପ୍ରଧାନ ବିଚାରପତି ଜଷ୍ଟିସ୍ ଖେହର୍ କେବେ ଅବସର ନେବେ ? - ୨୭ ଅଗଷ୍ଟ, ୨୦୧୭

୨୬. ଦେଶର ପରବର୍ତ୍ତୀ ୪୫ତମ ପ୍ରଧାନ ବିଚାରପତି ରୂପେ କିଏ ନିଯୁକ୍ତି ପାଇପାରନ୍ତି ? - ଜଷ୍ଟିସ୍ ଦୀପକ୍ ମିଶ୍ର

୨୭. ସ୍ୱର୍ଗତ ପ୍ରଫେସର୍ ଯଶପାଲ୍ ଙ୍କର (୨୫.୧.୧୭ ଦିନ ଦେହାନ୍ତ) ସ୍ୱତନ୍ତ୍ର ପରିଚୟ କ'ଣ ? - ପ୍ରତିଷ୍ଠିତ ବୈଜ୍ଞାନିକ ଓ ଶିକ୍ଷାବିତ୍

୨୮. ଏକ ଆକଳନ ଅନୁଯାୟୀ ଭାରତକୁ ୨୦୦୫ରୁ ୨୦୧୪ ମଧ୍ୟରେ କେତେ କଳାଧନ ଆସିଛି ? - ୭୭୦ ବିଲିଅନ୍ ଡଲାର୍

୨୯. ଭାରତର କେଉଁ ରାଜ୍ୟର ପ୍ରଥମ ସିଭିଲ୍ ସେକ୍ରେଟାରିଏଟ୍ ଭାରତର ପ୍ରଥମ ସେକ୍ରେଟାରୀଏଟ୍ ଓ୍ୱାୟାରଲେସ୍ କଭରେଜ୍ ଅନ୍ତର୍ଭୁକ୍ତ ? - ଅରୁଣାଚଳ ପ୍ରଦେଶ

୩୦. ୫ମ ନର୍ଥଇଷ୍ଟ କନେକ୍ଟିଭ୍ ସମିଟ୍-୨୦୧୮ କେଉଁ ରାଜ୍ୟରେ ଅନୁଷ୍ଠିତ ହେବ ? - ଅରୁଣାଚଳ ପ୍ରଦେଶ

୩୧. ୫ମ ଗ୍ଲୋବାଲ୍ କନ୍‌ଫରେନ୍ସ ଅନ୍ ସାଇବର୍ ସ୍ପେସ୍- ୨୦୧୭ କେଉଁ ରାଷ୍ଟ୍ରରେ ଅନୁଷ୍ଠିତ ହେବ ? - ଭାରତ

୩୨. ସ୍ୱଚ୍ଛ ସର୍ବେକ୍ଷଣ, ୨୦୧୭ ଅନୁସାରେ ଭାରତର କେଉଁ ସହରଟି ଶ୍ରେଷ୍ଠ ସ୍ୱଚ୍ଛ ସହର ଅଟେ ? - ଇନ୍ଦୋର

୩୩. କେଉଁ ନଦୀ ଉପରେ ଭାରତ ପୃଥିବୀର ଉଚ୍ଚତମ ରେଳବ୍ରିଜ୍ ନିର୍ମାଣ କରିବ ? - ଚେନାବ୍

୩୪. ମିସ୍ ଟିନ୍ ୟୁନିଭରସ୍, ୨୦୧୭ କିଏ ହୋଇଛନ୍ତି ? - ସୃଷ୍ଟି କୌର୍

୩୫. ପି.ସି.ଚନ୍ଦ୍ର ପୁରସ୍କାର, ୨୦୧୭ କିଏ ପାଇଛନ୍ତି ? - କୈଳାସ ସତ୍ୟାର୍ଥୀ

୩୬. ୟୁଏନ୍‌ସ୍କୋର୍ ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ? - ନିୟୁର୍କ

୩୭. ରାଷ୍ଟ୍ରପତିଙ୍କର ସଚ୍ଚିବ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ସଞ୍ଜୟ କୋଠାରୀ

୩୮. ୧୮୧୭ ପାଇକ ବିଦ୍ରୋହ କେଉଁ ରାଜ୍ୟରେ ହୋଇଥିଲା ? - ଓଡ଼ିଶା

୩୯. ନିଜ ମୋବାଇଲ୍‌ରେ ଆଧାର କାର୍ଡ଼ ତଥ୍ୟ ଜଣାଇବା ଏବଂ ଜାଣିବା ପାଇଁ କେଉଁ ମୋବାଇଲ୍ ଆପ୍ ଆରମ୍ଭ କରାଯାଇଛି ? - Ma Adhaar App

୪୦. କେଉଁ ଦେଶରେ ବିଶ୍ୱ ପୁରୁଷ ବକ୍ସିଂ ଚମ୍ପିଆନ୍‌ସିପ୍ ୨୦୨୧ ଅନୁଷ୍ଠିତ ହେବ ? - ଭାରତ

୪୧. କେଉଁ ମେଟ୍ରୋ ରେଲ୍‌ରେ ଭାରତର ପ୍ରଥମେ ଏଫ ଏମ୍ ରେଡ଼ିଓ ଷ୍ଟେସନ୍ ଆରମ୍ଭ ହେବ ? - ଲକ୍ଷ୍ନୌ ମେଟ୍ରୋ

୪୨. ରୋଡ଼ ମେଣ୍ଟେନାସ୍ ପାଇଁ କେନ୍ଦ୍ର ସରକାର କେଉଁ ମୋବାଇଲ୍ ଆପ୍ ଆରମ୍ଭ କରିଛନ୍ତି ? - ଆରମ୍ଭ

୪୩. ୨୦୦ତମ ପାଇକ ବିଦ୍ରୋହ ଉତ୍ସବକୁ ନୂଆଦିଲ୍ଲୀରେ ଠାରେ କିଏ ଉଦ୍‌ଘାଟନ କରିଥିଲେ ? - ପ୍ରଣବ ମୁଖାର୍ଜୀ

୪୪. ପ୍ରଥମ ଥର ଭାରତର କେଉଁ ସହର ୟନେସ୍କୋ ବିଶ୍ୱ ହେରିଟେଜ୍ ପୁରସ୍କାର ଲାଭ କରିଛି ? - ଅହମଦାବାଦ୍

## ଢେଙ୍କାନାଳ ଜିଲ୍ଲା




୧. ଗଠନ - ୧ ଅପ୍ରେଲ, ୧୯୪୮

୨. କ୍ଷେତ୍ରଫଳ - ୪୪୫୨ବର୍ଗ.କି.ମି

୩. ଜନସଂଖ୍ୟା - ୧୧୯୨୯୪୮

(କ) ପୁରୁଷ - ୬୧୨୫୯୭

(ଖ) ସ୍ତ୍ରୀ - ୫୮୦୩୫୧

୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୪୭

୫. ସାକ୍ଷରତା ହାର - ୭୯.୪୧%

୬. ଉପଖଣ୍ଡ - ୦୩

୭. ତହସିଲ - ୦୮

୮. ବ୍ଲକ୍ - ୦୮

୯. ମ୍ୟୁନିସିପାଲିଟି - ୦୧

୧୦. ଏନ.ଏ.ସି. - ୦୨

୧୧. ଗ୍ରାମ ପଞ୍ଚାୟତ - ୧୯୯

୧୨. ଗ୍ରାମ - ୧୨୦୮

୧୩. ଥାନା - ୧୫

୧୪. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୦୬

୧୫. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୪
୫୫-ଢେଙ୍କାନାଳ, ୫୬-ହିନ୍ଦୋଳ, ୫୭-କାମାକ୍ଷାନଗର, ୫୮-ପରଜଙ୍ଗ

୧୬. ନିଆଁଲିଭା କେନ୍ଦ୍ର -୧୦

୧୭. ସାଧାରଣ ବୃଷ୍ଟିପାତ - ୧୪୨୮.୮ମି.ମି.

୧୮.ପର୍ଯ୍ୟଟନ ସ୍ଥଳୀ-ଯୋରନ୍ଦା, କପିଳାସ, କୁଆଲୋ, ଲଦାଗଡ, ରିଆମାଳ, ସପ୍ତଶଜ୍ୟା, ସରାଙ୍ଗ, ଭୂବନ, ବ୍ରହ୍ମପୁରା

## ପର୍ବପର୍ବାଣୀ

### ଅଗଷ୍ଟ,୨୦୧୭

ତା୨ - ଶ୍ରୀମନ୍ଦିରରେ ଝୁଲଣ ଆରମ୍ଭ
ତା୩ - ପୁତ୍ରଦା ଏକାଦଶୀ, ଲକ୍ଷ୍ମୀନାରାୟଣ ଏକାଦଶୀ
ତା୪ - ବିଷ୍ଣୁ ପବିତ୍ରାରୋପଣ ଓ ଆଖେଟକ ପର୍ବ
ତା୬ - ଚତୁର୍ଦ୍ଦଶୀ, ଉପବାସ, ବେଢ଼ା ଓ ଶରଣ ଆରମ୍ଭ
ତା୭ - ଚନ୍ଦ୍ରଗ୍ରହଣ, ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ
ତା୮ - ଝୁଲଣ ଶେଷ
ତା୯ - ବୁଧିବାମନ ଓଷା ଆରମ୍ଭ
ତା୧୩ - ଖୁଦୁରୁକୁଣୀ ଓଷା ଆରମ୍ଭ
ତା୧୪ - ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
ତା୧୫ - ସ୍ୱାଧିନତା ଦିବସ,ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ
ତା୨୧ - ସପ୍ତପୁରୀ ଅମାବାସ୍ୟା
ତା୨୩ - ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ
ତା୨୪ - ବାଲି ତୃତୀୟା
ତା୨୫ - ଶ୍ରୀ ଗଣେଶ ଚତୁର୍ଥୀ ଓ ଉମା ଚତୁର୍ଥୀ
ତା୨୬ - ନୂଆଖାଇ ପର୍ବ
ତା୨୭ - ଷଷ୍ଠୀ ଓଷା ଓ ସୋମନାଥ ବ୍ରତାରମ୍ଭଃ
ତା୨୮ - ଲଳିତା ସପ୍ତମୀ ଓ କୁକ୍‌କୁଟୀ ବ୍ରତ
ତା୨୯ - ଶ୍ରୀରାଧାଷ୍ଟମୀ ଓ ଶ୍ରୀଦୁର୍ଗାଶୟନୋତ୍ସବ
ତା୩୦ - ତାଳ ନବମୀ
ତା୩୧ - ସୁଦଶା ବ୍ରତ

### ସେପ୍ଟେମ୍ବର,୨୦୧୭

ତା୨ - ଉଦ୍‌ଜୁହା, ପାର୍ଶ୍ୱପରିବର୍ତ୍ତନ, ଏକାଦଶୀ, ବାମନ ଜନ୍ମ ଓ ଶରଣ ଆରମ୍ଭ ଓ ହ.ନି
ତା୩ - ଶ୍ରୀ ମନ୍ଦିରରେ ବାମନ ଜନ୍ମ, ସୁନିଆଁ ସନ ୧୪୨୫ ସାଲ, ଅ୫୯ଙ୍କ ପ୍ରବେଶ
ତା୪ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା୫ - ଗୁରୁଦିବସ, ଚନ୍ଦ୍ରପୂଜା ଓ ସର୍ବପଲ୍ଲୀ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସ
ତା୬ - ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଓ ଅପରପକ୍ଷାରମ୍ଭ
ତା୭ - ଶରଣ ଶେଷ
ତା୧୦ - ଅଶ୍ୱ ପଞ୍ଚମୀ
ତା୧୧ - ଗଜଷଷ୍ଠୀ
ତା୧୩ - ମୂଳାଷ୍ଟମୀ, ଦ୍ୱିତୀବାହାନ ଓଷା, ଦେବ୍ୟୁତ୍ଥାପନ, ସହସ୍ର କୁମ୍ଭାଭିଷେକ ଷୋଡ଼ଶ ଦିନାତ୍ମକ ପୂଜା
ତା୧୬ - ଇନ୍ଦିରା ଏକାଦଶୀ, ମାସାନ୍ତ ଓ ହ.ନି
ତା୧୭ - କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମାପୂଜା
ତା୧୮ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା୧୯ - ମହାଳୟା ଶ୍ରାଦ୍ଧ, ଫୁଲ୍ଲୁରୀ ଓଷା, ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା୨୦ - ଅମାବାସ୍ୟା ଓ ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ
ତା୨୧ - ଚନ୍ଦ୍ରଦର୍ଶନ, ମା'ବିରଜାଦେବୀଙ୍କ ରଥଯାତ୍ରା
ତା୨୪ - ନତଃ ପଞ୍ଚମୀ, ମା'ବିରଜାଦେବୀଙ୍କ ପଞ୍ଚମୀ ହୋମ
ତା୨୫ - ତପଃ ଷଷ୍ଠୀ
ତା୨୬ - ପୀଠେ ଶ୍ରୀଦୁର୍ଗାଦେବ୍ୟା ତ୍ରିଦିନାତ୍ମକ ପୂଜାରମ୍ଭ
ତା୨୭ - ମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ପୂଜା, ପୀଠେ ମହାଷ୍ଟମୀ ଓ ଦୁର୍ଗାବ୍ରତ
ତା୨୮ - ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧି ପୂଜା, ପୀଠେ ଓ ମହାନବମୀ
ତା୨୯ - ପୀଠେ ବିଶ୍ରାମ, ମୃଣ୍ମୟୀ ଦେବୀଙ୍କ ମହାନବମୀ
ତା୩୦ - ପୀଠେ ଓ ମୃଣ୍ମୟୀ ଦେବୀଙ୍କ ଦଶହରା ପର୍ବ ଓ ସୋମନାଥ ବ୍ରତ ସମାପନ

## ବିଭିନ୍ନ ଦିବସ ପାଳନ

### ଅଗଷ୍ଟ,୨୦୧୭

| | |
|---|---|
| ତା ୦୧ | -ବିଶ୍ୱ ସ୍ତନ୍ୟପାନ ସପ୍ତାହ |
| ତା ୦୨ | - ସଂସ୍କୃତ ଦିବସ |
| ତା ୦୬ | - ବିଶ୍ୱ ଶାନ୍ତି ଦିବସ |
| ତା ୦୭ | - ଜାତୀୟ ହସ୍ତତନ୍ତ ଦିବସ |
| ତା ୦୯ | - ଅଗଷ୍ଟକ୍ରାନ୍ତି ଦିବସ |
| ତା ୧୨ | - ଆନ୍ତର୍ଜାତିକ ଯୁବ ଦିବସ |
| ତା ୧୩ | - ଆନ୍ତର୍ଜାତୀୟ ବାମ-ହସ୍ତ-ଚାଳନା ଦିବସ |
| ତା ୧୫ | - ସ୍ୱାଧୀନତା ଦିବସ |
| ତା ୧୯ | - ବିଶ୍ୱ ମାନବୀୟ ଦିବସ |
| | - ବିଶ୍ୱ ଫଟୋଗ୍ରାଫି ଦିବସ |
| ତା ୨୦ | - ସଦ୍‌ଭାବନା ଦିବସ |
| ତା ୨୧ | - ବିଶ୍ୱ ଫେସନ୍ ଦିବସ |
| ତା ୨୯ | - ଜାତୀୟ କ୍ରୀଡ଼ା ଦିବସ |

### ସେପ୍ଟେମ୍ବର,୨୦୧୭

| | |
|---|---|
| ତା୦୨ | -ବିଶ୍ୱ ନାରିକେଳ ଦିବସ |
| ତା୦୫ | -ଗୁରୁ ଦିବସ |
| ତା୦୮ | -ବିଶ୍ୱ ସାକ୍ଷରତା ଦିବସ |
| ତା୧୦ | -ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ |
| ତା୧୧ | -ବିଶ୍ୱ ଭାତୃତ୍ୱ ଦିବସ |
| ତା୧୪ | -ହିନ୍ଦୀ ଦିବସ |
| ତା୧୫ | -ଇଞ୍ଜିନିୟର ଦିବସ |
| ତା୧୫ | -ଆନ୍ତର୍ଜାତୀୟ ଗଣତନ୍ତ୍ର ଦିବସ |
| ତା୧୬ | -ବିଶ୍ୱ ଓଜନ ଦିବସ |
| ତା୧୮ | -ଜାତୀୟ ହାସ୍ୟ ଦିବସ |
| ତା୨୧ | -ଆନ୍ତର୍ଜାତୀୟ ଶାନ୍ତି ଦିବସ |
| ତା୨୫ | -ଆନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ |
| ତା୨୬ | -ବିଶ୍ୱ ମୂକ ବଧିର ଦିବସ |
| ତା୨୭ | -ବିଶ୍ୱ ପର୍ଯ୍ୟଟନ ଦିବସ |
| ତା୨୮ | -ବିଶ୍ୱ ଜଳାତଙ୍କ ଦିବସ |
| ତା୨୮ | -ଇରମ ଶହୀଦ ଦିବସ |
| ତା୨୯ | -ବିଶ୍ୱ ହୃତ୍‌ପିଣ୍ଡ ଦିବସ |
| ତା୩୦ | -ବିଶ୍ୱ ସାହାଯ୍ୟ ଦିବସ |

# DUTTA JEWELLERY

"Cheap Jewelry, however, is worse than no Jewelry "

We deal with BIS 916 GOLD ORNAMENTS with unique designed by our professional designer.








New Bus Stand, Khordha, Odisha, India
Pin : 752056, Phone : 06755 - 223 744

# ODISHA : 30 DISTRICTS AT A GLANCE




**CONTENTS**

**Odisha** :
All relevant information

**Each District** :
District in Brief, Administration, Police Station, Blood Bank, PIN Codes of all post offices
(For Competitive Examinations)

**Pages** : 336
**Price** : 200/-

**Contact :**
Dr. Pramod Chandra Dash (Editor)
Mob. : 9437281655
Published by : **AMARISATYA**

A HAND BOOK FOR EACH FAMILY

Postal Regd. No. : PURI-33/2016-18
Volume- 8 ★ Issue No-02 ★ Monthly ★ Aug. - 2017 ★ RNI Regn. No. 107608/2010 ★ Pages-52

A New Way of Life
Regd. No.- 41141402217

# USHA KIRAN

(A New Way of Life)
Plot No - 349, Madhusudan Nagar,
New Bus Stand, Khordha- 752056
(A Govt. of Odisha Registered Farm)

## ADMISSION FOR SESSION: 2017-19

# B.Ed. (Regular)



**Acharya Nagarjuna University**
Guntur, Andhra Pradesh
( NCTE Recognised and Equivalent to
Utkal University & Berhampur University )

### ELIGIBILITY

- 50% (General) at Graduation Level.
- 40% (SC, ST, OBC) at Graduation Level.
- Any Bachelor Degree (Arts, Science, Commerce).

Course Duration 2 Years

### FACILITIES

- Coaching Classes
- Practice Work
- Study Materials
- Classes by Expert Faculties
- Guidance for OTET, CTET & OSSTET by Expert Faculties

We take all the Responsibilities regarding Transportation, Accommodation & Fooding during Semester Examinations.

**Successfully Running Since 2013**

Contact : 9437635135, 9438038835
E-mail : uk.anewwayoflife@gmail.com

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057